# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 3/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 249 | ମୂଲ୍ୟ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
MADHUBAN
Safal
PAN MASALA
NO TOBACCO, NO NICOTINE ADDED
No Tobacco, No Nicotine
•Not recommended for minors
•Chewing of pan masala is injurious to health

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ | Bhubaneswar, Sunday, August 3/2025 | ପୃଷ୍ଠା-୧




**ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା**

ଭାରତୀୟ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉ ନ ଥିବା କହି ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାୱତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି।

୦୯

୧୪

**ଜୟସ୍ୱାଲଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ।





ଶନିବାର ସକାଳେ ଲଗାତର ଦ୍ୱିତୀୟ ଦିନ ପାଇଁ ଇଣ୍ଡୋନେସିଆର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ମାଉଣ୍ଟ ଲେୱୋଟୋବି ଲାକି-ଲାକିରେ ଉଦ୍‌ଗିରଣ ହୋଇଛି। ୧୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ଆକାଶରେ ନିଆଁ ସହ ପାଉଁଶ ଉଡୁଥିବା ଦେଖିବାକୁ ମିଳିଥିଲା।

# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

ଜୁଲାଇ ୧୯ରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେବାରୁ ଗୁରୁତର ଆହତ ହୋଇ ନୂଆଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର(ନୂଆ ଗୋପାଳପୁର) ଗ୍ରାମର ୧୫ ବର୍ଷୀୟା ନାବାଳିକା ସମିଦା ଖାତୁନଙ୍କ ଶନିବାର ମୃତ୍ୟୁ ଘଟିଛି। ସମିଦାଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଘଟଣାଦିନ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିବା ସମିଦାଙ୍କୁ ସରକାର ଉଚ୍ଚତର ଚିକିତ୍ସା ପାଇଁ ଜୁଲାଇ ୨୦ରେ ନୂଆଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରିଥିଲେ। ୧୫ ଦିନ ଧରି ଜୀବନ ପାଇଁ ସଂଗ୍ରାମ ଚଳାଇଥିବା ପୀଡ଼ିତା ଶେଷରେ ଆଖିବୁଜିଛନ୍ତି। ଅନ୍ୟପକ୍ଷରେ ତାଙ୍କ ହତ୍ୟାକାରୀମାନଙ୍କୁ ଧରିବାରେ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଏଯାଏ ସଫଳ ହୋଇନାହିଁ। ଘଟଣା ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ।



ସମିଦା ଖାତୁନ

ବଳଙ୍ଗା,୨।୮ (କେଦାରେଶ୍ୱର ନନ୍ଦ)

**ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନାହିଁ: ପୋଲିସ**

ସେହିଦିନ ଥିଲା ଜୁଲାଇ ୧୯ ଶନିବାର। ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ବାୟାବର ଗ୍ରାମର ହିମତ ଅଲ୍ଲୀଙ୍କ ଝିଅ ସମିଦା ଖାତୁନ ସକାଳ ୮ଟାରେ ବହି ଦେବାକୁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ସମିଦାଙ୍କୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ପୋଡ଼ି ମାରିଦେବା ପାଇଁ ତିନିଜଣ ଦୁର୍ବୃତ୍ତ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସମିଦା ଦୁର୍ବୃତ୍ତଙ୍କ କବଳରୁ ଖସି ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍କ୍ଷଣାତ ତାଙ୍କୁ ଉଦ୍ଧାର କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ☞ପୃଷ୍ଠା-୨

# ଆପୋସ ସମାଧାନ ମୁହାଁ ମହାନଦୀ ଜଳ ବିବାଦ

**ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି**

ନୂଆଦିଲ୍ଲୀ,୨।୮ (ରାମ ଚନ୍ଦ୍ର ନାଥ)



ମହାନଦୀ ଜଳ ବିବାଦର ସମାଧାନ ନେଇ ଓଡ଼ିଶା ଓ ଛତିଶଗଡ଼ ଆପୋସ ଆଲୋଚନା ମାଧ୍ୟମରେ ନେଉଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଶନିବାର ଦୁଇ ରାଜ୍ୟର ପ୍ରତିନିଧି ଟ୍ରିବ୍ୟୁନାଲକୁ ଜଣାଇଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ବିଚାରପତି ରବି ରଞ୍ଜନ ଏବଂ ବିଚାରପତି ଇନ୍ଦ୍ରମିତ କୌର କୋଚରଙ୍କୁ ନେଇ ଗଠିତ ପୀଠରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏବଂ ଅନ୍ୟ ୧୩ ଜଣ ଓକିଲଙ୍କୁ ନେଇ ଏକ ଟିମ୍ ଉପସ୍ଥିତ ରହିଥିଲେ। ଟ୍ରିବ୍ୟୁନାଲରେ ଏଜି ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାସ ୨୫ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମହାନଦୀ ଜଳ ବିବାଦର ଆପୋସ ସମାଧାନ ନିମନ୍ତେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପଠାଇଥିଲେ। ଓଡ଼ିଶାର ଏହି ପ୍ରସ୍ତାବକୁ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଜଳ ବିବାଦର ଆପୋସ ସମାଧାନ ଉପରେ ଚିନ୍ତା କରାଯାଉଛି ବୋଲି ଅଗଷ୍ଟ ୧ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ସାଇ ଜଣାଇଛନ୍ତି। ଏଥିସହିତ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ରାଜନୈତିକସ୍ତରରେ ଆଲୋଚନା କରି ଆପୋସ ବୁଝାମଣା ଦିଗରେ କଥା ଆଗକୁ ବଢ଼ିଥିବାରୁ ସମାଧାନ ପାଇଁ ଉଭୟ ପକ୍ଷ ରାଜିଥିବା ଶୁଣାଣି ସମୟରେ ଏଜି ଆଚାର୍ଯ୍ୟ କହିଥିଲେ। ଓଡ଼ିଶା ଏଜିଙ୍କ ଏହି ତଥ୍ୟକୁ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ସିନିୟର ଆଡଭୋକେଟ ଏ.କେ. ଗାଙ୍ଗୁଲି ମଧ୍ୟ ସହମତ ହୋଇଥିଲେ। ଟ୍ରିବ୍ୟୁନାଲ କହିଥିଲେ ଯେ, ଯେହେତୁ ଉଭୟ ପକ୍ଷ ଆପୋସ ସମାଧାନ କରିବାକୁ ଅଗ୍ରସର ହେଉଛନ୍ତି, ତେଣୁ ସେପ୍ଟେମ୍ବର ୬ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ସେହି ଦିନ ଉଭୟ ରାଜ୍ୟର ମୁଖ୍ୟଶାସନ ସଚିବ ଉପସ୍ଥିତ ରହିବାକୁ ଟ୍ରିବ୍ୟୁନାଲ୍ କହିଛନ୍ତି। ଟ୍ରିବ୍ୟୁନାଲ ବାହାରେ ଆଡଭୋକେଟ ଜେନେରାଲ ଆଚାର୍ଯ୍ୟ ଖବରଦାତାଙ୍କୁ କହିଥିଲେ, ପୂର୍ବ ବିଜେଡି ସରକାର ମହାନଦୀ ପ୍ରସଙ୍ଗକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବାକୁ ଯାଇ ପ୍ରାୟ ୩୦ କୋଟି ଟଙ୍କା ରାଜ୍ୟ ରାଜସ୍ୱରୁ ଅଯଥା ବ୍ୟୟ କରିସାରିଛନ୍ତି। ଏପର୍ଯ୍ୟନ୍ତ କୋର୍ଟ ମାଧ୍ୟମରେ କୌଣସି ଜଳ ବିବାଦର ତ୍ୱରିତ ସମାଧାନ ହେବା ଦେଖାଯାଇ ନାହିଁ। ଅଦାଲତ ବାହାନାରେ ରାଜ୍ୟର ଅର୍ଥକୁ ଅଯଥା ଅପବ୍ୟୟ କରିବାକୁ ଆମେ ଚାହୁଁ ନାହୁଁ। ଏହି ବିବାଦ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଦ୍ୱାରା ସମାଧାନ ହୋଇଯିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଆତ୍ମାହୁତି: ମହିଳା ମୃତ, ପୁରୁଷବନ୍ଧୁ ଗୁରୁତର

**ପରକୀୟା ପ୍ରୀତିରୁ ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ**

ବାରିପଦା,୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭିନ୍ନ ଭିନ୍ନ କାରଣକୁ ନେଇ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଆତ୍ମାହୁତି ଘଟଣା ଘଟିଚାଲିଥିବା ବେଳେ ମୟୂରଭଞ୍ଜ ଜିଲା ରଗୁଆଁ ଥାନା ଅଞ୍ଚଳରେ ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ପରକୀୟା ପ୍ରୀତିରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ମହିଳା ଜଣକ ୯୦% ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁରୁଷବନ୍ଧୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ ଥାନାଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପେଟ୍ରୋଲ ଅଣାଯାଇଥିବା ଏକ ପାଣି ବୋତଲ ଜବତ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ☞ପୃଷ୍ଠା-୨

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲ ବିକିଲେ କାର୍ଯ୍ୟାନୁଷ୍ଠାନ

**ସବୁ ଜିଲାପାଳଙ୍କୁ ଯୋଗାଣ ସଚିବଙ୍କ ଚିଠି**

ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)

ପ୍ଲାଷ୍ଟିକ୍ ବୋତଲ ତଥା ନିଷିଦ୍ଧ ହୋଇଥିବା କଣ୍ଟେନରରେ ପେଟ୍ରୋଲିୟମ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟର ସବୁ ଜିଲାପାଳଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଲାଗି ସେ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସରକାରଙ୍କ ଦୃଷ୍ଟିକୁ ଆସିଛି ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲିୟମ ଉତ୍ପାଦ ବିଶେଷକରି ପେଟ୍ରୋଲ ଏବଂ ଡିଜେଲ - ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ☞ପୃଷ୍ଠା-୨

# ବଳାତ୍କାର ମାମଲାରେ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ ଜେଲ



ବେଙ୍ଗାଲୁରୁ,୨।୮ (ପି.ଟି.)

ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ପୂର୍ବତନ ଏମ୍‌ପି ତଥା ଜେଡିଏସ୍‌ର ନିଲମ୍ବିତ ନେତା ପ୍ରଜ୍ୱଳ ରେଭନ୍ନାଙ୍କୁ ସ୍ୱତନ୍ତ୍ର ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ତାଙ୍କ ଉପରେ ମୋଟ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୩୪ ବର୍ଷୀୟ ପ୍ରଜ୍ୱଳଙ୍କ ନାମରେ ୪ଟି ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ରହିଥିବାବେଳେ ସେଥିରୁ ଗୋଟିଏ ମାମଲାରେ ଶୁକ୍ରବାର ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ପ୍ରଜ୍ୱଳଙ୍କ ପରିବାରର ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିବା ୪୮ ବର୍ଷୀୟ ସହାୟିକାଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ☞ପୃଷ୍ଠା-୨

# ସ୍କୁଲରେ ପାଠ ପଢ଼ାଇବେ ୬୩୮୭ ଅବସରପ୍ରାପ୍ତ ଶିକ୍ଷକ

**ଅତିଥି ଶିକ୍ଷକ ଭାବେ ମିଳିବ ନିଯୁକ୍ତି**

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ରାଜ୍ୟରେ ଲାଗି ରହିଥିବା ଶିକ୍ଷକ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ୬୩୮୭ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ଏମାନେ ଅତିଥି ଶିକ୍ଷକ ଭାବେ ଅନୁଦାନପ୍ରାପ୍ତ, ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲ୍ ସ୍କୁଲ୍‌ରେ ପାଠ ପଢ଼ାଇବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ନୂଆ ଟିଜିଟି ନିଯୁକ୍ତ ହେବା ଯାଏ ଏମାନେ ଶିକ୍ଷକତା କରିବେ। ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବୀ ବିଷୟରେ ଜିଲା ଶିକ୍ଷାଧିକାରୀ (ଡିଇଓ) ଅବଗତ କରାଇବେ। ଖାଲିପଦ ଅନୁଯାୟୀ ଅତିଥି ଶିକ୍ଷକଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ। ଖାଲିପଦର ସ୍ଥିତି ଏବଂ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଜିଲାପାଳଙ୍କ ଅନୁମୋଦନ ପରେ କରାଯିବ। ଅତିଥି ଶିକ୍ଷକଙ୍କ କାର୍ଯ୍ୟକାଳ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ କିମ୍ବା ଖାଲି ପଦବୀରେ ଟିଜିଟି ନିଯୁକ୍ତ ହେଲେ ଅତିଥି ଶିକ୍ଷକ ଅପସାରିତ ହେବେ। ତେବେ ସେମାନଙ୍କୁ ଅନ୍ୟ ସ୍କୁଲରେ ଖାଲିପଦ ଥିବା ସ୍ଥଳେ ପୁନଃ ନିଯୁକ୍ତ କରାଯାଇପାରିବ, ଯାହା ଡିଇଓଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ଖାଲିପଦ ମଧ୍ୟରେ ସୀମିତ ରହିବ। ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ଅବସରପ୍ରାପ୍ତ ଆଇଏସିଟି ଏବଂ ମାଟ୍ରିକ-ସିଟି ସଂସ୍କୃତ ଟୋଲ ଶିକ୍ଷକମାନଙ୍କୁ ବିଚାରକୁ ନିଆଯାଇପାରିବ। ଅତିଥି ଶିକ୍ଷକଙ୍କ ନିଯୁକ୍ତି ସମ୍ବନ୍ଧୀୟ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

**ଆଜିର ସମ୍ପାଦକୀୟ**

ଆମେ ପାଇଛୁ କ'ଣ

# ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ମିଳିବ ଫଳ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଏଣିକି ଫଳ ମିଳିବ। ପିଏମ୍ ପୋଷଣ ଯୋଜନାରେ ଆମିଷ ଖାଉ ନ ଥିବା ଛାତ୍ରୀଛାତ୍ରଙ୍କୁ ଅଣ୍ଡା ବଦଳରେ ଫଳ ଦିଆଯିବ। ଭୋଜନରେ ଋତୁକାଳୀନ ଫଳ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ପିଏମ୍ ପୋଷଣ ନୋଡାଲ ଅଫିସର ଚିଠି ଲେଖିଛନ୍ତି। ତେଣୁ ଅଣ୍ଡା ଖାଉ ନ ଥିବା ପିଲାଙ୍କ ଖାଦ୍ୟରେ କଦଳୀ, ସେଓ ଆଦି ସାମିଲ କରାଯିବ। ଶିଶୁବାଟିକାରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ପୋଷକ ଓ ସ୍ୱାସ୍ଥ୍ୟକର ଖାଦ୍ୟ ନିଶ୍ଚିତ କରିବ। ଏହି ପରିବର୍ତ୍ତନ ଛାତ୍ରୀଛାତ୍ର ଏବଂ ମାତାପିତାଙ୍କ ମଧ୍ୟରେ ସ୍କୁଲରେ ଉପସ୍ଥାନ ବଢାଇବାରେ ସହାୟକ ହେବ। ଫଳରେ ☞ପୃଷ୍ଠା-୨






# ୩୦ ବର୍ଷର ପୁରୁଣା ଭ୍ରୂଣରୁ ଜନ୍ମନେଲା ସବୁଠୁ ବୟସ୍କ ଶିଶୁ

ୱାଶିଂଟନ,୨।୮

ଆମେରିକାର ଓହିୟୋଠାରେ ବିଶ୍ୱର ସବୁଠାରୁ ବୟସ୍କ ଶିଶୁ ୩୦ ବର୍ଷ ପରେ ଜନ୍ମ ନେଇଛି। ଏହି ଶିଶୁର ନାମ ଥାଡିୟସ ଡାନିଏଲ ପିୟର୍ସ ରଖାଯାଇଛି। ୧୯୯୪ରେ ଏକ ଭ୍ରୂଣକୁ ବିକଶିତ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ବ୍ୟବହାର ପାଇଁ ସେତେବେଳେ ଏହାକୁ ଫ୍ରିଜରରେ ସଂରକ୍ଷିତ କରି ରଖାଯାଇଥିଲା। ଦୀର୍ଘ ୩୦ ବର୍ଷ ଧରି ସଂରକ୍ଷିତ ହୋଇ ରହିବା ପରେ ଉକ୍ତ ଭ୍ରୂଣରୁ ଥାଡିୟସ୍ ଜନ୍ମ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଓହିୟୋ ନିବାସୀ ଲିଣ୍ଡସେ (୩୪) ଏବଂ ଟିମ୍ ପିୟର୍ସ (୩୫) ହେଉଛନ୍ତି ଥାଡିୟସଙ୍କ ମାତାପିତା। ଗତ ଜୁଲାଇ ୨୬ରେ ଜନ୍ମ ହୋଇଥିବା ଥାଡିୟସଙ୍କ ଭ୍ରୂଣକୁ ୩୦ ବର୍ଷ ତଳେ ଏକ ସ୍ଥାନୀୟ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍ କେନ୍ଦ୍ର)ରେ



ବିକଶିତ କରାଯାଇଥିଲା। ସେବେଠାରୁ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଉକ୍ତ ଭ୍ରୂଣ ଫ୍ରିଜରରେ ସଂରକ୍ଷିତ ହୋଇ ରହିଥିଲା। ଜନ୍ମ ହେବା ପରେ ଥାଡିୟସ୍ ସବୁଠାରୁ ବୟସ୍କ ଶିଶୁର ରେକର୍ଡ ଭାଙ୍ଗିଛନ୍ତି। ତାଙ୍କ ମା' ଲିଣ୍ଡସେ କହିଛନ୍ତି, ଯେତେବେଳେ ଭ୍ରୂଣର ବୟସ ସମ୍ପର୍କରେ ତାଙ୍କୁ କୁହାଯାଇଥିଲା, ସେତେବେଳେ ଏହା ତାଙ୍କୁ ଅଜବ ଲାଗିଥିଲା। ସେ ଏବଂ ତାଙ୍କ ସ୍ୱାମୀ ଟିମ୍ କେବଳ ଏକ ଶିଶୁ ଚାହୁଁଥିଲେ। କୌଣସି ରେକର୍ଡ କରିବା ତାଙ୍କର ଲକ୍ଷ୍ୟ ନ ଥିଲା। ୭ ବର୍ଷ ଧରି ଗର୍ଭଧାରଣ ପାଇଁ ସଂଘର୍ଷ କରିବା ପରେ ଉଭୟଙ୍କୁ ଥାଡିୟସଙ୍କ ଭ୍ରୂଣ ମିଳିଥିଲା। ଯେତେବେଳେ ଥାଡିୟସ୍‌ଙ୍କ ଭ୍ରୂଣ ବିକଶିତ ହୋଇଥିଲା, ସେତେବେଳେ ସେ ମାତ୍ର ୩ରୁ ୪ ବର୍ଷର ହୋଇଥିବା ଲିଣ୍ଡସେ କହିଛନ୍ତି। ୧୯୯୪ରେ ଲିଣ୍ଡା ଆଚାର୍ଡ ନାମ୍ନୀ ଜଣେ ମହିଳା ଏବଂ ତାଙ୍କ ☞ପୃଷ୍ଠା-୨


No.T-61

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.04.08.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0178/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମ୍ଭାବନା ପକ୍ଷରୁ ବେନହୁର୍ ବିଶେଷ କାର୍ଯ୍ୟକ୍ରମ, ସ୍ଥାନ:ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର, ଡି.ଏଲ୍.କଲୋନୀ, ଭି.ଏସ୍.ଏସ୍.ନଗର, ସମୟ:ଅପରାହ୍ନ ୪ଟା ୩୦ ।
- ତୃତୀୟ ଏନ୍‌ଭିଏସ୍ ଭୋପାଲ୍ ରେଜିଅନ୍ ଆଲୁମିନି ମିଟ୍ ଏବଂ ଅଷ୍ଟମ ଏନ୍‌ଏଓ ଆନୁଆଲ୍ ମିଟ୍, ସ୍ଥାନ: ରେଲ୍ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ।
- ଓଡିଶା ଆର୍ଥ୍ରାଇଟିସ୍ ଓ ରୁମାଟୋଲୋଜି ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ, ସ୍ଥାନ : ହୋଟେଲ୍ ମେଫେଆର୍, ସମୟ: ସକାଳ ୯ଟା ୩୦ ।
- ଏମ୍‌ ଡି କ୍ରିଏଶନ୍ ଏବଂ ଗ୍ରୁପ୍ ପକ୍ଷରୁ ଏକ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରବିନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ମୃତି ସଭା, ସ୍ଥାନ: ଲିଙ୍ଗରାଜ ମନ୍ଦିର ସମୟ:ସକାଳ ୮ଟା ।

## କଟକ

- ଆୟକର ବିଭାଗ ପକ୍ଷରୁ ଆୟକର ଦିବସ-୨୦୨୫ ପାଳନ, ସ୍ଥାନ: ଆୟକର ଭବନ, ସେଲଟର ଛକ, ସମୟ: ସକାଳ ୬ଟା ୩୦ ।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠର ତୃତୀୟ ଦିବସ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସକାଳ ୭ଟା ।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଚୌଦ୍ୱାର ଗୋଡିପାଟଣାସ୍ଥିତ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉ ସେବା ସମିତିର ବୋଲବମ୍ ଭକ୍ତ ସେବା, ସ୍ଥାନ: ଚଷାପଡ଼ା ଘାଟ ଛକ, ସମୟ: ଅପରାହ୍ନ ୩ଟା ।

- ଦରଜୀ ମହାସଂଘ (ଟାଙ୍ଗୁଆ ଶିଳ୍ପୀ) ପକ୍ଷରୁ କାଉଡ଼ିଆମାନଙ୍କୁ ପାନୀୟ ଜଳ, ଚା, ଜଳଖିଆ ସେବା, ସ୍ଥାନ: ବାଲିଯାତ୍ରା ତଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ।

## ପୁରୀ

- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ମୃତି ସଭା, ସ୍ଥାନ: ପୁରୀ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର

- ଓଡିଶା ରାଜସ୍ୱ ଅମଲା ସଂଘର ସାଧାରଣ ସଭା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ସାଙ୍ଗଠନିକ ବୈଠକ, ସ୍ଥାନ: ଖଇରା ସତସଙ୍ଗ କେନ୍ଦ୍ର, ସମୟ: ଅପରାହ୍ନ ୨ଟା ୩୦ମିନିଟ୍ ।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ।

## ଭଦ୍ରକ

- ସ୍ମୃତିସଭା, ସ୍ଥାନ: ସରିଫପୁର, ବାରିକପୁର, ସମୟ: ପୂର୍ବାହ୍ନ ୧୧ଟା ।
- ରମାକାନ୍ତ ଫାଉଣ୍ଡେଶନ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଇରୁଆ, ନାଲଗୁଣ୍ଡା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦୁଝର

- ସାହାଣୀ କପ୍ ଫାଇନାଲ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ଏକଲ ଶ୍ରୀ ହରି ମନ୍ଦିର ରଥ ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ମାଇନିଂ ରୋଡ୍, ସମୟ: ଅପରାହ୍ନ ୩ଟା ।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ସ୍ଥାନ: ସାଇ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ବର୍ଷାକାଳୀନ ବାଣିଜ୍ୟ ମେଳା ଉଦ୍‌ଘାଟନୀ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଗଞ୍ଜାମ

- ସବିତା ଆରୋଗ୍ୟ କୁଟିର ଉଦ୍‌ଘାଟନ, ସ୍ଥାନ: ଶ୍ରୀ ଭେଙ୍କେଟ ମହାଲକ୍ଷ୍ମୀ କୋଠଘର, ସମୟ: ଅପରାହ୍ନ ୫ ଟା ।

## ଜଗତ୍‌ସିଂହପୁର

- ଦାରୁବ୍ରହ୍ମ କ୍ଲବ ପକ୍ଷରୁ ସମୂହ କାଉଡ଼ିଆ ଯାତ୍ରା ଆରମ୍ଭ, ସ୍ଥାନ: ଶିବ ମନ୍ଦିର, ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ସକାଳ ୬ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ସମୂହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା ।
- ବ୍ୟାସ ଫାଉଣ୍ଡେଶନ ତରଫରୁ ପରିବେଶ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ ପରିସର, ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ।
- ନିଶାରୁ ମୁକ୍ତି ପାଇଁ ସଚେତନତା, ସ୍ଥାନ: ମଣ୍ଡାସାହି, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା ।

## କେନ୍ଦ୍ରାପଡ଼ା

- ଜୁଏଲ ଇଲେଭେନ କ୍ଲବ ପକ୍ଷରୁ ଇଶାଣେଶ୍ୱର ପର୍ଯ୍ୟନ୍ତ ବୋଲବମ ପଦଯାତ୍ରା, ସ୍ଥାନ:ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା ।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା ।

## ନୟାଗଡ଼

- ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଲୋଚନା ଚକ୍ର, ସ୍ଥାନ:ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ର ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ମୁନିଗୁଡ଼ା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା
- ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ, ସ୍ଥାନ: ରାୟଗଡ଼ା ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏଶନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମାଲକାନଗିରି

- ଓଡିଶା ରାଜସ୍ୱ ଅମଲା ସଂଘ ମାଲକାନଗିରି ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ:ସମୟ:ମଧାହ୍ନ ୧୨ଟା ୩୦ ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଢକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ସାଓଲିନ କୁମ୍ଫୁ ଉସୁ ଏସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ୪୫ ।
- ଦଲେଇପଡା ଗଣେଷ ପୂଜା କମିଟି ଓ ଅନନ୍ତରାମ ବ୍ଲକ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ରଂରୋଡ ସ୍ଥିତ ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ରୋଟାରୀ ଲିଡରଶିପ୍, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ସକାଳ ୯ଟା ୩୦ ।
- ଗାନ୍ଧୀୟାନ ବସ୍ତି ପକ୍ଷରୁ କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ଅଲ ଇଣ୍ଡିଆ ଅଭିଭାବକ ଆସୋସିଏଶନ ବୈଠକ, ସ୍ଥାନ: ଉଦିତନଗର ଆଇଟିଡିଏ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଏକତ୍ର ପକ୍ଷରୁ ଏକକ ଅଭିନୟ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା ।

## କଳାହାଣ୍ଡି

- ଇନ୍ଦ୍ରପୂଜା ଉପଲକ୍ଷେ ରଶ୍ୟ ଶୃଙ୍ଗ ଋଷିଙ୍କ ଡଙ୍ଗାରେ ଜଳକ୍ରୀଡା ଓ ଇନ୍ଦ୍ରଙ୍କୁ ଆବାହନ, ପୂରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା ।

## ବୌଦ୍ଧ

- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସଂଗଠନ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ମନ୍ଦିର ସୁବର୍ଣ୍ଣମେରୁ ମନ୍ଦିର ପରିସର, ସମୟ: ସକାଳ ୬ଟା ।
- ସମାଜସେବୀ ଶଙ୍ଖନିଧି ରାୟଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ସକାଳ ୯ଟା ।

## ନୂଆପଡ଼ା

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା ।
- ଉପନୟନ ଓ ବେଦାରମ୍ଭ ସଂସ୍କାର ତଥା ୧୬ତମ ଚତୁର୍ବେଦ ଯଜ୍ଞ ଆରମ୍ଭ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ସକାଳ ୮ଟା ।

# ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

ମୋହନା,୨।୮ (ମନ୍ମଥ ମିଶ୍ର)

ପୋଖରୀକୁ ଶୌଚ ହେବାକୁ ଯାଇ ବୁଡିଯାଇ ଦୁଇଜଣ ନାବାଳକ ଶିଶୁଙ୍କ ମୃତ୍ୟୁ ଘଟିଛି । ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଅଧୀନ କେନ୍ଦୁଗଣ୍ଡା ଗ୍ରାମରେ ଏପରି ଘଟିଛି । ଉଭୟେ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି । ମୋହନା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି, ଶନିବାର ମଧ୍ୟାହ୍ନରେ ଗ୍ରାମର ଆକାଶ ନାୟକଙ୍କ ପୁଅ ଆଦିତ୍ୟ (୧୨) ଓ ଅଜୟ ନାୟକଙ୍କ ପୁଅ ଆଇଜାୟା (୧୨) ଦୁହେଁମିଶି ଗାଁ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ । ମାତ୍ର ସେମାନେ ପୋଖରୀର ଗଭୀରତା ଜାଣି ନ ଥିଲେ । ଶୌଚବେଳେ ଗୋଡ ଖସିଯିବାରୁ ଉଭୟେ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ । ଆଦିତ୍ୟ ଓ ଆଇଜାୟା ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀକୁ ଆସି ଖୋଜିଥିଲେ । ଏହି ସମୟରେ ଉଭୟଙ୍କ ପ୍ୟାଣ୍ଟ ଓ ଶାର୍ଟ ସେଠାରେ ଥିବା ଦେଖି ପରିବାର ଲୋକେ ସନ୍ଦେହ କରିଥିଲେ । ପରେ ସେମାନେ ପୋଖରୀରେ ପଶି ଖୋଜାଖୋଜି କରି ଉଭୟଙ୍କୁ ପାଣି ଭିତରୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ନିରୁପମା ପାଢ଼ୀ ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂପର୍କରେ ଅଡ଼ବା ଥାନାରେ କୌଣସି ସୂଚନା ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖେ ମଧୁ ମଧୁ**
**ପେଟେ ଛୁରି ।**

ମୁହଁରେ ଚାଟୁ ବଚନ, ପ୍ରଶଂସା । କିନ୍ତୁ ଭିତରେ ଶତ୍ରୁତା ଆଚରଣ । କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ ଚିକ୍କଣିଆ କଥା କହି ବିଶ୍ୱାସ ଜନ୍ମାଇଥାନ୍ତି । କିନ୍ତୁ ପଛରେ ଗାତ ଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳାଇଥାନ୍ତି । ମୁହଁରେ ହସ, ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ମାଳି ଠକ ଠକ ଭଜନ ଟାଣ,**
**ଭୋକ କଲେ ଭାତ ପାଖକୁ ଆଣ ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ । ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ତଥା ଲାଳସା ଗ୍ରହଣୀୟ ହୋଇ ନ ଥାଏ । ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ପ୍ରଥମ ପୃଷ୍ଠାରୁ...

### ଆଖିବୁଜିଲେ ବଳଙ୍ଗା...

ଦେଇଥିଲେ । ତାଙ୍କଠାରୁ ଘରର ଠିକଣା ବୁଝି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଏହାପରେ କେତେଜଣ ଲୋକ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ । ପରେ ସମିଦାଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନା ପରେ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ନିଆଯାଇଥିଲା । ଘଟଣାକୁ ନେଇ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଘେରାଯାଇଥିଲା । ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗୋଟେ ପରେ ଗୋଟେ ଘଟଣା ଘଟୁଛି ଏବଂ ଅପରାଧୀମାନେ ନିର୍ଭୟରେ ଅପରାଧ କରିଚାଲିଛନ୍ତି ବୋଲି ବିଜେଡି ଏବଂ କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ଘଟଣାକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଥିଲେ । ଶରୀରର ୭୫% ପୋଡ଼ିଯାଇଥିବା ପୀଡ଼ିତାଙ୍କ ଚିକିତ୍ସା ଏବଂ ଅପରାଧୀଙ୍କୁ ଧରିବା ପାଇଁ ତତ୍‌କ୍ଷଣାତ ପଦକ୍ଷେପ ନେଇଥିଲେ । କିନ୍ତୁ ଜୁଲାଇ ୨୦ ତାରିଖରୁ ନୂଆଦିଲ୍ଲୀ ଏମ୍‌ସର ବର୍ନ ୟୁନିଟ୍‌ରେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କୁ ବଞ୍ଚାଇବାରେ ଡାକ୍ତରୀ ଦଳ ସକ୍ଷମ ହୋଇପାରି ନାହାନ୍ତି ।

ପୀଡ଼ିତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି । ସେ 'X'ରେ ଲେଖିଛନ୍ତି, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ । ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍‌ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ । ମୁଁ ଝିଅଟିର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।' ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଶୋକପ୍ରକାଶ କରିଛନ୍ତି । ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ସହିତ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସେ କହିଛନ୍ତି, 'ସରକାରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଜୀବନ ବଞ୍ଚାଇ ପାରି ନ ଥିବାରୁ ମୁଁ ଦୁଃଖିତ' । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଗଭୀର ଦୁଃଖପ୍ରକାଶ କରିଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ ଶୋକପ୍ରକାଶ କରିଛନ୍ତି । ବଳଙ୍ଗା ପୀଡ଼ିତାଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଏହାସହ ସେ କହିଛନ୍ତି ଯେ, ୭ ଦିନ ଭିତରେ ଅଭିଯୁକ୍ତ ଧରା ନ ପଡ଼ିଲେ ଡିଜିପି ଅଫିସ ଘେରିବୁ । ଓଡ଼ିଶାରେ ବଡ଼ ଆନ୍ଦୋଳନ କରିବୁ ।

ଅନ୍ୟପକ୍ଷରେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଓଡ଼ିଶା ପୋଲିସ ପକ୍ଷରୁ 'X'ରେ ସୂଚନା ଦିଆଯାଇଛି । ସେଥିରେ ଉଲ୍ଲେଖ ରହିଛି ଯେ, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ


Odisha Police
@odisha_police
Follow
Translate post
ବଳଙ୍ଗା ଘଟଣାରେ ପୀଡିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି । ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି । ଏଣୁ ସମସ୍ତଙ୍କୁ ଅନୁରୋଧ ଯେ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ । @CMO_Odisha @DGPOdisha
Last edited 21:29 · 02 Aug 25

ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି । ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି । ଏଣୁ ସମସ୍ତଙ୍କୁ ଅନୁରୋଧ ଯେ, ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ ।'

### ଆତ୍ମାହୁତି: ମହିଳା ମୃତ...

ନିମନ୍ତେ କରଞ୍ଜିଆ ଡାକ୍ତରଖାନା ପଠାଇଛି । ମୃତ ମହିଳା ହେଲେ ରରୁଆଁ ଥାନା ଅଧୀନ ଖିଚିଂ ପଣସି ଅଞ୍ଚଳର ଭାରତୀ ପାତ୍ର(୩୪) ଓ ଗୁରୁତର ପୁରୁଷବନ୍ଧୁ ହେଲେ ରାଇରଙ୍ଗପୁର ଥାନା ଛନପାଳ ଗ୍ରାମର ହରିଶଙ୍କର ଆଚାର୍ଯ୍ୟ(୩୮) ।

ଖିଚିଂସ୍ଥିତ ପଣସି ଗ୍ରାମରେ ଭାରତୀ ନିଜ ପରିବାର ସହ ରହୁଥିଲେ । ସେହି ଗ୍ରାମରେ ବିବାହ କରିଥିବା ରାଇରଙ୍ଗପୁର ଛନପାଳ ଅଞ୍ଚଳର ହରିଶଙ୍କର ଶ୍ୱଶୁର ଘରକୁ ଯିବାଆସିବା କରିଥାନ୍ତି । ହରିଶଙ୍କରଙ୍କ ସ୍ତ୍ରୀ ଓ ଭାରତୀ ଦୁଇ ସାଙ୍ଗ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା । ତେବେ ଶନିବାର ସକାଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା । ଉଭୟେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ । ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଭାରତୀ ଓ ହରିଶଙ୍କର ପାତାସାହି ନିକଟସ୍ଥ ଏକ ଖୋଲା ପଡ଼ିଆରେ ପହଞ୍ଚି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ନିଆଁ ଲାଗିବା ପରେ ଉଭୟେ ଦୌଡ଼ି ଯାଇ ଏକ ବିଲ ମଧ୍ୟରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକ୍ଳି ଡାକ୍ତରଖାନାକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଭାରତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହରିଶଙ୍କରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ହରିଶଙ୍କର ୮୦% ପୋଡ଼ିଯାଇଥିବା ଜଣାପଡ଼ିଛି । ଉଭୟଙ୍କ ପରିବାର ସଦସ୍ୟ ଡାକ୍ତରଖାନାରେ ପହଞ୍ଚିଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି ।

### ପ୍ଲାଷ୍ଟିକ୍ ବୋତଲରେ...

ପରିବହନ କରାଯାଉଛି । ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ ବରଂ ଜନସାଧାରଣଙ୍କ ସୁରକ୍ଷା, ଅଗ୍ନି ବିପଦ ଏବଂ ପରିବେଶଗତ ବିପଦ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି । ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ ଆଇନ ୧୯୩୪, ପେଟ୍ରୋଲିୟମ ନିୟମ ୨୦୦୨, ବିସ୍ଫୋରକ ଆଇନ ୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇ-ସ୍ପିଡ୍ ଡିଜେଲ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ, ୨୦୦୫, ପରିବେଶ(ସୁରକ୍ଷା) ଆଇନ, ୧୯୮୬ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାରକରି ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ପ୍ଲାଷ୍ଟିକ୍ ବୋତଲ କିମ୍ବା ସେଭଳି କିଛି ପାତ୍ରରେ ପେଟ୍ରୋଲିୟମ ଉତ୍ପାଦର ବିକ୍ରୟ, ଯୋଗାଣ ଏବଂ ପରିବହନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଖୁଚୁରା ଦୋକାନ, ଇନ୍ଧନ ଷ୍ଟେଶନ ଏବଂ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍ସପେକ୍ଟର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ପୋଲିସ, ତହସିଲଦାର ଏବଂ ଅନ୍ୟ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନ୍ୟ ଅନୁମୋଦିତ ପ୍ୟାକେଜିଂରେ ପେଟ୍ରୋଲିୟମ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ବ୍ୟତୀତ ସମସ୍ତ ଇନ୍ଧନ ଯୋଗାଣ କେନ୍ଦ୍ର ଏବଂ ପେଟ୍ରୋଲିୟମ ଡିଲରମାନଙ୍କୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନଧିକୃତ ପାତ୍ରରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣରୁ କଡ଼ାକଡ଼ି ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେମାନଙ୍କୁ ସେମାନଙ୍କ ପରିସରରେ ପ୍ରମୁଖ ସ୍ଥାନରେ ଦୃଶ୍ୟମାନ ବୋର୍ଡ ଲଗାଇ ସତର୍କତା ପ୍ରଦର୍ଶନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସେଥିରେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯିବ । ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ ଏବଂ ପ୍ରବର୍ତ୍ତନର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ । ଯେଉଁଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଯାଞ୍ଚ ସଂଖ୍ୟା, ଉଲ୍ଲଂଘନ ମିଳିଥିବା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉଲ୍ଲେଖ ରହିବ ବୋଲି ଚିଠିରେ କୁହାଯାଇଛି ।

### ବଳାତ୍କାର ମାମଲାରେ...

୨୦୨୧ରେ ପ୍ରଜ୍ୱଳ ତାଙ୍କୁ ହାସନସ୍ଥିତ ଫାର୍ମ ହାଉସ୍ ଏବଂ ବେଙ୍ଗାଲୁରୁ ବାସଭବନରେ ୨ ଥର ବଳାତ୍କାର କରିବା ସହ ଏହି ଦୃଶ୍ୟକୁ ନିଜ ମୋବାଇଲ୍ ଫୋନ୍‌ରେ ରେକର୍ଡ କରିଥିବା ଅଭିଯୋଗ ହୋଇଥିଲା । ଶନିବାର ଅଦାଲତରେ ସରକାରୀ ଓକିଲ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବାକୁ ନିବେଦନ କରିବା ବେଳେ ଦଣ୍ଡ କୋହଳ କରିବାକୁ ପ୍ରଜ୍ୱଳ ଅନୁରୋଧ କରିଥିଲେ । ସେ କୌଣସି ଭୁଲ୍ କରିନାହାନ୍ତି, କେବଳ ତାଙ୍କର ଭୁଲ୍ ହେଲା ରାଜନୀତିରେ ଦ୍ରୁତ ଉତ୍ଥାନ ବୋଲି ଦାବି କରିଥିଲେ । ଦଣ୍ଡ କୋହଳ କରିବାକୁ କହିବା ବେଳେ ପ୍ରଜ୍ୱଳ କାନ୍ଦୁଥିବା ଦେଖାଯାଇଥିଲା ।

### ମଧ୍ୟାହ୍ନଭୋଜନରେ...

ଥିବା ଭିଟାମିନ, ଖଣିଜ ଓ ଫାଇବର ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସହାୟକ ହେବ । ସରକାରଙ୍କ ଏହି ପଦକ୍ଷେପ ସ୍କୁଲ ଛାତ୍ରୀଛାତ୍ରଙ୍କ ପୋଷଣସ୍ତର ଉନ୍ନତି କରିବା ସହିତ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଅନ୍ୟପଟେ ଭାତ ସହ ପିଲା କିପରି କେବଳ ଫଳ ଖାଇବେ ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି ।

### ୩୦ ବର୍ଷର ପୁରୁଣା...

ପୂର୍ବ ସ୍ୱାମୀଙ୍କ ଆଇଭିଏଫ୍ ଚିକିତ୍ସା ସମୟରେ ଥାଡିୟସଙ୍କ ଭ୍ରୁଣକୁ ଅନ୍ୟ ୩ଟି ଭ୍ରୁଣ ସହ ବିକଶିତ କରାଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଭ୍ରୁଣକୁ ଲିଣ୍ଡାଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା, ଯାହାର ୯ ମାସ ପରେ ଲିଣ୍ଡା ଏକ ସୁସ୍ଥ କନ୍ୟାସନ୍ତାନ ଜନ୍ମ ଦେଇଥିଲେ । ଏବେ ସେହି କନ୍ୟାଜଣଙ୍କୁ ୩୦ ବର୍ଷ ହୋଇଥିବାବେଳେ ତାଙ୍କର ଏକ ୧୦ ବର୍ଷର ଶିଶୁକନ୍ୟା ରହିଛନ୍ତି । ତେବେ ୧୯୯୪ରେ ଶିଶୁକନ୍ୟାକୁ ଜନ୍ମଦେବା ପରେ ଲିଣ୍ଡା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା । ଫଳରେ ସ୍ଥାନୀୟ ଆଇଭିଏଫ୍ କେନ୍ଦ୍ରରେ ଥିବା ଅନ୍ୟ ୩ଟି ଭ୍ରୁଣକୁ ଦାନ କରିବା ପାଇଁ ଲିଣ୍ଡା ନିଷ୍ପତ୍ତି ନେଇଥିଲେ । ୨୦୨୪ ନଭେମ୍ବରରେ ସଂରକ୍ଷିତ ଥିବା ଉକ୍ତ ଭ୍ରୁଣକୁ ଲିଣ୍ଡସେ ଏବଂ ଟିମ୍‌ଙ୍କୁ ଦିଆଯାଇଥିଲା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରିଦେଇପାରେ । ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ । ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି ।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ । କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ବନ୍ଧୁଙ୍କ ନିକଟରୁ ପାଇପାରନ୍ତି ।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭ କାମନାରୁ ଖୁସି ରହିବେ । ବ୍ୟବସାୟୀ ପରିଶ୍ରମ ତୁଳନାରେ ଫଳ ଲାଭ କରି ଆନନ୍ଦ ଅନୁଭବ କରିପାରନ୍ତି ।

**କର୍କଟ** କର୍ମଚାରୀଙ୍କ ସହଯୋଗ କ୍ରମେ କାମଟିକୁ ସୁରୁଖୁରୁରେ କରି ପାରିବାରୁ ଟେନ୍‌ସନ୍ କମିଯିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ । ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିପାରେ । ପ୍ରତିକୂଳ ପରିସ୍ଥିତି ଯୋଗୁ ନିର୍ମାଣ କିମ୍ବା ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ ।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ । ପରିବାରରେ ପାରସ୍ପରିକ ସହଯୋଗ ମାନସିକ ଶାନ୍ତି ଆଣିବାରେ ସହାୟକ ହେବ । ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ବିବାଦରେ ପଡ଼ିପାରନ୍ତି । ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, କଳାକ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ ।

**କନ୍ୟା** ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ । ଏହା ସାଙ୍ଗକୁ ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ଦୁଃଖର ମାତ୍ରାକୁ ଦ୍ୱିଗୁଣିତ କରିବ । ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ । ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** ଆଜି କୌଣସି ବନ୍ଧୁମିଳନ ଅବସରରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ । ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମନକୁ ଉତ୍ସାହିତ କରିବ । ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ବିରକ୍ତି ଅନୁଭବ କରିପାରନ୍ତି । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ ।

**ବିଛା** ପରିବର୍ତ୍ତିତ ପରିସ୍ଥିତି ଆପଣଙ୍କ କାମକୁ ସଂଯମ ଓ ଶୃଙ୍ଖଳିତ କରିବାର ଆଶା ରହିଛି । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ । ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି ।

**ଧନୁ** କର୍ମକ୍ଷେତ୍ରରେ ଯେଉଁ ବିଷୟକୁ ନେଇ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ । ଭଲରୂପେ ବିଚାର ନ କରି ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି । ପରିଜନଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ । ଆଲୋଚନା ପରିସରରେ ସତ କହିବା କାରଣରୁ ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ ।

**ମକର** ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତା କରି ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ । ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ । ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିନପାରନ୍ତି । ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କାମଟି ବନ୍ଧୁଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ କରିପାରିବେ । ପରିବାରର ଆବଶ୍ୟକତା ଅନୁଭବ କରି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି । କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ପରିସ୍ଥିତିକୁ ବଦଳାଇ ଦେଇପାରେ । ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିବା ଠିକ୍ ହେବ ନାହିଁ ।

**ମୀନ** ଆଜିର କର୍ମକ୍ଷେତ୍ରକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ । ଉପରିସ୍ଥଙ୍କ ପରାମର୍ଶକ୍ରମେ ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି । ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବିବାଦୀୟ ଘଟଣା କିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି ।

ଆଜି ଅଗଷ୍ଟ ୩ ତାରିଖ, ରାଷ୍ଟ୍ରୀୟ ବନ୍ଧୁତା ଦିବସ (ଅଗଷ୍ଟ ପ୍ରଥମ ରବିବାର), ଶ୍ରୀମନ୍ଦିରରେ ବଡ଼ି ନୃସିଂହ ବିଜେ । ରାଶିନକ୍ଷତ୍ର- ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨/୦୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୪୨ ଗତେ ଘ.୦୬/୧୮ ମଧ୍ୟେ ରାହୁକାଳ ।



ସିଫାଠାରେ ଶନିବାର ଆୟୋଜିତ ପିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିଧାୟକ ଓ ଅଧିକାରୀମାନେ।

# ଏନ୍ଆଇଏ ଏସ୍‌ପି ହେଲେ ସାଗରିକା ନାଥ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

**ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ**



କେନ୍ଦ୍ରୀୟ ଡେପୁଟେଶନରେ ଯିବେ ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସାଗରିକା ନାଥ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସାଗରିକା ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ତେବେ ସାଗରିକାଙ୍କୁ ଏନ୍ଆଇଏ ଏସ୍‌ପି ଭାବେ ନିଯୁକ୍ତି ମିଳିବା ନେଇ କାର୍ମିକ ଏବଂ ତାଲିମ ବିଭାଗ (ଡିଓପିଟି) ଦ୍ୱାରା ଜୁଲାଇ ୩୧ରେ ନିର୍ଦ୍ଦେଶ ଜାରି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେଶନ ପଦବୀରେ ଯୋଗଦେବା ପାଇଁ ତାଙ୍କୁ ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

CELEBRATING 25 YEARS
DRiEMS UNIVERSITY
CUTTACK, ODISHA - 754022
Last Chance for ADMISSION 2025-26
100% PLACEMENT ASSISTANCE
Didn't Appear for JEE Main or OJEE ?
Here's your final opportunity to secure Admission through
DRUET 2025 [DRIEMS UNIVERSITY ENTRANCE TEST]
PLACEMENT HIGHLIGHTS 2024-25
100+ Recruiters
1000+ Placement Offers
WE OFFER CAREER ORIENTED COURSES
M.B.B.S.
Ph.D Programme
E-MBA | MBA | BBA
MCA | M.Sc. Comp. Sc.
M.Sc. Data Science
BCA | B.Sc. ITM
B.Sc. (Hons.) Agriculture
MOT | BOT | MPT | BPT
BMLT | DMLT
BMRT | DMRT
Certified Courses
M.Sc. (Physics, Chemistry, Mathematics)
M.Tech | B.Tech
LE. Tech
M.Sc.(N) | B.Sc.(N)
PBB.Sc.(N)
GNM | ANM
Certified Courses
D.Pharm. | B.Pharm.
Hotel Management
Fashion Design
Polytechnic
+2 Science | ITI
150 Acres Lush Green Campus
50+ Programme Offered
650 Bedded Multispeciality Hospital
07941050666 | 9937369262 | 7735504679
www.driems.ac.in info@driems.ac.in

# ଓଡ଼ିଶାର ୩୪ ଲକ୍ଷ କୃଷକଙ୍କୁ ପିଏମ୍ କିଷାନର ୬୯୭ କୋଟି ଟଙ୍କା ସହାୟତା

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

**■ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୦ ତମ କିସ୍ତିର ଶୁଭାରମ୍ଭ**

**■ପିଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଚାଷୀମାନଙ୍କୁ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀଠାରେ ଉପସ୍ଥିତ ରହି ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଉପକଣ୍ଠସ୍ଥିତ ସିଫାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨,୦୦୦ ଟଙ୍କା ଲେଖାଏ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଲୋକଙ୍କ ସରକାର କାମ କରୁଛି। ସରକାର ମାତ୍ର ବର୍ଷକରେ ସମସ୍ତଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମସ୍ତେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଉକ୍ତ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ଚାଷୀ– ସେ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ ପିଏମ୍ କିଷାନ ଦିବସ ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। ପିଏମ୍ କିଷାନ ଯୋଜନାରେ ସବୁ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦ୍ୱିଗୁଣିତ ନୁହେଁ, ବରଂ ବହୁଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ। ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛୁ। ଗତବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରବିଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକ ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କେବଳ ଧାନଚାଷ ନ କରି ବିଭିନ୍ନ ଚାଷକରି ଅର୍ଥ ଉପାର୍ଜନ ସହ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଜୈବିକ ଉପାୟରେ ଚାଷକରିବା ଆବଶ୍ୟକ ବୋଲି ସିଂଦେଓ କହିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବୋର୍ଡ ସଭାପତି, ଉପସଭାପତିଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

କଟକ,୨।୮(କାର୍ତ୍ତିକ ସାହୁ)

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚଳାଇଛି। ଓଟିଇଟି ପରୀକ୍ଷା ସହ ସମ୍ପୃକ୍ତ ବୋର୍ଡର କର୍ମଚାରୀ, ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରି ଗୁମର ଖୋଲିବାକୁ ଉଦ୍ୟମ କରୁଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଶନିବାର ଦୀର୍ଘ ସମୟ ପଚରାଉଚୁରା କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ହେବାରେ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ମୁଖ୍ୟ କାର୍ପଟଦାର ବୋଲି କ୍ରାଇମବ୍ରାଞ୍ଚ ତଥ୍ୟ ଉନ୍ମୋଚନ କରିଥିବା ବେଳେ ଏସବୁ କିପରି ସମ୍ଭବ ହେଲା ତାକୁ ନେଇ ଖୋଳତାଡ଼ ଚାଲିଛି। ରାଜ୍ୟର ବିଭିନ୍ନ ଜିଲାକୁ ଏହି କାରନାମାର ଚେର ଲମ୍ବିଥିବା ଓ ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବା ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଖୋଜିବାରେ ଲାଗିଛି। ଯଦିଓ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରଦାନ କରିଛି, ଗିରଫଦାରି ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି।

# ଆପୋସ ସମାଧାନ ବିଷୟ୍ ନେଇ ରାଜନୈତିକ ଚର୍ଚ୍ଚା

**ମହାନଦୀ ଜଳ ବିବାଦ**

**■ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ: ମନମୋହନ**

**■ଟ୍ରିପଲ ଇଞ୍ଜିନ ଭାଜପା ସରକାରର ଆନ୍ତରିକତା ନାହିଁ: ଦେବୀପ୍ରସାଦ ମିଶ୍ର**

**■କେବଳ ସମୟ ଗଡ଼ାଇବାକୁ ଚାହୁଁଛନ୍ତି ସରକାର: ଜୟଦେବ**

ଭୁବନେଶ୍ୱର, ୨।୮(ସୁନିତ୍ ମିଶ୍ର)



विष्णु देव साय
मुख्यमंत्री
Vishnu Deo Sai
CHIEF MINISTER

Mantralaya, Mahanadi Bhawan, Nava Raipur Atal Nagar, Raipur, 492002, Chhattisgarh
Ph.: +91 (771) 2221000, 2221001
E-mail : cmcg@nic.in

Do. No. 77
Date 01.08.25

Dear Shri Mohan Charan Majhi Ji,

I am in the receipt of your D.O. letter No. 405/CM/2025, dated 25th of July 2025 regarding the proposal for an amicable settlement of the Mahanadi water disputes between our states and the same is under consideration.

With regards,

Yours sincerely,
(Vishnu Deo Sai)

Shri Mohan Charan Majhi
Hon'ble Chief Minister of Odisha,
Lok Seva Bhawan,
Sachivalaya Marg,
Bhubaneswar,
Odisha 751001

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠିର ଉତ୍ତର ଦେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଲେଖିଥିବା ପତ୍ର।

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଟ୍ରିବ୍ୟୁନାଲରେ ହେବାକୁ ଥିବା ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ତେବେ ମହାନଦୀ ଜଳବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି କୁହାଯିବା ପରେ ରାଜ୍ୟରେ ରାଜନୈତିକ ଚର୍ଚ୍ଚା ବଢ଼ିଛି। ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ବିବାଦର ସମାଧାନ ଲାଗି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖିଥିଲେ। ଅଗଷ୍ଟ ୧ରେ ବିଷ୍ଣୁଦେଓ ପ୍ରତ୍ୟୁତ୍ତରରେ ମୋହନଙ୍କୁ ପତ୍ର ଲେଖି ସେହି କଥାରେ ଗୋଟିଏ ପ୍ରକାର ସହମତି ଥିବା କୁହାଯାଉଛି।

ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ। ଏନେଇ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି। ଟ୍ରିବ୍ୟୁନାଲ ତାରିଖ ବନ୍ଦ ହେବ, ଆପୋସ ଆଲୋଚନାରେ ସବୁ ସମାଧାନ ହେବ। ଛତିଶଗଡ଼ର ଏହାକୁ ନେଇ ବିଶେଷ କିଛି ସମସ୍ୟା ଥିଲା ପରି ମନେହେଉନାହିଁ। ଛତିଶଗଡ଼ ଓ କେନ୍ଦ୍ର ସହ ଆପୋସ ସମାଧାନ ନେଇ ଆମେ ଆଶାବାଦୀ। ଗତ ସରକାର ସେ ଦିଗରେ ଚିନ୍ତା କଲେ ନାହିଁ, ଯେଉଁଥିଲାଗି ଓଡ଼ିଶା ଆଜି ଏଭଳି ସ୍ଥିତିରେ ବୋଲି ମନମୋହନ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପରମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ କରିବା ପରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ହେଲେ ସେହି ସମୟର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନେତୃତ୍ୱାଧୀନ ଭାଜପା ସରକାର କର୍ଣ୍ଣପାତ କରି ନ ଥିଲେ। ପରେ ୨୦୧୬ରେ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନ ମିଳିବାରୁ ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଆପୋସ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ବୋଲି କୁହାଯାଉଛି। କିନ୍ତୁ ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡ଼ା ଓଡ଼ିଶା ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟହେବା ଦରକାର ବୋଲି ଦେବୀ କହିଛନ୍ତି।

କଂଗ୍ରେସ ପକ୍ଷରୁ ଏ ନେଇ ପ୍ରତିକ୍ରିୟା ରଖି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଭାଜପା ସରକାର ଏ ଘଟଣାର ସମାଧାନ କରିବାକୁ ଚାହୁଁ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଆପୋସ ସମାଧାନ କଥା ଲେଖିନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରରେ ସଙ୍ଗେ ସଙ୍ଗେ ମହାନଦୀ ପ୍ରସଙ୍ଗରେ ସମାଧାନ ହେବା କଥା। କେବଳ ଆପୋସ ସମାଧାନ ନାମରେ ସମୟ ଗଡ଼ାଇବାକୁ ରାଜ୍ୟ ସରକାର ଚାହୁଁଛନ୍ତି। ସମାଧାନ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଆନ୍ତରିକତା ନାହିଁ ବୋଲି ଜୟଦେବ କହିଛନ୍ତି।



INDIAN NAVY

THE INDIAN NAVY

INVITES APPLICATION FOR SHORT SERVICE COMMISSION IN INFORMATION TECHNOLOGY (EXECUTIVE BRANCH) – JAN 26 COURSE

Applications are invited from unmarried eligible men & women candidates for grant of Short Service Commission (SSC) in Information Technology ( Executive Branch ) of Indian Navy under Special Naval Orientation Course for course commencing Jan 2026 onwards at Indian Naval Academy (INA) Ezhimala, Kerala. Candidates must fulfil conditions of nationality as laid down by the Government of India.

| QUALIFICATION | VACANCY | GENDER | AGE |
|---|---|---|---|
| A candidate must have minimum 60% marks in English in class X or XII and one of the undermentioned educational qualification with minimum 60% overall qualifying marks, in either or a combination of the following: - (a) MSc / BE / B Tech / M Tech (Computer Science / Computer Science & Engineering / Computer Engineering / Information Technology / Software Systems / Cyber Security / System Administration & Networking / Computer Systems & Networking / Data Analytics / Artificial Intelligence), OR (b) MCA with BCA / BSc (Computer Science / Information Technology). | 15 | Men & Women | Born Between 02 Jan 2001 to 01 Jul 2006 (both dates inclusive) |

CBC 10701/13/0014/2526

For more details visit – www.joinindiannavy.gov.in and Employment News dated 02 Aug 2025

APPLY ONLINE FROM 02 Aug to 17 Aug 2025

Scan this QR Code to apply online

Combat Ready, Credible, Cohesive & Future Ready Force

ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା



# ଆମେ ପାଇଛୁ କ’ଣ



ଆକାର ପଟେଲ

ଆମେରିକାର ଜନସଂଖ୍ୟା ୩୪ କୋଟି। ବିଶ୍ୱ ଜନସଂଖ୍ୟାର ୪% ହେଉଛନ୍ତି ଆମେରିକୀୟ ଏବଂ ତଥାକଥିତ ରୁଲ୍‌ସ ବେସ୍‌ଡ ଅର୍ଡର ବା ନିୟମ ଆଧାରିତ (ବୈଶ୍ୱିକ) ବ୍ୟବସ୍ଥାର ସେମାନେ ସବୁଠୁ ବଡ଼ ହିତାଧିକାରୀ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ବ୍ୟବସ୍ଥା ଆମେରିକା ଓ ଏହାର ୟୁରୋପୀୟ ମିତ୍ରଙ୍କ ଦ୍ୱାରା ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ଚାହେଁ ଜାତିସଂଘ ଓ ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ) ଭଳି ସଂସ୍ଥାଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସହଯୋଗ। କିନ୍ତୁ ବିଡ଼ମ୍ବନାର ବିଷୟ, ଆମେରିକୀୟମାନେ ସେମାନଙ୍କ ରାଷ୍ଟ୍ରପତିଙ୍କୁ ମୁକ୍ତ ବିଶ୍ୱର ନେତା ଭାବେ ଅଭିହିତ କରନ୍ତି। ନିୟମ ଆଧାରିତ ବ୍ୟବସ୍ଥାର ସଂସ୍ଥା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍‌) ଅନୁଯାୟୀ, ଆମେରିକାର ବାର୍ଷିକ ମୁଣ୍ଡ ପିଛା ଆୟ ୯୦,୦୦୦ ଡଲାର। ଭାରତର ମୁଣ୍ଡ ପିଛା ଆୟ ଏହାର ୩୦ ଭାଗରୁ ୧ଭାଗ ଅର୍ଥାତ୍‌ ୩,୦୦୦ ଡଲାରରୁ କମ୍‌। ଗତ କିଛି ଦଶନ୍ଧି ମଧ୍ୟରେ ଆମେରିକାର ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇଛି, କାରଣ ଏହାର କମ୍ପାନୀଗୁଡ଼ିକ ବିମାନ, ଫୋନ୍‌ ଓ କମ୍ପ୍ୟୁଟର ଭଳି ଉତ୍ପାଦ ରପ୍ତାନି କରୁଛନ୍ତି। ସାରା ବିଶ୍ୱରେ ଏହାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସେବା ଯୋଗାଇବା ସହ ପ୍ରଭାବ ବିସ୍ତାରକରି ରହିଛନ୍ତି। ଏପରିକି ନିକଟରେ ଚାକିରି ସଂଖ୍ୟା ହ୍ରାସ କରିଥିଲେ ମଧ୍ୟ ଆମେରିକାକୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରଦାନକାରୀ ଦେଶ ବୋଲି କୁହାଯାଉଛି। ସେଠାରେ ବେରୋଜଗାର ପାଖାପାଖି ୪%, ଯାହା ଏକ ଭଲ ସ୍ଥିତି। ଏଥିରୁ ବୁଝାପଡୁଛି, ଆୟ ଓ ନିଯୁକ୍ତି ଦୃଷ୍ଟିକୋଣରୁ ଦାରିଦ୍ର୍ୟ ତଥା ବେରୋଜଗାର ଭଳି ଗମ୍ଭୀର ସମସ୍ୟାରେ ଜଡ଼ିତ ଭାରତ ଭଳି ଦେଶଗୁଡ଼ିକ ତୁଳନାରେ ଆମେରିକା ଅତ୍ୟନ୍ତ ଭଲ ସ୍ଥିତିରେ ଅଛି। ତଥାପି ଆମେରିକା ଅସନ୍ତୁଷ୍ଟ। ଏହା ବିଶ୍ୱସ୍ତରରେ ଠକାମିର ଶିକାର ହେଉଛି ଓ ତାହାକୁ ରୋକିବା ଲାଗି ପଦକ୍ଷେପ ନେଇଛନ୍ତି ବୋଲି ଏହାର ରାଷ୍ଟ୍ରପତି କହୁଛନ୍ତି। ମୁଖ୍ୟତଃ, ଅନ୍ୟ ଦେଶଗୁଡ଼ିକର ଉତ୍ପାଦ ରପ୍ତାନି (ଆମେରିକାକୁ)ରେ ସେ ଅତ୍ୟନ୍ତ କଠିନ ସ୍ଥିତି ଉପୁଯାଇଛନ୍ତି। ଭାରତର ସବୁଠୁ ବଡ଼ ରପ୍ତାନି ବଜାର ହେଉଛି ଆମେରିକା ଏବଂ ଆମ ସାମଗ୍ରୀ ଉପରେ ୨୫% ଟାରିଫ୍‌ ଆମ ରପ୍ତାନିକୁ କ୍ଷତି ପହଞ୍ଚାଇବ। ଯଦି ଏହି ଟାରିଫ୍‌ ଜାରି ରହେ ଆମ ସ୍ୱାର୍ଥରେ ଘୋର ବାଧା ଆସିବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ ନେଉଥିବା ପଦକ୍ଷେପ ରୁଲ୍‌ସ ବେସ୍‌ଡ ଅର୍ଡରକୁ ଏବଂ ତାହାର ମିତ୍ର ଦେଶ ଓ ମେଣ୍ଟ ତଥା ଗରିବ ଦେଶଗୁଡ଼ିକର କ୍ଷତି କରିବ ନା ନାହିଁ, ସେ ସମ୍ପର୍କରେ ଆମେରିକାରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିତର୍କ ହେଉନାହିଁ। ଡବ୍ଲ୍ୟୁଟିଓରେ ନିୟମ ଓ ନିୟାମକ ଅଧୀନରେ ଥିବା ଏବଂ ଉପଯୋଗ ହେଉଥିବା ଟାରିଫ୍‌ ବ୍ୟବସ୍ଥାକୁ ଆମେରିକା ଭାଙ୍ଗିଦେବା ପାଇଁ ପଦକ୍ଷେପ ନେଇଛି। ଆମେରିକା ତାହାକୁ ଅମାନ୍ୟ ବା ଉପେକ୍ଷା କରିଛି ଏବଂ ଯେଉଁ ବ୍ୟବସ୍ଥାକୁ ଅନେକ ଦଶନ୍ଧି ଧରି ଭଲ ଭାବେ ଚଳାଇ ଆସିଥିଲା ତାହାକୁ ଏବେ ଦୁର୍ବଳ କରିଛି। ଫଳରେ ଆମେରିକା ସାରା ବିଶ୍ୱର କ୍ଷତି କରୁଛି।

ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାକୁ ଅଣଦେଖା କରିବାର ଦ୍ୱିତୀୟ ଉଦାହରଣ ରହିଛି। ଗାଜାରେ ଗଣହତ୍ୟା ପାଇଁ ଇସ୍ରାଏଲକୁ ଆମେରିକା ସାହାଯ୍ୟ ସହଯୋଗ କରିଆସୁଛି। ଆମେରିକା ଅନେକ ହଜାର ପାଲେଷ୍ଟାଇନୀୟଙ୍କୁ ଭୋକିଲା ରଖିବା ସହ ଗଣହତ୍ୟାରେ ଜଡ଼ିତ ଇସ୍ରାଏଲକୁ ସୁରକ୍ଷା ଦେଇଆସୁଛି। ଏହା ସହ ଇରାନ ଉପରେ ବେଆଇନ ଭାବେ ଆକ୍ରମଣ କରିଛି। ବିଶ୍ୱର ଅଧିକାଂଶ ଦେଶ ଗାଜାରେ ଆତଙ୍କର ଅନ୍ତ ସକାଶେ ଜାତିସଂଘ ସାଧାରଣ ସଭାରେ ଭୋଟ ମାଧ୍ୟମରେ ଜଣାଇଛନ୍ତି। କିନ୍ତୁ ଆମେରିକା ତାହାର ଭିଟୋ ପ୍ରୟୋଗକରି ଏକବିଂଶ ଶତାବ୍ଦୀରେ ଗଣହତ୍ୟା ଜାରି ରଖିବା ପାଇଁ ଅନୁମତି ଦେଇଛି। ସେହିଭଳି ଟାରିଫ୍‌ ବିଷୟରେ ଆମେରିକା ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଛି ଯେ, ତାହା ମଧ୍ୟ ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାରୁ ଦୂରେଇଯାଇ ଶକ୍ତି ବଳରେ ଧମକଚମକ ଦେଇ ତାହାକୁ ହଟାଇଦେବାକୁ ଚାହୁଁଛି। ଏହିସବୁ ପଦକ୍ଷେପରୁ ଆଉ କିଛି ବିଷୟ ଆମେ ଆକଳନ କରିପାରିବା। ପ୍ରଥମରେ, ଆମେରିକା ଏବେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଆଗକୁ ଯେଉଁ ଦେଶ କ୍ଷମତାଶାଳୀ ହେବ ତାହା ମଧ୍ୟ ଆମେରିକା ଭଳି ଦୁର୍ବଳ ଦେଶଗୁଡ଼ିକୁ ବ୍ୟବହାର କରିବ। ‘ଜୋର ଯାର ମୁଲକ ତାର’ ବୈଧ ହୋଇଯିବ। ବିଶ୍ୱର ଧନୀ ଦେଶଗୁଡ଼ିକ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଉନାହିଁ ଏବଂ ବ୍ରିକ୍ସରେ ଦେଖାଯାଇଥିବା ବିଭେଦ ମଧ୍ୟ ଆମେରିକାର ବଦମାସିକୁ ଖୋରାକ ଯୋଗାଉଛି। ଦ୍ୱିତୀୟରେ, ଆମ ବ୍ୟକ୍ତିକୈନ୍ଦ୍ରିକ କୂଟନୀତିର କ’ଣ ଲାଭ ହୋଇଛି ସେ ବିଷୟରେ ବିଚାର କରାଯିବା ଦରକାର। ଇସ୍ରାଏଲ ନେତାଙ୍କୁ କୋଳେଇନେବା ଯୋଗୁ ଆମେ ଦଶନ୍ଧି ବ୍ୟାପୀ ଚାଲିଆସିଥିବା ସଂସ୍ଥାଗତ ସହମତିକୁ ଅଣଦେଖା କରିଛୁ। ଭାରତରେ ହେଉ କିମ୍ବା ଆମେରିକାରେ, ସବୁ ସମ୍ମାନ ଆମେ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଅଜାଡ଼ି ଦେଇଛୁ ଏବଂ ତାଙ୍କୁ ଭୋଟଦେବା ପାଇଁ ଭାରତୀୟ–ଆମେରିକୀୟଙ୍କୁ ଉତ୍ସାହିତ କରିଛୁ। ହେଲେ ତା’ବଦଳରେ ଆମେ କୌଣସି ଲାଭ କିମ୍ବା ଅନୁକମ୍ପା ପାଇନାହୁଁ।

ଶେଷକଥା ହେଉଛି, ଏଭଳି ସ୍ଥିତିରେ ଏହି ସମୟରେ ଆମେରିକାକୁ ଏହା କରିବା ପାଇଁ କେଉଁସବୁ ବିଷୟ ଉସୁକାଉଛି, ସେ ସମ୍ପର୍କରେ ବିଚାରକରିବା ଉଚିତ। ଆମେରିକାର କ୍ଷମତା, ଧନ ଓ ଭଲ ଆର୍ଥିକ ସ୍ଥିତିକୁ ଦେଖିଲେ ଏହା କାହିଁକି ହେଉଛି ? ଆମେରିକା ଏବେ ବାଚାଳାମି ବା ପାଗଳାମି ଦେଇ ଗତିକରୁଛି କି? ଏହାର ଉତ୍ତର ହେଉଛି, ବିକାଶଶୀଳ ଦେଶଗୁଡ଼ିକ ବିଶେଷକରି ଚାଇନାର ଉତ୍‌ଥାନ। ବିଗତ ୩୦ ବର୍ଷ ମଧ୍ୟରେ ସେମାନଙ୍କର ଯେଭଳି ଉତ୍‌ଥାନ ହେଉଛି ଓ ତାହା ଯଦି ଜାରି ରହେ, ତେବେ ଗୋଟିଏ କିମ୍ବା ଦୁଇ ଦଶନ୍ଧି ମଧ୍ୟରେ ଆମେରିକା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହୋଇ ରହିବ ନାହିଁ, ଯାହା ପ୍ରଥମ ଥର ପାଇଁ ଘଟିବ। ଏହା ପାଶ୍ଚାତ୍ୟ ପାଇଁ ଗ୍ରହଣୀୟ ହେଉନାହିଁ। ଅନେକ ଶତାବ୍ଦୀ ଧରି ଉତ୍ତର ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା କିମ୍ବା ଏବେ ଯାହା ପାଲେଷ୍ଟାଇନ୍‌ରେ କରୁଛି, ତାହା କରିବାକୁ ଏହା ସକ୍ଷମ ହେବ ନାହିଁ। ପାଶ୍ଚାତ୍ୟ ଭଳି ବିଶ୍ୱର ଅନ୍ୟ ସବୁ ଦେଶର ବିକାଶ ହେଉଥିବାରୁ ପାଶ୍ଚାତ୍ୟର ଏମାନଙ୍କ ଉପରେ ନିୟନ୍ତ୍ରଣ ଓ ପ୍ରାଧାନ୍ୟ ହ୍ରାସ ପାଉଛି। ଏହି କାରଣରୁ ଆମେରିକା ନିୟମ ଆଧାରିତ ବ୍ୟବସ୍ଥାଠାରୁ ଦୂରେଇ ଯାଉଛି ଓ ତା’ ଶକ୍ତିର ସାହାରା ନେଉଛି। ବିଶ୍ୱ ପାଇଁ ବିଶେଷକରି ସ୍ଥାୟିତ୍ୱ ଓ ଦାରିଦ୍ର୍ୟରୁ ମୁକୁଳିବା ସକାଶେ ଆଉ କିଛି ବର୍ଷ ବୈଶ୍ୱିକ ସହଯୋଗ ଚାହୁଁଥିବା ଦେଶଗୁଡ଼ିକ ପାଇଁ ଏହି ସମୟ ସବୁଠୁ ବିପଜ୍ଜନକ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 6 | | 1 | 2 |
| | | | | | | | | 9 |
| | | 5 | | | | | | 3 |
| | | | 7 | | | | | 6 |
| | 9 | | 2 | | 3 | 5 | | |
| | | | | 1 | | | 8 | |
| | | | | | 1 | | 6 | 8 |
| 5 | 2 | 8 | | 9 | | | | |
| | | 6 | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 6 | 4 | 7 | 2 | 3 | 5 |
| 2 | 7 | 6 | 8 | 3 | 5 | 1 | 4 | 9 |
| 4 | 5 | 3 | 1 | 2 | 9 | 8 | 7 | 6 |
| 3 | 6 | 7 | 5 | 8 | 1 | 4 | 9 | 2 |
| 5 | 8 | 4 | 2 | 9 | 3 | 7 | 6 | 1 |
| 1 | 9 | 2 | 7 | 6 | 4 | 5 | 8 | 3 |
| 6 | 2 | 9 | 4 | 5 | 8 | 3 | 1 | 7 |
| 7 | 4 | 5 | 3 | 1 | 6 | 9 | 2 | 8 |
| 8 | 3 | 1 | 9 | 7 | 2 | 6 | 5 | 4 |

ଗତକାଲିର ଉତ୍ତର

# ଭାରତର ଜନସାଂଖ୍ୟକୀୟ ଲାଭାଂଶ



ବିଦ୍ୟାଧର ମହାରଣା

ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଞ୍ଚିଲାଣି ଏବଂ ଦେଶ ବିଶ୍ୱର ପଞ୍ଚମ ବୃହତ୍‌ ଅର୍ଥନୀତି ହାସଲ କରି ଚତୁର୍ଥ ଆଡ଼କୁ ମୁହାଁଇଲାଣି। ଦେଶରେ କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫–୬୪ ବର୍ଷ) ପ୍ରାୟ ୬୩%। ଏମାନଙ୍କ ହାରାହାରି ବୟସ ୨୮ ହୋଇଥିବାରୁ ଏହି ଶ୍ରେଣୀର ଅଧିକ ହେଉଛନ୍ତି ଯୁବ ଗୋଷ୍ଠୀ। ଏଣୁ ଆମ ଦେଶରେ ଜନସାଂଖ୍ୟକୀୟ ଲାଭାଂଶ (ଡେମୋଗ୍ରାଫିକ ଡିଭିଡେଣ୍ଡ) ଉଠାଇବାର ଏକ ଅପୂର୍ବ ସୁଯୋଗ ରହିଛି। କାରଣ ଦେଶର କାର୍ଯ୍ୟକ୍ଷମ ଲୋକବଳ ଯେତେବେଳେ କାର୍ଯ୍ୟହୀନ ଲୋକ (ଶିଶୁ ଓ ବୟସ୍କ)ଙ୍କ ତୁଳନାରେ ଅଧିକ ଥାଏ, ସେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭାବନା ଅଧିକ ହୁଏ। ଏହାକୁ ଜନସାଂଖ୍ୟକୀୟ ଲାଭାଂଶ କୁହଯାଏ। ଡେଭିଡ୍‌ ବ୍ଲୁମ ଜନସାଂଖ୍ୟକୀୟ ଲାଭାଂଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହାର ଉପାଦେୟତା ପ୍ରଥମେ ପ୍ରକାଶ କରିଥିଲେ।

ଜନସାଂଖ୍ୟକୀୟ ଲାଭାଂଶ ସେତିକିବେଳେ ଦେଖାଯାଏ, ଯେତେବେଳେ ମୋଟ ଜନସଂଖ୍ୟାର ବଡ଼ ଭାଗ କାର୍ଯ୍ୟବଳ ହିସାବରେ ସମ୍ଭାବ୍ୟ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ କରିପାରିବେ। ଏହାକୁ ଜନସଂଖ୍ୟାର ଉପହାର ମଧ୍ୟ କୁହଯାଏ। ତେବେ ଏପରି ଯୁବକ ଶକ୍ତି ଅଧିକ ଶିକ୍ଷିତ ଓ ସ୍ୱାସ୍ଥ୍ୟବାନ୍‌ ହେବା ଆବଶ୍ୟକ। ଏହାର ଏକ କାରଣ ହୋଇପାରେ, ଭାରତର ମୋଟ ପ୍ରଜନନ ହାର ହ୍ରାସ; ଯାହାକି ମହିଳାମାନଙ୍କ ସନ୍ତାନ ଜନ୍ମ ହାରକୁ ବୁଝାଏ। ବିଶ୍ୱରେ ଏହି ହାର ୨.୪ ଥିବାବେଳେ ଭାରତରେ ଏହା ୨.୨। ଯଦିଓ ଏହା ହ୍ରାସ ପାଇଛି, ଏହାର ହାର ବିଭିନ୍ନ ରାଜ୍ୟରେ ଅଲଗା ରହିଛି। ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଏହି ହାର ୨.୫ ଥିବାବେଳେ ଦିଲ୍ଲୀ, ମହାରାଷ୍ଟ୍ର ଓ ତାମିଲନାଡୁରେ ଏହି ହାର ୧.୫। ଏହା ଅଧିକ ପ୍ରଜନନକ୍ଷମ ଗ୍ରାମ୍ୟ ଅର୍ଥନୀତିରୁ ନ୍ୟୂନ ପ୍ରଜନନ ଓ ନିମ୍ନ ମୃତ୍ୟୁହାର ଥିବା ସହରାଞ୍ଚଳର ଶିଳ୍ପ ଅର୍ଥନୀତିକୁ ପରିବର୍ତ୍ତନ ଯୋଗୁ ସମ୍ଭବ ହୋଇଥାଏ। ଏପରି କାର୍ଯ୍ୟକ୍ଷମ ଲୋକବଳ ଯେତେ ଅଧିକ ହେବ, ଦେଶରେ ତ୍ୱରାନ୍ୱିତ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି ହେବ। ତେବେ ଏହା ସୁଯୋଗ ସୃଷ୍ଟି କରିବା ସହିତ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ମଧ୍ୟ ହୋଇଥାଏ। ଅଧିକ କାର୍ଯ୍ୟକ୍ଷମ ଲୋକଶକ୍ତି ଦେଶରେ ଉତ୍ପାଦନ, ଉପଭୋଗ ଓ ନିବେଶ କ୍ଷେତ୍ରରେ ବେଶି ଯୋଗଦାନ କରିପାରନ୍ତି। ଅଧିକ ଶ୍ରମବଳ ଅଧିକ ଉତ୍ପାଦକତା ଏବଂ ନବସୃଜନ ବା ନବୋନ୍ମେଷ ସହାୟକ ମଧ୍ୟ ହୋଇପାରନ୍ତି। ଏମାନଙ୍କ ମାନବୀୟ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ ହେଲେ ଜନସାଂଖ୍ୟକୀୟ ଲାଭାଂଶ ଦେଶର ନିରନ୍ତର ବିକାଶ ଆଡ଼କୁ ରୂପାନ୍ତରିତ ହେବା ନିଶ୍ଚିତ।

ଏପରି ଲାଭାଂଶର ସଦୁପଯୋଗ କରିବାକୁ ହେଲେ ପ୍ରଥମେ ଆମ ଆଗରେ ଥିବା ସମସ୍ୟାଗୁଡ଼ିକ ଅନୁଧ୍ୟାନ କରି ସଠିକ ରଣନୀତି ସ୍ଥିର କରିବାକୁ ହେବ। ହାରାହାରି ୪୫% କାର୍ଯ୍ୟବଳ କୃଷି କ୍ଷେତ୍ରରେ ନିୟୋଜିତ



ହେଲେହେଁ ସାମଗ୍ରିକ ଘରୋଇ ଉତ୍ପାଦର ମାତ୍ର ୧୮% କୃଷିରୁ ଆସେ। ପ୍ରାୟ ୧୯% କାର୍ଯ୍ୟବଳ ଅସଂଗଠିତ ଓ ଏମାନେ କୃଷି କ୍ଷେତ୍ରରେ କାର୍ଯ୍ୟରତ। ଦେଶରେ ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ବେରୋଜଗାରି, ଶିକ୍ଷା ଓ କୌଶଳ ଅଭାବ ଏବଂ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ଅଭାବ। ଏପରି ଜନସାଂଖ୍ୟକୀୟ ଲାଭାଂଶ ଆମ ଦେଶରେ ୨୦୪୦ ପର୍ଯ୍ୟନ୍ତ ରହିପାରେ ଏବଂ ଏହା ପରେ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧି ପାଇବ।

ଏପରି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ସରକାର କେତେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ ମସିହାରେ ଆରମ୍ଭ କରାଗଲା କୌଶଳ ଭାରତ ମିଶନ। ଯୁବକମାନଙ୍କୁ କୌଶଳ ବିକାଶ ତାଲିମ ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ। ମେକ୍‌ ଇନ୍‌ ଇଣ୍ଡିଆ କାର୍ଯ୍ୟକ୍ରମରେ ବିନିର୍ମାଣ ଓ କର୍ମସଂସ୍ଥାନ ଏହାର ଉଦ୍ଦେଶ୍ୟ। ୨୦୨୦ରେ ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇଛି। ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀରେ ସଂସ୍କାର ଆଣି ଉତ୍ତମ ଓ ଆବଶ୍ୟକୀୟ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆୟୁଷ୍ମାନ୍‌ ଭାରତ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଡିଜିଟାଲ ସାକ୍ଷରତା ବିକାଶ କରାଯାଇ ବିଭିନ୍ନ ସୁଯୋଗ ସହିତ ଯୋଡ଼ି ହେବା ପାଇଁ ପ୍ରୟାସ କରାଯାଉଛି। ସୁତରାଂ ଦେଶର ଜନସାଂଖ୍ୟକୀୟ ଲାଭାଂଶ ହାସଲ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ବିକାଶ ଓ ଆତ୍ମନିଯୁକ୍ତି ପାଇଁ ବ୍ୟାପକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ଦେଶର ଚିରନ୍ତନ ବିକାଶ ପାଇଁ ରଣକୌଶଳ ଓ ନୀତି ଅନୁପାଳନ ମାଧ୍ୟମରେ ଏପରି ଲାଭାଂଶକୁ ବିନିଯୋଗ କରାଯାଇ ପାରିବ।

ଆଲୋଚନା କରିବା ଆଗକୁ କ’ଣସବୁ ରାସ୍ତା ରହିଛି। ରାଜ୍ୟଗୁଡ଼ିକ ଅଦରକାରୀ ଖର୍ଚ୍ଚ ହ୍ରାସ କରି ଏକ ପୁଞ୍ଜି ନିବେଶ ବାତାବରଣ ସୃଷ୍ଟି କରିବା ଆବଶ୍ୟକ। ଏହାଦ୍ୱାରା ବହୁ ଶ୍ରମ ଦିବସ ସୃଷ୍ଟି ହୋଇପାରିବ। କୃଷି ସହିତ ଶ୍ରମପ୍ରଧାନ ଶିଳ୍ପ ବିକାଶ ପାଇଁ ପ୍ରୋତ୍ସାହନ ଯୋଗାଇବା ମଧ୍ୟ ଜରୁରୀ। ଔପଚାରିକ ଶିକ୍ଷା ଓ ବ୍ୟବସାୟିକ ପ୍ରଶିକ୍ଷଣ ଦ୍ୱାରା ଶିଳ୍ପ ସଂକ୍ରାନ୍ତ କୌଶଳ ବିକାଶକୁ ଏକୀକରଣ କରିବା ପାଇଁ ସରକାରୀ–ବେସରକାରୀ ଭାଗୀଦାରିକୁ ଉତ୍ସାହିତ କରାଗଲେ ଅଧିକ ସୁଫଳ ମିଳିପାରିବ। କୃତ୍ରିମ ମେଧା ଓ ମେଶିନ ଲର୍ଣ୍ଣିଂ (ଏ. ଆଇ/ ଏମ୍‌.ଏଲ) ମଧ୍ୟରେ ଶ୍ରମିକମାନଙ୍କର କୌଶଳ ବିକାଶ କରାଗଲେ ଅଧିକ ଦକ୍ଷ ଶ୍ରମିକ ବାହାରିବେ। ବିଭିନ୍ନ କମ୍ପାନୀ ସହାୟତାରେ ପ୍ରତିଭାସମ୍ପନ୍ନ ଶ୍ରମିକ ସମ୍ବଳ ବାହାର କରାଯିବା ଆବଶ୍ୟକ।

ମଧ୍ୟମ ଓ କ୍ଷୁଦ୍ରଶିଳ୍ପ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଯୋଗାଇଦେଲେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ଏଥିପାଇଁ ସହଜରେ ଅଧିକ ଋଣ ମଧ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ। ଅଣକୁଶଳୀ ଶ୍ରମିକଙ୍କ ପାଇଁ ଖେଳଣା, ପୋଷାକ ଓ ପର୍ଯ୍ୟଟନ ପରି କର୍ମନିଯୁକ୍ତି କ୍ଷେତ୍ରର ବିକାଶ କରାଗଲେ ବେକାରି ସମସ୍ୟା ସମାଧାନ ହୋଇପାରିବ। ଶ୍ରମିକମାନଙ୍କ କୌଶଳ ବୃଦ୍ଧି ପରେ ଉତ୍ପାଦଗୁଡ଼ିକର ମୂଲ୍ୟ ଶୃଙ୍ଖଳାରେ ଉନ୍ନତି କରାଗଲେ ଶ୍ରମିକମାନେ ଅଧିକ ପାରିଶ୍ରମିକ ପାଇବେ। ପ୍ରଧାନମନ୍ତ୍ରୀ ଗତିଶକ୍ତି ପରି ଯୋଜନାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ମିଳିତ ସହଯୋଗ ଆବଶ୍ୟକ।

ଜନସାଂଖ୍ୟକୀୟ ଲାଭାଂଶ ପାଇଁ ଭାରତ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ପ୍ରଥମରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ନିବେଶ କରିପାରିଲେ କାର୍ଯ୍ୟବଳ କର୍ମନିଯୁକ୍ତି ପାଇପାରିବେ। ଦ୍ୱିତୀୟରେ ନିର୍ମାଣ ବା ମାନୁଫାକ୍‌ଚରିଂ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କଲେ ଅଧିକ ସଂଖ୍ୟକ କର୍ମଯୋଗାଣ ସୃଷ୍ଟି ହେବ। ତୃତୀୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଯୁବଗୋଷ୍ଠୀ ପାଇଁ ଅଧିକ ସମ୍ଭାବନା ସୃଷ୍ଟି କରିପାରିବେ। ରାଜ୍ୟଗୁଡ଼ିକ ମଧ୍ୟରେ ସହଯୋଗ ଆବଶ୍ୟକ। ଚତୁର୍ଥରେ ମାନବୀୟ ବିକାଶ ପାଇଁ ଭାରତରେ ଅଧିକ ଅର୍ଥ ବିନିଯୋଗ କରାଯିବା ଦରକାର। ଅର୍ଥନୈତିକ ଉତ୍ପାଦକତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଶକ୍ତୀକରଣ ପାଇଁ ଏହି ବିନିଯୋଗ ଆବଶ୍ୟକ। ଶିକ୍ଷା କ୍ଷେତ୍ରରେ ଅନ୍ୟୂନ ସାମଗ୍ରିକ ଘରୋଇ ଉତ୍ପାଦର ୬% ବ୍ୟୟ ହେବା ଜରୁରୀ। ପଞ୍ଚମରେ ନିରନ୍ତର ବିକାଶ ଲକ୍ଷ୍ୟରେ ସ୍ଥାନିତ ୧୭ଟି ଲକ୍ଷ୍ୟ ପୂରଣ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆବଶ୍ୟକ। ସର୍ବୋପରି ମାନବୀୟ ବିକାଶ ସୂଚକାଙ୍କରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନକୁ ଉନ୍ନତ କରିବାକୁ ହେବ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି ମାଧ୍ୟମରେ ରୋଜଗାର ବୃଦ୍ଧି ଏବଂ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଆବଶ୍ୟକ।

ଜନସାଂଖ୍ୟକୀୟ ଲାଭାଂଶର ଫାଇଦା ମଧ୍ୟରେ ପ୍ରଥମ ହେଲା ଅର୍ଥନୈତିକ ଅଭିବୃଦ୍ଧି। ଏପରି ଲାଭାଂଶ ମାଧ୍ୟମରେ ସାମଗ୍ରିକ ଘରୋଇ ଉତ୍ପାଦ କ୍ଷେତ୍ରରେ ବାର୍ଷିକ ୨–୩% ଅଭିବୃଦ୍ଧି ସମ୍ଭବପର। ଦେଶରେ ଅଧିକ ଉପଭୋକ୍ତା ଥିବାରୁ ଅଧିକ ପୁଞ୍ଜି ନିବେଶ ସୁଯୋଗ ମିଳିପାରିବ। ଉପଯୁକ୍ତ ଶିକ୍ଷା ଓ କୌଶଳ ବିକାଶ କରାଗଲେ ଯୁବକମାନେ ନୂତନ ଅଭିନବକରଣରେ ଅଂଶଗ୍ରହଣ କରିପାରିବେ; ଫଳରେ ଏହାଦ୍ୱାରା ଉତ୍ପାଦନ ଅଧିକ ହୋଇପାରିବ। ଆମ ଦେଶରେ ଜନସାଂଖ୍ୟକୀୟ ଲାଭାଂଶ ୨୦୪୦ ପର୍ଯ୍ୟନ୍ତ ରହୁଥିବାରୁ ଏହାର ଲାଭ ନିମନ୍ତେ ସମସ୍ତ ଯୋଜନା ଆଗାମୀ ୧୫ ବର୍ଷ ମଧ୍ୟରେ ନିଷ୍ଠାର ସହିତ କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ ମନେହୁଏ।

**କଳିଙ୍ଗନଗର, ୭/୪୫୨, ଭୁବନେଶ୍ୱର**
**ମୋ: ୯୪୩୭୦୭୧୧୯୦**

# ସମନ୍ୱିତ ପ୍ରୟାସ ଲୋଡ଼ା



ବରେଣ୍ୟ ଦାସ

ଜଳବାୟୁ ପରିବର୍ତ୍ତନ ସମଗ୍ର ପୃଥିବୀରେ ଗଭୀର ପ୍ରଭାବ ପକାଇଛି। ଏହା ପରିବେଶ, ଅର୍ଥନୀତି, କୃଷି, ସ୍ୱାସ୍ଥ୍ୟ ଓ ଜୀବ ବୈଚିତ୍ର୍ୟ ଉପରେ ମାରାତ୍ମକ ପ୍ରତିକ୍ରିୟା ସୃଷ୍ଟିକରୁଛି। ବିଶ୍ୱର ହାରାହାରି ତାପମାତ୍ରା ୨୦୧୧ରୁ ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରାୟ ୧.୧ଡିଗ୍ରୀ ସେଲ୍‌ସିଅସ୍‌ ବୃଦ୍ଧିପାଇଛି, ଯାହା ମୁଖ୍ୟତଃ ମାନବ କାର୍ଯ୍ୟକଳାପ ଯେପରିକି ଜୀବାଶ୍ମ ଇନ୍ଧନ (କୋଇଲା, ତୈଳ ଓ ଗ୍ୟାସ୍‌) ଜାଳିବା ଓ ବନସଂହାର ଯୋଗୁ ଘଟିଛି। ଏହି ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ରସ୍ତର ୧୯୦୧ରୁ ୨୦୧୮ମସିହା ମଧ୍ୟରେ ପ୍ରାୟ୨୦ସେଣ୍ଟିମିଟର (୮ଇଞ୍ଚ) ବୃଦ୍ଧିପାଇଛି। ଗତ ୨ ଦଶନ୍ଧିରେ ଏହାର ହାର ପୂର୍ବଶତାବ୍ଦୀ ତୁଳନାରେ ଦ୍ୱିଗୁଣିତ ହୋଇଛି। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ପୁରୀ, ବାଲେଶ୍ୱର ଓ ଗଞ୍ଜାମରେ ଏହା ବନ୍ୟା ଓ ଜମି କ୍ଷୟର ବିପଦ ହୋଇଛି, ଯାହା ସ୍ଥାନୀୟ ଜନଜୀବନ ଓ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି।

ଜଳବାୟୁ ପରିବର୍ତ୍ତନ ଚରମ ପାଗଘଟଣାକୁ ତୀବ୍ର କରୁଛି। ୨୦୧୮ରେ ଉତ୍ତର ୟୁରୋପରେ ଘଟିଥିବା ଗ୍ରୀଷ୍ମଲହରି ଜଳବାୟୁ ପରିବର୍ତ୍ତନ ଯୋଗୁ ଦ୍ୱିଗୁଣ ବୃଦ୍ଧିପାଇଥିଲା। ଓଡ଼ିଶାରେ ଘୂର୍ଣ୍ଣିଝଡ଼ ଯେପରିକି ଫନୀ ଓ ଅମ୍ଫନର ତୀବ୍ରତା ମଧ୍ୟ ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ, ଯେଉଁଥିରେ ସମୁଦ୍ର ତାପମାତ୍ରା ବୃଦ୍ଧି ଏହି ଝଡ଼ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିଛି। ଏହି ସବୁ ଝଡ଼ ଓଡ଼ିଶାରେ ଅର୍ଥନୈତିକ ଓ ସାମାଜିକ ସ୍ଥିରତାକୁ ପ୍ରଭାବିତ କରିଥିଲା।

ମାନବ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ୨୦୩୦ରୁ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅପପୁଷ୍ଟି, ମ୍ୟାଲେରିଆ, ଝାଡ଼ାବାନ୍ତି ଓ ଗ୍ରୀଷ୍ମଲହରି ଯୋଗୁ ପ୍ରତି ବର୍ଷ ଅତିରିକ୍ତ୨,୫୦,୦୦୦ମୃତ୍ୟୁ ହୋଇପାରେ। ଓଡ଼ିଶାରେ ଗ୍ରୀଷ୍ମଲହରି ଯୋଗୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇଛି। ଜଳବାୟୁ ପରିବର୍ତ୍ତନ ସାମାଜିକ ଓ ଅର୍ଥନୈତିକ ଅସମାନତାକୁ ଆହୁରି ବୃଦ୍ଧିକରୁଛି। କାରଣ ଗରିବ ଓ ଅସୁରକ୍ଷିତ ଜନଗୋଷ୍ଠୀ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି।

ଜୈବବିବିଧତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ଗଭୀର। ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ତଥ୍ୟ(୨୦୨୦) ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଜୈବବିବିଧତା ହ୍ରାସର ମୁଖ୍ୟ କାରଣ। ୧୯୭୦ରୁ୨୦୧୬ମଧ୍ୟରେ ବିଶ୍ୱବ୍ୟାପୀ ମେରୁଦଣ୍ଡୀପ୍ରାଣୀଙ୍କ ସଂଖ୍ୟାରେ ୬୮% ହ୍ରାସ ଘଟିଛି। ଅନେକ ଅଞ୍ଚଳରେ୨୦୫୦ମସିହା ସୁଦ୍ଧା ବହୁ ପ୍ରଜାତି ଜଳବାୟୁ ପରିବର୍ତ୍ତନ ଯୋଗୁ ବିଲୁପ୍ତିର ବିପଦରେ ରହିଛନ୍ତି। ଓଡ଼ିଶାର ଚିଲିକା ହ୍ରଦ ଓ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଜୈବବିବିଧତା ସମୁଦ୍ରସ୍ତର ବୃଦ୍ଧି ଓ ତାପମାତ୍ରା ପରିବର୍ତ୍ତନ ଯୋଗୁ ବିପଦରେ ଅଛି।



ଏହି ସଙ୍କଟର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ଓ ସ୍ଥାନୀୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ୨୦୧୫ରେ ପ୍ୟାରିସ୍‌ ଚୁକ୍ତି ଜରିଆରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ଡିଗ୍ରୀ ସେଲ୍‌ସିଅସ୍‌ରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ଦେବା ଏକ ମୁଖ୍ୟ ସମାଧାନ। ୨୦୨୨ମସିହାରେ ବିଶ୍ୱବ୍ୟାପୀ ନବୀକରଣୀୟ ଶକ୍ତିରେ ୫୦୦ବିଲିୟନ ଡଲାର ନିବେଶ କରାଯାଇଥିଲା। ଓଡ଼ିଶାରେ ସୌରଶକ୍ତି ପ୍ରକଳ୍ପରେ ୨୦୨୪ ସୁଦ୍ଧା ୫୦୦ ମେଗାୱାଟ ଉତ୍ପାଦନ କ୍ଷମତା ଯୋଗକରାଯାଇଛି, ଯାହା ରାଜ୍ୟର କାର୍ବନଫୁଟ୍‌ ପ୍ରିଣ୍ଟ ହ୍ରାସକରିଛି।

ଅନୁକୂଳନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶାରେ ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲା ପାଇଁ ଉନ୍ନତ ପୂର୍ବ ଚେତାବନୀ ବ୍ୟବସ୍ଥା ଓ ସ୍ଥିତିସ୍ଥାପକ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଉପକୂଳ ଅଞ୍ଚଳରେ ସମୁଦ୍ରଜଳ ପ୍ରବେଶରୁ ଗ୍ରାମଗୁଡ଼ିକୁ ରକ୍ଷାକରିବା ପାଇଁ ବନ୍ଧ ନିର୍ମାଣ କରାଯାଉଛି, ଯାହା ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲାରେ ସହାୟକ। ଏହାସହ ପ୍ରକୃତି ଆଧାରିତ ସମାଧାନ, ଯେପରିକି ଜଳାଶୟ ଓ ସବୁଜ ଛାତ, ବନ୍ୟା ଏବଂ ଗ୍ରୀଷ୍ମଲହରି ମୁକାବିଲା କରିବାରେ ସହାୟକ ଭୂମିକା ପାଳନକରେ। କାର୍ବନଟ୍ୟାକ୍ସ ଓ ନିର୍ଗମନ ବାଣିଜ୍ୟ ପ୍ରଣାଳୀ ଭଳି ବଜାର ଆଧାରିତ ପଦ୍ଧତି ମଧ୍ୟ କାର୍ବନ ନିର୍ଗମନ ହ୍ରାସକରୁଛି। ୨୦୨୪ସୁଦ୍ଧା ୭୫ଟି କାର୍ବନ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ ବିଶ୍ୱବ୍ୟାପୀ କାର୍ଯ୍ୟକାରୀ ହୋଇସାରିଛି। ଆଇପିସିସି(୨୦୨୨)ର ତଥ୍ୟ ଅନୁଯାୟୀ, ୧୭୦ରୁ ଅଧିକ ଦେଶ ଓ ଅନେକ ସହର ନିଜର ଜଳବାୟୁନୀତି ଓ ଯୋଜନା ପ୍ରକ୍ରିୟାରେ ଅନୁକୂଳନ ଅନ୍ତର୍ଭୁକ୍ତକରିଛନ୍ତି। ଫସଲ ସୁଧାର, ଜଳ ପରିଚାଳନା ଓ ସଂରକ୍ଷଣ, ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ, ଜଳସେଚନ ଇତ୍ୟାଦି ପ୍ରଭାବୀ ଅନୁକୂଳନ ବିକଳ୍ପ ହିସାବରେ ପ୍ରମାଣିତ ହୋଇଛି।

ଜନସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ସ୍କୁଲ ଓ ଗୋଷ୍ଠୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜୀବନଶୈଳୀ ପରିବର୍ତ୍ତନ ଓ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସରେ ସହାୟକ ହେବ।

ବର୍ତ୍ତମାନର ଆବଶ୍ୟକତା ହେଉଛି ଏକ ବ୍ୟାପକ ଓ ସମନ୍ୱିତ ଉପାୟ ଯାହା ଅନୁକୂଳନ ଦିଗକୁ ଏକା ସାଙ୍ଗରେ ସମାଧାନ କରିପାରିବ। ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ସହ ଅନ୍ତର୍ଜାତୀୟ ସହଯୋଗ ଏବଂ ଆର୍ଥିକ ସହାୟତା ବୃଦ୍ଧି ହେଲେ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇପାରିବ। ନବୀକରଣୀୟ ଶକ୍ତିର ଦ୍ରୁତ ଅଗ୍ରଗତି ଓ ମୂଲ୍ୟହ୍ରାସ ସହ ଅନୁକୂଳନ ପ୍ରଯୁକ୍ତିର ବିକାଶ ଏକ ସୁସ୍ଥ ପୃଥିବୀ ପାଇଁ ଆଶା ଜଗାଇଛି। ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମସ୍ତ ଦେଶ, ସମୁଦାୟ ଓ ବ୍ୟକ୍ତିର ସମନ୍ୱିତ ପ୍ରୟାସ ଆବଶ୍ୟକ, ଯାହାକି ଆଗାମୀ ପିଢ଼ି ପାଇଁ ଏକ ବାସଯୋଗ୍ୟ ପୃଥିବୀ ନିଶ୍ଚିତ କରିପାରିବ।

**ଆଇଆଇଏମ୍‌, କଲିକତା**
**ମୋ: ୮୩୩୫୯୪୯୪୭୭**

## ଏଇ ଭାରତରେ

ଏବେ ସିଙ୍ଗଲ ୟୁଜଡ୍‌ ପ୍ଲାଷ୍ଟିକ ବ୍ୟବହାର ବଢ଼ିଚାଲିଛି। ଯିଏ ବାହାରକୁ ଯାଉଛନ୍ତି ଶୋଷ ହେଲେ ପ୍ଲାଷ୍ଟିକ ପାଣି ବୋତଲ କିଣି ପିଉଛନ୍ତି ଓ ପରେ ତାହାକୁ ଫିଙ୍ଗି ଦେଉଛନ୍ତି। ଏହା ଅନେକ ବର୍ଷ ଧରି ପଡ଼ିରହି ମାଟି, ପାଣି ଓ ପବନ ସର୍ବୋପରି ପରିବେଶକୁ କ୍ଷତି କରିଚାଲିଛି। ଏଣୁ ଏଭଳି ସମସ୍ୟା ଦୂର କରିବା ଲାଗି ଆଗକୁ ଆସିଛନ୍ତି କେରଳର ପ୍ରଦୀପ କୋକାଟ ଏବଂ ଅଲି ଅସ୍‌ଗର । ସେମାନେ ଅବିକଳ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ଏକ ପ୍ରକାର ବୋତଲ ତିଆରି କରୁଛନ୍ତି। ମକା ଓ ଆଖୁ ବର୍ଜ୍ୟରୁ ଏକ ପ୍ରକାର ପଲିଲାକଟାଇଡ (ଏକ ପ୍ରକାର ଜୈବିକ ପଦାର୍ଥ) ପ୍ରସ୍ତୁତ କରି ସେଥିରୁ ବାୟୋ ପ୍ଲାଷ୍ଟିକ ତିଆରି କରୁଛନ୍ତି। ସେମାନେ ୧୦୦ ମିଲିଲିଟରରୁ ୧ ଲିଟର ପାଣି ରହୁଥିବା ବୋତଲ ତିଆରି କରୁଛନ୍ତି। ପ୍ରଦୀପ ଓ ଅଲି ‘ବାୟୋ ଗ୍ରିନ୍‌’ ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି। ଏହି ବାୟୋ ପ୍ଲାଷ୍ଟିକ ବୋତଲଗୁଡ଼ିକ ୩ ମାସ ମଧ୍ୟରେ ମାଟିରେ ମିଶିଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଅଗଷ୍ଟ ୧୯୭୬

- ମହାରାଷ୍ଟ୍ରର ପୂର୍ବତନ ଉପମନ୍ତ୍ରୀ ଗୁଣ୍ଡୁ ଦେଶରଥା ପାଟିଲଙ୍କ ୫୫ ବର୍ଷ ବୟସରେ ପରଲୋକ।
- ପ୍ରେଗଠାରେ ଭାରତ ଓ ଚେକୋସ୍ଲୋଭାକିଆ ମଧ୍ୟରେ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ !
ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ ! –(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଳକାରଖାନାର ପୁନରୁଦ୍ଧାର ଜରୁରୀ

ମହାଶୟ,

ଓଡ଼ିଶାକୁ ଭାରତର ବୟନ ଶିଳ୍ପର ରାଜଧାନୀରେ ପରିଣତ କରିବା ଲକ୍ଷ୍ୟ ନେଇ ଓଡ଼ିଶାଟେକ୍ସ–୨୦୨୫ କନ୍‌କ୍ଲେଭ ଆୟୋଜନ କରାଯାଇ ଶିଳ୍ପୋଦ୍ୟୋଗୀଙ୍କ ପୁଞ୍ଜିନିବେଶର ଚୁକ୍ତିନାମା ଇତ୍ୟାଦି ସ୍ୱାଗତଯୋଗ୍ୟ । ଓଡ଼ିଶା ସରକାର ଯଦି ଶିଳ୍ପ ପ୍ରଗତିରେ ନିଷ୍ଠା ଓ ଆନ୍ତରିକତା ରଖନ୍ତି, ତେବେ ରାଜ୍ୟରେ ଆତ୍ମନିଯୁକ୍ତ ବୃଦ୍ଧି ପାଇବା ସହ ବେକାର ସମସ୍ୟା ଦୂର ହେବ। ରାଜନୈତିକ କ୍ଷେତ୍ରରେ ସରକାରଙ୍କ ଇଚ୍ଛାଶକ୍ତି ଓ ଦୂରଦର୍ଶିତା ଅଭାବରୁ ଯେଉଁସବୁ ଛୋଟବଡ଼ ଶିଳ୍ପ କଳକାରଖାନା ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି ସେସବୁକୁ ପୁନରୁଦ୍ଧାର କରିବାରେ ଚେଷ୍ଟା କରାଯିବା ଆବଶ୍ୟକ। ସୂଚନାଯୋଗ୍ୟ, ଓଡ଼ିଶାରେ କଳ କାରଖାନା ଚଳାଇବା ନିମିତ୍ତ ପ୍ରଚୁର ମୂଲ୍ୟବାନ ଖଣିଜସମ୍ପଦ ଗଚ୍ଛିତ ଅଛି, ଯାହାର ଠିକ୍‌ ବିନିଯୋଗ ହେବା ଦରକାର। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରଥମ ଓଡ଼ିଆ ଶିଳ୍ପପତି ଭାବରେ କଟକର ଚୌଦ୍ୱାରରେ କଳିଙ୍ଗ ଟ୍ୟୁବସ, ଓଟିଏମ୍‌–ଓଡ଼ିଶା ଟେକ୍ସଟାଇଲ ମିଲ ଏବଂ ଏକ କାଗଜକଳ ପ୍ରତିଷ୍ଠା କରିଥିଲେ। ଓଡ଼ିଶା ଏକଦା ଥିଲା ସିମେଣ୍ଟ, ସୂତାକଳ, ଚିନିକଳ, ଫେରୋକ୍ରୋମ, ଆଜବେଷ୍ଟସ, ଚମଡ଼ା ଆଦି ବିଭିନ୍ନ ଶିଳ୍ପ ସମୃଦ୍ଧର ରାଜ୍ୟ। ତେଣୁ ଶିଳ୍ପକୁ ସକ୍ରିୟ କରିବା ପାଇଁ ସରକାରଙ୍କ ଉଦ୍ୟମ ଲୋଡ଼ା।

**–ଅଶୋକ କୁମାର ଆଢ଼ୀ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ମଧ୍ୟାହ୍ନଭୋଜନରେ ଝିଟିପିଟି
# ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ବଲାଙ୍ଗୀର/ଟିଟିଲାଗଡ/ମୁରିବାହାଲ,୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର/ ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ବଡତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ଭୋଜନ ଖାଇ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣା ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ଉପଖଣ୍ଡସ୍ତରୀୟ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଛି। କେତେଜଣ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ପରେ ଛାଡି ଦିଆ ଯାଇଥିବା ବେଳେ ଆଉ କେତେକଙ୍କୁ ଅବ୍‌ଜରଭେଶନ୍‌ରେ ରଖାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ବଡତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ କରୁଥିଲେ। ଏହି ସମୟରେ ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଏକ ମଲା ଝିଟିପିଟି ବାହାରିଥିଲା। ଖାଦ୍ୟରେ ଝିଟିପିଟି ଦେଖିବା ପରେ ଛାତ୍ରୀ ଜଣକ ବାନ୍ତି କରିଥିଲେ। ଏହାପରେ ଭୋଜନ କରି ସାରିଥିବା ବହୁ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ଅନେକ ଛାତ୍ରୀଛାତ୍ରଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇବାରୁ ଅସୁସ୍ଥ ହୋଇ ପଡିଥିଲେ। ଘଟଣା ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କିଭଳି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡିଲା ଓ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ବୋଲି ପ୍ରଶ୍ନ କରିଥିଲେ। ସେଠାରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା। ତେବେ ସ୍କୁଲ ଶିକ୍ଷକ ଏବଂ ଅଭିଭାବକଙ୍କ ଠାରୁ ଫୋନ କଲ୍ ପାଇ ଆମ୍ବୁଲାନ୍ସ ଆସିବା ପରେ ଗୁରୁତର ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଟିଟିଲାଗଡ ହସ୍ପିଟାଲକୁ ପଠାଯାଇଥିଲା। ତେବେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିବାରୁ ବହୁ ସଂଖ୍ୟକ ଆମ୍ବୁଲାନ୍ସ ଆବଶ୍ୟକ ପଡିଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ଦେଖି କେତେଜଣ ଅଭିଭାବକ ନିଜ ପିଲାଙ୍କୁ ବାଇକ୍‌ରେ ହସ୍ପିଟାଲ ନେଇଥିବା ଦେଖିବାକୁ ମିଳିଥିଲା। ପରେ ଏକ ଡାକ୍ତରୀ ଟିମ୍ ଗାଁକୁ ଆସି ଛାତ୍ରୀଛାତ୍ରଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କିଭଳି ପରିସ୍ଥିତିରେ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ତା'ର ତଦନ୍ତ କରାଯିବ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚରାଯିବାରେ ଖାଦ୍ୟରେ ମଲା ଝିଟିପିଟିର ଏକ ଲାଞ୍ଜ ଦେଖିବା ପରେ ଜଣେ ଛାତ୍ରୀ ବାନ୍ତି କରିଥିଲେ। ଏହାପରେ ଅନ୍ୟ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି।


ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

# ଖବରଦାତାଙ୍କୁ ଆକ୍ରମଣ ଘଟଣା, ଥାନାରେ ମାମଲା

- ଏସ୍‌ପିଙ୍କୁ ଭେଟିଲା ସଂଘ, କାର୍ଯ୍ୟାନୁଷ୍ଠାନ ଦାବି
- ଜଏଣ୍ଟ ଇନ୍‌କ୍ୱାରି କରାଯିବ : ଏସ୍‌ପି
- ବିଭିନ୍ନ ମହଲରେ ନିନ୍ଦା, ରାଜରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସର ଧମକ

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଏବଂ ବାଣପୁର ବ୍ଲକ ଗମ୍ଭାରିମୁଣ୍ଡା ଖଜୁରିଆ ଗ୍ରାମରେ ପୂର୍ବ ଶତ୍ରୁତାରୁ ଗାଁ ଦାଣ୍ଡରେ ୩ ଯୁବକଙ୍କୁ ଆକ୍ରମଣ ଘଟଣାର ଖବର ପରିବେଷଣ କରିବାରୁ ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲୀପ ସ୍ୱାଇଁ ଆକ୍ରୋଶର ଶିକାର ହୋଇଛନ୍ତି। ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ଉଭୟ ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ସହଯୋଗୀ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଠି ହୋଇ ତାଙ୍କୁ ଗୋଇଠା ମାରିବା ସହ ତଳେ ପକାଇ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଦିଲୀପ ଏନେଇ ନାରୁଣୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ.୨୨୮/୨୫) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖୋଦ୍ ଆଇନ୍ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାକୁ ବିଭିନ୍ନ ସାମ୍ବାଦିକ ସଂଘ ଯଥା ଉତ୍କଳ ସାମ୍ବାଦିକ ସଂଘ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ରାଜ୍ୟ ଶାଖା, ଆଇନଜୀବୀ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ, ବିରୋଧୀ ବିଜେଡି ଏବଂ କଂଗ୍ରେସ ଏହି ଘଟଣାକୁ ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଓୟୁଡବ୍ଲୁଜେ ଏବଂ ଜିଲାରେ କାର୍ଯ୍ୟରତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପୃଥକ ଭାବେ ଦାବିପତ୍ର ଦେଇଛନ୍ତି।

ଦିଲୀପଙ୍କ ଅଭିଯୋଗ ଅନୁଯାୟୀ, ଗତ ମେ ମାସରେ ନାରୁଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେହି ସମୟରେ ଖଜୁରିଆ ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଟୁଟୁ ଉକ୍ତ ଖବର ପରିବେଷଣ ନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଗମ୍ଭାରିମୁଣ୍ଡା ବଜାରରେ ଥିବା ଦୋକାନ ବନ୍ଦ କରି ଦିଲୀପ ଘରକୁ ଫେରୁଥିବା ବେଳେ ହଠାତ୍ ସୌମ୍ୟ ପହଞ୍ଚି ବେଶି ସାମ୍ବାଦିକ ଦେଖାଇ ହେଉଛି, ଜୀବନରେ ମାରିଦେବି, କିଏ ତୋ ପିଠିରେ ପଡ଼ିବେନି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦିଲୀପ ଏହାର ପ୍ରତିବାଦ କରିବାବେଳେ ପୂର୍ବ ପ୍ରସ୍ତୁତିକ୍ରମେ ସୌମ୍ୟଙ୍କଠାରୁ ଖବରପାଇ ଖଜୁରିଆ ଗ୍ରାମର ଗାଣ୍ଟୁ ପାଇକରାୟ, ବାପି ପାଇକରାୟ, ପପୁନି ଦାଶ, ପଠାଣି ପ୍ରଧାନଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ଘେରିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁହଁ, ଛାତି, ପେଟ, ଶରୀରର ଅନ୍ୟ ସ୍ଥାନକୁ ବିଧା, ଗୋଇଠା, ମୁଥ ମାରିଲେ। ଏପରି କି ଜୀବନରେ ମାରିଦେବାକୁ ଉଦ୍ୟମ କରି ସୌମ୍ୟ ଦୁଇ ହାତରେ ଦିଲୀପଙ୍କ ତଣ୍ଟି ଚିପି ଦେଇଥିଲେ। ସୌମ୍ୟ ତାଙ୍କ ବେକରୁ ୩ଭରି ଓଜନର ସୁନାଚେନ ଛିଡ଼ି ନେଇଥିଲେ ବୋଲି ଦିଲୀପ ଅଭିଯୋଗରେ ଦର୍ଶାଇଛନ୍ତି। ଦିଲୀପଙ୍କ ଉପରେ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖି ଏସପି ସାଗରିକା ନାଥ କହିଛନ୍ତି, ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ପୂର୍ବରୁ ନାରୁଣୀ ଥାନା ପରିସରରେ ଗିରଫ ଅଭିଯୁକ୍ତମାନେ ଦିଲୀପଙ୍କୁ ଧମକ ଦେଇଥିବା ନେଇ ଆଣିଥିବା ଅଭିଯୋଗର ମଧ୍ୟ ଥାନାର ସିସିଟିଭି ଯାଞ୍ଚ କରାଯାଇ ପ୍ରାଇମ ଏଭିଡେନ୍ସ ଭାବେ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଏସପି ନାଥ କହିଛନ୍ତି।

## ରାସ୍ତାକଡ଼ରୁ ମିଳିଲା ନବଜାତ ଶିଶୁପୁତ୍ର ମୃତଦେହ

ଧର୍ମଶାଳା,୨।୮(ବଟକୃଷ୍ଣ ପରିଡ଼ା): ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ପୋଲ ନିକଟ ରାସ୍ତାକଡ଼ରୁ ଶନିବାର ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ମିଳିଛି। ପୋଲିସ ମୃତଦେହ ଜବତ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୨ ଘଣ୍ଟା ପାଇଁ ଅବଜରଭେଶନ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି। କେହି ପରିବାର ଲୋକ ମୃତ ଶିଶୁଟିକୁ ରାସ୍ତାକଡ଼ରେ ପକାଇଦେଇ ଯାଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ନଂ.୨୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ୨ ମହିଳାଙ୍କ ଜୀବନ ଗଲା

ଉଦଳା, ୨।୮ (ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା କପ୍ତିପଦା ଓ ଉଦଳା ଥାନା ଅଞ୍ଚଳରେ ବିଷାକ୍ତ ସାପ କାମୁଡ଼ାରେ ୨ ମହିଳାଙ୍କ ଜୀବନ ଯାଇଛି। ମୃତ ୨ ମହିଳା ହେଲେ କପ୍ତିପଦା ଥାନା ଅଧୀନ ଗୋଳାଗଡିଆ ଗ୍ରାମର ଜୟନ୍ତୀ ବେହେରା(୪୫) ଓ ଉଦଳା ଥାନା ମଉଦା ଗ୍ରାମର ସୁକାନ୍ତିବାସ୍କେ(୪୨)। ସୂଚନା ଅନୁଯାୟୀ, ଜୟନ୍ତୀ ଶୁକ୍ରବାର ରାତିରେ ଘର ଚଟାଣରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ଚିତି ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ସେ ତାଙ୍କ ସ୍ୱାମୀଙ୍କୁ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର ପାଇଁ ଉଦଳା ଡାକ୍ତରଖାନାରୁ ବାହାରିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ସେହିପରି ସୁକାନ୍ତି ଶନିବାର ସକାଳେ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ପୂଜା ସାରି ଘରକୁ ଫେରିବା ପରେ ରୋଷେଇ ପାଇଁ କାଠ ଆଣିବାକୁ ଯାଇଥିଲେ। କାଠ ଭିତରେ ରହିଥିବା ଏକ ନାଗସାପ ତାଙ୍କୁ ଚୋଟ ମାରିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦଳା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦୁଇ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବୋଲ୍‌ବମ୍ ଭ୍ୟାନ୍ ସହ ବାଇକ୍ ଧକ୍କା: ଜଳିଗଲେ ବାପପୁଅ


ଜଳିଯାଇଥିବା ବାଇକ୍।

କୋରାପୁଟ,୨।୮(ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ପଞ୍ଚାୟତ ଅଧୀନ ୩୨୬ ନଂ. ଜାତୀୟ ରାଜପଥସ୍ଥିତ ବାଳିକା ସେବାଶ୍ରମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବୋଲ୍‌ବମ ଭ୍ୟାନ୍ ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ବାପପୁଅ ଜଳିଯାଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ କୋରାପୁଟସ୍ଥିତ ଟିଙ୍କିରାସାହିର କୈଳାସ ଖରା(୪୫) ଓ ତାଙ୍କ ୫ ବର୍ଷର ପୁଅ। ଗୁରୁତର ହେଲେ ଅମନ ରେଡ୍ଡୀ(୨୦)।

ସୂଚନା ଅନୁଯାୟୀ, କୈଳାସ ପୁଅ ଓ ଅମନଙ୍କ ସହ ବାଇକ୍(ଓଡି-୧୦ଏବି୦୪୩୧) ଯୋଗେ କୋରାପୁଟରୁ ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ପଞ୍ଚାୟତସ୍ଥିତ ଏକ ମନ୍ଦିର ଅଭିମୁଖେ ଯାଉଥିଲେ। ଗୁପ୍ତେଶ୍ୱର ପୀଠକୁ ଯିବା ପାଇଁ ବୋଲ୍‌ବମ୍ ଶ୍ରଦ୍ଧାଳୁଙ୍କୁ ନେଇ ବିପରୀତ ଦିଗରୁ ଆସୁଥିବା ଭ୍ୟାନ୍(ଓଡି୧୦-ୱାଇ-୪୪୮୯) ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ବାଇକ୍‌ରେ ନିଆଁ ଲାଗିଯିବାରୁ ଘଟଣାସ୍ଥଳରେ କୈଳାସ ଓ ତାଙ୍କ ପୁଅ ଜଳିଯାଇଥିଲେ। ଅମନଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କୋରାପୁଟ ସଦର ପୋଲିସ ଭ୍ୟାନ୍‌କୁ ଜବତକରି ଡ୍ରାଇଭରଙ୍କୁ ଅଟକ ରଖିଛି। ଭ୍ୟାନ୍‌ରେ ଥିବା ସମସ୍ତ ବୋଲ୍‌ବମ୍ ଶ୍ରଦ୍ଧାଳୁ ସୁରକ୍ଷିତ ଥିବା ଜଣାପଡ଼ିଛି। ଏ ନେଇ ସଦର ଥାନାରେ କେସ୍ ନଂ. ୧୩୨/୨୫ରେ ମାମଲା ରୁଜୁହୋଇଛି। ସଦର ଥାନା ଏଏସ୍‌ଆଇ ସୁଧାଂଶୁ ନାୟକ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ୨ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

ଶେରଗଡ଼,୨।୮(ସୂର୍ଯ୍ୟ ନାରାୟଣ ଦାଶ)

ଆଉ କିଛି ସମୟ ପରେ ବସ୍ ଆସିଥିଲେ ଗାଁରେ ପରିବାର ଲୋକଙ୍କ ନିକଟରେ ପହଞ୍ଚିଥାନ୍ତେ। ସୁରଟରୁ ଆସି ଶେରଗଡ଼ ଚାରିଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଥଚ ସେଠାରେ ଛକି ବସିଥିଲା ମୃତ୍ୟୁ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳି ଯାଇଥିଲେ ସେ। ଏପରି ଅଭାବନୀୟ ଘଟଣା ଶନିବାର ଅପରାହ୍ନରେ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଶେରଗଡ଼ର ଚାରିଛକରେ। ଖବରରୁ ଜଣାପଡିଛି, ଶେରଗଡ଼ ବ୍ଲକ ଦଶମୁଣ୍ଡଲୀ ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ଅଶୋକ (୩୫) ସୁରଟରେ କାମ କରନ୍ତି। ସେ ଗାଁକୁ ଆସିବାକୁ ଶନିବାର ଟ୍ରେନରେ ବ୍ରହ୍ମପୁର ଓ ପରେ ସେଠାରୁ ବସ୍‌ରେ ଆସି ଶେରଗଡ଼ ଚାରିଛକରେ ଅପରାହ୍ନ ସାଢେ ୩ଟାରେ ଓହ୍ଲାଇଥିଲେ। ଗାଁ ଦଶମୁଣ୍ଡଲୀ ଯିବାକୁ ସେ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଆଉଜି ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଶର୍ଟ ସର୍କିଟ ହୋଇଯିବାରୁ ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ପ୍ରବାହିତ ହୋଇଥିଲା। ଏହା ସଂସ୍ପର୍ଶରେ ଆସି ଅଶୋକ ଜଳିଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ଶେରଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃନ୍ଦାବନ ଏନେଇ ଶେରଗଡ଼ ପୋଲିସକୁ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

**ADMISSION NOTIFICATION**

**L.R. LAW COLLEGE, SAMBALPUR**

Forms & Prospectus for admission into 3yr. LL.B, 5yr. BBA LL.B(H) & 2yr. MA in Industrial Relation & Personnel Management courses against vacant seats for Academic Session 2025-26 will be available as details below in college office. Visit www.suniv.ac.in for other details.

| Sl. No. | Name of Course | Vacant Seats<br>Vacancy for which Category | Period of sale & Submission |
|---|---|---|---|
| 1. | 3yr. LL.B | ST & PH | 04th to 11th August 2025 |
| 2. | 5yr. BBA LL.B | ST, SEBC, PH & Ex-Servicemen | 04th to 11th August 2025 |
| 3. | 2 Year MA IRPM | All Category | 04th to 18th August 2025 |

Sd./- (Prof. Bijayananda Behera)
Principal

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର, ୭ ଯବାନ ଗୁରୁତର

## ଏସ୍‌ଓଜି ଟ୍ରେନିଂ ପାଇଁ ଝାରସୁଗୁଡ଼ାରୁ ଭୁବନେଶ୍ୱର ଆସୁଥିଲେ ୧୪ ଯବାନ


ଟ୍ରକ୍ ପଛରେ ପିଟି ହୋଇଥିବା ଟ୍ରାଭେଲର।

ଛେଣ୍ଡିପଦା,୨।୮(ଅଜିତ ଧଳ)

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡ଼ା ଥାନା ମୁଣ୍ଡାସାହି ଛକଠାରେ ଶନିବାର ଭୋର୍ ସମୟରେ ଏକ ଟ୍ରକ୍ ପଛରେ ଟ୍ରାଭେଲର ପିଟି ହେବାରୁ ଓଏସ୍‌ଏପି ୨ୟ ବାଟାଲିୟନର ୭ ଜଣ ଯବାନ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋକେଶ ବାହାଦୁର ଖଦରୀ, ଦୟା ପରାଦୁଲି, ବିକ୍ରମ କାର୍ତ୍ତି ମୁଗର, ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଓ ଗଣେଶ ଶ୍ରେଷ୍ଠ। ଆଉ ୭ ଜଣ ଆହତ ହୋଇଛନ୍ତି। ସମସ୍ତ ୧୪ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସାମାନ୍ୟ ଆହତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଗୁରୁତରଙ୍କ ମଧ୍ୟରୁ ୪ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଅନୁଗୋଳରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗାଡ଼ିରେ ଥିବା ଟ୍ରାଭେଲର ମାଲିକ ବିଶ୍ୱଜିତ ରୟ ଗୁରୁତର ଓ ଚାଳକ ଆହତ ହୋଇଛନ୍ତି। ବିଶ୍ୱଜିତଙ୍କ ଗୋଟିଏ ହାତ ଛିଣ୍ଡିଯାଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଓଏସ୍‌ଏପି ୨ୟ ବାଟାଲିୟନର ୧୪ ଜଣ ଯବାନ ଏସ୍‌ଓଜି ଟ୍ରେନିଂ ପାଇଁ ଶୁକ୍ରବାର ରାତିରେ ଏକ ଟ୍ରାଭେଲର (ନଂ. ଓଡି୧୫ଏଏ-୯୩୬୪)ରେ ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଭୋର୍ ପ୍ରାୟ ୪ଟା ବେଳେ ଉକ୍ତ ଟ୍ରାଭେଲରଟି ଜରପଡ଼ା ଥାନା ମୁଣ୍ଡାସାହି ନିକଟ ରାଜପଥ ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଯାଇଥିଲା। ଫଳରେ ଟ୍ରାଭେଲରରେ ଥିବା ୧୪ ଜଣ ଯବାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଓ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ଜରପଡ଼ା ପୋଲିସ ଯବାନମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜରପଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ଚିକିତ୍ସା ତଦାରଖ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଅନୁଗୋଳ ଗସ୍ତରେ ଶନିବାର ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦୁର୍ଘଟଣା ସମ୍ପର୍କରେ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ଚିକିତ୍ସାଧୀନ ଯବାନମାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ତାହା ଯବାନମାନଙ୍କଠାରୁ ବୁଝିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଯବାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି।

**ODISHA POWER GENERATION CORPORATION LIMITED**
OPGC Power for Progress
**CIN: U40104OR1984SGC001429**
**Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India**
**Phone: +91-674-2303765-66, Fax: +91-674-2303755-56, Website: www.opgc.co.in**

**POWER YOUR CAREER WITH OPGC**

**Odisha Power Generation Corporation Ltd. (OPGC)**, a Government of Odisha Company, having its state of the art thermal power plant at Ib Thermal Power Station (ITPS), Banharpalli, Jharsuguda, with a total generation capacity of 1740 MW (2x210 MW in first phase and 2x660MW in second phase), is looking for dynamic and result oriented professionals for the following positions under **Market Based Salary (MBS) structure and performance-based service conditions** on the regular rolls of the Corporation.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Assistant Manager (Operations) | E1 | 06# |
| 2 | Assistant Manager (Mechanical Maint.) | E1 | 08** |
| 3 | Assistant Manager (Electrical) | E1 | 01 |
| 4 | Assistant Manager (WTP) | E1 | 02 |
| 5 | Assistant Manager (Civil) | E1 | 02 |
| 6 | Assistant Manager (Quality) | E1 | 02 |
| 7 | Assistant Manager (HR-CSR) | E1 | 01 |
| 8 | Assistant Manager (HR-R&R) | E1 | 01 |
| 9 | Assistant Manager (Finance) | E1 | 10 |
| 10 | Assistant Manager (IT) | E1 | 01 |
| 11 | Deputy Manager (Civil) | E3 | 01 |

#One (1) post of Special Technical Assistant for which candidates well conversant with Power Station monitoring and MIS preparation will be given preference.
**One (1) post is for Assistant Manager (Mechanical)-CHP

Extended reservation guidelines for SC/ST/SEBC/PwD etc. as notified by Govt. of Odisha will be applicable.

For detailed advertisement, please logon to our website: **www.opgc.co.in/careers**. The last date for online application is **17.08.2025** and to receive the hardcopy of application is **26.08.2025**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/01/2025 Dated: 03/08/2025

# ଗାଁ ଗାଁ ବୁଲି ବେପାରୀ କିଣୁଛନ୍ତି ମାଣ୍ଡିଆ

ଲୋଇସିଂହା,୨।୮(ସୁଶାନ୍ତ ବାରିକ)

■ରାଶନ କାର୍ଡରେ ମାଗଣାରେ ମିଳୁଛି ମାଣ୍ଡିଆ
■ଅଧିକାଂଶ ହିତାଧିକାରୀ ନ ଖାଇ ବିକି ଦେଉଛନ୍ତି
■ଖୋଲାବଜାରରେ କିଲୋ ୫୦ ଟଙ୍କା, ବେପାରୀ କିଣୁଛନ୍ତି ୨୦ ଟଙ୍କାରେ



ରାଜ୍ୟ ସରକାର ପଞ୍ଚାୟତଗୁଡିକରେ ପିଡିଏସ୍ ଚାଉଳ ସହ ହିତାଧିକାରୀଙ୍କୁ ରାଶନ କାର୍ଡ ପିଛା ମାଗଣାରେ ବର୍ଷକୁ ଦୁଇ ଥର ୫ କେଜି ଲେଖାଁଏ ମାଣ୍ଡିଆ ବାଣ୍ଟୁଛନ୍ତି। ହେଲେ ଗ୍ରାମାଞ୍ଚଳର ଅଧିକାଂଶ ହିତାଧିକାରୀ ଏହାକୁ ଖାଇବାର ଫାଇଦା ସମ୍ପର୍କରେ ସଚେତନ ଥିବା ପରି ମନେ ହେଉନାହିଁ। ସେମାନେ କିଛି ଟଙ୍କା ଲୋଭରେ ଏହାକୁ ବିକ୍ରି କରି ଦେବାକୁ ପଛାଉ ନାହାନ୍ତି । ଫଳରେ ମାଣ୍ଡିଆ କ୍ରୟ ପାଇଁ ବେପାରୀମାନେ ଏବେ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ଗାଁ ଗାଁରେ ବୁଲୁଥିବା ଦେଖିବାକୁ ମିଳିଛି । ଖୋଲାବଜାରରେ ମାଣ୍ଡିଆ କିଲୋ ପିଛା ୫୦ ଟଙ୍କା ଥିବା ବେଳେ ବେପାରୀମାନେ ହିତାଧିକାରୀଙ୍କଠାରୁ କିଲୋ ପିଛା ୨୦ ଟଙ୍କାରେ କିଣି ମାଲେମାଲ ହେଉଛନ୍ତି ।

ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ।ଏହା ସହଜରେ ହଜମ ହେବା ସହିତ ସ୍ୱାସ୍ଥ୍ୟ ପ୍ରତି ବିଭିନ୍ନ ପ୍ରକାରର ଲାଭ ପ୍ରଦାନ କରିଥାଏ। ଏଥିରେ ମାଗନେସିୟମ, ଫସଫରସ୍, ମାଙ୍ଗାନିଜ, ଲୌହ ପରି ଅତ୍ୟାବଶ୍ୟକ ପୁଷ୍ଟିକର ତତ୍ତ୍ୱ ଏବଂ ଭିଟାମିନ ବି ଭରପୁର ପରିମାଣରେ ଥାଏ। ଏହା ଶରୀରରେ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ। ଏଥିଯୋଗୁ ରାଜ୍ୟ ସରକାର ସରକାରୀ ଓ ବେସରକାରୀ ସ୍ତରରେ ମାଣ୍ଡିଆ ଓ ଏଥିରୁ ପ୍ରସ୍ତୁତ ଖାଦ୍ୟକୁ ଖାଇବାକୁ ପ୍ରୋତ୍ସାହିତ କରୁଛନ୍ତି । ଏହାଛଡା ଏପରି ଶସ୍ୟ ଚାଷ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବଲାଙ୍ଗୀର ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାର ବ୍ଲକ ସ୍ତରରେ ଉଦ୍ୟୋଗ ଆରମ୍ଭ କରାଯାଇଛି। ରାଜ୍ୟରେ ୨୬୨ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମିଶନ ଶକ୍ତି କାଫେରେ ଜଳଖିଆରୁ ଆରମ୍ଭ କରି ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ବିକ୍ରି କରାଯାଉଛି। ହେଲେ ଲୋଇସିଂହା ବ୍ଲକରେ ମିଶନ ଶକ୍ତି କଫେ ବନ୍ଦ ପଡିଛି। ଏହାଛଡା ଏହାର ଉପାଦେୟତା ସମ୍ପର୍କରେ ବ୍ଲକର ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମହିଳାଙ୍କୁ ସେଭଳି ସଚେତନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ମହିଳାମାନେ ଘରେ ଏହାକୁ ରାନ୍ଧିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳସ୍ୱରୂପ ନିକଟରେ ରାଶନ କାର୍ଡରେ ମିଳିଥିବା ମାଣ୍ଡିଆକୁ କିଛି ଟଙ୍କା ଲୋଭରେ ବେପାରୀଙ୍କ ହାତକୁ ଟେକି ଦେଉଥିବା ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟ ମହାନନ୍ଦଙ୍କୁ ପଚାରିବାରେ ଲୋକେ ମାଣ୍ଡିଆ ବିକ୍ରି କରି ଦେଉଥିବା ଶୁଣିବାକୁ ପାଉଛୁ। ମାଣ୍ଡିଆ ନେଉଥିବା ହିତାଧିକାରୀମାନେ ଆଗକୁ ଯେପରି ଏହାକୁ ବିକ୍ରି ନ କରିବେ ତାଗିଦ କରାଯିବ ବୋଲି କହିଥିଲେ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସକ ଡା. ଶେଖର ଲାଲ ପଧାନଙ୍କୁ ପଚାରିବାରେ ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏହାକୁ ସୁପରଫୁଡ କୁହାଯାଏ। ଅଙ୍ଗନବାଡି କେନ୍ଦ୍ରର ଶିଶୁ, ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆ ଲଡୁ ଦିଆଯାଉଛି। କେବଳ ରାଜ୍ୟ ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଉପରେ ଗୁରୁତ୍ୱ ଦିଆଯାଉଛି। ଏଣୁ ଗ୍ରାମାଞ୍ଚଳର ଲୋକେ ଟଙ୍କା ପାଇଁ ଏହାକୁ ବିକ୍ରି କିମ୍ବା କୌଣସି ସାମଗ୍ରୀ ଆଣିବା ପାଇଁ ବଦଳ ନ କରିବାକୁ ଡା. ପଧାନ ପରାମର୍ଶ ଦେଇଛନ୍ତି। ଲୋକେ ଏହାକୁ ନ ବିକି କିପରି ଖାଇବେ ସେ ଉପରେ ପ୍ରଶାସନ ପକ୍ଷରୁ ସଚେତନ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଅପରପକ୍ଷରେ ରାଶନ କାର୍ଡ ଜରିଆରେ ଯଦି ମଣ୍ଡିଆ ଲଡୁ ବା ଗୁଣ୍ଡ ଦିଆଯାଆନ୍ତା ତାହେଲେ ଏହାକୁ ହିତାଧିକାରୀମାନେ ବିକ୍ରି ନ କରି ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଧଣ୍ଡାମୁଣ୍ଡା କୃଷି ସମବାୟ ସମିତିରେ ମିଳୁନି ଆବଶ୍ୟକ ପରିମାଣ ୟୁରିଆ ସାର



ସମବାୟ ସମିତି ଆଗରେ ଚାଷୀ ।

ଖପ୍ରାଖୋଲ,୨।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସମବାୟ ସମିତିରେ ଚାଷୀଙ୍କୁ ଆବଶ୍ୟକ ପରିମାଣର ୟୁରିଆ ସାର ମିଳୁ ନ ଥିବା ଅଭିଯୋଗ ହେଉଛି। ଧାନ ତଳି ରୁଆ, ବେଉଷଣ ସମୟରେ ୟୁରିଆ ସାରର ଆବଶ୍ୟକତା ରହିଛି। ତେବେ ଚାହିଦା ମୁତାବକ ମିଳୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ସମବାୟ ସମିତି ସଂପାଦକ ରାଜେନ୍ଦ୍ର ଭୋଇ ଙ୍କୁ ପଚାରିବାରେ ପୂର୍ବରୁ ସମବାୟ ସମିତି ଅଞ୍ଚଳର ଚାଷୀଙ୍କୁ ୩୦୦ ପ୍ୟାକେଟ ୟୁରିଆ ସାର ବଣ୍ଟା ସରିଛି। ଦ୍ୱିତୀୟ ପର୍ଯ୍ୟାୟରେ ମାତ୍ର ୧୫୦ ପ୍ୟାକେଟ ସାର ଆସିଛି। ସାର କମ ଆସିଥିବାରୁ ଚାଷୀମାନଙ୍କୁ ବାଣ୍ଟିବାରେ ଅସୁବିଧା ହେଉଛି। ସାର ଅଳ୍ପ ଦିନ ମଧ୍ୟରେ ଆସିବ ଏବଂ ସମସ୍ୟା ସୁଧୁରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସମବାୟ ସମିତିରେ ଅନେକ ସମୟରେ ସାରର ଅଭାବ ଦେଖାଦେଉଛି। ଚାଷୀ ମାନଙ୍କୁ ଠିକ ସମୟରେ ସାର ମିଳୁନି । ଫଳରେ ସମବାୟ ସମିତିକୁ ସାର ପାଇଁ ବାରମ୍ବାର ଦୌଡ଼ି ଚାଷୀ ହଇରାଣ ହେଉଛନ୍ତି। ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦେବାକୁ ଦାବି ହେଉଛି।

# ଦାଦନ ଶ୍ରମିକଙ୍କ ମୃତଦେହ ରଖି ରାସ୍ତା ଅବରୋଧ



ରାସ୍ତା ଅବରୋଧ ସମୟରେ ତହସିଲଦାର ଓ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବୁଝାଶୁଝା କରୁଛନ୍ତି ।

ବେଲପଡା,୨।୮(ମନୋଜ କୁମାର ମିଶ୍ର)

■୪ ମାସ ହେବ ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିଲେ
■ତହସିଲଦାରଙ୍କ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଲା

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଡେବ୍ରିବାଲ ଗାଁର ଦାଦନ ଶ୍ରମିକ ସଞ୍ଜୀବ କୁମ୍ଭାର (୨୦)ଙ୍କ ରାଜ୍ୟ ବାହାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ଭୋର ସମୟରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସେ ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଏଭଳି ପରିସ୍ଥିତିରେ ପୂର୍ବାହ୍ନ ପ୍ରାୟ ୧୧ଟାରେ କ୍ଷତିପୂରଣ ଦାବିରେ ପରିବାରବର୍ଗ ଓ ସ୍ଥାନୀୟ ଏଲଡିଏ ସଂଗଠନର ସଦସ୍ୟମାନେ ବେଲପଡା କଲେଜ ଛକ ସମ୍ମୁଖରେ ମୃତଦେହ ରଖି ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ସଞ୍ଜୀବ ପରିବାର ପ୍ରତିପୋଷଣ ପାଇଁ ଗତ ୪ ମାସ ହେବ ସାଙ୍ଗମାନଙ୍କ ସହ ଆନ୍ଧ୍ରପ୍ରଦେଶର ରାଜମଣ୍ଡି ଗୋପାଳପୁରମ ନିକଟ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରିବାକୁ ଯାଇଥିଲେ। ବୁଧବାର ଦିନ ସେଠାରେ ତାଙ୍କ ସାଙ୍ଗ ମାନଙ୍କ ସହ ଅଟୋରେ ଯାଉଥିବା ବେଳେ ଏକ ଟ୍ରକ ଅଟୋକୁ ଧକ୍କା ଦେଇଥିଲା। ଫଳରେ ସଞ୍ଜୀବଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ସରୋଜ ଗୁରତର ଅବସ୍ଥାରେ ସେଠାରେ ଚିକିତ୍ସିତ ହେଉଛନ୍ତି। ହେଲେ ସଞ୍ଜୀବଙ୍କ ମୃତଦେହ ରଖି ରାସ୍ତା ଅବରୋଧ ଖବର ପାଇ ବେଲପଡା ଥାନାଧିକାରୀ ଅନନ୍ତ ପଧାନ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ତହସିଲଦାର ଅଭିଷେକ କିଷାନ ପହଞ୍ଚି ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ଓ ପରିବାର ଲୋକଙ୍କୁ ୪ ଡିସିମିଲ ଜାଗା ଯୋଗାଇ ଦେବାକୁ କହିଥିଲେ। ଏହାଛଡା ମୃତକଙ୍କ ପରିବାରକୁ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବିଡ଼ିଓଙ୍କ ସହ କଥା ହେବେ ବୋଲି ସେ କହିଥିଲେ। ଏହାପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ଓହରି ଯାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କ ମାତୃ ବିୟୋଗ

ଲୋଇସିଂହା,୨।୮(ସୁଶାନ୍ତ ବାରିକ)

ଶନିବାର ସନ୍ଧ୍ୟାରେ ଓଏସଡି ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱତନ୍ତ୍ର ସଚିବ ପ୍ରସନ୍ନ ଷଡଙ୍ଗୀଙ୍କ ମା' ଗୋପେଶ୍ୱରୀ ଷଡଙ୍ଗୀଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ସମ୍ପର୍କୀୟ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଖବର ପାଇ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶବାଧାରରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ, ସ୍ୱର୍ଗତା ଷଡଙ୍ଗୀ ହେଉଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ମାଣ୍ଡିଆପଦର ଗ୍ରାମର। ମାଣ୍ଡିଆପଦର ଗ୍ରାମସ୍ଥିତ ଘରେ ବାର୍ଦ୍ଧକ୍ୟ ଯୋଗୁ ସେ ଶଯ୍ୟାଶାୟୀ ଥିଲେ। କିଛି ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଯାଇଛି। ଗୋପେଶରୀ ଜଣେ ପରୋପକାରୀ ଓ ଧର୍ମ ପରାୟଣ ମହିଳାଥିଲେ। ତାଙ୍କ ମୃତ୍ୟୁକୁନେଇ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି।



ଗୋପେଶ୍ୱରୀ ଷଡ଼ଙ୍ଗୀ ।

# ଆଦର୍ଶ ବିଦ୍ୟାଳୟରେ ସମ୍ବଲପୁରୀ ଦିନ୍ ପାଳିତ

ଲୋଇସିଂହା,୨।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଜ୍ୟୋର୍ତିମୟୀ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଭାତ କୁମାର ନନ୍ଦ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧକ୍ଷା ପଧାନ ଛାତ୍ରୀଛାତ୍ରମାନଙ୍କୁ ସମ୍ବଲପୁରୀ ଭାଷାର ସାହିତ୍ୟ ଓ ତାର ଇତିହାସକୁ ବିସ୍ତୃତ ଭାବରେ ବୁଝାଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଓଡ଼ିଆ ଶିକ୍ଷକ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ।



ଲାଠୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

## ଇକୋ କ୍ଲବ୍ ପକ୍ଷରୁ ଚାରା ବଣ୍ଟନ

ଲାଠୋର,୨।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ତଥା ଇକୋ କ୍ଲବର ମୁଖ୍ୟ ଆକାଶ କୁମାର ସାହୁଙ୍କ ନେତୃତ୍ୱରେ ଶନିବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖପ୍ରାଖୋଲ ଅତିରିକ୍ତ ଶିକ୍ଷା ଅଧିକାରୀ ଆର. ଷଡ଼ଙ୍ଗୀ ଏବଂ କେନ୍ଦ୍ର ସଂଯୋଜକ ଚକ୍ରଧର ଭୋଇଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ଅତିଥିମାନେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଚାରା ରୋପଣ ଏବଂ ତାର ଯତ୍ନକୁ ଗମ୍ଭୀରତା ସହ ନେବାକୁ ଉତ୍ସାହିତ କରିଥିଲେ । ପରେ ଇକୋ କ୍ଲବ ତରଫରୁ ୩ ଶହ ଗୋଟି ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଥିଲା । ଶେଷରେ ପରିବେଶର ଯତ୍ନ ନେବା ଏବଂ ଭବିଷ୍ୟତରେ ବୃକ୍ଷରୋପଣ ଅଭିଯାନ ଜାରି ରଖିବା ପାଇଁ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ଶପଥ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ପୂର୍ବ ଛାତ୍ର ସଂଘ ସଭାପତି ମଧ ଉପସ୍ଥିତ ଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ସ୍ୱରୂପା ହୋତା, ସୁନୀତା ନନ୍ଦ, ଜ୍ୟୋତି କାଲୋ, ସୁନୀତା ବାର୍ଲା, ହିତେଶ୍ୱରୀ ବିଶାଳ, ଶିକ୍ଷକ ଦେବାଶିଷ ସାହୁ, ଫକୀର ରଣା, କୃଷ୍ଣଚନ୍ଦ୍ର ଭୁଏ, ଜିତେନ୍ଦ୍ର ସର୍ଭଙ୍ଗ, ନୀଳାମ୍ବର କୁମ୍ଭାର, ଜଗବନ୍ଧୁ ନାଗଙ୍କ ସହ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ପରିବାରକୁ ଭେଟିଲେ ବିଧାୟକ, କୃଷି ଅଧିକାରୀ

ବଲାଙ୍ଗୀର,୨।୮(ବୀରେନ୍ଦ୍ର କୁମାର ଝାଙ୍କର)

## ମୁରିବାହାଲରେ ଚାଷୀ ଆତ୍ମହତ୍ୟା ଘଟଣା

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମ ପଞ୍ଚାୟତର ଦନ୍ଦରା ଗାଁର ଚାଷୀ ରାଜକୁମାର ପାତ୍ର (୪୫) କୀଟନାଶକ ପିଇ ଶୁକ୍ରବାର ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ଦନ୍ଦରା ଗାଁରେ ଶନିବାର କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ଟିଟିଲାଗଡ ଉପଖଣ୍ଡ କୃଷି ଅଧିକାରୀ ଟିମ୍ ପହଞ୍ଚିଥିଲେ।

ମିଳିଥିବା ସୂଚନା ମୁତାବକ, ବର୍ଷାଭାବ ଓ ଋଣବୋଝରେ ପଡିଥିବା ଚାଷୀ ରାଜକୁମାର ଶୁକ୍ରବାର କୀଟନାଶକ ପିଇ ଦେଇଥିଲେ। ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ନିଆଯିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପ୍ରଚାରିତ ହେବା ପରେ ଶନିବାର ଟିଟିଲାଗଡ଼ ଅତିରିକ୍ତ ଜିଲା କୃଷି ଅଧିକାରଙ୍କ ସହ ଅନ୍ୟ ଅଧିକାରୀମାନେ ଦନ୍ଦରା ଗାଁକୁ ଯାଇ ତଥ୍ୟ ସଂଗ୍ରହ କରିଥିଲେ। ରାଜକୁମାର ଚାଷ ଜମିରେ ପହ୍ଲା ପକାଇଥିବା ଏବଂ ଛତୁ ଚାଷ କରିଥିବା ଦେଖାଯାଇଥିଲା। ତେବେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷକାମ ବାଧାପ୍ରାପ୍ତ ହୋଇଛି। କୃଷି ଅଧିକାରୀ ଟିମ୍ ମୃତ ଚାଷୀଙ୍କ ଚାଷଜମି ପରିଦର୍ଶନ କରିଥିବା ବେଳେ ବଙ୍ଗୋମୁଣ୍ଡାର ବିଜେଡି ନେତା ଅଜିତ ଯୋଶୀ ସେଠାରେ ପହଞ୍ଚି କୃଷି ଅଧିକାରୀ ଟିମ୍ ସହ ଆଲୋଚନା କରିଥିଲେ। କ୍ଷୟକ୍ଷତି ଆକଳନ କରିବା ସହ ମୃତ ଚାଷୀ ପରିବାରକୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ।

କୃଷି ଅଧିକାରୀ ପ୍ରଥମେ ମୃତଚାଷୀଙ୍କ ପରିବାରବର୍ଗଙ୍କୁ ନ ଭେଟି ଚାଷଜମିକୁ ଆସି ତଦାରଖ କରୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସରକାର ଓ ପ୍ରଶାସନ ପୀଡିତ ପରିବାରବର୍ଗଙ୍କୁ ୨ କୋଟି ଟଙ୍କାର ସହାୟତା ପ୍ରଦାନ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଥିଲେ। ପରେ ବିଧାୟକ ଲକ୍ଷ୍ମଣ ବାଗ ଦନ୍ଦରାରେ ପହଞ୍ଚି ମୃତଚାଷୀଙ୍କ ସ୍ତ୍ରୀ ଓ ଝିଅଙ୍କୁ ଭେଟି ସମବେଦନା ଜଣାଇଥିଲେ। ପୀଡିତ ପରିବାର କିଭଳି ସହାୟତା ପାଇବେ ସେନେଇ ଉଦ୍ୟମ କରିବେ ବୋଲି କହିଥିଲେ। ଦନ୍ଦରା ଗାଁର ଚାଷୀ ଆତ୍ମହତ୍ୟା ଘଟଣାକୁ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଦୁର୍ଭାଗ୍ୟଜନକ କହିବା ସହ ତୁରନ୍ତ ରାଜ୍ୟ ସରକାର ପୀଡିତ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବାରୁ ଚାଷୀଙ୍କୁ ମାଗଣା ବିହନ, ସାର ଓ ଇନପୁଟ୍ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ପୂର୍ବତନ ବିଧାୟକ ସାଲୁଜାଙ୍କ ପୁଅ ଅମିତ ସିଂ ସାଲୁଜା ଦନ୍ଦରା ଯାଇ ପୀଡିତ ପରିବାରକୁ ଭେଟିଥିବା ଜଣାପଡିଛି। ମୃତ ଚାଷୀ ରାଜକୁମାରଙ୍କ ନିଜ ଘର ନ ଥିଲା। ସେ ଗାଁର ଏକ କ୍ଲବ୍ ଘରେ (କମ୍ୟୁନିଟି ସେଣ୍ଟର)ରହୁଥିଲେ ବୋଲି ଗାଁ ଲୋକେ କହିଛନ୍ତି।



ଦନ୍ଦରା ଗାଁର ତଦାରଖ କରିବାକୁ ପହଞ୍ଚିଥିବା କୃଷି ବିଭାଗ ଟିମ୍ ।

# ରଦ୍ଦ ପଟ୍ଟାକୁ କାର୍ଯ୍ୟକ୍ଷମ କରିବା ଦାବିରେ ଉପଜିଲାପାଳଙ୍କୁ ଦାବିପତ୍ର






ପଟ୍ଟାଧାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି(ବାମ), ସେମାନେ ପାଇଥିବା ପଟ୍ଟା ଦେଖାଉଛନ୍ତି ।

ପାଟଣାଗଡ,୨।୮(ସଚ୍ଚିଦାନନ୍ଦ ମହାକୁର)

## ଭୂମିହୀନଙ୍କୁ ମିଳିଥିଲା ପଟ୍ଟା

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସିରେ ବସବାସ କରୁଥିବା ଭୂମିହୀନ ପରିବାରଙ୍କୁ ବିଜେଡି ସରକାର ସମୟରେ ମିଳିଥିବା ଘରଡିହ ପଟ୍ଟା ଏହାମଧ୍ୟରେ ରଦ୍ଦ କରାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦାବିରେ ଶନିବାର ଭୂମିହୀନ ପରିବାର ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବ୍ରହ୍ମପୁରା ରଥଭଟାଠାରେ ସମସ୍ତ ପଟ୍ଟାଧାରୀମାନେ ପୂର୍ବାହ୍ନ ୧୦ ଟାରେ ଏକତ୍ରିତ ହୋଇଥିଲେ। ପରେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ସେମାନେ ଏକ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟରାସ୍ତା ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ମେହେର କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ରାଜ୍ୟର ଗରିବ ଲୋକଙ୍କୁ ପ୍ରତାରିତ କରି କେବଳ ବଡ଼ ବଡ଼ କମ୍ପାନୀଙ୍କ ସେବା କରୁଛି ବୋଲି କହି ସମାଲୋଚନା କରିଥିଲେ। ପାଟଣାଗଡ ଏନଏସିରେ ଭୂମିହୀନ ପରିବାରଙ୍କୁ ତତ୍କାଳୀନ ବିଜେଡି ସରକାର ୨୦୨୨ ମସିହାରୁ ଦଖଲ ଦେଇ ୨୦୨୪ରେ ଏନଏସିର ୬୨ରୁ ଊର୍ଦ୍ଧ୍ୱ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିଥିଲା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଉକ୍ତ ଭୂମିହୀନ ପରିବାରଙ୍କୁ ମିଳିଥିବା ପଟ୍ଟାକୁ ରଦ୍ଦ କରି ଏନଏସିର ବେହେରାବନ୍ଧ ପାଟଣାଗଡ଼ ଥାନା ଖାତା ନଂ ୧୨୦କୁ ଫେରାଇ ନେଇଛନ୍ତି । ଘରଡିହ ପଟ୍ଟାଧାରୀମାନେ ମଧ୍ୟ ପୂର୍ବରୁ ସେମାନଙ୍କୁ ମିଳିଥିବା ପଟ୍ଟାକୁ ରଦ୍ଦ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ଯେଉଁସ୍ଥାନରେ ଘର କରିବାକୁ ପଟ୍ଟା ମିଳିଥିଲା, ସେହି ଆଖପାଖ ଅଞ୍ଚଳରେ ଏକ ହେଲପ୍ୟାଡ୍ ନିର୍ମାଣ କରାଯିବାର ଯୋଜନା ଥିବା କୁହାଯାଉଛି। ତେବେ ଏନେଇ ଜନଶୁଣାଣି ହୋଇ ନ ଥିବା ମେହେର ତାଙ୍କ ବକ୍ତବ୍ୟରେ କହି ଏହାର ବିରୋଧ କରିଥିଲେ। ପରେ ଉପଜିଲାପାଳ ଅନୁପସ୍ଥିତ ଥିବା ଯୋଗୁ ସହକାରୀ ଜିଲାପାଳ ମାନ ସଫିଲ କେରକେଟା ସଭାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ୭ ଦିନ ଭିତରେ ଦାବି ପୂରଣ ନ ହେଲେ ଭୂମିହୀନ ପରିବାରଙ୍କ ସହ ବିଜେଡି ରାଜରାସ୍ତାକୁ ଓହ୍ଲାଇବେ ବୋଲି ପୂର୍ବତନ ବିଧାୟକ ମେହେର ଚେତାବନୀ ଦେଇଛନ୍ତି। ଏଥିରେ ଆଇନଜୀବୀ ଇନ୍ଦୁ ଭୂଷଣ ଠାକୁର, ଜିଲା ପରିଷଦ ସଦସ୍ୟା କସ୍ତୁରୀ ସେଠ,ଏନଏସି ଅଧ୍ୟାକ୍ଷା ମାନସୀ ବିଶାଳ, ବ୍ଲକ ଉପାଧକ୍ଷା ଲକ୍ଷ୍ମୀ ମାଝୀ, ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର, ସୁଜିତ ମେହେର,ପ୍ରଦିପ ପୁରୋହିତ, ମନବୋଧ ବରିହା , ପ୍ରକାଶ ସିଂ ,ସୁକୁମାର ବାରିକଙ୍କ ସହ ଶତାଧିକ ଭୂମିହୀନ ହିତାଧିକାରୀ ସାମିଲ ଥିଲେ।

**ଜ୍ଞାନ ବିଜ୍ଞାନ ମେଳା** ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଗଙ୍ଗାଧର ନାଏକଙ୍କ ସଂଯୋଜନରେ ଅନୁଷ୍ଠିତ ମେଳାକୁ ମୁଖ୍ୟ ଅତିଥିଭାବେ ସିଂଘିଯୁବା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜକୁମାର ମହାକୁର, ସମ୍ମାନିତ ଅତିଥି ବାବୁପାଲି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ବ୍ରଜମୋହନ ବଡପଣ୍ଡା ଉଦଘାଟନ କରିଥିଲେ। ପରେ ମୁଖ୍ୟ ଅତିଥି ମହାକୁର ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରବା ସହ ସେମାନେ ଆଣିଥିବା ପ୍ରକଳ୍ପ ବିଷୟରେ ପଚାରି ବୁଝିଥିଲେ। ମେଳରେ ଶିଶୁମନ୍ଦିର ସମ୍ପାଦକ ଉଦ୍ଧବ ପ୍ରଧାନ, ସଭାପତି ଲୋକନାଥ ପାତ୍ର ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଧ୍ୟବସାୟ ସଦାନନ୍ଦଙ୍କୁ ପ୍ରତିଷ୍ଠିତ କରିଥିଲା

**ତରଭା,୨।୮(ମାନଭଞ୍ଜନ ମିଶ୍ର)**

ଓଡିଶାର ସାହିତ୍ୟ, ସଂସ୍କୃତି ଓ ଐତିହାସିକ ଗବେଷଣାରେ ଡ.ସଦାନନ୍ଦ ଅଗ୍ରୱାଲଙ୍କ ଯଥେଷ୍ଟ ଅବଦାନ ରହିଛି। ତାଙ୍କର ଗବେଷଣା ଲବ୍ଧଜ୍ଞାନ ତାଙ୍କୁ ଅମର କରି ରଖିଛି। ତାଙ୍କ ଅଧ୍ୟବସାୟ ତାଙ୍କୁ ପ୍ରତିଷ୍ଠିତ କରିଥିଲା। ଜଣେ ମହିମା ଧର୍ମର ସେ ପରମ ଉପାସକ ଥିଲେ। ତାଙ୍କ ଐତିହାସିକ ଗବେଷଣା ବିଶ୍ୱବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକ ଆକାରରେ ପ୍ରଚଳନ ହେବା ଏକ ବିରଳ ଘଟଣା। ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟ ଗୋବିନ୍ଦ ବିହାରଠାରେ ଆୟୋଜିତ ସଦାନନ୍ଦ ଅଗ୍ରୱାଲଙ୍କ ୮ମ ଶ୍ରାଦ୍ଧ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ସୁବର୍ଣ୍ଣପୁର ଜିଲାପାଳ ଡ.ନୃପରାଜ ସାହୁ।

ଡ.ସଦାନନ୍ଦ ଅଗ୍ରୱାଲ ସ୍ମୃତିକମିଟି ଓ ଏମବିଆର ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମବିଆର ଡିଗ୍ରୀ କଲେଜର ପରିଚାଳନା କମିଟି ସଭାପତି ବାଳଗୋପାଳ ପଣ୍ଡା ସଭାପତିତ୍ୱ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ବାଦ୍ଧଶିଳ୍ପୀ ପଦ୍ମଶ୍ରୀ ଡ.ଚତୁର୍ଭୁଜ ମେହେର, ସମ୍ମାନୀତ ଅତିଥି ଏସ୍‌ପି ନାରାୟଣ ନାୟକ, ଭୀମସାର ବୁର୍ଲାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ପ୍ରଫେସର ଡ.ବେଣୁଧର ପାଣ୍ଡେ, ରୋଟାରିଆନ ବିଷ୍ଣୁପ୍ରସାଦ କେଡିଆ ଓ ମୁଖ୍ୟବକ୍ତା ଭାବେ କୁଟୁମଡୋଲା କଲେଜ ପ୍ରଧ୍ୟାପକ ଡ.ସୁରେଶଚନ୍ଦ୍ର ଷଡଙ୍ଗୀ ଯୋଗଦେଇଥିଲେ। ସିଦ୍ଧାର୍ଥ ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏସପି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଅଗ୍ରୱାଲଙ୍କ ସହିତ ରହିଥିବା ପୁରୁଣା ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଡ.ଷଢଙ୍ଗୀ ତାଙ୍କ ବକ୍ତବ୍ୟରେ ସଦାନନ୍ଦ ଅଗ୍ରୱାଲ ଲକ୍ଷ୍ୟନିଷ୍ଠ ଗବେଷଣା ତଥା ତାଙ୍କର ସମସ୍ତଙ୍କ ପ୍ରତିଥିବା ଭଲପାଇବାର ଗୁଣ ବିଷୟରେ କହିଥିଲେ। ଏହି ଅବସରରେ ଭିମସାରର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ପ୍ରଫେସର ଡ.ବେଣୁଧର ପାଣ୍ଡେଙ୍କୁ ଡ.ସଦାନନ୍ଦ ଅଗ୍ରୱାଲ ସ୍ମୃତିସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଲିଆପାଲି ଭୀମଭୋଇ ସମାଧିପୀଠର ମଠାଧୀଶ ସନ୍ୟାସୀ ବାବା, ମେଣ୍ଡାର ବରିଷ୍ଠ ନାଗରିକ ଶମ୍ଭୁଭୂଷଣ ପର୍ଦ୍ଧିଆ, ସନ୍ତୋଷ ଦାସ, ନାରାୟଣ ଝାଙ୍କର, ପଥରଚେପା ଆଦର୍ଶବିଦ୍ୟାଳୟ ଅଧକ୍ଷ



ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ପ୍ରଫେସର ଡ.ବେଣୁଧର ପାଣ୍ଡେଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଐତିହାସିକ ଡ.ସଦାନନ୍ଦ ଅଗ୍ରୱାଲଙ୍କ ୮ମ ଶ୍ରାଦ୍ଧଦିବସ**

କ୍ଷମାନିଧି ଝାଙ୍କର ପ୍ରମୁଖ ସ୍ୱର୍ଗତ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିଥିଲେ। ଧିରେନ୍ଦ୍ର ଝାଙ୍କର ମାନପତ୍ର ପଠନ କରିଥିବା ବେଳେ ଅଧ୍ୟାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଗଣ କଲେଜ କ୍ୟାମ୍ପସରେ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ଅଗ୍ରୱାଲଙ୍କ ଧର୍ମପତ୍ନୀ ତାରା ଅଗ୍ରୱାଲ,ଏମବିଆର ଡିଗ୍ରୀ କଲେଜ ଅଧ୍ୟକ୍ଷ ସଚିଦାନନ୍ଦ ରଥ, ବରିଷ୍ଠ ନାଗରିକ ନାରଦ ପୂଜାରୀ, ମୋହନ ଝାଙ୍କର, ଟଙ୍କଧର ମେହେର, ଚୈତନ୍ୟ ବାରିକ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶ୍ରାଦ୍ଧଦିବସ ଉପଲକ୍ଷେ ଏମବିଆର ଡିଗ୍ରୀ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଡ.ବେଣୁଧର ପାଣ୍ଡେ ୫୯ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ୪୦ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାଙ୍କ ସହିତ ଏସ୍‌ପି ଓ ଉପଖଣ୍ଡ ପୋଲିସ ଅଧିକାରୀ।

**ବୀରମହାରାଜପୁର,୨।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ଶନିବାର ମଧ୍ୟାହ୍ନ ୧୨ଟାରେ ବରିଷ୍ଠ ନାଗରିକମାନଙ୍କ ପରିଚୟ ପତ୍ର ବଣ୍ଟନ ତଥା ଭାରତୀୟ ନ୍ୟାୟ ସଂହିତା-୨୩ ସଂଶୋଧନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଏସ୍‌ପି ନାରାୟଣ ନାୟକ ମୁଖ୍ୟ ଅତିଥି, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ସମ୍ମାନିତ ଅତିଥି, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ଦୟାନିଧି ହୋତା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଏସ୍‌ପି ନାୟକ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ୪୦ଜଣ ସଦସ୍ୟଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିବା ବେଳେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ଚମରା ମହାକୁର, ଦିଲୀପ ମିଶ୍ର, ବାସୁଦେବ ପଣ୍ଡା, ତ୍ରିନାଥ ମିଶ୍ର, ଅକ୍ଷୟ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଅକ୍ରୁର ଚରଣ ଦନ୍ତା, ନାରାୟଣ ପ୍ରସାଦ ନାୟକ, ଗୋପୀନାଥ ମହାକୁର, ବଳରାମ କାଣ୍ଡ, ଦିଲୀପ ତ୍ରିପାଠୀ, ନରେନ୍ଦ୍ର ସାହୁ, ନିତ୍ୟାନନ୍ଦ ତ୍ରିପାଠୀ, ରତ୍ନା ମହାକୁର, ସୁରୁ ସାହୁ, ଜୀତେନ୍ଦ୍ର ପ୍ରଧାନ, ନିରଞ୍ଜନ ସେଠୀ, ଜୟଦେବ ସାହୁ, କୃଷ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ସୋନପୁର ପିଏମ୍‌ଶ୍ରୀ କେଭିରେ ଚାରାରୋପଣ କାର୍ଯ୍ୟକ୍ରମ

**ସୋନପୁର,୨।୮(ମୃତ୍ୟୁଞ୍ଜୟ ଶତପଥୀ)**

ଭାରତ ବିକାଶ ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ତରଫରୁ ସୋନପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ ନୃପରାଜ ସାହୁ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବର୍ତ୍ତମାନ ସମୟରେ ବୈଶ୍ୱିକ ଉଷ୍ମତା ବୃଦ୍ଧି ପାଉଛି ଏବଂ ଧରାପୃଷ୍ଠରୁ ବୃକ୍ଷ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ତେଣୁ ଧରଣୀ ମାତାକୁ ସବୁଜ ଶୀତଳ ଏବଂ ସୁରକ୍ଷିତ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜିଲାପାଳ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦାନ କରିଥିଲେ। ବିଦ୍ୟାଳୟ ଆଧକ୍ଷ ଦିଗନ୍ତ କୁମାର ମହାପାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଭାରତ ବିକାଶ ପରିଷଦ ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଉମାକାନ୍ତ ନାଗ, ପର୍ଯ୍ୟାବରଣ ପ୍ରମୁଖ ସୁଶୀଲ କୁମାର ପାରଧିଆ ଓ ହରିଶଙ୍କର ମିଶ୍ର ସହଯୋଗ କରିଥିଲେ। କୋଷାଧକ୍ଷ କ୍ଷୀରୋଦ କୁମାର ମେହେର, ଉଦ୍ୟାନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ହୃଷୀକେଶ ଦାଶ, ବୈକୁଣ୍ଠ ନାଥ ଶତପଥୀ, ଡା ଦେବୀପ୍ରସାଦ ମହାପାତ୍ର, ଶିବପ୍ରସାଦ ପାତ୍ର, ପ୍ରମୋଦ କୁମାର ସାହୁ, ପଦ୍ମଲୋଚନ ମିଶ୍ର, ବିଶ୍ୱନାଥ ମେହେର, ଚନ୍ଦନ ପ୍ରହରାଜ, ଜ୍ୟୋତିର୍ମୟ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ଅଗ୍ରୱାଲ, ଜଳଧର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଅଧ୍ୟାପିକା ଡ଼. ପ୍ରତିମା ରଥ, ଅଧ୍ୟାପିକା ସୁନନ୍ଦା ସାହୁ, କବିତା ପଧାନ, ନିରୂପମା ପାରଧିଆ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ସୁଜାତା ନାଗ, କେ କୁମାରୀ, ସ୍ମିତାରାଣୀ ମେହେର ଓ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ସହିତ ବିଦ୍ୟାଳୟ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ସୁନ୍ଦର ଧରିତ୍ରୀକୁ ସବୁଜ ସୁନ୍ଦର କରିବାରେ ସଂକଳ୍ପ ନେଇଥିଲେ।



ଜିଲାପାଳ ଓ ପରିଷଦ ସଦସ୍ୟ ଚାରାରୋପଣ କରୁଛନ୍ତି।




ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୬୩,୬୭୩ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନ ନିଧି

**ସୋନପୁର,୨।୮(ମୃତ୍ୟୁଞ୍ଜୟ ଶତପଥୀ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୦ତମ କିସ୍ତି ଦେଶର ଚାଷୀଙ୍କୁ ପ୍ରଦାନ କରିଛନ୍ତି। ଉତ୍ତରପ୍ରଦେଶର ବାରଣାସୀରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଚାଷୀଙ୍କୁ ସମ୍ମାନ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ପକ୍ଷରୁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଧିକାରୀ ଓ ଶତାଧିକ ଚାଷୀ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣକୁ ଶୁଣିଥିଲେ। ବର୍ତ୍ତମାନ ସୁଦ୍ଧା ଦେଶର ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନ ନିଧି ଅଧିନରେ ୪ଲକ୍ଷ କୋଟି ଟଙ୍କା ପ୍ରଦାନ କରା ଯାଇଥିବା ମୋଦି କହିଥିଲେ। ଚାଷୀଙ୍କୁ ପ୍ରଶଂସା କରିବା ସହ ଦେଶର ଉନ୍ନତିରେ କୃଷକଙ୍କ ଭୂମିକା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ୬୩ହଜାର ୬୭୩ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏକ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଏହା ଅନ୍ନଦାତାଙ୍କୁ ସମ୍ମାନ ବୋଲି କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ରୁଦ୍ରଦେବ ରାଉତ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ଏଲ୍‌ଡିଏମ କାର୍ତ୍ତିକେଶ୍ୱର ପଣ୍ଡା, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଲୋପାମୁଦ୍ରା ରାୟ ଓ ସୁପ୍ରଭା ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ନୂତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବିନିକା, ୨।୮(ରାମ ଗୋପାଳ ବାଘ)**

ବିନିକା ଶଙ୍କରା ବ୍ରଜବିହାରୀ ମାଧ୍ୟମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ କ୍ଲଷ୍ଟର ମାସିକ ବୈଠକରେ ନୂତନ ଭାବେ ଯୋଗଦାନ କରିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଟଙ୍କଧର ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସିଆରସିସି ସଂଘ ଜିଲା ସଭାପତି ତଥା ଚରଦା କ୍ଲଷ୍ଟର ସିଆରସିସି ଜୟନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର କାଲସେ, ଶଙ୍କରା ମାଧ୍ୟମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବାଶିଷ ମହାରଣା ଯୋଗଦେଇ ଭୋଇଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷାଧିକାରୀ ଭୋଇ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଡାକ୍ତରୀ ଆକଳନ ଶିବିର

**ବୀରମହାରାଜପୁର,୨।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରାମହାରାଜପୁର ଟାଙ୍ଗର ସାହି ୟୁପିସ୍କୁଲରେ ଶନିବାର ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳିତ ହୋଇଯାଇଛି। ସହାୟକ ଉପକରଣ ବିତରଣ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଡାକ୍ତରୀ ଆକଳନ ଶିବିରକୁ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଧିକାରୀ ବାରନା ଡୁଙ୍ଗଡୁଙ୍ଗ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ସିପି ଚେୟାର, ରୋଲେଟର ସ୍ମାର୍ଟକେନ ଆଦି ବିଭିନ୍ନ ସାମଗ୍ରୀ ବିତରଣ କରାଯାଇଥିଲା। ଡ଼ ଅଭୟ କୁମାର ଲେଙ୍କା ଶ୍ରବଣ ବାଧିତ ଓ ବାକବାଧିତ ଛାତ୍ରଛାତ୍ରୀଙ୍କ, ସତ୍ୟବ୍ରତ ଗିରି ଶାରୀରିକ ଓ ମାନସିକ ଛାତ୍ରୀଛାତ୍ରଙ୍କୁ, ଚକ୍ଷୁରୋଗ ବିଶେଷଜ୍ଞ ପ୍ରଶାନ୍ତ ଶତପଥୀ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ବୈଠକ

**ଡୁଙ୍ଗୁରିପାଲି, ୨।୮(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କୁଡ଼ାରୀକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଆରସିସି ରଞ୍ଜନ କୁମାର ଦାସ ଯୋଗଦେଇ ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ଚଳିତ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁଶ୍ରେଣୀ ପରିଚାଳନା ନମୁନା ପାଠଟିକା ଓ ଶିକ୍ଷକଙ୍କ ଗତିଧି ଯୋଜନା, ପାଠଟିକା ପ୍ରସ୍ତୁତି ଓ ଉପସ୍ଥାପନା, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଆଧାରିତ ଗଣିତ ଶିକ୍ଷଣ କାର୍ଯ୍ୟ ଓ ସାମଗ୍ରୀକ ପ୍ରଗତିପତ୍ର ଉପରେ ଆଲୋଚନା କରିଥିଲେ। ବୈଠକରେ ଅଭିରାମ ବାରିକ, ଶିବପ୍ରସାଦ ରଣା, ଉମେଶ ଭୋଇ, ଗୋପାଳ କୁମାର ଦାଶ, କୈଳାସଚନ୍ଦ୍ର ସେଠ, ଥବିର ଦୋରା, ରମେଶ ସାଥୁଆ, ସହଦେବ ମେହେର, ଚକଧର ବାରିକ, ଜ୍ୟୋସ୍ନା ମାଝୀ, ସସ୍ମିତା ମେହେର, ଉର୍ଦ୍ଧୁଳି ଭୋଇ, ଆରତୀ ପଧାନ ପ୍ରମୁଖ ଶିକ୍ଷୟତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ସୀତାରାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



କ୍ଲଷ୍ଟରସ୍ତରୀୟ ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ।

# ଦୈନିକ ବଜାର, ବସ୍‌ଷ୍ଟାଣ୍ଡ ପରିଦର୍ଶନ କଲେ ଉପଜିଲାପାଳ

**ବୀରମହାରାଜପୁର,୨।୮(ଯୁଗଳ କିଶୋର ମିଶ୍ର)**

ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଦୈନିକ ବଜାର ପରିଦର୍ଶନରେ ଯାଇ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଦୈନିକ ବଜାରରେ ଥିବା କୁଡ଼କୁଡ଼ ଆବର୍ଜନା, ବଜାର ଭିତରେ ଶୌଚାଳୟ ନିର୍ମାଣ, ଡ୍ରେନ ବ୍ୟବସ୍ଥା, ବଜାରର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ନିରାପତ୍ତା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ସମୟରେ ବୀରମହାରାଜପୁର ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଡେପୁଟି କଲେକ୍ଟର ଅଜିତ କୁମାର ମିର୍ଦ୍ଧା, ଏବିଡ଼ିଓ ପୁରୁଷୋତ୍ତମ ଧରୁଆ, ସମାଜସେବୀ କିଶୋର ହୋତା, ଆଇନଜୀବୀ ସତ୍ୟବ୍ରତ ମିଶ୍ର, ସୁମନ୍ତ ଜଗଦଲା, ସୁରେଶ କଳତା, ଆଶ୍ରୟ ମହାନନ୍ଦ ସାମିଲ ହୋଇଥିଲେ। ପରେ ଉପଜିଲାପାଳ ବୀରମହାରାଜପୁର ବସ୍‌ଷ୍ଟାଣ୍ଡକୁ ଯାଇ ସେଠାରେ ଚମ୍ପାମାଲ ଗ୍ରାମ ପଞ୍ଚାୟତ ଏବଂ ରାଜ୍ୟ ସଡ଼କ ପରିବହନ ଦ୍ୱାରା ନିର୍ମାଣ ହୋଇଥିବା ଦୋକାନ ଗୃହ ହିତାଧିକାରୀଙ୍କୁ ନଦେଇ ପଡିରହିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ଏକ ବୈଠକ ଆୟୋଜନ କରି ଏହାର ସମାଧାନ କରାଯିବ ବୋଲି କହିଥିଲେ।



ଉପଜିଲାପାଳ ଅନ୍ୟ ଅଧିକାରୀ ଓ ବ୍ୟକ୍ତିଙ୍କ ସହ ଦୈନିକ ବଜାର ଓ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରୁଛନ୍ତି।

# ଶୃଙ୍ଖଳିତ ହୋଇ ପରିଶ୍ରମ କଲେ ସଫଳତା ମିଳିବ

**ଅମରପାଲି,୨।୮(ପୀତାମ୍ବର ସାହୁ)**

ଛାତ୍ର ଜୀବନରେ ଶୃଙ୍ଖଳିତ ହୋଇ କଠିନ ପରିଶ୍ରମ କଲେ ସଫଳତା ଆପେ ମିଳିଥାଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରବୀନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଜଗବନ୍ଧୁ ବେରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂସ୍କୃତ ଅଧ୍ୟାପିକା ଜ୍ୟୋସ୍ନାମୟୀ ଶଙ୍ଖୁଆଙ୍କ ସଂଯୋଜନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଶରତ କୁମାର ଭୋଇ, ଇତିହାସ ଅଧ୍ୟାପକ ଧନଞ୍ଜୟ ସାହୁ, ଅଧ୍ୟାପକ ଗୋପାଳ ସାହୁ, ଓଡ଼ିଆ ଅଧ୍ୟାପିକା ବିଷ୍ଣୁପ୍ରିୟା ମହାକୁର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କୁ ବିଦ୍ୟାଳୟର ନୀତିନିୟମ ମାନି ଶୃଙ୍ଖଳିତ ରହିବାପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ସମିତି ଯଥା ଯୁବ ରେଡକ୍ରସ, ଛାତ୍ରବୃତ୍ତି, ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ, ଇତ୍ୟାଦି ବିଷୟରେ ସଚେତନ ରହିବା ସହିତ ଉପଯୋଗ କରିବା ପାଇଁ ଅବଗତ କରାଯାଇଥିଲା। ସୁମନ୍ତ ଦଳାଇ, ମଧୁସୂଦନ କର୍ଣ୍ଣ, ସତ୍ୟ ମୋହନ ପଧାନ, ରାଧେଶ୍ୟାମ ବାରିକ, ସୁଦାମ ଉର୍ମା, ସୀତାକାନ୍ତ ଭୋଇ, ସୁଦର୍ଶନ ପଣ୍ଡା ଓ ରଶ୍ମିତା ଶଙ୍ଖୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜ ବିଜ୍ଞାନ ଅଧ୍ୟାପିକା ଆଲିଶା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଖଣ୍ଡହତା କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଖଣ୍ଡହତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ**

# ଶିକ୍ଷୟିତ୍ରୀଙ୍କ ଘରେ ପହଞ୍ଚି ବକେୟା ଦରମା ଦେବାକୁ ଦେଲେ ପ୍ରତିଶ୍ରୁତି

ଟେନ୍‌ସା, ୨।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଲାଟା ଗ୍ରାମପଞ୍ଚାୟତର କାଲାଟା ମୁଣ୍ଡା ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁପ୍ରଭା ଦେ ବକେୟା ଦରମା ଦେଢ଼ ବର୍ଷ ହେଲା ପାଇ ନାହାନ୍ତି। ଏନେଇ ସେ କୋଇଡା ବିଇଓଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ, ଜିଲାପାଳଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କିଛି ସୁଫଳ ମିଳିନାହିଁ।

**ଧରିତ୍ରୀ ପ୍ରଭାବ**

ଉପରିସ୍ଥ ଅଧିକାରୀଙ୍କ ବିନା ଦସ୍ତଖତରେ କୋଇଡା ବିଇଓ ଅଫିସ୍‌ର ଜଣେ କିରାଣି କିପରି ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଗଲେ। ଯଦି ବକେୟା ୪ଲକ୍ଷ ଟଙ୍କା ନ ମିଳେ ତେବେ କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଫିସରେ ଆମରଣ ଅନଶନ କରିବେ ବୋଲି ସୁପ୍ରଭା ପ୍ରକାଶ କରିବା ନେଇ ଗତ ୩୧ ତାରିଖରେ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶିତ ହେବା ପରେ କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, ବିଆର୍‌ସିସି ପ୍ରଶାନ୍ତ କୁମାର ପରିଡା ଶିକ୍ଷୟିତ୍ରୀ ସୁପ୍ରଭାଙ୍କ ଘରେ ପହଞ୍ଚି ଅଗଷ୍ଟ ୧୫ ତାରିଖ ପରେ ଦେଢ଼ ବର୍ଷର ବକେୟା ଟଙ୍କା ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଏମପିଙ୍କ ସହ ଅନ୍ୟମାନେ।

# ଚାଷୀଙ୍କ ଆକାଉଣ୍ଟକୁ ଗଲା ୨୭ କୋଟି ଟଙ୍କା

**ସୁନ୍ଦରଗଡ଼ ଜିଲା**

■ ପିଏମ୍ କିଷାନର ୨୦ତମ କିସ୍ତି ଚାଷୀଙ୍କୁ ହସ୍ତାନ୍ତର

ସୁନ୍ଦରଗଡ଼, ୨।୮ (ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ସଂସ୍କୃତି ଭବନଠାରେ ଶନିବାର ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ୨୦ତମ କିସ୍ତି ବିତରଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ଏମ୍‌ପି ଜୁଏଲ ଓରାମ, ସମ୍ମାନିତ ଅତିଥି ଉପ ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରଘୁନାଥପାଲିର ବିଧାୟକ ଦୁର୍ଗାଚରଣ ତନ୍ତୀ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିଶ ଫାବୀ ରସିଦ ସଦୟ ଉପସ୍ଥିତ ଥିଲେ। ପିଏମ କିଶାନ ଅନ୍ତର୍ଗତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ସେମାନଙ୍କୁ ଆର୍ଥିକ ଭାବେ ସ୍ୱଚ୍ଛଳ କରିବା ସହିତ ଏହି ସହାୟତା ରାଶିକୁ ଚାଷୀଭାଇ ଭଉଣୀ ମାନେ କୃଷି କ୍ଷେତ୍ରରେ ଉପଯୋଗ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଓରାମ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ସୁନ୍ଦରଗଡ଼ ଜିଲାର ୧୩୫୩୯୫ ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରାୟ ୨୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଛି। ସେମାନଙ୍କ ମଧ୍ୟରୁ ବାଲିଶଙ୍କରା ବ୍ଲକରୁ ୧୧୫୪୨, ବଡ଼ଗାଁରୁ ୯୯୦୦, ବିଶ୍ରା ୫୬୦୯, ବଣାଇରୁ ୬୫୨୪, ଗୁରୁଣ୍ଡିଆରୁ ୫୯୬୭, ହେମଗିରିରୁ ୬୪୮୫, କୋଇଡାରୁ ୩୨୫୨, କୁଆଁରମୁଣ୍ଡାରୁ ୮୬୯୨, କୁତ୍ରାରୁ ୯୮୧୭, ଲହୁଣୀପଡ଼ାରୁ ୮୬୦୧, ଲାଠିକଟାରୁ ୭୧୪୮, ଲେଫ୍ରିପଡ଼ାରୁ ୯୫୨୧, ନୂଆଗାଁରୁ ୧୨୪୫୦, ସବଡେଗାରୁ ୭୩୩୫, ସଦରରୁ ୭୫୪୩ ଏବଂ ଟାଙ୍ଗରପାଲି ବ୍ଲକରୁ ୬୪୮୮ ଜଣ ଚାଷୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, କୃଷି ବିଶେଷଜ୍ଞ ଏବଂ ବିଭିନ୍ନ ବ୍ଲକର ଚାଷୀ ଭଉଣୀଭାଇମାନେ ଯୋଗ ଦେଇଥିଲେ।

# ଏକକ ଅଭିନୟ ଉତ୍ସବ ଉଦ୍‌ଘାଟିତ

ରାଉରକେଲା, ୨।୮ (ସଙ୍ଗୀତା ଜେନା): ଏକତ୍ର ରାଉରକେଲା ଦ୍ୱିଦିବସୀୟ ଏକକ ଅଭିନୟ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଶନିବାର ଅପରାହ୍ନ ୩ଟାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଏସ୍‌ଡିର ଅଭିନେତା ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା ଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି ମତ ରଖିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ଓ ପ୍ରେରଣାଦାୟୀ ବୋଲି କହିଥିଲେ। ଏହି ଅବସରରେ ଏକତ୍ରର ଉପଦେଷ୍ଟା ଡ. କୃପାସିନ୍ଧୁ ନାୟକ ଓ ସମର ମୁଦାଲି ଉପସ୍ଥିତ ଥିଲେ। ୩୦ ବର୍ଷରୁ କମ୍ ବୟସ୍କ ଅଭିନେତା ଅଭିନେତ୍ରୀ କୋଏଲ, ଶଙ୍ଖ, ସରସ୍ୱତୀ ଭାବେ ୩ ଭାଗରେ ବିଭକ୍ତ ହୋଇ ଅଭିନୟ କରିଥିଲେ। କୋଏଲ ବିଭାଗରେ ପ୍ରୀତମ କୁମାର ରଣା, ସାଇ ସିଦ୍ଧାର୍ଥ ଦାସ, ଶାଶ୍ୱତୀ ମହନ୍ତ, ଦେବଲୀନା କୁଣ୍ଡୁ, ଓମ୍‌କାର ଜେନା, ଦେବସ୍ମିତା ପଟ୍ଟନାୟକ, ଅମୀଷା ମିଶ୍ର, ଶ୍ରୀକାନ୍ତ ନନ୍ଦ, ବିଶ୍ୱଜିତ ମହାପାତ୍ର, ଶୁଭସ୍ମିତା ମହାନ୍ତି, ସୋନାଲି ମହାରଣା, ସୌମ୍ୟଜିତ ଭାରତୀ, ତନୁସୌମ୍ୟ ହୋତା ରହିଛନ୍ତି। ସେହିପରି ଶଙ୍ଖ ଗ୍ରୁପ୍‌ରେ ସୁଜଳ ମହାନନ୍ଦ, ଅପର୍ଣ୍ଣା ପଣ୍ଡା, ସୌରଭ ମହାନନ୍ଦ, ଓମ୍ ନିଖିଲ ସାହୁ, ଗୁନଗୁନ ମହାପାତ୍ର, ଶ୍ରେୟଶ୍ରୀ ମହାନ୍ତି, ଋଷିତୋଷ ମହାନ୍ତି, ଦେବାଶିଷ ହୋତା, ପ୍ରିୟାଂଶୁ ନାୟକ, ହରପ୍ରିୟା ମହାରଣା, ଶିବାନୀ ମହାନ୍ତି, ଇନ୍ଦ୍ରଜିତ ରାଉଳ, ସୁଶ୍ରୀପ୍ରିୟା ମିଶ୍ର, ଶ୍ରୁତିଶ୍ରୀ ଜେନା ଏବଂ ସରସ୍ୱତୀ ଗ୍ରୁପ୍‌ରେ କୁଇନ ଦାସ, ଅଭିଜିତ ସାହୁ, ସାଗୁନ ବାରିକ, ସୁଲିପ୍ସା ଜେନା, ଅଞ୍ଜଳି କୁମାରୀ ସିଂହ, ରୋହିତ ଜଗଦଳା, ସ୍ମାରକ ଅନୁରାଗ ବାରିକ, ପ୍ରିୟଙ୍କା ପଲେଇ, ସୌରଭ ମିଶ୍ର, ଚିନ୍ମୟ ତ୍ରିପାଠୀ, ସୌରାଜ ଉପାଧ୍ୟାୟ ପ୍ରମୁଖ ଏକକ ଅଭିନୟ କରିଥିଲେ। ବିଚାରକ ଭାବେ ଏଲ୍. ଏନ୍. ପଟ୍ଟନାୟକ, ଡ. ସଞ୍ଜୟ ହାତୀ, ପ୍ରଶାନ୍ତ କୁମାର ପତି ଦାୟିତ୍ୱ ତୁଲାଇଥିଲେ। ଅନ୍ୟତମ ଅତିଥି ଭାବେ ଭାରତ ଭୂଷଣ ମହାନ୍ତି, ଅଭୟ କୁମାର ଦାସ, ଶର୍ମିଷ୍ଠା କବି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏକତ୍ରର ସଭାପତି ରାଜୀବ ପାଣି, ଉପସଭାପତି

# କିଞ୍ଜିରକେଲାରୁ ଧୁବେନଦାଣ୍ଡ ରାସ୍ତାରେ ଘାଇ



ରାସ୍ତାରେ ଘାଇ ସୃଷ୍ଟି ହୋଇଛି।

ବାଲିଶଙ୍କରା, ୨।୮ (ସତ ସେଠ୍)

ବାଲିଶଙ୍କରା ବ୍ଲକ କିଞ୍ଜିରକେଲାଠାରୁ ଧୁବେନଦାଣ୍ଡକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତାର ପୋଲ ପାର୍ଶ୍ୱରେ ବିରାଟକାୟ ଘାଇ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ କୁପାଟାଙ୍ଗର, ଧୁବେନଦାଣ୍ଡ, ଟାଙ୍ଗରଯୋର, ମୁଣ୍ଡାପଡା ପରି ୮ଟି ଗ୍ରାମବାସୀ ଯିବା ଆସିବା କରୁଥିବାବେଳେ ଲଗାତର ବର୍ଷା ହେବା ଯୋଗୁ ପୋଲର ଦୁଇ ପାର୍ଶ୍ୱରେ ଘାଇ ସୃଷ୍ଟି ହେବାରୁ ଦୁର୍ଘଟଣାର ସମ୍ଭାବନା ରହିଛି। ଉକ୍ତ ରାସ୍ତା ଦେଇ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଦିନ କିଞ୍ଜିରକେଲା କୁଳମଣି ଉଚ୍ଚ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ସେହିପରି କିଞ୍ଜିରକେଲାଠାରୁ ଗିଦ୍‌ପାହାଡି ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତା ଦେଇ ପ୍ରତିଦିନ ଜନସାଧାରଣ ବ୍ୟାଙ୍କ, ହସ୍ପିଟାଲ, ଛାତ୍ରୀଛାତ୍ର ସ୍କୁଲ୍ ଯିବା ଆସିବା କରିଥାନ୍ତି। ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଏହି ରାସ୍ତା ଦେଇ ଯାତାୟାତରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତିଶୀଘ୍ର ରାସ୍ତାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଚାନ୍ଦିପୋଷ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଲହୁଣୀପଡା, ୨।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ପୋଲିସ ପକ୍ଷରୁ ଚାନ୍ଦିପୋଷ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ନୂତନ ଅପରାଧିକ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସଦରେ ପାରିତ ଭାରତୀୟ ଦଣ୍ଡ ସଂହିତା, ନାଗରିକ ସଂହିତା ଏବଂ ବିଭିନ୍ନ ବିଧି ଆଇନ ପ୍ରଚଳିତ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଚାନ୍ଦିପୋଷ ଥାନା ଉପ ଅଧିକାରୀ ଫଣି ଭୂଷଣ ମାହାନ୍ତ, ସହ ଅଧିକାରୀ ଶିବାସୀଷ ଖିଲାର, ଜଗନ୍ନାଥ ଜେନା, ସରୋଜ କୁମାର ଭୋଇ ଯୋଗ ଦେଇଥିଲେ। ନୂତନ ଅପରାଧିକ ଆଇନ ଉପରେ ବକ୍ତବ୍ୟ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଉକ୍ତ ବିଷୟରେ ଏକ ବକ୍ତୃତା ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା। ସେଥିରେ ରୋଶନ ଓରାମ ପ୍ରଥମ, ଅନୁପମା ସୋରେନ ଦ୍ୱିତୀୟ, ସୁଭଦ୍ରା ଓରାମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଚାନ୍ଦିପୋଷ ଥାନା କର୍ମଚାରୀ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସୁନ୍ଦରଗଡ଼ରେ ପାଳିତ ହେଲା ସମ୍ବଲପୁରୀ ଦିନ୍



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସୁନ୍ଦରଗଡ, ୨।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ରେ ଶୁକ୍ରବାର ପାଳିତ ହୋଇଯାଇଛି ୭ତମ ଜିଲା ସ୍ତରୀୟ ସମ୍ବଲପୁରୀ ଦିନ୍। ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବିରାଟ ମଶାଲ ଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଆମ ପଶ୍ଚିମ ଓଡ଼ିଶାର ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସମ୍ବଲପୁରୀ ଗୀତର ତାଳେ ତାଳେ ୪୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଅତିଥି ଭାବରେ ଉପସ୍ଥିତ ପୌରାଧ୍ୟକ୍ଷ ।ତନୟା ମିଶ୍ର, ଅମିତା ବିଶାଳ, କାଉନସିଲର ସୁମନ୍ତ ସାହୁ, ଇ. ଦିଲ୍ଲୀପ ପଟେଲ, ପ୍ରଫୁଲ୍ଲ ସୁନ୍ୟାନି, ବେଣୁ ମାଧବ ତ୍ରିପାଠୀ, କେଦାର ପଟେଲ, ଗୋପାଳ ପୃଷେଠ, ସିନେ ତାରକା ପ୍ରଦୀପ ଦତ୍ତ, ଆରତୀ ହୋତା ପ୍ରମୁଖ ଅତିଥିଭାବେ ଯୋଗଦେଇ ଆୟୋଜକ ଓ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ କଳାକାର ମଞ୍ଚର ରୋଶନ ସାହୁ, ପ୍ରିୟଙ୍କା ଜେନା, ଉଦ୍ଧବ ଭିତ୍ରିଆ, ସୁବାସ ମାଝି, ମନୋଜ ସାହୁ, ବିବେକ ନାୟକ, ଲିପ୍ସା ଦାସ, ବର୍ଣ୍ଣି ନାୟକ, ନୁପୁର

# ବ୍ଲକସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

କୁତ୍ରା, ୨।୮ (ଦେବାଶିଷ ସାହୁ)



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରାସ୍ଥିତ ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବ୍ଲକ ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନ, ସମ୍ମାନିତ ଅତିଥି ଜିଲା ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଏଡିଇଓ ସାରଙ୍ଗଧର ବରିହା, ବିଡିଓ ଯୁଗଳକିଶୋର ବିଶ୍ୱାଳ, ବିଇଓ ଅନନ୍ତ କୁମାର ନାଏକ, ଲେଫ୍ରିପଡା ବିଇଓ ଅଶୋକ କୁମାର ଲାକ୍ରା, ପୂର୍ବତନ ବିଇଓ କାତ୍ରିନା ଖାଲଖୋ, ଏବିଇଓ ନିରଞ୍ଜନ ରାଉଳ, ମିନା କୁମାରୀ ଜେନା, ସରପଞ୍ଚ ତରୁଣିସେନ ବରିହା, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଅମରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ୨ଜଣ ଏବିଇଓ ଓ ୨ଜଣ ପିଅନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓଷ୍ଟା ସମ୍ପାଦକ ମହେନ୍ଦ୍ର ସିଂ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ତଥା ଅନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବଡ଼ଗାଁ ଡିଗ୍ରୀ କଲେଜରେ ନିଶା ନିବାରଣ କର୍ମଶାଳା

ବଡ଼ଗାଁ, ୨।୮ (ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଏହି କେନ୍ଦ୍ର କାର୍ଯ୍ୟକାରୀ କରାଯିବା ପ୍ରସ୍ତାବ ରହିଛି। ଶୁକ୍ରବାର ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ପ୍ରତିଷ୍ଠା ଉପଲକ୍ଷେ ଏକସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ବାଲୁଙ୍କେଶ୍ୱର ନାଏକ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ଛାତ୍ରୀମାନଙ୍କୁ ସଶକ୍ତ ହେବାକୁ ପ୍ରେରଣା ଦେଇଥିଲେ।



କର୍ମଶାଳାରେ ଅତିଥି ଆଲୋଚନା କରୁଛନ୍ତି।

ବିଡିଓ ଭୋଇ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଥାନା ଅଧିକାରୀ ନାଏକ ଓଡ଼ିଶା ସରକାରଙ୍କ ଦ୍ୱାରା ଉପଲବ୍ଧ ନାରୀ ସୁରକ୍ଷା ନିମନ୍ତେ ଥିବା ବିଭିନ୍ନ ଆଇନ ଓ ନିୟମଗୁଡ଼ିକ ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ହେମନ୍ତ ପଣ୍ଡା ସଶକ୍ତୀକରଣ କେନ୍ଦ୍ରର ପ୍ରମୁଖ ୮ ଟି ଦିଗ ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ କଲେଜର ଅଧ୍ୟାପିକା ମାର୍ଲବିକା ସାମଲ ଶକ୍ତିଶ୍ରୀ ସଂଯୋଜିକା ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶକ୍ତିଶ୍ରୀ ସାଥୀ ରୂପେ ଛାତ୍ରୀ ଯଶୋବନ୍ତୀ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସୁଶାନ୍ତ କୁମାର ବିଶି, ତାପସ କୁମାର କର, ଲକ୍ଷ୍ମୀକାନ୍ତ ସାହୁ ସହଯୋଗ କରିଥିଲେ। ଶନିବାର ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ତରଫରୁ ନିଶା ନିବାରଣ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ତହସିଲଦାର ଝରଣା ପ୍ରଧାନ, ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଏନ୍‌ଜିଓ କର୍ମକର୍ତ୍ତା ଚକ୍ରଧର ପୃଷେଟ ଓ ସମ୍ମାନିତ ଅତିଥିଭାବେ ନର୍ସିଂ କଲେଜର ଅଧ୍ୟକ୍ଷା ସମାପିକା ରାଉତ ଯୋଗଦେଇଥିଲେ। ମୁଖ୍ୟବକ୍ତା ପୃଷେଟ ଯୁବ ସମାଜର ଆଚରଣ, ଗତିବିଧି ଓ ଆବଶ୍ୟକ ଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ତହସିଲଦାର ପ୍ରଧାନ ନିଶା ନିବାରଣର ଆବଶ୍ୟକତା ଓ ତା'ର ଭୟାବହତା ଉପରେ ଆଲୋଚନା କରିଥିଲେ।

# ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା କାର୍ଯ୍ୟକାରିଣୀ ବୈଠକ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁତ୍ରା, ୨।୮ (ଦେବାଶିଷ ସାହୁ)

ଜିଲା ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଖେଳକୁଦ ସଙ୍ଗଠନର ଜିଲା କାର୍ଯ୍ୟକାରିଣୀ ବୈଠକ କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲା ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଜୟ କୁମାର ପ୍ରଧାନ ବିବରଣୀ ପଠନ କରିଥିଲେ। ଚଳିତବର୍ଷ ଜିଲାରେ ରାଜ୍ୟ ସ୍ତରୀୟ କବାଡି, ହକି, ତୀରନ୍ଦାଜ, ବକ୍ସିଂ ଆଦି ଅନୁଷ୍ଠିତ ହେବାକୁ ଥିବାବେଳେ ସମସ୍ତେ ମିଳିମିଶି ସଫଳ କରିବାକୁ ଅନୁରୋଧ କରିଥିଲେ। ଏଥିରେ ୧୭ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ବ୍ଲକର କ୍ରୀଡ଼ା ସମ୍ପାଦକ ଆଲୋଚନାରେ ଭାଗ ନେଇଥିଲେ। ସଭାରେ ବିଚାର ବିମର୍ଶ ପରେ ଚଳିତବର୍ଷ ଜିଲା ସ୍ତରୀୟ କବାଡି ବଣାଇରେ, ଫୁଟବଲ ଲହୁଣୀପଡ଼ାରେ, ଖୋଖୋ ଲେଫ୍ରିପଡାରେ, ଯୋଗାସନ ବଡ଼ଗାଁରେ, କ୍ରିକେଟ ରାଜଗାଙ୍ଗପୁରରେ, ହକି ରାଉରକେଲାରେ ଓ ଦୌଡକୁଦ, ବକ୍ସିଂ, ଭଲିବଲ, ସିପକଟାକ୍ରୋ, ତିରନ୍ଦାଜ ସଦର ବ୍ଲକରେ ହେବା ପାଇଁ ବିଚାର ବିମର୍ଶ ହୋଇଥିଲା। ସଭା କାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସବ୍‌ଜୁନିୟର ବକ୍ସିଂରେ ସୁନ୍ଦରଗଡ଼ର ୬ଖେଳାଳି

ସୁନ୍ଦରଗଡ, ୨।୮ (ଜୟ ନାରାୟଣ ମେଣ୍ଡୁଲି)

ଆସନ୍ତା ୭ରୁ ୧୩ରେ ହରିୟାଣାର ଗ୍ରେଟର ନଏଡାଠାରେ ହେବାକୁ ଥିବା ଜାତୀୟ ସବ୍‌ଜୁନିୟର ବକ୍ସିଂରେ ଓଡ଼ିଶା ଦଳରେ ସୁନ୍ଦରଗଡ଼ର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଝିଅ ଆଦ୍ୟାଶା ବକ୍ସି ଓ ଲିଜା ନାଏକ ରହିଥିବା ବେଳେ ୪ ପୁଅ ସୌରଜିତ ଦାସ, ଦେବଦତ୍ତ ନାଏକ, ଅଂଶୁମାନ ପଟେଲ, ସ୍ଥିତପ୍ରଜ୍ଞ ପଟ୍ଟନାୟକ ରହିଛନ୍ତି। ଏହି ଖେଳାଳିମାନେ ହରିୟାଣାର ଗ୍ରେଟର ନଏଡାରେ ହେବାକୁ ଥିବା ୧୫ ବର୍ଷରୁ କମ ଜାତୀୟ ସବ୍ ଜୁନିୟର ବକ୍ସିଂ ଚାମ୍ପିୟନଶିପରେ ଭାଗ ନେବେ। ସୁନ୍ଦରଗଡ ଜିଲାର ଏହି ୬ ଖେଳାଳି ମନୋନୀତ ହୋଇଥିବାରୁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ବକ୍ସିଂ କୋଚ ରୂପକ ପ୍ରସାଦ, ଏମ୍‌ଡି ନାକବି ରାଜା, ଅର୍ପିତା ପାତ୍ର, ରାଇଲା ରାହୁଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ବକ୍ସିଂ ସଂଘ ଆନୁକୂଲ୍ୟରେ ଗତ ୨୬ ଓ ୨୭ତାରିଖରେ ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଓଡ଼ିଶା ବକ୍ସିଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ଖେଳାଳିମାନଙ୍କୁ ବଛାଯାଇଥିଲା।



ଚୟନ ହୋଇଥିବା ୬ ଖେଳାଳି।

**ତମାଖୁ ନିବାରଣ ସଚେତନତା କାର୍ଯ୍ୟକ୍ରମ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ସଦର ଡାକ୍ତରଖାନା ରୋଡ ବସୁନ୍ଧରା କମ୍ୟୁନିଟି ସେଣ୍ଟର ପକ୍ଷରୁ ପରିଚାଳିତ ନିଃଶୁଳ୍କ ଶିକ୍ଷଦାନ କେନ୍ଦ୍ରରେ ଶନିବାର ତମାଖୁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର କାଉନସେଲର ବନ୍ଦନାମୟୀ ବାଗ ଓ ନିର୍ମଳା ପଟେଲ ଯୋଗଦେଇ ତମାଖୁ ସେବନର ଅପକାରିତା ସମ୍ବନ୍ଧରେ ବୁଝାଇ ଥିଲେ। ଏହି ସଭାରେ ଛାତ୍ରୀଛାତ୍ର ମାନଙ୍କ ଅଭିଭାବକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ପ୍ରଶାନ୍ତ ପାଟଯୋଶୀ, ସମ୍ପାଦକ ପ୍ରବୀଣ ନାୟକ, ଶରତ ବହିଦାର, ଜ୍ୟୋତି ମୁଣ୍ଡା, ମନୀଷା ନାୟକ ଉପସ୍ଥିତ ରହିଥିଲେ।

# ନେତୃତ୍ୱର ଗୁଣ ବିକଶିତ କରିବା ମୁଖ୍ୟ ଉଦ୍ଦେଶ୍ୟ



ଶନିବାର କ୍ଷେତରାଜପୁର ସ୍ଥିତ ବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ର ପରିଷଦର ଅଳଙ୍କରଣ ସମାରୋହ।

## ଇଣ୍ଡିଆନ ପବ୍ଲିକ ସ୍କୁଲରେ ଛାତ୍ର ପରିଷଦର ଅଳଙ୍କରଣ ସମାରୋହ

ସମ୍ବଲପୁର,୨।୮(ବି.ଶଙ୍କର)

ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ର ପରିଷଦର ଅଳଙ୍କରଣ ସମାରୋହ ଶନିବାର କ୍ଷେତରାଜପୁରସ୍ଥିତ ବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ହୋଇଛି। ବିଦ୍ୟାଳୟର ୩୮ଜଣ ଛାତ୍ରୀଛାତ୍ରଙ୍କୁ ପରିଷଦର ପଦ ଓ ଗରିମାର ଶପଥ ପାଠ କରାଯାଇଥିଲା। ପ୍ରଧାନ ଛାତ୍ରୀ ପଦରେ ଦ୍ୱାଦଶ ଶ୍ରେଣୀର ରିତିକା ମିଶ୍ରା ଏବଂ ପ୍ରଧାନ ଛାତ୍ର ପଦରେ ଏକାଦଶ ଶ୍ରେଣୀର ଛାତ୍ର ନୀତିନ ଅଗ୍ରୱାଲଙ୍କୁ ପଦ ଓ କର୍ତ୍ତବ୍ୟ ନିଷ୍ଠାର ଶପଥ ପାଠ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଓଡ଼ିଶା ଭିଜିଲାନ୍ସ ବିଭାଗର ପୂର୍ବତନ ପୋଲିସ ଅତିରିକ୍ତ ଏସ୍‌ପି ଦିଲୀପ କର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ସମେତ ଛାତ୍ର ପରିଷଦର ସମସ୍ତ ପଦାଧିକାରୀଙ୍କୁ ସେସେ ଓ ବ୍ୟାଚ ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରିନ୍ସିପାଲ ସଚିନ ପାଠକ କହିଥିଲେ, ଛାତ୍ର ପରିଷଦ ଗଠନ ଆମ ବିଦ୍ୟାଳୟର ଏକ ଗଣତାନ୍ତ୍ରିକ ପରମ୍ପରା। ବିଦ୍ୟାଳୟର ଶିକ୍ଷକମାନଙ୍କ ଏକ କମିଟି ଦ୍ୱାରା ଏହା ଗଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ଜୀବନରେ ନେତୃତ୍ୱର ଗୁଣ ବିକଶିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଭବିଷ୍ୟତରେ ଏହି ଛାତ୍ରୀଛାତ୍ରମାନେ ଭାରତର ବିଭିନ୍ନ କ୍ଷେତ୍ରରେ ଅଦ୍ୱିତୀୟ ନେତୃତ୍ୱ କ୍ଷମତା ସହିତ ଉତ୍ସାହିତ ହେବେ। ନେତୃତ୍ୱର ଅର୍ଥ ବହୁତ ବ୍ୟାପକ। ଶିକ୍ଷାଠାରୁ ଆରମ୍ଭ କରି ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଏହାର ଆବଶ୍ୟକତା ରହିଛି। ଅନୁଶାସନ, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, ଅନ୍ୟମାନଙ୍କ ପ୍ରତି ସମ୍ମାନ, ଦେଶ ଓ ସମ୍ବିଧାନ ପ୍ରତି ଅଦ୍ୱିତୀୟ ଶ୍ରଦ୍ଧା ଭଳି ଗୁଣର ବିକାଶ ପାଇଁ ହିଁ ଛାତ୍ର ପରିଷଦ ଗଠନ କରାଯାଇଛି। ଏହି ଛାତ୍ରୀଛାତ୍ରମାନେ ହିଁ ଦିନେ ଦେଶର ସଚ୍ଚା ଓ ଭଲ ନାଗରିକ ହୋଇ ଦେଶର ଗୌରବ ବଢ଼ାଇବେ। ବିଦ୍ୟାଳୟର ସମସ୍ତ କାର୍ଯ୍ୟକଳାପରେ ଏହି ସଦନର କ୍ୟାପଟେନ ଓ ପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରିନ୍ସିପାଲ ପାଠକ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷୟିତ୍ରୀ ରୋଶନୀ ସିଂ ଏବଂ ଶିକ୍ଷକ ସଞ୍ଜୟ ମଲିକଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଗଙ୍ଗା ସଦନ, ବ୍ରହ୍ମପୁତ୍ର ସଦନ, ନର୍ମଦା ସଦନ ଏବଂ ସତଲୁଜ ସଦନର ଛାତ୍ରୀଛାତ୍ରମାନେ ପତାକା ଧରି ପରେଡ ମାର୍ଚ୍ଚ କରିଥିଲେ। ଏହି ସମୟରେ ପ୍ରତ୍ୟେକ ସଦନର ସଦନାଧ୍ୟକ୍ଷ ଭାବେ ଅଧ୍ୟାପକ ନିଜ ସଦନର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟ ଚେୟାର ପର୍ସନ ସୁମନ ଡାଲମିଆ ଏବଂ କେଶବ ଡାଲମିଆ ଛାତ୍ର ପରିଷଦର ସମସ୍ତ କ୍ୟାପଟେନ, ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଏକାଡ଼େମିକ କୋଅର୍ଡିନେଟର ରଶ୍ମିରେଖା ପଣ୍ଡା ଚାରୋଟି ସଦନର ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ବିକ୍ରମ ଆଦିତ୍ୟ ଷଡ଼ଙ୍ଗୀ, ପଲ୍ଲବୀ ବାରିକ, ହେମନ୍ତ କୁମାର ଯାଦବ, ଅର୍ଚ୍ଚନା ଦୋରା, ପଙ୍କଜ ଶର୍ମା, ଦୀପକ ପଟେଲ, କରବି ବିଶ୍ୱାସ, ନିଲିପ୍ତା ସାହୁଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଦେବଝରଣରେ ପର୍ଯ୍ୟଟକଙ୍କ ସୁରକ୍ଷା ଦାବି



ଝୁଝୁମୁରା ଅଞ୍ଚଳର ପ୍ରତିନିଧି ଦଳ ଡିଏଫଓ କାଲୁଙ୍ଗେ ଗୋରଖ ଓମାନଙ୍କୁ ଭେଟିଛନ୍ତି।

## ଡିଏଫ୍‌ଓଙ୍କୁ ଭେଟିଲେ ପ୍ରତିନିଧି ଦଳ

ସମ୍ବଲପୁର,୨।୮(ବି.ଶଙ୍କର)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଅର୍ନ୍ତଗତ ଦେବଝରନରେ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ପର୍ଯ୍ୟଟନସ୍ଥଳର ସର୍ବାଙ୍ଗୀନ ବିକାଶ କରିବାକୁ ଦାବି ହୋଇଛି। ଶନିବାର ସମ୍ବଲପୁର ଡିଏଫଓ କାଲୁଙ୍ଗେ ଗୋରଖ ଓମାନଙ୍କୁ ଭେଟି ଝୁଝୁମୁରା ଅଞ୍ଚଳର ଏକ ପ୍ରତିନିଧି ଦଳ ଏ ନେଇ ଦାବି ଉପସ୍ଥାପନ କରିବା ସହ ଆଲୋଚନା କରିଛନ୍ତି। ଝୁଝୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଭାଜପା ମଣ୍ଡଳ ସଭାପତି ଓମ ପ୍ରକାଶ ବିଶ୍ୱାଳ, ହମିତ ବିଶ୍ୱାଳ, ବଣ୍ଟି ପ୍ରଧାନ, ଅପୁ ପ୍ରଧାନ, କିରଣ ପ୍ରଧାନ, ସଞ୍ଜୟ ବିଶ୍ୱାଳ ଉପସ୍ଥିତ ଥିଲେ। କିଛିଦିନ ତଳେ ଦୁଇ ଜଣ ଡାକ୍ତର ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଆଗକୁ ପର୍ଯ୍ୟଟନ ଋତୁ ଆସୁଛି। ଦେବଝରନରେ ପର୍ଯ୍ୟଟକଙ୍କ ପ୍ରବଳ ସମାଗମ ହୋଇଥାଏ। ତେଣୁ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ଜରୁରୀ। ଏହାହେଲେ ଜଳ ଭଣ୍ଡାରରରେ ପର୍ଯ୍ୟଟକମାନେ ସୁରକ୍ଷିତ ନୌକା ବିହାରର ମଜା ନେଇ ପାରିବେ। ଏହାକୁ ଦୃଷ୍ଟିରେ ରଖି ଦେବଝରନ ଝରଣାରେ ବୋଟିଂ ବ୍ୟବସ୍ଥା ଆରମ୍ଭ କରିବାକୁ ଆବଶ୍ୟକତା ରହିଛି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ବୋଟିଂ ପାଇଁ ବୋଟ୍ ଆସିଥିଲା। ହେଲେ ସେଗୁଡ଼ିକ ପୁରୁଣା ଥିଲା। ପର୍ଯ୍ୟଟକ ଓ ଅଞ୍ଚଳବାସୀଙ୍କ ବିରୋଧ ପରେ ସେତେବେଳେ ଯୋଗାଣକାରୀ ସଂସ୍ଥା ରାତାରାତି ବୋଟକୁ ନେଇ ଉଭାନ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ନୂଆ ବୋଟ୍ ଆସି ପଡି ରହିଛି। ଉକ୍ତ ବୋଟଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରି ଆଗାମୀ ପିକନିକ୍ ଋତୁରେ ଚଳାଚଳ ବ୍ୟବସ୍ଥା କଲେ ପର୍ଯ୍ୟଟକମାନେ ବୋଟିଂର ମଜା ଉଠାଇ ପାରିବେ। ଏହା ସହ ସେଠାରେ ପୋଲିସ ନିୟୋଜିତ କରିବା, ପାଇଖାନା, ଜଳଭଣ୍ଡାରରେ ସୁରକ୍ଷା ବାଡ ଲଗାଇବା ଭଳି କାମକୁ ଗୁରୁତ୍ୱ ଦେବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ସମ୍ବଲପୁର ଡିଏଫ୍‌ଓ ଓମାନ ଆଗାମୀ ନଭେମ୍ବର ସୁଦ୍ଧା ସୁରକ୍ଷା ବାଡ କାମ ଶେଷ ହେବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ।

# ପରିବେଶ ସୁରକ୍ଷା, ସଚେତନତା ଜରୁରୀ

ସମ୍ବଲପୁର,୨।୮(ବି.ଶଙ୍କର)

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ବୃକ୍ଷରୋପଣ ଅଭିଯାନ

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ପରିସରରେ ଶନିବାର ବୃକ୍ଷ ରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ଜରୁରୀ। ଯଦ୍ୱାରା ପୃଥିବୀର ପରିବେଶ ସୁସ୍ଥ ହେବ। ଫଳରେ ଜନସାଧାରଣ ସ୍ୱଚ୍ଛ ଜଳବାୟୁ ପାଇପାରିବେ ବୋଲି ଡ. ହରପାଲ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କାର୍ଯ୍ୟକର୍ତ୍ତା ହେମନ୍ତ ପଣ୍ଡା, ଅଧ୍ୟାପକ ଡ. ଶ୍ୟାମ ଭୋଇ, ଅଧ୍ୟାପକ ହରିହର ମଲ୍ଲିକ, ଡ. ସୁଜିତ ପଧାନ, ପ୍ରିୟଦର୍ଶିନୀ ବେଉରା, ଦେବେନ୍ଦ୍ର ଭୁଏଁଙ୍କ ସମେତ କର୍ମଚାରୀ ଯୋଗଦେଇଥିଲେ। ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ସହ ଅନ୍ୟ ଛାତ୍ରୀଛାତ୍ରମାନେ ଯୋଗଦାନ କରି ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା, ରୋଜାଲି ସେଠ ଓ ଇକୋ କ୍ଲବ ଅଧିକାରୀ ଅଧ୍ୟାପିକା ମୀନତି ଛତ୍ରିଆ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ପରିବେଶ ସମ୍ପର୍କରେ ଏକ ନୂତନ ଦୃଷ୍ଟିକୋଣ ଏବଂ ଦାୟିତ୍ୱବୋଧ ଅର୍ଜନ କରିଥିଲେ। ପରିବେଶ ବଞ୍ଚିଲେ, ଆମେ ବଞ୍ଚିବା ବାଣୀକୁ ଅନୁସରଣ କରି ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବିଭାଗ ଏହି ପଦକ୍ଷେପ ଗ୍ରହଣ କରିଛି, ଯାହା ପ୍ରେରଣାଦାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଆୟୋଜିତ ଚାରାରୋପଣ ଅଭିଯାନରେ ଅତିଥି ଓ ଆୟୋଜକ।





ଦୟାନିଧି ମିଶ୍ରଙ୍କ କୃତି ଓ କୃତିତ୍ୱ ଶୀର୍ଷକ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର

ସମ୍ବଲପୁର,୨।୮(ବି.ଶଙ୍କର)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟିକ ଦୟାନିଧି ମିଶ୍ରଙ୍କ କୃତି ଓ କୃତିତ୍ୱ ଶୀର୍ଷକ ଆଲୋଚନାଚକ୍ର ଶନିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଦୟାନିଧି ମିଶ୍ରଙ୍କ ସାହିତ୍ୟର ପ୍ରଚାର ପ୍ରସାର କିପରି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଉପକୁଳସଚିବ ଡ.ଉମାଚରଣ ପତି ଏବଂ ପ୍ରଭାତ ଆଦିତ୍ୟ ମିଶ୍ର ଯୋଗଦେଇଥିଲେ। ସ୍ୱାଗତ ସମ୍ଭାଷଣ ଦେଇଥିଲେ ଦୟାନିଧି ମିଶ୍ର ସ୍ମୃତି କମିଟି ସଭାପତି ଡ.ବିଶ୍ୱନାଥ ସାହୁ। ଉଦ୍‌ଘାଟନୀ ଅଧିବେଶନର ସଂଯୋଜନା କରିଥିଲେ ସହକାରୀ ପ୍ରଫେସର ଡ. ରଞ୍ଜନ ସେଠୀ। ଡ. ଲିପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଅଶୋକ କୁମାର ଦାଶ ପ୍ରଥମ ଅଧିବେଶନର ସଭାପତିତ୍ୱ କରିଥିଲେ। ପ୍ରଫେସର ବଭ୍ରୁବାହନ ମହାପାତ୍ର, ସାହିତ୍ୟିକ ଗଣେଶରାମ ନାହାକ, ଡ. ଶ୍ୟାମ ଭୋଇ ଆଲୋଚକ ଥିଲେ। ଆଲୋଚକମାନେ ଦୟାନିଧି ମିଶ୍ରଙ୍କ କବିତା, ଜୀବନୀ ଏବଂ ଗଳ୍ପ ସାହିତ୍ୟ ଉପରେ ବକ୍ତବ୍ୟ ରଖି ଥିଲେ। ଡ. ଲକ୍ଷ୍ମୀପ୍ରିୟା ବେହେରା ଏହାର ସଂଯୋଜନା ଦାୟିତ୍ୱ ତୁଲାଇଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ନବୀନ କୁମାର ଜାଲ।

ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଅଧ୍ୟାପକ ମୋହନ ସାହୁ। ଏଥିରେ ଆଲୋକଚକଭାବେ ଟେକଚାନ୍ଦ ଦୁଆନ୍ ଦୟାନିଧିଙ୍କ ଜୀବନର ଉଲ୍ଲେଖନୀୟ ଘଟଣାବଳୀ ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ଡ. ଶେଷାନ ବିଶି ଦୟାନିଧିଙ୍କ ପ୍ରବନ୍ଧ ସାହିତ୍ୟ ଏବଂ ଡ. ଚିନ୍ମୟ ସାହୁ ତାଙ୍କର ସଂପାଦକୀୟ ଲେଖାଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। ଡ. ପରିକ୍ଷୀତ ଭୋଇ ସଂଯୋଜନା ଓ ଦୟାନିଧି ମିଶ ସ୍ମୃତି କମିଟିର ସମ୍ପାଦକ ପ୍ରମୋଦ କୁମାର ସାହୁ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟାପିକା, ଅଧ୍ୟାପକ, ଗବେଷକ ଗବେଷିକା, ଛାତ୍ରୀଛାତ୍ର ଓ ସାହିତ୍ୟିକ ମାନେ ଯୋଗଦାନ କରିଥିଲେ। ବରଗଡ ଜିଲା ବରପାଲି ସ୍ଥିତ ଦୟାନିଧି ମିଶ୍ର ସ୍ମୃତି କମିଟି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମିଳିତ ସହଯୋଗରେ ଆଲୋଚନାଚକ୍ର ହୋଇଥିଲା।

# ୩୫ ଲିଟର ଦେଶୀ ମଦ ଜବତ

ନାକଟିଦେଉଳ,୨।୮(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ପୋଲିସ ପକ୍ଷରୁ ଶନିବାର ହୀରାଲୋଇ ଗ୍ରାମରେ ଚଢ଼ାଉ କରି ୩୫ ଲିଟର ଦେଶୀ ମହୁଲି ମଦ ଜବତ କରିଛି। କରବାରରେ ଲିପ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ହୀରାଲୋଇ ଗ୍ରାମର ଅରୁଣ ଜାଲ। କିସିଣ୍ଡା ପୋଲିସ ସୂତ୍ରରୁ ପ୍ରାପ୍ତ ଖବର ଅନୁସାରେ ଅରୁଣ ଦୀର୍ଘ ଦିନ ହେଲା ଦେଶୀ ମହୁଲି ମଦ କାରବାର କରି ଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇବା ପରେ କିସିଣ୍ଡା ଥାନାର ଏସଆଇ ଗୋଲକ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଶନିବାର ମଧ୍ୟାହ୍ନରେ ଅରୁଣଙ୍କ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ତାଙ୍କ ଘରୁ ୨୦ଟି ଲିଟରିକିଆ ପାଣି ବୋତଲରେ ଥିବା ୨୦ ଲିଟର ଦେଶୀ ମଦ ସହ ଏକ ଜାରକିନରେ ଥିବା ୧୫ ଲିଟର ଦେଶୀ ମଦ ଜବତ ହୋଇଥିଲା। ଥାନାରେ ଏ ନେଇ ଏକ ମାମଲା(ନଂ. ୫୨/୨୫)ରୁଜୁ ହୋଇଛି।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜମନକିରା,୨।୮(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ର ପୂର୍ବାହ୍ନ ସାଢ଼େ ୪ଟାରେ ପ୍ରଭାତ ଫେରିରୁ ଆରମ୍ଭ ହେବ। ପୂର୍ବାହ୍ନ ୯ଟାରେ ଜାତୀୟ ପତାକା ଉତ୍ତୋଳନ ପଞ୍ଚାୟତ ସମିତି ଅଧ୍ୟକ୍ଷା କରିବେ। ପରେଡ କାର୍ଯ୍ୟକ୍ରମ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯିବ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷା ଆସ୍ରିତା ଭୋଇ, ତହସିଲଦାର ପ୍ରଭିଣା ବିଲୁଙ୍ଗ, ଏବିଡ଼ିଓ ମହିମା ସାହୁଙ୍କ ସମେତ ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀ, ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଓଏଭି ଅଧ୍ୟକ୍ଷ, ଫାଶୀମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା, ସ୍ୱେଚ୍ଛାସେବୀ, ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ବିଏସଏସଓ ରଞ୍ଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଡିଡିୟୁଜିକେୱାଇ ପରାମର୍ଶ ଶିବିର

କୁଚିଣ୍ଡା,୨।୮(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ଶନିବାର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଡିଡିୟୁ ଜିକେୱାଇ(ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ଗୋଷ୍ଠି ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନମୋହନ କିଷାନ, ବିପିଏମ ବିଲାସି ଖାଲଖୋ ଯୋଗଦେଇ ଆତ୍ମ ନିର୍ଭରଶୀଳ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କୁଚିଣ୍ଡା ବ୍ଲକ ସଂଯୋଜକ ସୁବାସ ପଣ୍ଡା ପରିଚାଳନା କରିଥିଲେ। ଶିବିରରେ କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୯୪ଜଣ ବେକାର ଯୁବତୀଯୁବକ ତଥ୍ୟ ପ୍ରଦାନ ସହ ନିଜ ନାମ ପଞ୍ଜିକରଣ କରିଥିଲେ। ସିଲେଇ ଓ ନର୍ସିଂ ପାଇଁ ସୁନ୍ଦରଗଡ଼ର ନିୟମ ସଂସ୍ଥା ଏବଂ କେବଳ ସିଲେଇ ପାଇଁ ଅର୍ଡାବାହାଲ ସାହୀ ଏକ୍ସପୋର୍ଟ ସଂସ୍ଥା ପକ୍ଷରୁ ସାକ୍ଷାତ୍‌କାର ଗ୍ରହଣ ୧୨ଜଣଙ୍କୁ ଟ୍ୟାଗିଙ୍ଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏମବିକେ କ୍ଷୀରୋଦିନି କଣ୍ଡା, ବିଶାଖା କିଷାନ, ସୁଷମା ବାଗ, ଆରତୀ ପଟେଲ, ଲବଙ୍ଗ ରକ୍ସା, ବିମଳା ପଟେଲ, ଝୁନୁ ପଟେଲ ଏବଂ ସମସ୍ତ ଏମବିକେ, ସିଆରପି, କୃଷିମିତ୍ର, ପ୍ରାଣୀ ମିତ୍ର ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି, ଅଧିକାରୀ ଓ କର୍ମଚାରୀ।

# ମାତୃଭାଷାକୁ ସଂରକ୍ଷଣ କରିବା ଜରୁରୀ

ସମ୍ବଲପୁର,୨।୮(ବି.ଶଙ୍କର)

## ସମ୍ବଲପୁରୀ ରଙ୍ଗରେ ଝଟକିଲା ଓଏସ୍‌ଓୟୁ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ସମ୍ବଲପୁରୀ ଭାଷା ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ମାତୃଭାଷାକୁ ସଂରକ୍ଷଣ କରିବା, ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ସମ୍ପ୍ରଦାୟ ମଧ୍ୟରେ ଗର୍ବ ଏବଂ ନିଜର ଭାବନାକୁ ପୋଷଣ କରିବା ପାଇଁ ସମ୍ବଲପୁରୀ ଦିନ୍‌ର ଗୁରୁତ୍ୱ ରହିଛି। ସମ୍ବଲପୁର ଅଞ୍ଚଳର ସମୃଦ୍ଧ ହସ୍ତତନ୍ତ ପରମ୍ପରା ସହିତ ଏକତାର ପ୍ରତୀକ ଜଡିତ ହୋଇଛି। ତେଣୁ ପଶ୍ଚିମ ଓଡ଼ିଶାର ଭାଷା ହେଉଛି ସାଂସ୍କୃତିକ ପରିଚୟ ବୋଲି କୁଳପତି ପ୍ରଫେସର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀଙ୍କ ସମତେ ମୁଖ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଓଏସ୍‌ଓୟୁ ପରିସର ସମ୍ବଲପୁରୀ ରଙ୍ଗରେ ଝଟକୁଥିଲା। ମହାନ ସାଂସ୍କୃତିକ ଭାବନା ଏବଂ ଭାବପ୍ରବଣ ସଂଯୋଗ ସହିତ ସମ୍ବଲପୁରୀ ଦିନ୍ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମ୍ବଲପୁରୀ ହସ୍ତତନ୍ତ, ପୋଷାକ ଏବଂ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଗୌରବର ଏକ ସ୍ପନ୍ଦନଶୀଳ ପ୍ରଦର୍ଶନ ଦ୍ୱାରା ଚିହ୍ନିତ ହୋଇଥିଲା। ତେଣୁ ବିଶ୍ୱବିଦ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ରଙ୍ଗ ବେରଙ୍ଗର ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ସହ ସମସ୍ତେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ହତ୍ୟାକାରୀ ବଡ଼ ଭାଇ କୋର୍ଟ ଚାଲାଣ



**ଜୁନାଗଡ଼,୨।୮(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମହିଭର (ଖୁଡୁପଡ଼ା) ଗ୍ରାମରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଥିଲା। ସାମାନ୍ୟ ଜମିବାଡିକୁ କେନ୍ଦ୍ର କରି ବଡ଼ ଭାଇ ପ୍ରେମାନନ୍ଦ ନାଏକ(୫୦)ଙ୍କ ଫାଉଡା ମାଡ଼ରେ ସାନ ଭାଇ ଲିଙ୍ଗରାଜ (୪୪)ଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଶନିବାର ଜୁନାଗଡ଼ ପୋଲିସ ଅଭିଯୁକ୍ତ ବଡ଼ଭାଇ ପ୍ରେମାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୪ ଦିନ ହେଲା ବୃଦ୍ଧ ନିଖୋଜ ଅଭିଯୋଗ

**ଲାଞ୍ଜିଗଡ଼, ୨।୮(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ କଣ୍ଡାମା ଗ୍ରାମର ବୃଦ୍ଧ ରଘୁ ପାତ୍ର(୬୦) ୪ଦିନ ହେଲା ନିଖୋଜ ଥିବା ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁସାରେ ଗତ ୩୦ ତାରିଖ ସନ୍ଧ୍ୟାରେ ରଘୁ ଧାନ ବେଉଷଣ ପାଇଁ ହଳଲଙ୍ଗଳ ଯୋଗାଡ଼ କରିବାକୁ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଇଥିଲେ। ହେଲେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜଖୋଜି କରିଥିଲେ। କୌଣସି ଖବର ନ ପାଇବାରୁ ୩୧ ତାରିଖ ରଘୁଙ୍କ ପୁଅ ମୁରଲୀ ପାତ୍ର ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରି ଗ୍ରାମର ଦୁଇଜଣ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚୁରା କରୁଥିବା ଥାନାଧିକାରୀ ତୁଳସୀରାମ ଶବରଙ୍କଠାରୁ ସୂଚନା ମିଳିଛି।

### ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼,୨।୮(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭିଡିଓ କନଫରେନ୍ସ ହଲଠାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କଙ୍କଣ ରାୟ, ଡିଗ୍ରୀ ମହାବିଦ୍ୟାଳୟର ପିଇଟି ଜି. ଶ୍ରୀନିବାସ ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଜୟ ପଲେଇ, ବରିଷ୍ଠ ନାଗରିକ ବଳରାମ ବେହେରା, କାନକୁଟୁ ସମିତିସଭ୍ୟ ମନୋହର ହରପାଲ, ଗୋପବନ୍ଧୁ ହାଇସ୍କୁଲର ପିଇଟି ଧରିତ୍ରୀ ବିଷୋୟୀ, ବ୍ଲକ କଳାକାର ସଂଘର ହରେକୃଷ୍ଣ ଘଡେଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ରିଷିଡ଼ା,୨।୮(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଗ୍ରାମର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନେତ୍ରାନନ୍ଦ ବାରିକ (୭୨)ଙ୍କ ଶନିବାର ନିଜ ବାସଭବନରେ ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥତା ଯୋଗୁ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ବଡ଼ପୁଅ ରମେଶ ଓ ସାନପୁଅ ରାଜୁ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

**ଖଡ଼ିଆଳ,୨।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁକୁଲା ସରସ୍ୱତୀ ଶିଶୁ ମନ୍ଦିରଠାରେ ଶନିବାର ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ସମିତି ଉପ ସଭାପତି ଉମାକାନ୍ତ ପଧାନ, ବସନ୍ତ କୁମାର ମେହେର, ଗୁଣନିଧି ବାଗ, ଗୋବିନ୍ଦ ବେହେରା, ପ୍ରଧାନ ଆଚାର୍ଯ୍ୟ ଅମର ସିଂ ବାରିକ, ବିଜ୍ଞାନ ଶିକ୍ଷକ ରମାକାନ୍ତ ରଣା ଯୋଗଦେଇ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମେଳାରେ ମୋଟ ୬୦ ଜଣ ଶିଶୁ ଭଉଣୀଭାଇ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ଚାଷୀଙ୍କ ଚିନ୍ତା ବଢ଼ାଉଛି ଅନିୟମିତ ବର୍ଷା

**ଭବାନୀପାଟଣା,୨।୮ (ଉତ୍ତମ କୁମାର ଦାଶ)**



ସାଧାରଣତଃ ଚାଷ ପାଇଁ ମୌସୁମୀ ବର୍ଷା ଉପରେ ଚାଷୀ ନିର୍ଭରଶୀଳ। ଚଳିତ ବର୍ଷ କଳାହାଣ୍ଡି ଜିଲାରେ ବଡ଼ ଧରଣର ବର୍ଷାର ଅଭାବ ଦେଖାଦେଇଛି। ଝିପି ଝିପି ବର୍ଷା ଧାନ ଚାଷ ଆଗେଇନେବାରେ ସହାୟକ ହେଉନାହିଁ। କହିବାକୁ ଗଲେ ମୌସୁମୀ ବର୍ଷାର ଅନିୟମିତତା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଜିଲାରେ ବର୍ଷା ଅଭାବ ଯୋଗୁ ଚାଷ ଓ ଚାଷୀ ବେଶ ପଛରେ ପଡିଯାଇପାରନ୍ତି ବୋଲି ଅନୁମାନ କରାଯାଉଛି। କଳାହାଣ୍ଡିର ଅର୍ଥନୀତିରେ କୃଷି ଏକ ମହତ୍ୱପୂର୍ଣ୍ଣ ଦିଗ। କୃଷି ହେଉଛି ଜୀବନଧାରଣର ଏକମାତ୍ର ମାଧ୍ୟମ। ଅନ୍ୟାନ୍ୟ ଚାଷ ଅପେକ୍ଷା ଧାନଚାଷ ଜିଲା ବିକାଶର କେନ୍ଦ୍ରବିନ୍ଦୁ ପାଲଟିଛି। ସରକାରୀ ରିପୋର୍ଟ ପ୍ରକାରେ ୩୨,୩୩୪ ହେକ୍ଟର ଜମିରେ ରୁଆ କାର୍ଯ୍ୟ ହୋଇଛି। ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଜିଲାର ୧,୮୪,୮୧୦ ହେକ୍ଟର ଜମି ମଧ୍ୟରୁ ୯୧,୯୯୪ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଲଘୁଚାପ ଜନିତ ବର୍ଷା ତଥା ମୌସୁମୀ ବର୍ଷାର ଅଭାବ ଚାଷୀକୁ ଅଡୁଆରେ ପକାଇଛି। ତଥାପି ଇନ୍ଦ୍ରାବତୀ କେନାଲ ପାଣିକୁ ଚାଷୀ ଭରସା କରି କାଁ ଭାଁ ରୁଆ ବେଉଷଣ କରିଛନ୍ତି।

ଆଉ ଗୋଟିଏ ମାସ ପରେ ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇ ପାଳନ କରାଯିବ। ନୂଆ ଧାନ ନୂଆ ଫସଲ ରୂପେ ମା'ଙ୍କୁ ଅର୍ପଣ ହେବ। ଏଯାବତ ୫୦ ପ୍ରତିଶତ ଜମିରେ ଧାନ ରୁଆ ହୋଇପାରିନାହିଁ। ଶଙ୍କର ଜାତୀୟ ବିହନଠାରୁ ଅଧିକାଂଶ ଚାଷୀ ଅଧିକ ଅମଳକ୍ଷମ ବିହନକୁ ଗୁରୁତ୍ୱ ଦେଇ ଚାଷ କରିଥାନ୍ତି। ଜିଲାରେ ଗତ ଜୁନରେ ୨୩୮.୪ ମିମି ଓ ଜୁଲାଇରେ ୫୧୦.୬ମିମି ବର୍ଷା ହୋଇଥିଲା। ତଥାପି ଏହା ଚାଷ ଅନୁକୂଳ ହେଉନାହିଁ। ଅନ୍ୟପକ୍ଷରେ ଲାଗିରହିଥିବା ଝିପି ଝିପି ବର୍ଷା ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲେ ମଧ୍ୟ ଚାଷ କାମକୁ ଆସୁନାହିଁ ବୋଲି କୁହାଯାଇଛି। ବୁଣା ତଳି ପକାଇବା ପୂର୍ବରୁ ଜମିକୁ ଭଲଭାବେ ହଳ କରିବା ଦରକାର ପଡିଥାଏ। ତେବେ ବର୍ଷା ନ ହେବା ଯୋଗୁ କେତେକ ସ୍ଥାନରେ ହଳ କରିବା ମୁସ୍କିଲ ହୋଇପଡିଛି। ଏଥର ଭଲ ଫସଲ ଉତ୍ପାଦନ ହେବା ନେଇ ଚାଷୀ ମନରେ ଯେଉଁ ଆଶା ଓ ଭରସା ରହିଥିଲା ତାହା ଦୂରେଇ ଯିବକି ବୋଲି ପ୍ରଶ୍ନ ଉଠୁଛି। ସେପଟେ କୃଷି ଅଧିକାରୀ କହୁଛନ୍ତି ଯେ, ସେମିତି କିଛି ବଡଧରଣର କ୍ଷତି ଘଟିବ ନାହିଁ, ବର୍ଷା ହେଲେ ସମସ୍ୟା ଆପେ ସୁଧୁରିଯିବ। ଅନ୍ୟପକ୍ଷରେ ରାଜ୍ୟ ସରକାର ଏବେ ଧାନ ଜମି ପରିମାଣ କମାଇ ଅଣଧାନ ଜମି ପରିମାଣ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ତାହା କଳାହାଣ୍ଡି ଜିଲାରେ କେତେ ଫଳପ୍ରଦ ହେବ ଆଗକୁ ଜଣାପଡିବ। କାରଣ ଧାନର ଏମ୍‌ଏସ୍‌ପି ବୃଦ୍ଧିପରେ ଚାଷୀ ଧାନ ଚାଷ ପାଇଁ ମନ ବଳାଇଛନ୍ତି। ଜିଲାରେ ୨୦୨୦-୨୧ ଖରିଫ ଋତୁରେ ୫୦୩୦୭୧୨.୯୭ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଥିବାବେଳେ ୨୦୨୪-୨୫ରେ ଏହା ୬୦୯୬୮୦୭.୮୩ କୁଇଣ୍ଟାଲ ରହିଛି। ମୋଟ ଉପରେ ରବି ଓ ଖରିଫରେ ଜିଲାରେ ଚଳିତ ବର୍ଷ ୯୩,୬୬୦,୬୨,୦୭ କୁଇଣ୍ଟାଲ ଧାନ କ୍ରୟବିକ୍ରୟ ହୋଇଛି ବୋଲି ଯୋଗାଣ ବିଭାଗ ରିପୋର୍ଟରେ ଦର୍ଶାଯାଇଛି। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର କୃଷି ଓ କୃଷକଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ଥିବା କହୁଥିବାବେଳେ କଳାହାଣ୍ଡି ଜିଲାରେ ଏହା କିଭଳି ସୁଫଳ ଦେବ ତାହା ଆଗାମୀ ଦିନରେ ଜଣାପଡିବ।

# ୮୬, ୯୮୭ ଚାଷୀଙ୍କ ଖାତାକୁ ଗଲା ପିଏମ୍ କିଷାନ ଟଙ୍କା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୨।୮ (ମକାରୁ ବେମାଲ)**

କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ସମ୍ମାନ ନିଧି ୨୦ ତମ କିସ୍ତି ଓ ଚଳିତବର୍ଷର ପ୍ରଥମ କିସ୍ତି ଟଙ୍କା କୃଷକଙ୍କ ଖାତାକୁ ଶନିବାର ପଠାଯାଇଛି। ଏହି କ୍ରମରେ ନୂଆପଡା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲା କୃଷି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ, ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୮୬,୯୮୭ ଚାଷୀଙ୍କ ଖାତାକୁ ଡିବିଟି ଜରିଆରେ ୨ ହଜାର ଲେଖାଏ ପଠାଯାଇଛି । ଏଥିରେ ବୋଡେନ ବ୍ଲକର ୧୪,୦୨୩, ଖଡିଆଳ ବ୍ଲକ ୧୬,୧୩୩, କୋମନା ୨୦,୯୩୭, ନୂଆପଡା ୧୫,୧୬୪ ଓ ସିନାପାଲି ବ୍ଲକର ୨୦,୭୩୦ ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣର ସିଧା ପ୍ରସାରଣ ଚାଷୀମାନେ ଉପଭୋଗ କରିଥିଲେ।




ବିଇଓ ଅଫିସ ଆଗରେ ଶିକ୍ଷକ, କର୍ମଚାରୀଙ୍କ ବିକ୍ଷୋଭ।

# ବିଇଓଙ୍କ କାର୍ଯ୍ୟାଳୟ ଘେରିଲେ ଶିକ୍ଷକ, କର୍ମଚାରୀ

**ସିନାପାଲି,୨।୮ (ମନଫୁଲ ମେହେର)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନକ୍ରମେ ଶନିବାର ଶିକ୍ଷକ, କର୍ମଚାରୀ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶତାଧିକ ଶିକ୍ଷକ ଓ କର୍ମଚାରୀ ଏକ ରାଲିରେ ଆସି ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ବ୍ଲକ ସଭାପତି ଅଶ୍ୱିନୀ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମନ୍ୱୟ ସମିତିର ଜିଲା ଆବାହକ ତଥା ଓଷ୍ଟା ଜିଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଭୟ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ପ୍ରଦାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି ଭଳି ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ବ୍ଲକ ସମ୍ପାଦକ ସୁବାସଚନ୍ଦ୍ର ସାହୁ, ଜଗନ୍ନାଥ ସେଠୀ, ରାଜ କୁମାର ତାଣ୍ଡି, କିଶୋର ଚନ୍ଦ୍ର ଯୋଷୀ, ନବ କିଶୋର ଆଚାର୍ଯ୍ୟ, ରୁଦ୍ର ମାଧବ ସା, ଧବଳେଶ୍ୱର ମେହେର, ସୁରେଶ ମହାନ୍ତି, ରମାକାନ୍ତୀ ମାଝୀ, ରୂପ ସିଂ ନାଏକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ନୂଆପଡ଼ା,୨।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ (ଏଡିପିଏଚ୍‌ସିଓ) କିଶୋର ଚନ୍ଦ୍ର ପଟେଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଚିକିତ୍ସାଳୟ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ମେହେର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ଗୁରୁ ପ୍ରସାଦ ଜେନା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମଞ୍ଜୁରାଣୀ ସିଂହ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ବିଦ୍ୟାଧର ନାଗ, ଜିଲା ପ୍ରକଳ୍ପ ପରିଚାଳକ ସତ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏଡିପିଏଚ୍‌ସିଓ ପଟେଲଙ୍କ ଚାକିରି ଜୀବନ ଉପରେ ଆଲୋଚନା କରିଥିଲେ। ପରେ ଅଧିକାରୀମାନେ ତାଙ୍କୁ ଉପଢୌକନ ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସଭା ପରେ ତାଙ୍କ ସହ ଏକ ସଂକୀର୍ତ୍ତନ ଦଳ ନାମକୀର୍ତ୍ତନ କରି ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ନ୍ୟାଶନାଲ ହାଇସ୍କୁଲ ପର୍ଯ୍ୟନ୍ତ ଯାଇ ବିଦାୟ ଦେଇଥିଲେ ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ନୂଆପଡ଼ା,୨।୮ (ମକାରୁ ବେମାଲ)**

ନୂଆପଡ଼ା ପୋଲିସ ପଡିଆସ୍ଥିତ କଲ୍ୟାଣ ମଣ୍ଡପଠାରେ ବଜେଡି ନୂଆପଡା, କାଞ୍ଚନବେନ ରସିକଲାଲ ଧୋଲକିୟା ଚାରିଟେବୁଲ ଟ୍ରଷ୍ଟ ଖରିଆର ରୋଡ ଓ ଏସ୍‌ସିଡି ଚକ୍ଷୁ ହସ୍ପିଟାଲ ପିପଲପଦର ଟିଟିଲାଗଡଙ୍କ ମିଳିତ ଆନୁକୂଲ୍ୟରେ ଶନିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ଟିଙ୍କୁ ପଣ୍ଡା,ବବ୍‌ଲୁ ଖାନ, ଶିବାନନ୍ଦ ପାତ୍ର, ସଙ୍ଗିତା ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିବିରରେ ୧୦୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିରୁ ୪୬ ଜଣଙ୍କୁ ଅପରେଶନ ପାଇଁ ଏସସିଡି ହସ୍ପିଟାଲ ପଠାଇଯାଇଥିଲା। ଏସସିଡି ହସ୍ପିଟାଲ ଟିଟିଲାଗଡର ଡ. ସଙ୍ଗିତା ବାରିକ, ନର୍ସ ବବି ଦୀପ,ଏସ୍‌ଡବ୍ଲ୍ୟୁ ଭାରତି ସିଂ, ଭରତ ବେହେରା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ।

## ହାଇସ୍କୁଲରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ସିନାପାଲି,୨।୮(ମନଫୁଲ ମେହେର):** ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ହାଇସ୍କୁଲଠାରେ ସିନାପାଲି ବନ ବିଭାଗର ମିଳିତ ଆନୁକୂଲ୍ୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀନିବାସ ପାତ୍ରଙ୍କ ସଭାପତିତ୍ୱରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ ମୁଖ୍ୟ ଅତିଥି ଓ ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ଭରୁଆମୁଣ୍ଡା ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ନାଏକ, ସେକ୍ସନ ଅଫିସର ଚୁଡ଼ାନାଥ ସରାଫ, ଜିଲା ଇକୋ କ୍ଲବ ନୋଡାଲ ଅଫିସର କୃଷ୍ଣ ଚନ୍ଦ୍ର ଜୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ରମେଶ ଦୁବେ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବୃକ୍ଷ ହିଁ ଜୀବନ, ବୃକ୍ଷ ଲଗାଇବା ଜୀବନ ବଞ୍ଚାଇବା ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଶତାଧିକ ଚାରା ରୋପଣ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ଦାବିପତ୍ର

**ଭବାନୀପାଟଣା,୨।୮(ଉତ୍ତମ କୁମାର ଦାଶ)**



ଉପ କୁଳସଚିବଙ୍କୁ ଦାବିପତ୍ର ଦିଆଯାଉଛି।

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଥିଲେ ବି ବହୁବିଧ ସମସ୍ୟା ଦେଇ ଗତି କରୁଛି। ଏହାକୁ ନେଇ ଶନିବାର ଏକ ଛାତ୍ର ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଉଦ୍ଦେଶ୍ୟରେ କୁଳସଚିବ ଡ଼. ଗୁଣନିଧି ନାଏକ ଓ ଉପକୁଳସଚିବ ମେଜର ଡ. ଜୟଦେବ ସାହୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। କଲେଜ ଲାଇବ୍ରେରିରେ ଆବଶ୍ୟକ ବହି ଉପଲବ୍ଧ କରାଇବା ସହ ପାଠପଢ଼ା ସମୟ ବୃଦ୍ଧି କରିବା, ବିଶ୍ୱବିଦ୍ୟାଳୟ ପରିସରରେ ଉପଭୋକ୍ତା ସମବାୟ ଷ୍ଟୋର ଓ ଜେରକ୍ସ ସେଣ୍ଟର ଆରମ୍ଭ କରି ଛାତ୍ରୀଛାତ୍ରଙ୍କୁ ରିହାତି ମୂଲ୍ୟରେ ଷ୍ଟେସନାରୀ ସାମଗ୍ରୀ ଓ ପ୍ରିଣ୍ଟିଂ ଉପଲବ୍ଧ କରାଇବା, ସାଂସ୍କୃତିକ କ୍ଲବ ଗଠନ କରି ଛାତ୍ରୀଛାତ୍ରଙ୍କୁ ନାଚଗୀତ, ଅଭିନୟ, କଳା ଆଦିରେ ପ୍ରୋତ୍ସାହନ ଦେବା, ଛାତ୍ର କମନ ରୁମର ମରାମତି ଓ ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବା, ବିଶ୍ୱବିଦ୍ୟାଳୟର ସମସ୍ତ ସ୍ଥାନରେ ମାଗଣା ଇଣ୍ଟରନେଟ ଯୋଗାଇବା, ବିଶ୍ୱବିଦ୍ୟାଳୟ ପରିସରରେ ଏକ ଏଟିଏମ୍ ଖୋଲିବା ପାଇଁ ପଦକ୍ଷେପ ନେବା, ସମସ୍ତ ବିଭାଗକୁ ସ୍ମାର୍ଟବୋର୍ଡ଼ ଦେବା, ବଂଶଧାରା ଛାତ୍ରାବାସ ସମ୍ମୁଖରେ ଅଣଛାତ୍ରମାନେ ମଦ୍ୟପାନ କରୁଥିବା ଅଭିଯୋଗକୁ ଗୁରୁତ୍ୱ ଦେଇ ତା ଉପରେ ପଦକ୍ଷେପ ନେବା ଆଦି ଦାବି କରାଯାଇଛି। ଛାତ୍ର ନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ପ୍ରତିଭା ଜାଲ, ବିଭୁତି ମଲ୍ଲିକ, ଆଶିଷ ନାଏକ, ଆଶୁତୋଷ ପୂଜାରୀ, ମାନସ ସିନ୍ଧୁର, ପିନାକୀ ଆଚାର୍ଯ୍ୟ, ଚୈତନ୍ୟ ରଣା, ରୋହନ ମହାପାତ୍ର, ଆଦିତ୍ୟ ରାଉତ, ଆକାଶ ପଟ୍ଟନାୟକ ପ୍ରମୁଖ ଦାବିପତ୍ର ଦେବାସହ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ।

## ମହାମାୟା ହସ୍ପିଟାଲ ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

**ନୂଆପଡ଼ା,୨।୮ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ସୁନସୁନିଆଠାରେ ଶନିବାର ମହାମାୟା ହସ୍ପିଟାଲ ଉଦ୍‌ଘାଟିତ ହୋଇଯାଇଛି। ମହାମାୟା ଶିକ୍ଷାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନୂଆପଡା ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ନୂଆପଡା, ବରଗଡ, ବଲାଙ୍ଗୀର ଜିଲା ସମେତ ଛତିଶଗଡ ରାଜ୍ୟ ଗରିଆବନ୍ଧ, ଛୁରା, ବାଗବାହାରା, କୋମ୍ମାଖାନ ଆଦି ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାମାୟା ଶିକ୍ଷାନୁଷ୍ଠାନ ଅନ୍ୟତମ ପରିଚାଳନା ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁ, ଡାକ୍ତର ଉଦୟ ଚରଣ ମହାରଣା, ଡ. ଅନୀଲ ନାୟକ, ଡ. ବିକାଶ ଲଛମନିଆ, ଡ. ନରେଶ୍ୱର ବେହେରା, ଡ. ତୃପ୍ତିମୟୀ ବାରିକ, ଡ. ମିହିର କୁମାର ମନ୍ମଥ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବୋଡ଼େନ,୨।୮ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ମୁରାରିଲାଲ ହୋତାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବୋଡ଼େନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଦକ୍ଷିଣ ପଶ୍ଚିମ ସମ୍ଭାଗ ସମ୍ପାଦକ ଅଧ୍ୟାପକ ଗୟାଧର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ବିଜ୍ଞାନ ମେଳାର ଆବଶ୍ୟକତା ଉପରେ ବୁଝାଇଥିଲେ। ବିଜ୍ଞାନ ଶିକ୍ଷକ ସଞ୍ଜୀବ ଟୋଲଥିଆ, ଅବସରପ୍ରାପ୍ତ ଶିକ୍ଷକ ସୁଜନେଶ୍ୱର ମଲ୍ଲିକ ଓ ରୋହିତ କୁମାର ସାମନ୍ତ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ। ବିଜ୍ଞାନ ମେଳାରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୭୩ ଜଣ, ଶିଶୁ ବର୍ଗର ୨୫ ଓ ବାଲ ବର୍ଗର ୫ ଜଣ ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।



ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

# ପ୍ରାକ୍ ଶିକ୍ଷାରୁ ବଞ୍ଚିତ କୋମଳମତି ଶିଶୁ

**କର୍ଲାମୁଣ୍ଡା,୨।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରାପଦର ପଞ୍ଚାୟତ କେର୍ନାପଲା ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବ୍ଲକ ସଦର ମହକୁମାଠାରୁ ଗାଁର ଦୂରତା ୨୦କି.ମି. ହେବ। ଗାଁରେ ୩୫ ପରିବାରରେ ୧୦୫ ଜଣ ମହିଳାପୁରୁଷ ବସବାସ କରୁଛନ୍ତି। ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବାରୁ ୨୦୨୦ରେ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଇଛନ୍ତି। ଫଳରେ ଗାଁର ଛାତ୍ରୀଛାତ୍ର ୨କି.ମି. ଦୂରରେ ଥିବା ମ. ରାମପୁର ବ୍ଲକ ଟୁର୍ଚ୍ଚି ବିଦ୍ୟାଳୟରେ ପାଠ ପଢୁଛନ୍ତି। ଅନୁରୂପ ଭାବେ ଜନସଂଖ୍ୟା କମ୍ କାରଣରୁ କେର୍ନାପଲା, ବତୀକୁପା ଓ ପୁରଗୁଡିପଦର ପାଇଁ ବତୀକୁପା ଗାଁରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ହେଲେ ଗାଁର ଶିଶୁମାନେ ସେଠାକୁ ଯାଇ ନ ପାରି ପ୍ରାକ୍ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରିବା ସହ ପ୍ରାଥମିକ ବିଦ୍ୟାଳୟକୁ ପୁଣିଥରେ ଖୋଲିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ



ବନ୍ଦ ପଡିଥିବା ବିଦ୍ୟାଳୟ।

### ନାହିଁ ଅଙ୍ଗନୱାଡି କେନ୍ଦ୍ର

କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ତଥା ଭୌଗୋଳିକ ଦୃଷ୍ଟିକୋଣରୁ ଯଦି ସ୍କୁଲର ଆବଶ୍ୟକ ଥିବ ଆମେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବୁ ବୋଲି କହିଛନ୍ତି। ସେହିପରି ସମ୍ପୃକ୍ତ ଶିଶୁବିକାଶ ଅଧିକାରିଣୀ (ସିଡ଼ିପିଓ) କଳ୍ପଲତା ତ୍ରିପାଠୀଙ୍କୁ ପଚାରିବାରୁ ଗାଁରେ ଆବଶ୍ୟକ ଜନସଂଖ୍ୟା ନ ଥିବା କାରଣରୁ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ସମ୍ଭବପର ହେଉନାହିଁ, ତଥାପି ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।

## ବାବେବିରା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଅତାବିରା,୨।୮(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଅଧୀନ ବାବେବିରା ଉଚ୍ଚ ବିଦ୍ୟାଳୟରେ ବୁଧବାର ଇକୋ କ୍ଲବ ଓ ପାୱାର ଅପ ଦିବ୍ୟାଙ୍ଗସ ତରଫରୁ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତାବିରା ଥାନାଧିକାରୀ ପ୍ରକାଶ କୁମାର କର୍ଣ୍ଣ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ବାରିକ, ହୃଷୀକେଶ ବେହେରା, ପାୱାର ଅପ ଦିବ୍ୟାଙ୍ଗସର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଉପସଭାପତି ଅଶୋକ କୁମାର ଅଗ୍ରୱାଲ, ସଂଯୋଜକ ସୂର୍ଯ୍ୟକାନ୍ତି ସାହୁ, ଆବାହକ ସୁମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରକୃତିବନ୍ଧୁ ଅମୃତ କୁମାର ବାରିକ, ସହଯୋଗ କରିଥିଲେ ତରୁଣ ପଧାନ,ଶାନ୍ତନୁ ଧରୁଆ, ଲକ୍ଷ୍ମଣ କୁମ୍ଭାର ଓ ସଂଯୁକ୍ତା ରଣା। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଶହେଟି ଚାରାରୋପଣ କରାଯାଇଥିଲା।

# ଆଗକୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ

### ଏବେଠୁ ଆଶଙ୍କାରେ ମିଲର୍ସ, ମିଲ୍‌ରୁ ଉଠୁନି ଚାଉଳ

ବରଗଡ଼,୨।୮(ପ୍ରେମାନନ୍ଦ ଖମାରୀ)

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉମାତ୍ର ୨ମାସ ବାକି ରହିଛି। ଆସନ୍ତା ନଭେମ୍ବର ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏପର୍ଯ୍ୟନ୍ତ ମିଲର୍ସମାନଙ୍କଠାରୁ ଗତ କେଏମ୍ଏସ୍ ୨୦୨୪-୨୫ବର୍ଷର ଅର୍ଦ୍ଧାଧିକ କଷ୍ଟମ ମିଲଡ୍ ଚାଉଳ ସଂଗୃହୀତ ହୋଇପାରି ନାହିଁ। ସେଥିରେ ସରକାର ବିଫଳ ହୋଇଥିବାବେଳେ ସେହି ଚାଉଳ ଏବଂ ଗତ ରବିରେ ସଂଗୃହୀତ ଧାନରେ ମିଲଗୁଡ଼ିକ ପୂରି ରହିଛି। ଏଭଳି ପରିସ୍ଥିତିରେ ମିଲ୍‌ଗୁଡ଼ିକରୁ ଚାଉଳ ଉଠା ନ ଗଲେ ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ ହୋଇ ପଡ଼ିବ ବୋଲି ଶୁକ୍ରବାର ବରଗଡ଼ ହୋଟେଲ ଗଣପତିଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲା ମିଲର୍ସ ଆସୋସିଏଶନର ପ୍ରତିନିଧିବୃନ୍ଦ ଆଶଙ୍କା ପ୍ରକାଶ କରିଛନ୍ତି। ଫଳରେ ଜିଲାରେ ଏବେଠାରୁ ଚାଉଳ ଉଠାଣ ପ୍ରକ୍ରିୟାକୁ ଯଥେଷ୍ଟ ଗୁରୁତ୍ୱ ଦେବାକୁ ଆସୋସିଏଶନ ପକ୍ଷରୁ ଜିଲା ପ୍ରଶାସନ ଏବଂ ସରକାରଙ୍କୁ ନିବେଦନ କରାଯାଇଛି।



ଖବରଦାତା ସମ୍ମିଳନୀରେ ମିଲର୍ସ ଆସୋସିଏଶନର ପ୍ରତିନିଧିବୃନ୍ଦ।

ଖବରଦାତା ସମ୍ମିଳନୀରେ ମିଲର୍ସ ଆସୋସିଏଶନର ପ୍ରତିନିଧିବୃନ୍ଦ ସୂଚନା ଦେଇ କହିଥିଲେ, ଜିଲାର ରାଇସ୍ ମିଲଗୁଡ଼ିକରୁ ଏପର୍ଯ୍ୟନ୍ତ ମାତ୍ର ୩୯ପ୍ରତିଶତ ଚାଉଳ ଉଠାଯାଇଛି। ଆହୁରି ୬୧ପ୍ରତିଶତ ଚାଉଳ ଜିଲାରେ ରହିଥିବା ରାଇସ୍ ମିଲ୍‌ଗୁଡ଼ିକର ଗୋଦାମରେ ପୂରି ରହିଛି। ଏପରି କି ଆଉ ଧାନକୁ ସୁରକ୍ଷିତ ରଖିବା ପାଇଁ ମିଲ୍ ଗୁଡ଼ିକରେ ଜାଗା ନାହିଁ। ତେବେ ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏହି ଚାଉଳ ସବୁକୁ ଉଠା ନ ଗଲେ ସେତେବେଳେ ମିଲର୍ସଙ୍କ ପକ୍ଷରେ ମଣ୍ଡିରୁ ଧାନ ଉଠାଇ ମିଲରେ ରଖିବା ସମ୍ଭବ ହେବ ନାହିଁ ଏବଂ ଧାନ ସଂଗ୍ରହ ପ୍ରକ୍ରିୟାରେ ଜଟିଳ ସ୍ଥିତି ଉପୁଜିବ।

ସେହିପରି ଦୀର୍ଘ ୨ବର୍ଷ ହେଲା ମିଲର୍ସମାନଙ୍କୁ କଷ୍ଟୋଡ଼ି ମେଣ୍ଟେନାନ୍ସ ଚାର୍ଜେସ୍ ମଧ ମିଳି ନାହିଁ। ତେବେ ଏହା ନ ମିଳିଲେ ସେମାନେ ଆଗକୁ ଧାନ, ଚାଉଳ ଷ୍ଟକ ରଖିବା ପାଇଁ ମଧ ସକ୍ଷମ ହେବେ ନାହିଁ ବୋଲି ମିଲର୍ସ ପ୍ରତିନିଧି କହିଛନ୍ତି। ଏହି ଦୃଷ୍ଟିରୁ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ଧାନକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର କୌଣସି ଅନ୍ୟ ଏକ ଏଜେନ୍ସିକୁ ଦାୟିତ୍ୱ ପ୍ରଦାନ କରିବାକୁ ଆସୋସିଏଶନ ପକ୍ଷରୁ ପ୍ରସ୍ତାବ ଦେଇଛନ୍ତି। ତେବେ ଏହି ସମସ୍ୟା ନେଇ ଆସୋସିଏଶନ ପକ୍ଷରୁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ, ଜିଲାପାଳ, ବିଧାୟକ, ସାଂସଦଙ୍କଠାରୁ ଆରମ୍ଭ କରି ଯୋଗାଣ ସଚିବ, ଯୋଗାଣ ମନ୍ତ୍ରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ମିଲର୍ସ ଆସୋସିଏଶନ ଅଭିଯୋଗ କରିଛି। ଆସୋସିଏଶନର ନିତେଶ ବଂଶଲ, ଚନ୍ଦନ ଅଗ୍ରୱାଲ, ଦିନେଶ ପାଣିଗ୍ରାହୀ, ଗିରିଧର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଜିଲାର ଅନେକ ମିଲର୍ସ ଉପସ୍ଥିତ ଥିଲେ।

# ଡାକ୍ତର ପଦବୀ ଖାଲି, ରୋଗୀଙ୍କୁ ମିଳୁନି ସେବା



**ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଏନ୍ଏସି, ବ୍ଲକର ୮୦%ରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ

ଅତାବିରା,୨।୮(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର, ନର୍ସ ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡିଛି। ଫଳରେ ଏଠାକୁ ଆସୁଥିବା ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅତାବିରା ଏନ୍ଏସି ଓ ବ୍ଲକ ଅଞ୍ଚଳର ୮୦ ପ୍ରତିଶତରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇବା ପାଇଁ ନିର୍ଭର କରିଥାନ୍ତି। ଅନ୍ୟପଟେ ୫୩ ନଂ. ଜାତୀୟ ରାଜପଥ କଡ଼ରେ ଥିବାରୁ ଏହି ଡାକ୍ତରଖାନା ଥିବାରୁ ପଥଚାରୀଙ୍କ ଭରସା ରହିଥାଏ। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଭେଷଜ ରୋଗ ବିଶେଷଜ୍ଞ, ଷ୍ଟାଫ ନର୍ସ, ୭ ଜଣ ସୁରକ୍ଷା କର୍ମୀ ଏପରି ଅନେକ ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳରେ ଥିବା କମ୍ୟୁନିଟି ହେଲ୍‌ଥ ସେଣ୍ଟର ଅଫିସରଙ୍କୁ ଏଠାକୁ ଆଣି କାମ କରାଯାଉଛି। ଡାକ୍ତର ପଦବୀ ଖାଲି ସାଙ୍ଗକୁ ବିଭିନ୍ନ ଔଷଧ ଅଭାବରୁ ରୋଗୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମୁଖ୍ୟତଃ ରକ୍ତଚାପ ନିୟନ୍ତ୍ରଣ ଔଷଧର ଘୋର ଅଭାବ ଦେଖିବାକୁ ମିଳୁଛି। ଏ ନେଇ ଦାୟିତ୍ୱରେ ଥିବା ଡାକ୍ତର ଚିତ୍ତରଞ୍ଜନ ଜେନାଙ୍କୁ ପଚାରିବାରୁ ସେ କହିଲେ, ଡାକ୍ତରଖାନାରେ ଓଜନ ମାପକ ଯନ୍ତ୍ର ଅଚଳ ରହିଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକ ଜିନିଷପତ୍ର ମଗାଯାଇଛି। ସେହିପରି ଡାକ୍ତର ଓ କର୍ମଚାରୀ ପଦବୀ ଖାଲି ଥିବା ବିଷୟରେ ମଧ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ଡ଼ ଜେନା କହିଥିଲେ। ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୮ ତାରିଖରେ ଏକକ ସ୍ୱାସ୍ଥ୍ୟକାର୍ଡ ବଣ୍ଟନର ଶୁଭାରମ୍ଭ ଅବସରରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଭେଷଜ, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଆଦି ପଦବୀ ପୂରଣ ସହ ବହୁବିଧ ଅସୁବିଧା ଦୂର କରିବାକୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତଥାପି ସରକାର ଏସବୁ ଦିଗରେ କର୍ଣ୍ଣପାତ ନ କରିବା ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ ମହାଲରେ ଚର୍ଚ୍ଚା ହେଉଛି।

## ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ପାଇକମାଲ,୨।୮(ବଡ଼ ଶତପଥୀ)

ପାଇକମାଲ ବ୍ଲକ ମାଣ୍ଡୋସିଲ ବଜାର ପ୍ରାଙ୍ଗଣସ୍ଥିତ ଦୁର୍ଗା ମଣ୍ଡପରେ ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୁର୍ଗାପୂଜା କିପରି କରାଯିବ ଏନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପୂଜା ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବରେ ମହେନ୍ଦ୍ର କୁମାର ଖୁଣ୍ଟିଆ, ଉପସଭାପତି ପ୍ରଦୀପ ଦାଶ, ସମ୍ପାଦକ ଗୋପାଳ ପ୍ରସାଦ ବେହେରା, ସହ ସମ୍ପାଦକ ଅକ୍ଷୟ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବରେ ଗିରିଧାରୀ ରଣାଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଗ୍ରାମବାସୀ ତଥା ମା' ମାଉସୀମାନେ ଉପସ୍ଥିତ ଥିବାବେଳେ ବୈଠକ ଶେଷରେ ଗ୍ରାମ୍ୟ କମିଟି ସମ୍ପାଦକ ରାଧେଶ୍ୟାମ ପଟେଲ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜନ ପ୍ରତିନିଧି ଏବଂ ଅଧିକାରୀବୃନ୍ଦ।

ବରଗଡ଼,୨।୮(ପ୍ରେମାନନ୍ଦ ଖମାରୀ)

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ଦିନିକିଆ ବରଗଡ଼ ଗସ୍ତ କରି ସ୍ଥାନୀୟ ଅମ୍ବାପାଲି ସର୍କିଟ ହାଉସଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ସହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଅଭିଯୋଗ ଶୁଣାଣି ଶିବିରରେ ଭୂମିହୀନଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ, ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୪୬ଟି ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ମନ୍ତ୍ରୀ ୪ଜଣ ରୋଗୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଲେଖାଏ ସହାୟତା ରାଶିର ଚେକ ପ୍ରଦାନ କରିବା ସହ ବରଗଡ଼ ତହସିଲର ୭ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା, ୪ ଜଣ ବିକଳାଙ୍ଗ ଲୋକଙ୍କୁ ହ୍ୱିଲଚେୟାର ପ୍ରଦାନ କରିଥିଲେ। ଏହାପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ନିଜ ବିଭାଗର ବିଭିନ୍ନ ଯୋଜନା ତଥା ସରକାରୀ ସୁବିଧାର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବାକୁ ଯାଇ ଜିଲାରେ ବସୁନ୍ଧରା ସର୍ଭେ, ପଟ୍ଟା ବଣ୍ଟନ ଓ ଜମି ହସ୍ତାନ୍ତର ସ୍ଥିତି, ବରଗଡ଼ ନୂଆପଡ଼ା ରେଳ ଲାଇନ ନିର୍ମାଣ ପାଇଁ ଜମି ଅଧିଗ୍ରହଣ, ଜାତୀୟ ରାଜପଥ ନିର୍ମାଣ ତଥା ଆଧାରିତ ସମସ୍ୟା ଗୁଡ଼ିକର ସମାଧାନ, ପ୍ରାଥମିକ ବିଦ୍ୟାଳୟର ଜମି ପଟ୍ଟା ପ୍ରଦାନ, ଜମି ପଟ୍ଟା କଲମ-୨ କରେକ୍ସନ, ବସ୍ତି ଜମି ପଟ୍ଟା ପ୍ରଦାନ, ଠିକ ସମୟରେ ଯୋଗ୍ୟ ଲୋକଙ୍କୁ ଜାତିଗତ ବାସିନ୍ଦା ଓ ଆୟ ପ୍ରମାଣ ପତ୍ର ପ୍ରଦାନ, ରେଜିଷ୍ଟ୍ରି ଓ ତହସିଲ କାର୍ଯ୍ୟାଳୟରେ ଦଲାଲ ମୁକ୍ତ କରିବା ସହ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ତଥା ସମସ୍ତ ତହସିଲଦାର ଅଗ୍ରାଧିକାର ଭିତ୍ତିରେ ରାଜସ୍ୱ ଜମିରୁ ଜବର ଦଖଲ ମୁକ୍ତ କରିବା ପାଇଁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା, ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ମହେନ୍ଦ୍ର ମହାପାତ୍ର ପଦ୍ମପୁର ଉପଜିଲାପାଳ ଅରୁଗୁଲା ସ୍ନେହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଉପସ୍ଥିତ ଥିଲେ।

## ଜିଲାରେ ୪୯.୫୪୯ ହିତାଧିକାରୀଙ୍କୁ ପିଏମ୍ କିଷାନ ସହାୟତା

ବୌଦ୍ଧ,୨।୮(ଅଜିତ କୁମାର ବାରିକ)

ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ହସ୍ତାନ୍ତର ଅବସରରେ ବୌଦ୍ଧରେ ଜିଲା ସ୍ତରୀୟ ପିଏମ୍ କିଷାନ ଦିବସ ଟାଉନ ହଲ୍‌ଠାରେ ଶନିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି, ଉନ୍ନୟନ ଓ ପଛୁଆବର୍ଗ, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ସିଧାସଳଖ ପ୍ରସାରଣ କରାଯାଇଥିଲା। ବୌଦ୍ଧ ଜିଲାରେ ୪୯.୫୪୯ ହିତାଧିକାରୀଙ୍କୁ ପିଏମ୍ କିଷାନ ସହାୟତା ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଗଣ୍ଡ ପିଏମ୍ କିଷାନ ଯୋଜନାର ଲାଭ ସମସ୍ତ ଚାଷୀ ଉଠାଇବାକୁ କହିବା ସହ ଜିଲାରେ କୃଷି କ୍ଷେତ୍ରରେ ଜଳସେଚନ ପାଇ ରାଜ୍ୟ ସରକାର ପଦକ୍ଷେପ ନେଉଥିବା କହିଥିଲେ । କାର୍ଯ୍ୟକ୍ରମରେ ଜିଲାର ବହୁ ଚାଷୀ ଯୋଗ ଦେଇଥିଲେ।




ସହାୟତା ରାଶି ବଣ୍ଟନରେ ମନ୍ତ୍ରୀ ଓ ଅନ୍ୟମାନେ।

## ଜ୍ଞାନ ବିଜ୍ଞାନମେଳା, ୩୪୭ ପ୍ରକଳ୍ପ ପ୍ରଦର୍ଶିତ

ବରପାଲି,୨।୮(ଚିତ୍ତରଞ୍ଜନ ସାହୁ)

ବରପାଲିସରସ୍ୱତୀଶିଶୁବିଦ୍ୟାମନ୍ଦିରଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରମୁଖ ଡା.ଶଙ୍କର୍ଷଣ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ବିଜ୍ଞାନର ବାର୍ତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ଅତିଥି ପରିଚୟ ସହିତ ବିଜ୍ଞାନର ସଦୁପଯୋଗ କିପରି କରିବା ସେ ସମ୍ପର୍କରେ ମତ ରଖିଥିଲେ। ଗୁରୁଜୀ ରବୀନ୍ଦ୍ର ସାହୁ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ବିଜ୍ଞାନ ଗୁରୁଜୀ ଧର୍ମେନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଜ୍ଞାନ ମେଳାରେ ସର୍ବମୋଟ ୩୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ପାଇଁ ସତ୍ୟନାରାୟଣ ମିଶ୍ର, ଅନ୍ତର୍ଯ୍ୟାମୀ ବେହେରା, ଅଶୋକ ପଣ୍ଡା, ଲଲାଟେନ୍ଦୁ ରଣା, ମନୋଜ ବାରିକ, ବୀର କିଶୋର ପଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପଗୁଡ଼ିକ ଆଗାମୀ ସମୟରେ ହେବାକୁ ଥିବା ସଂକୁଳ ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ ସେବିକା ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥିଲେ।



ମେଳାରେ ପ୍ରକଳ୍ପ ପ୍ରଦର୍ଶିତ କରାଯାଉଛି।

## ଜ୍ଞାନ ବିଜ୍ଞାନ ମେଳା, ୩୦ ପ୍ରକଳ୍ପ ପ୍ରଦର୍ଶିତ

ହରଭଙ୍ଗା,୨।୮(ନରେନ୍ଦ୍ର କୁମାର ସାହୁ)- ହରଭଙ୍ଗା ବ୍ଲକର ପୁରୁଣାକଟକ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଉପସଭାପତି ସତ୍ୟାନନ୍ଦ ପୁରୋହିତ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ମେଳାକୁ ଉଦ୍‌ଘାଟନ କରିଥିଲେ। କମଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଜତ କୁମାର ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ ଲୁଣିବାହାଲର ବିଜ୍ଞାନ ଶିକ୍ଷକ କବିରାଜ ସାହୁ ଓ ତିଳେଶ୍ୱର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦିପ୍ତିରଞ୍ଜନ ଜୟସିଂହ ନିର୍ଣ୍ଣାୟକ ଭାବେ ଯୋଗ ଦେଇଥିଲେ। ଶିଶୁ ବର୍ଗରେ ୨୨ଟି ପ୍ରକଳ୍ପ, ବାଲ ବର୍ଗରେ ୫ ଗୋଟି ପ୍ରକଳ୍ପ ଓ କିଶୋର ବର୍ଗରେ ୩ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଅତାବିରା, ୨।୮(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ସ୍ଥିତ ଟାମ୍ପରସରା ହାଇସ୍କୁଲର ଶିକ୍ଷକ ଅକ୍ଷୟ କୁମାର ତ୍ରିପାଠୀଙ୍କ ଚାକିରି କାର୍ଯ୍ୟକାଳ ସମାପ୍ତ ହେତୁ ପ୍ରଧାନ ଶିକ୍ଷକ ମନୋହର ଦାଶଙ୍କ ସଭାପତିତ୍ୱରେ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଡୋଳାମଣି ମହାନନ୍ଦ, ପ୍ରେମରାଜ ନାଏକ, ମୋ ସ୍କୁଲ ଅଭିଯାନର ସଭାପତି ଧନମାଳୀ ଭୁଏ, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ, କାଦୋବାହାଲ ସିଆର୍‌ସିସି ତ୍ରିଲୋଚନ ସେଠ, ଛନ୍ଦପାଲି ସିଆର୍‌ସିସି କେଶବ ଛନ୍ଦ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ତ୍ରିପାଠୀଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇ ଅବସରକାଳୀନ ଜୀବନର ସୁଖମୟ କାମନା କରାଯାଇଥିଲା। ବିଦାୟ ସଭା ଶେଷହେବା ପରେ ବିଦାୟୀ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଶିକ୍ଷକ ତ୍ରିନାଥ କୁମ୍ଭାର ସଭା ପରିଚାଳନ କରିଥିବା ବେଳେ ସଙ୍ଗୀତା ରାଉତରାୟ ଅତିଥି ପରିଚୟ ଓ ବିଜୁଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଗୁରୁବାର ଅତାବିରା ବ୍ଲକ ଅଧିନ ଜାମଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଭୁଏଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଦିବାକର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ନାଏକ, ସମ୍ମାନୀତ ଅତିଥି ଭାବେ ବୁଗବୁଗା କ୍ଲଷ୍ଟର ସିଆର୍‌ସିସି ନନ୍ଦିଘୋଷ ଭୁଏ, କିଶୋର ସାହୁ, ସିଆର୍‌ସିସି ଧରମ ନାଏକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସିଆରସିସି ରଂଜନ ବାଗ।




ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଅବସରରେ ଶିକ୍ଷକଙ୍କ ସହ ଅତିଥି।

# ସମ୍ବଲପୁରୀ ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ନେଇ ଆଲୋଚନା

ବରପାଲି,୨।୮(ଚିତ୍ତରଞ୍ଜନ ସାହୁ)

ବରପାଲି ସରସ୍ୱତୀ ସଂଘ ପରିସରରେ ସରସ୍ୱତୀ ସଂଘ ଓ ସରସ୍ୱତୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ଅଧ୍ୟକ୍ଷା ସୁମନା ଦାଶ ଓ ଅନ୍ୟ ବରିଷ୍ଠ ସଦସ୍ୟା ଘରଯୁଗୀ ଗଡ଼ତିଆ ଓ ସୌଦାମିନୀ ଖଟୁଆ ମଞ୍ଚାସୀନ ଥିଲେ। ସରସ୍ୱତୀ ସଂଘର ସମ୍ପାଦିକା ସୁନିତା ମୁଣ୍ଡ ସ୍ୱାଗତ ଅଭିଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ସୁମନା ଦାଶ ସମ୍ବଲପୁରୀ ଭାଷା ଓ ସାହିତ୍ୟର ଭିତ୍ତି ସଂସ୍ଥାପକ ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଘରଯୁଗୀ ଗଡ଼ତିଆ, ସୌଦାମିନୀ ଖଟୁଆ ଓ ଅଞ୍ଜଳି ପଧାନ କବିତା ପାଠ କରିଥିଲେ। ସମ୍ବଲପୁରୀ ବାନ୍ଧ କଳା ପାଇଁ ପ୍ରସିଦ୍ଧି ଲାଭ କରିଥିବା ସୁକାନ୍ତି ମେହେରଙ୍କୁ ସଂଘର ସଭାପତି ଲୀଳାବତୀ ତ୍ରିପାଠୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଦସ୍ୟାଗଣ ସମସ୍ତେ କିପରି ସମ୍ବଲପୁରୀ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବେ ତା'ଉପରେ ଆଲୋଚନା କରିଥିଲେ ।




ବରିଷ୍ଠ ନାଗରିକ ସଂଘ ସଦସ୍ୟାମାନେ ପ୍ରସ୍ତୁତ କରିଥିବା ପିଠାପଣା ପ୍ରଦର୍ଶନୀ କରୁଛନ୍ତି।




ଅତାବିରାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଅତାବିରା, (ଯୁଧିଷ୍ଠିର ମହାପାତ୍ର):** ଅତାବିରା ତିହାର୍ କଳା ପରିଷଦ ପକ୍ଷରୁ ଶୁକ୍ରବାର ବ୍ଲକ ଅଫିସ ସାମ୍ନାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି । ଆମେ କୋଶଳ ହେଉ ବା ସମ୍ବଲପୁରୀ ହେଉ ସେଥିପାଇଁ ଭାଷା ଆନ୍ଦୋଳନ କରୁଛୁ ହେଲେ ଆମ ପୂର୍ବ ପୁରୁଷମାନେ ବହୁ ପୂର୍ବରୁ ଭାଷା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇବା ପାଇଁ ତାଙ୍କ ସ୍ତରରେ ଭାଷା ଆନ୍ଦୋଳନ କରିଥିଲେ। ଫଳରେ ଆମେ ଏବେ ଆମ ଭାଷା କହି ଶିକ୍ଷା ଲାଭ କରି ପାରୁଛୁ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସଭାପତି ତଥା ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ପ୍ରକାଶ କରିଥିଲେ। ଅତାବିରା ତହସିଲଦାର କେ. ରିଚି କୁମାର, ବିଡିଓ ରିପୁନାଥ ସୁନା, ଆଇସିଡିଏସ୍‌ର ସିଡିପିଓ ଊର୍ମିଳା ପରିଡ଼ା, ଭାଜପା ବରଗଡ଼ ଜିଲା ସଭାପତି ଅରୂପାନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଓ ଆଲିଶା ମିଶ୍ର ସଂଯୋଜନା କରିଥିଲେ। ଏଥିରେ ୪ଟି ସାଂସ୍କୃତିକ ଅନୁଷ୍ଠାନ ଓ ୨୬ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟ ପାଇଁ ବୁଗବୁଗାର ନିମାଇଁ ଚରଣ ମହାପାତ୍ର, ଲୋକ କଳା ପାଇଁ ଖଲିଆପାଲିର କରମସାନି ସଂକୀର୍ତ୍ତନ୍ୟ କଳାକାର କ୍ଷେତ୍ରମୋହନ ଗଡ଼ତିଆ ଏବଂ ପରମାନପୁରର ସଞ୍ଚାରକଳା ଅଷ୍ଟମୀ ବାରିକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଲାଦରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀ, ଲାଦରପାଲିଠାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଏଥିରେ ବିଚାରକ ଭାବରେ ଅଳକା ଦାଶ, ବଳରାମ ସାହୁ, ରାଜେଶ୍ୱର ପ୍ରଧାନ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ 'ସମ୍ବଲପୁରୀ ଦିନ୍' ପାଳନ ସମ୍ପର୍କୀୟ ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟକାର ଘନଶ୍ୟାମ ମହାପାତ୍ର, କବି କିଶୋର ସାହୁ, କବି ଭରତ ପ୍ରଧାନ, କବି ଶ୍ରୀ ଲକ୍ଷ୍ମଣ ସୁନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶେଷଦେବ ନାଏକ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ଅଧ୍ୟକ୍ଷ ବବ୍ରୁବାହାନ ମିଶ୍ର ମଞ୍ଚାସୀନ ଥିଲେ।

## ସଂକ୍ଷେପରେ

### ୫ରେ ପ୍ରକାଶ ପାଇବ ସିପିସି ଫଳାଫଳ

**ରାଉରକେଲା,୨।୮(ବିପ୍ଳବ ରଞ୍ଜନ ଦାଶ):** ଗତବର୍ଷ କେନ୍ଦ୍ରୀୟ ପୂଜା କମିଟି (ସିପିସି) ଆନୁକୂଲ୍ୟରେ ରାଉରକେଲାର ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ଶାନ୍ତିଶୃଙ୍ଖଳା ସହ ପାଳନ ହୋଇଥିଲା। ପୂଜା ସମୟରେ ଏହି ତିନୋଟି ପୂଜାର ମୃଣ୍ମୟ ମୂର୍ତ୍ତିଗୁଡିକର ମୂଲ୍ୟାୟନ କରାଯାଇଥିଲା। ଆସନ୍ତା ମଙ୍ଗଳବାର ଅପରାହ୍ନ ୪ଟାରେ ସ୍ଥାନୀୟ ଆଇଟିଡିଏ ହଲ୍‌ରେ ଏହି ଫଳାଫଳ ଘୋଷଣା ନେଇ ନିଷ୍ପତ୍ତି ନିଆଯାଇଥିବା ସିପିସି ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରା ଶନିବାର ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସିପିସି ସଭାପତି ତଥା ରାଉରକେଲା ଏଡିଏମ୍, ପାନପୋଷ ଉପଜିଲାପାଳ, ରାଉରକେଲା ତହସିଲଦାର ଓ ଡେପୁଟି କଲେକ୍ଟରଙ୍କ ସମେତ ସିପିସିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବେ ବୋଲି ବେହେରା ଜଣାଇଛନ୍ତି।

### ଉଦାର ହୃଦୟ ପରିବାରର ନୂତନ କର୍ମକର୍ତ୍ତା

**ରାଉରକେଲା,୨।୮(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲାର ସାମାଜିକ ଅନୁଷ୍ଠାନ ଉଦାର ହୃଦୟ ପରିବାରର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଭାବେ ଦିଲୀପ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ବିଜୟ ରଜକ ସଭାପତି, ଅମର କୁମାର ମହାନ୍ତି ଉପସଭାପତି, ପ୍ରଶାନ୍ତ କୁମାର ସାମଲ ସମ୍ପାଦକ, ନିଲୁ ବାରିକ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସେହିପରି ଏଥିରେ ୧୫ଜଣ ସଦସ୍ୟ ରହିଛନ୍ତି। ରାଉରକେଲା ସହରର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ରବିବାର ରନ୍ଧାଖାଦ୍ୟ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି।

### ଗୃହ ଆବଣ୍ଟନରେ ଅନିୟମିତତା
### ଅବସରପ୍ରାପ୍ତ ଯବାନଙ୍କ ଧାରଣାକୁ ବିତିଲା ୯ ଦିନ

**ରାଉରକେଲା,୨।୮(ଦିନେଶ ମିଶ୍ର):** ଘର ଆବଣ୍ଟନ ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ ଆଣି ଅବସରପ୍ରାପ୍ତ ଯବାନ ଚକ୍ରାନ୍ତ ଜେନାଙ୍କ ଧାରଣାକୁ ଶନିବାର ୯ଦିନ ବିତିଥିଲେ ମଧ୍ୟ ଆର୍‌ଡିଏ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ସେ ଧାରଣା ଜାରି ରଖିଛନ୍ତି। ଅନ୍ୟପକ୍ଷେ ଯେଉଁ ପର୍ଯ୍ୟନ୍ତ ତାଙ୍କୁ ଉଚିତ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି ଜେନା ସ୍ଥାନୀୟ ପ୍ରଶାସନ ଓ ଆର୍‌ଡିଏ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଜେନାଙ୍କୁ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ଆଇନଜୀବୀ ଏବଂ ରାଜନେତା ସମର୍ଥନ ଜଣାଇଛନ୍ତି।

### ସେକ୍ଟର-୧୯ ଥାନାରେ ଆମ ପୋଲିସ ବୈଠକ




**ରାଉରକେଲା, ୨।୮(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୧୯ ଥାନାରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ସୁମନ ଦତ୍ତଙ୍କ ଆବାହକତ୍ୱ ଓ ଥାନା ପ୍ରଭାରୀ ରଞ୍ଜନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ ପୋଲିସର ସଦସ୍ୟ ଓ ସାଧାରଣ ଜନତା ଯୋଗଦେଇ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୋବାଇଲର ସଠିକ୍ ବ୍ୟବହାର ଓ ଅପବ୍ୟବହାର ନ କରିବା, ଅସାମାଜିକ ତତ୍ତ୍ୱ ଓ ସାଇବର କ୍ରାଇମ ଏବଂ ନିଜ ଘରେ ରହୁଥିବା ଭଡାଟିଆଙ୍କ ସମ୍ପର୍କରେ ଥାନାରେ ସୂଚନା ଦେବା, ରାତି ୧୦ଟା ପରେ ଫୁଡ୍ କୋର୍ଟ ବନ୍ଦ କରିବା ସମ୍ପର୍କରେ ଆଇଆଇସି ନାୟକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନିହାର ଦାସ, ସନ୍ତୋଷ ସ୍ୱାଇଁ, ଗଣେଶ ଜୟସିଂହ, ଶ୍ୟାମସୁନ୍ଦର ସ୍ୱାଇଁ, ରମେଶ ଯାଦବ, ଚନ୍ଦ୍ରକାନ୍ତ ସାହୁ, ସଞ୍ଜୟ ରଜାକ, ଗାଭିଏଲ ବରୁଆ, ସଂଗ୍ରାମ ମହାନ୍ତି, ମନୋଜ ନାୟକ, ଶ୍ୟାମଲାଲ ବଡାଇକ, ସଞ୍ଜୟ ନାୟକ, ସୁନିଲ ଜେନା, ସୁଶାନ୍ତ ସ୍ୱାଇଁ, ପ୍ରସନ୍ନ ସାହୁ, ଶୁଶାନ୍ତ କୁମାର ଦାସ, ନାରାୟଣ ସିଂହ, ପ୍ରଦୀପ୍ତ କୁମାର ସାହୁ ଓ ଥାନା ଏସ୍‌ଆଇ ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତ ଗାଁରେ କମୁନି ହାତୀ ଉପଦ୍ରବ

**ରାଉରକେଲା,୨।୮(ସଙ୍ଗୀତା ଜେନା)**

ଝାଡ଼ଖଣ୍ଡ-ଓଡିଶା ସୀମାନ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ଦ୍ରୁତ ସହରୀକରଣ, ଜଙ୍ଗଲକ୍ଷୟ ଏହାର କାରଣ ସାଜିଥିବାବେଳେ ମହୁଲ ତଥା ଦେଶୀମଦ ରନ୍ଧାକୁ ଆକୃଷ୍ଟ ହୋଇ ହାତୀପଲ ଜନବସତିମୁହାଁ ହେଉଛନ୍ତି। ଏଥିଯୋଗୁ ହଜାର ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହେବା ସହିତ ଅନେକ ଜୀବନ ଚାଲିଯାଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ହାତୀ କରିଡ଼ର, ଜନବସତି, ଜଙ୍ଗଲ ସୀମାରେ ସୋଲାର ଫେନ୍‌ସିଂ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ହାତୀ ଉପଦ୍ରବ ରୋକିବା ସମ୍ଭବ ହେଉନାହିଁ।

ବର୍ତ୍ତମାନ ସୁନ୍ଦରଗଡ଼ ଜିଲାର ଲାଠିକଟା, ବନ୍ଧମୁଣ୍ଡା ଅଞ୍ଚଳରେ ହାତୀପଲଙ୍କ ଗତିବିଧି ଅଧିକ ରହୁଛି। ଏହି ଅଞ୍ଚଳର କିଛି ସ୍ଥାନରେ ସୋଲାର ଫେନ୍‌ସିଂ ନାହିଁ। ହାତୀ ନିୟନ୍ତ୍ରଣ ପାଇଁ ବଡ଼ ବଡ଼ ଗର୍ତ୍ତ (ଟ୍ରେଞ୍ଚ୍)ର ମଧ୍ୟ ସମାନ ଅବସ୍ଥା। ପୂର୍ବରୁ ହୋଇଥିବା ଫେନ୍‌ସିଂ ତାର ଚୋରି ଯୋଗୁ ହାତୀ ନିୟନ୍ତ୍ରଣରେ ବାଧା ସୃଷ୍ଟି ହେଉଛି।

**ସୋଲାର ଫେନ୍‌ସିଂ ସତ୍ତ୍ୱେ ଗାଁମୁହାଁ ହାତୀପଲ**

ରାଉରକେଲା ବନ ବିଭାଗ ଅଧୀନରେ ବିଶେଷ କରି ଝାଡ଼ଖଣ୍ଡ ସହିତ ଦୁର୍ବଳ ସୀମାରେ ସୋଲାର ଫେନ୍‌ସିଂ (ସୌର ବାଡ଼) ବ୍ୟବହାର କରାଯାଇଥାଏ। ବିଶେଷ କରି ବିଶ୍ରା, ବିରମିତ୍ରପୁର ଓ କୁଆଁରମୁଣ୍ଡାର କିଛି ଗ୍ରାମକୁ ଲକ୍ଷ୍ୟ କରି ସୋଲାର ଫେନ୍‌ସିଂ ବିସ୍ତାର ଯୋଜନା କରାଯାଇଥିଲା। ଏଥିରେ ସୌର ପ୍ୟାନେଲ, ବ୍ୟାଟେରୀ, ଏକ ଆଲୋକୀକରଣ ଡାଇଭର୍ଟରେ କିଟ୍ ଓ ବଜ୍ରପାତରୁ ସୁରକ୍ଷା ପାଇଁ ଆର୍ଥିଂ ସିଷ୍ଟମ ବ୍ୟବସ୍ଥା ରହିଥାଏ। ହାତୀଙ୍କ ଗତିବିଧିକୁ ଟ୍ରାକ୍ କରିବା ଏବଂ ଫେନ୍‌ସିଂ ପ୍ରକଳ୍ପ ପରିଚାଳନା ପାଇଁ ବନ ଅଧିକାରୀ ଜିଓ ଟ୍ୟାଗ୍ ହୋଇଥିବା ଫଟୋ ଏବଂ ମୋବାଇଲ ଆପ୍ ବ୍ୟବହାର କରିଥାନ୍ତି। ଫେନ୍‌ସିଂ ପାଇଁ ୧୫୦ ୱାଟ୍‌ର ସୌର ପ୍ୟାନେଲ ବ୍ୟବହାର କରାଯାଇଥାଏ। ରାଉରକେଲା ବନ ବିଭାଗ ଅଧୀନରେ ପାନପୋଷ, ବିଶ୍ରା, ବାଙ୍କି, ରାଜଗାଙ୍ଗପୁର ଆଦି ରେଞ୍ଜରେ ସୋଲାର ଫେନ୍‌ସିଂ କାର୍ଯ୍ୟ କରାଯାଇଛି। ରାଉରକେଲା ପ୍ରଧାନପାଲୀଠାରୁ ଡୁମକେଲା ଅଞ୍ଚଳ ପର୍ଯ୍ୟନ୍ତ କୋଏଲ ନଦୀ ବ୍ୟତୀତ ୧୫ରୁ ୧୮କି.ମି ଫେନ୍‌ସିଂ କରାଯାଇଛି। ହାତୀ ଆକ୍ରମଣରୁ ଜନଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ଦକ୍ଷିଣ ରାଉରକେଲାର ଆଇଡିଏଲ୍ କଲୋନିରେ ମଧ୍ୟ ଫେନ୍‌ସିଂ ହୋଇଛି। ସେହିପରି ହାତୀ ପ୍ରବେଶ ରୋକିବା ପାଇଁ କମରପାହାଡ ଓ ବ୍ରାହ୍ମଣୀ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ୬.୭ କିମି ସୋଲାର ସହ ଟ୍ରପ୍ ଫେନ୍‌ସିଂ କରାଯାଇଛି। ଦକ୍ଷିଣ ରୁକୁମବେରା ଓ ରୁଡୁକୁପେଡ଼ୀ ରିଜର୍ଭ ଫରେଷ୍ଟରେ କୃତ୍ରିମ ଜଳାଶୟରେ ମଧ୍ୟ ଫେନ୍‌ସିଂ ବ୍ୟବସ୍ଥା ରହିଛି। ଗ୍ରାମସଭା ମାଧ୍ୟମରେ ୧୦ପ୍ରତିଶତ ଗ୍ରାମବାସୀଙ୍କ ସହଯୋଗ ଏବଂ ୯୦ ପ୍ରତିଶତ ବନ ବିଭାଗ ଅଧୀନରେ ଫେନ୍‌ସିଂର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଛି। ଗତ ୩ ବର୍ଷରେ ପାନପୋଷ ରେଞ୍ଜରେ ପ୍ରାୟ ୧୩ କି.ମି ଫେନ୍‌ସିଂ ହୋଇଛି। ଉକ୍ତ ଅଞ୍ଚଳରେ ପ୍ରାୟ ୭୦/୮୦ଲକ୍ଷ ଟଙ୍କାର ଫେନ୍‌ସିଂ କରାଯାଇଥିବା ସତ୍ତ୍ୱେ ତାହା କାମରେ ଆସୁନାହିଁ।

ସୋଲାର ଫେନ୍‌ସିଂର ଉଚିତ ରକ୍ଷଣାବେକ୍ଷଣ କରାଯାଉନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ହୋଇଥିଲେ ମଧ୍ୟ ହାତୀଙ୍କ ପ୍ରବେଶ ଜାରି ରହିଛି। କିଛିଦିନ ତଳେ ବନ୍ଧମୁଣ୍ଡା ଏବଂ ଆଖପାଖ ଅଞ୍ଚଳରେ ରାତିସାରା ହାତୀ ଉପଦ୍ରବ କରିଥିଲେ। ସେହିପରି ଲାଠିକଟା ଅଞ୍ଚଳରେ ସମାନ ସ୍ଥିତି ଲାଗି ରହିଛି। ହାତୀପଲ ଫସଲ ନଷ୍ଟ କରୁଛନ୍ତି। ସୋଲାର ଫେନ୍‌ସିଂ ପ୍ରକଳ୍ପରୁ ସୁଫଳ ମିଳୁନାହିଁ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମାଙ୍କୁ ପଚାରିବାରୁ ସେ କହିଲେ, ଚଳିତ ବର୍ଷ କିଛି ସ୍ଥାନରେ ଫେନ୍‌ସିଂ ପାଇଁ ପ୍ରସ୍ତାବ ଦିଆଯାଇଛି। ଲାଠିକଟା ଅଞ୍ଚଳରେ ଥିବା ସୋନାପର୍ବତରେ ୪ କି.ମି ଫେନ୍‌ସିଂ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ବନ୍ଧମୁଣ୍ଡା ଅଞ୍ଚଳ ମଧ୍ୟ ହାତୀ ଉପଦ୍ରବରୁ ରକ୍ଷା ପାଇବ। ଅନେକ ସମୟରେ ବିଭାଗରେ ପାଣ୍ଠି ଅଭାବ ରହୁଛି। ଫଳରେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁନାହିଁ। ସେପଟେ ଅନେକ ସମୟରେ ତାର ଚୋରି ହେଉଥିବା ଲିମା କହିଥିଲେ।




କାର୍ଯ୍ୟକ୍ଷମ ସ୍ଥଳରେ ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀ।

## କ୍ରାୟୋଜେନିକ ସଫେଇ ସିଷ୍ଟମ୍, ମେକ୍ ଶିଫ୍ଟ ହଟ୍ ବକ୍ସ କାର୍ଯ୍ୟକ୍ଷମ

**ରାଉରକେଲା,୨।୮(ବିପ୍ଳବ ରଞ୍ଜନ ଦାଶ)**

**ଆର୍‌ଏସ୍‌ପିର ରିପେୟାର ଶପ୍ ଇଲେକ୍ଟ୍ରିକାଲ ବିଭାଗ**

ପଣଧାରୀମାନଙ୍କୁ ଉନ୍ନତ ରକ୍ଷଣାବେକ୍ଷଣ ସମାଧାନ ବ୍ୟବସ୍ଥା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତିବଦ୍ଧତା ସ୍ୱରୂପ ଆର୍‌ଏସ୍‌ପି ସିଇଏମ୍-ରିପେୟାର ଶପ୍ ଇଲେକ୍ଟ୍ରିକାଲ (ସିଇଏମ-ଆରଏସଇ) ବିଭାଗ ଏକ ଅତ୍ୟାଧୁନିକ କ୍ରାୟୋଜେନିକ୍ ସଫେଇ ସିଷ୍ଟମ ଏବଂ ଏକ ଅଭିନବ ମେକ୍-ସିଫ୍ଟ ହଟ୍ ବକ୍ସ କାର୍ଯ୍ୟକ୍ଷମ କରିଛି। ଏହାକୁ ଆର୍‌ଏସ୍‌ପିର ବୈଦ୍ୟୁତିକ ବିଭାଗର ସିଜିଏମ୍ ରାଜକିଶୋର ମୁଦୁଲି ଓ ସିଇଏମ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ତଥା ବିଭାଗ ମୁଖ୍ୟ ପୋଲାକୀ ସନ୍ତୋଷ କୁମାରଙ୍କ ଉପସ୍ଥିତିରେ ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ଅବସରରେ ପ୍ଲାଣ୍ଟର ଅନେକ ବରିଷ୍ଠ ଅଧିକାରୀ ଓ ସିଇଏମ-ଆର୍‌ଏସ୍‌ଇ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ। କ୍ରାୟୋଜେନିକ ସଫେଇ ବ୍ୟବସ୍ଥା ମୋଟର ଗୁଡିକର ସଫେଇ ପାଇଁ ଏହା ହେଉଛି ଆଧୁନିକ ଓ ସୁରକ୍ଷିତ ପଦ୍ଧତି। ଏହି ବ୍ୟବସ୍ଥା ଡ୍ରାଏ-ଆଇସ ବ୍ଲାଷ୍ଟର ସହାୟତାରେ ୩-୧୫ ବାର ଚାପ ପରିସରରେ କାର୍ଯ୍ୟ କରିବା ସହିତ ଘଣ୍ଟା ପ୍ରତି ୧୦ରୁ ୬୫ କିଲୋଗ୍ରାମ ହାରରେ ଶୁଷ୍କ ବରଫ ପ୍ରଦାନ କରେ। କାର୍ବନ ଡାଇଅକ୍ସାଇଡ୍‌ର କଠିନ ରୂପ ଡ୍ରାଏ-ଆଇସ ତରଳ ଅବସ୍ଥାରେ ପ୍ରବେଶ ନ କରି ସିଧାସଳଖ କଠିନ ଅବସ୍ଥାରୁ ଗ୍ୟାସୀୟ ଅବସ୍ଥାକୁ ରୂପାନ୍ତରିତ ହୁଏ ଏବଂ ଇନ୍‌ସୁଲେସନ ଅଖଣ୍ଡତାକୁ ବିନା ବ୍ୟାଘାତରେ ମୋଟର ୱାଇଣ୍ଡିଂ ଗୁଡିକୁ ସଫା କରିବାରେ ସହାୟକ ହୋଇଥାଏ। ଏହି ପ୍ରଯୁକ୍ତିବିଦ୍ୟା ମୋଟର ୱାଇଣ୍ଡିଂ ଗୁଡିକୁ ଏକ ଉତ୍ତପ୍ତ ବାକ୍ସରେ ରଖିବା ଆବଶ୍ୟକତାକୁ ଏଡାଇ ସେଗୁଡିକର ଇନସୁଲେସନ ପ୍ରତିରୋଧ (ଆଇଆର)କୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ। ଫଳରେ ସାମଗ୍ରିକ ମରାମତି ସମୟ ହ୍ରାସ କରିଥାଏ। ଏହି ବ୍ୟବସ୍ଥା କେବଳ ଦ୍ରୁତ ମରାମତି ସୁନିଶ୍ଚିତ କରେ ନାହିଁ ବରଂ ମାନବ ଶକ୍ତିର ଅଧିକ ଦକ୍ଷ ବ୍ୟବହାର ଏବଂ ବ୍ୟବହାରକାରୀ ବିଭାଗଗୁଡିକୁ ତ୍ୱରିତ ସେବା ପ୍ରଦାନ ମଧ୍ୟ ସୁନିଶ୍ଚିତ କରିଥାଏ। ସେହିଭଳି ନବ ପ୍ରଚଳିତ ମେକ୍-ସିଫ୍ଟ ହଟ୍ ବକ୍ସ, ଏକ ଉତ୍ତାପ-ପ୍ରତିରୋଧୀ ତାରପାଲିନ ଏବଂ ଶିଳ୍ପ ହଟ୍ ବ୍ଲୋୟର ସହ ସଜ୍ଜିତ ହୋଇଛି ଯାହା ଦୂରବର୍ତ୍ତୀ ଅଞ୍ଚଳରେ ସ୍ଥିତ କାର୍ଯ୍ୟ ପାଇଁ ପ୍ରଭାବଶାଳୀ ଅନ୍‌ସାଇଟ ହିଟ୍ ଟ୍ରିଟମେଣ୍ଟ ସୁବିଧା ପ୍ରଦାନ କରିବା ସହ ସିଇଏମ-ଆରଏସଇ ବିଭାଗକୁ ମୋଟର ପରିବହନ କରିବା ଆବଶ୍ୟକତାକୁ ଦୂର କରେ। ହଟ୍ ବକ୍ସ ବର୍ତ୍ତମାନ କାର୍ଯ୍ୟସ୍ଥଳୀରେ ମୋଟର ପାଖରେ ପହଞ୍ଚି ସେବା ପ୍ରଦାନ କରୁଛି। ଏହି ପଦ୍ଧତି ବିଶେଷ କରି ବର୍ଷାଋତୁରେ ଗୁରୁତ୍ୱପୂର୍ଣ୍ଣ ରକ୍ଷଣାବେକ୍ଷଣ ଦଳଗୁଡିକୁ ମୋଟର ନିଷ୍କାସନ ନ କରି ସର୍ବୋତ୍ତମ ଆଇଆର ମୂଲ୍ୟ ବଜାୟ ରଖିବାକୁ ସକ୍ଷମ କରୁଛି। ଏହି ଅବସ୍ଥା ସହଜ ସ୍ଥାନାନ୍ତରଣ ଏବଂ ଦକ୍ଷତା ସହିତ ମୋଟର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରୁଛି। ଏହି ଦୁଇଟି ଅତ୍ୟାଧୁନିକ ବ୍ୟବସ୍ଥାର କମିଶନିଂ ସିଇଏମ-ଆରଏସଇର ଅଭିନବ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାର ପ୍ରୟାସକୁ ଗୁରୁତ୍ୱାରୋପ କରିବା ସହିତ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଏବଂ ନିର୍ଭରଯୋଗ୍ୟତାରେ ସେଲ୍ ୟୁନିଟଗୁଡିକ ମଧ୍ୟରେ ଅନନ୍ୟ ସ୍ଥିତିକୁ ସୁଦୃଢ କରିଛି।

### ପିଏମ୍‌ଶ୍ରୀ ସରକାରୀ ସ୍କୁଲରେ କାର୍‌ଗିଲ ବିଜୟ ଦିବସ

**ରାଉରକେଲା, ୨।୮(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା ସଭାପତିତ୍ୱ କରିଥିଲେ। ନିରୁପମା ଦାଶ ପତିଙ୍କ ପରିଚାଳନା ଏବଂ ଫ୍ଲାଇଂ ସ୍କ୍ୱାଡ୍ ସରୋଜ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଆଇଟିର ପ୍ରଫେସର ଶୁଭ୍ରଜିତ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍‌ଗିଲ ବିଜୟ ଦିବସ ଉପରେ ଆଲୋକପାତ କରିଥିଲେ। ଯବାନମାନଙ୍କ ମହାନ କାର୍ଯ୍ୟରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସୁଜାତା ତ୍ରିପାଠୀ, ଅଜୟ ରାଉତ, ସରୋଜ ଜେନା, ପ୍ରମିଳା ଡୁଙ୍ଗଡୁଙ୍ଗ, ମିନତୀ ଖମାରୀ, ପୂଜା ସ୍ୱାଇଁ, ହରିହର କାମିଲା, ସୁଜାତା ମିଶ୍ର, ସୁଶାନ୍ତ ରଥ, ସୁରେଖା ନାୟକ, ବନିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଛବିରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସମାଜକୁ ବାନ୍ଧି ରଖିବାର ଭାବ ହିଁ ଭାଗବତ

**ରାଉରକେଲା,୨।୮(ଦିନେଶ ମିଶ୍ର):** ରାଉରକେଲା ଅଗ୍ରସେନ ଭବନ ପରିସରରେ ଶ୍ରୀମଦ୍ ଭଗବତ ଭାଗବତ ପୁରାଣ କଥାର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିବ। ଏହି ପରିପ୍ରେକ୍ଷୀରେ ବୃନ୍ଦାବନ ଧାମରୁ ଆସିଥିବା କଥାକାର ବିଦ୍ୟୁଶ୍ରୀ ପୂଜା ଜୋଶୀ ଭାଗବତ କଥା ଉପରେ ପ୍ରବଚନ ପ୍ରଦାନ କରିଥିଲେ। ସମାଜ ଓ ପରିବାରକୁ ବାନ୍ଧି ରଖିବାର ଭାବ ହିଁ ଭାଗବତ ବୋଲି ସେ ମତପ୍ରକାଶ କରିଥିଲେ। ରାଉରକେଲାର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭାଗବତ ଶ୍ରବଣ କରିଥିଲେ। ପରେ ବୃନ୍ଦାବନରୁ ଆସିଥିବା ଭଜନ ଗାୟକଙ୍କ ଦ୍ୱାରା ଶ୍ରୀକୃଷ୍ଣ ଭଜନ ପରିବେଷଣ କରାଯାଇଥିଲା।

## ରାଉରକେଲା ବନଖଣ୍ଡରେ ବନ ମହୋତ୍ସବ



ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

**ରାଉରକେଲା,୨।୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବନଖଣ୍ଡ ପକ୍ଷରୁ ଶନିବାର ସକାଳ ୯ଟାରେ ହନୁମାନ ବାଟିକା ନିକଟ ପଡିଆରେ ୭୬ତମ ବନ ମହୋତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲାପାଳ ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମାସାମୀ ପି, ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଚଳିତ ବର୍ଷ ଦେଶରେ ୭ କୋଟିରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି। ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ମା'ପାଇଁ ଗଛଟିଏ ଯୋଜନାରେ ସମସ୍ତଙ୍କୁ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ସେ ସମ୍ବୋଧନ କରିଥିଲେ। ଚଳିତ ବର୍ଷ ରାଉରକେଲା ବନଖଣ୍ଡକୁ ସରକାରଙ୍କ ସରକାରଙ୍କ ତରଫରୁ ୧୦,୩୦,୦୦୦ ଚାରା ବଣ୍ଟନ ପାଇଁ ଟାର୍ଗେଟ ଦିଆଯାଇଛି। ଏଥିପାଇଁ ରାଉରକେଲାରେ ୨ଟି ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର କରାଯାଇଛି। ରାଉରକେଲା ବନ ବନଖଣ୍ଡର ସମସ୍ତ ବନାଞ୍ଚଳରେ ମଧ୍ୟ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ଏହାସହିତ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳରେ ସ୍ଥାୟୀ, ଅସ୍ଥାୟୀ ନର୍ସରୀରେ ମଧ୍ୟ ଚାରା ବିତରଣ କରାଯାଉଛି। ଏଣୁ ସମସ୍ତେ ଗୋଟିଏ ଲେଖାଏ ଚାରା ଲଗାଇ ସବୁଜ ବଳୟ ସୃଷ୍ଟି କରନ୍ତୁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍, ପ୍ରଶାସନର ନିଘା ନାହିଁ



ବାସନ୍ତୀ କଲୋନିରେ ଦିନବେଳା ଷ୍ଟ୍ରିଟ୍ ଲାଇଟ୍ ଜଳୁଛି।

**ରାଉରକେଲା,୨।୮(ଦିନେଶ ମିଶ୍ର)**

ରାଉରକେଲାର ବାସନ୍ତୀ କଲୋନି, ଛେଣ୍ଡ କଲୋନି, ସିଭିଲଟାଉନଶିପ୍ ଏବଂ ମାଲଗୋଦାମ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ ଦିନବେଳା ଜଳୁଥିବା ଦେଖିବାକୁ ମିଳୁଛି। ଏ ନେଇ ଆର୍‌ଏମ୍‌ସିକୁ ଅବଗତ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ରାଉରକେଲା ବାସନ୍ତୀ କଲୋନିର ଏଫ ବ୍ଲକ ଓ ଏଲ ବ୍ଲକ ମୁଖ୍ୟ ମାର୍ଗରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ପ୍ରାୟ ସପ୍ତାହେ ହେଲାଣି ଦିନବେଳା ଜଳୁଛି। ଛେଣ୍ଡ କଲୋନି ଏଲଠୁ ସିଠୁ ବ୍ଲକରେ ରାସ୍ତାକଡ ବିଦ୍ୟୁତ୍ ପୋଲରେ ଏଲ୍‌ଇଡି ଲାଇଟ୍‌ଗୁଡିକ ଦିନତମାମ ଜଳୁଛି। ମାଲଗୋଦାମ ଅଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି। ଏହି ରାସ୍ତା ରାଉରକେଲା ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥ ଭାବେ ପରିଚିତ ହୋଇଥିବାବେଳେ ଏକାଧିକ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଗୁଡିକ ଅକାରଣରେ ମାସ ମାସ ଧରି ଦିନରେ ଜଳୁଛି। ଶେଷରେ ଲାଇଟ୍ ଫ୍ୟୁଜ୍ ହୋଇଯାଉଥିବାରୁ ସନ୍ଧ୍ୟାହେଲେ ଏହି ରାସ୍ତାରେ ଯାତାୟାତ କରିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ସେହିଭଳି ସିଭିଲଟାଉନଶିପସ୍ଥିତ ଶାସ୍ତ୍ରୀ ଛକ ଓ ସଞ୍ଜିବନୀ ପାର୍କ ଅଞ୍ଚଳରେ ମଧ୍ୟ ଦିନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି । ଏ ନେଇ ସ୍ଥାନୀୟ ବାସିନ୍ଦା ଆର୍‌ଏମ୍‌ସି ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଆର୍‌ଏମ୍‌ସିର ବିଦ୍ୟୁତ୍ ବିଭାଗର କନଷ୍ଟେ ଯନ୍ତ୍ରୀ ମାନସ ବିଶ୍ୱାଳଙ୍କ ପଚାରିବାରୁ ସେ କହିଥିଲେ, ବିଭିନ୍ନ ସ୍ଥାନରେ ଦିନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାକୁ ନେଇ ଆମ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଆସନ୍ତା ଦୁଇଦିନ ଭିତରେ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ଉକ୍ତ ସମସ୍ୟାର ସମାଧାନ କରିବୁ ବୋଲି ସେ କହିଥିଲେ।

### ୧୪ରେ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା

**ରାଉରକେଲା,୨।୮(ସଙ୍ଗୀତା ଜେନା):** ରାଉରକେଲା ୟଙ୍ଗ ମ୍ୟାନ୍ସ ଆସୋସିଏଶନ (ଆର୍‌ୱାଇଏମ୍‌ଏ) ପକ୍ଷରୁ ସୁନ୍ଦରଗଡ଼ ଜିଲା ମହିଳା ମୁକ୍ତ ଭାରୋତ୍ତୋଳନ ଓ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଚାମ୍ପିଅନ୍‌ସିପ୍ ଆସନ୍ତା ୧୪ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂଘ ସହଯୋଗରେ ସେକ୍ଟର-୫ ଭଞ୍ଜ ଭବନରେ ସକାଳ ୯ଟାରେ ଏହା ହେବାକୁ ଯାଉଛି। ଏଥିରେ ମହିଳା କ୍ରୀଡ଼ାବିତ୍‌ମାନେ ନିଃଶୁଳ୍କ ଅଂଶଗ୍ରହଣ କରିବେ। ଏହି କ୍ରୀଡ଼ାରେ ଯୋଗଦେବା ପାଇଁ ମହିଳା କ୍ରୀଡ଼ାବିତ୍‌ମାନଙ୍କୁ ଆସନ୍ତା ୭ତାରିଖ ସୁଦ୍ଧା ପଞ୍ଜୀକରଣ କରିବାକୁ ଆର୍‌ୱାଇଏମ୍‌ଏ ସାଧାରଣ ସମ୍ପାଦକ ତଥା ଡିଏଏ ସୁନ୍ଦରଗଡ଼ ସମ୍ପାଦକ ବାସୁଦେବ ବାନାର୍ଜୀ ଶୁକ୍ରବାର ସୂଚନା ଦେଇଛନ୍ତି।

## ଡକାୟତି ଯୋଜନା ବେଳେ ୬ ଗିରଫ

**ରାଉରକେଲା,୨।୮(ସଙ୍ଗୀତା ଜେନା)**

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଜନତା ନିବାସ ଗଳି ପଛପାର୍ଶ୍ୱ ଇଦ୍‌ଗା ପଡ଼ିଆରେ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ସମୟରେ ପୋଲିସ ଚଢାଉ କରି ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହତାବ ରୋଡ୍‌ର ରାହୁଲ ରାମ(୨୪), ଗୋପବନ୍ଧୁପାଲୀର କରଣ କେର୍କେଟା(୨୬), ଇନ୍ଦିରା ନଗରର ବଜରଙ୍ଗ ପାଶ୍ୱାନ(୨୬), ୱାର୍ଡ ନଂ. ୩ ଗୋପବନ୍ଧୁପାଲୀର ସୁରଜ ମଣ୍ଡଳ(୨୪), ଏମ୍‌ଡ଼ି ଗୁଲାବ (୨୪) ଏବଂ ପୁରୁଣାଷ୍ଟେଶନର ଟାକଲୁ କୁମାର(୨୦)। ସେମାନଙ୍କ ନିକଟରୁ ୩ଟି ଲୁହାରଡ୍, ୧ ଭୁଜାଲି, ୨ଟି ଛୁରି ଜବତ ହୋଇଛି। ରାହୁଲଙ୍କ ବିରୋଧରେ ବିଭିନ୍ନ ଥାନାରେ ୭ଟି ଆପରାଧିକ ମାମଲା ଥିବାବେଳେ କରଣଙ୍କ ନାଁରେ ୧୦ଟି, ବଜରଙ୍ଗଙ୍କ ନାଁରେ ୫ଟି, ସୁରଜଙ୍କ ନାଁରେ ୨ଟି, ଗୁଲାବଙ୍କ ନାଁରେ ୮ଟି ଆପରାଧିକ ମାମଲା ରହିଛି। ପୋଲିସ ଏକ ମାମଲା (ନଂ.୫୮୩/୨୫) ରୁଜୁ କରି ଶନିବାର ଅପରାହ୍ନ ୪ଟାରେ ଉକ୍ତ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ପୋଲିସ ପାଟ୍ରୋଲିଂ ସମୟରେ ଅଭିଯୁକ୍ତମାନେ ଦୋକାନ, ଘର, ପେଟ୍ରୋଲ ପମ୍ପ ତଥା ବ୍ୟବସାୟିକ ଅନୁଷ୍ଠାନରେ ଡକାୟତି କରିବାକୁ ଯୋଜନା କରୁଥିଲେ।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

## ମା' କ୍ଷୀର ସନ୍ତାନ ପାଇଁ ଅମୃତ ତୁଲ୍ୟ

**ରାଉରକେଲା,୨।୮(ବିପ୍ଳବ ରଞ୍ଜନ ଦାଶ)**

**ବିଶ୍ୱ ସ୍ତନ୍ୟପାନ ଦିବସ କାର୍ଯ୍ୟକ୍ରମରେ ମତପ୍ରକାଶ**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ସେକ୍ଟର-୧୬ସ୍ଥିତ ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧା ଆନୁକୂଲ୍ୟରେ ଶନିବାର ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ପଶୁପତିନାଥ ଚାଟାର୍ଜୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଆଇଜିଏଚ୍‌ର ପ୍ରାକ୍ତନ ଉପ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡା. ପରମାନନ୍ଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ମା' କ୍ଷୀର ୩ ପ୍ରକାର ଉପକାର ଦେଇଥାଏ । ଛୁଆଙ୍କ ପାଇଁ ଏହା ଏକ ଶକ୍ତିବର୍ଦ୍ଧକ ତଥା ନୀରୋଗକାରୀ, ମା' ପାଇଁ ସ୍ୱାସ୍ଥ୍ୟ କାରକ ଏବଂ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ। ପିଲାକୁ ଜନ୍ମଠାରୁ ଅତିକମ୍‌ରେ ୨ବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ଖୁଆଇବା ଉଚିତ। କର୍ମଜୀବୀ ମହିଳା ମା'ମାନେ ନିଜ କ୍ଷୀର ସଂଗ୍ରହ କରି ଡିପ୍ ଫ୍ରିଜରେ ରଖି ତାକୁ ପିଲାକୁ ଦେବା ସମୟରେ ସାଧାରଣ ଘର ଟେମ୍ପରେଚରକୁ ଆଣି ସଫାସୁତୁରା ଭାବେ ଚାମଚରେ ପିଆଇ ପାରିବେ। ମା'କୁ କେବେବି ଜ୍ୱର, ଝାଡା ସମୟରେ କିମ୍ବା ଅନ୍ୟ କୌଣସି ରୋଗରେ ପୀଡ଼ିତ ଥିଲେ ମଧ୍ୟ କ୍ଷୀର ବନ୍ଦ କରିବା ଅନୁଚିତ ବୋଲି ରଥ କହିଥିଲେ। ବିଶ୍ରା ମେଡିକାଲ ଅଧିକାରୀ ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଅମିତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଟି ଜନ୍ମ ହେବା ପରେ ତାକୁ ତୁରନ୍ତ ମା' କ୍ଷୀର ଖୁଆଇବା ଉଚିତ। ଏହା ରୋଗ ପ୍ରତିରୋଧକ ଶକ୍ତି ବୋଲି କହିଥିଲେ। ଜନଶିକ୍ଷଣ ସଂସ୍ଥାର ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ତଥା ସମାଜସେବୀ ରାଜଶ୍ରୀ ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବଜାତ ଶିଶୁର ଯତ୍ନ ଓ ମା'ର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହ୍ୟୁମାନିଟି ଫାଉଣ୍ଡେଶନ ସଭାପତି ଦୀପ୍ତି ବିଶ୍ୱାଳ ଓ ସମ୍ପାଦିକା ଲୀନା ତ୍ରିପାଠୀ, ମାଣିକ ଫାଉଣ୍ଡେଶନର କାମିନୀ ମହନ୍ତ, ମିରର ଫାଉଣ୍ଡେଶନର ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ଶିଶୁ ଓ ମା' କ୍ଷୀର ଉପରେ ପ୍ରାସଙ୍ଗିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସ୍ୱାଗତ ଅଭିଭାଷଣ ରଖିବା ସହ ମା' କ୍ଷୀର ସନ୍ତାନ ପାଇଁ ଅମୃତ୍ୟ ତୁଲ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥପଲ୍ଲୀ, ଡୁମକେଲା, ଶ୍ରଦ୍ଧାର ପିଲାମାନଙ୍କ ଅଭିଭାବକ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଉପସଭାପତି ପ୍ରଭାକର ନାୟକ, ସୁକୁମାର ପାଣ୍ଡବ, ପ୍ରୀତି ବାରିକ, ଅଞ୍ଜଳି ମହାରଣା, ସୁଜାତା ରାଉତ, ଅର୍ଚ୍ଚନା ମିଞ୍ଜ, ଗଗନ ମହାନ୍ତି ଓ ଧୀରେନ ଓଝା ପ୍ରମୁଖ ସହଯୋଗ କରିଥିଲେ।

**ମୋଟରପମ୍ପ ଚୋରି, ୩ ଅଭିଯୁକ୍ତ କୋର୍ଟ ଚାଲାଣ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡା ଜିଲା ବଡ଼ମାଲ ଥାନା ଅଞ୍ଚଳରେ ମୋଟର ପମ୍ପ ଚୋରି ଅଭିଯୋଗରେ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ବିଶ୍ୱନାଥ ବାଗ(୨୯), ବିପିନ ପ୍ରଧାନ(୫୨) ଓ ମିଥୁନ ଭୋଇ(୨୨)। ୨୧ ତାରିଖ ବିଳମ୍ବିତ ରାତିରେ ଶ୍ରୀପୁରା ସୁନାମାଲ ଗାଁର ତିନିଜଣଙ୍କ ମୋଟର ପମ୍ପ ଚୋରି କରି ଦୁର୍ବୃତ୍ତମାନେ ଫେରାର ମାରିଥିଲେ। ଏନେଇ ଜୟକୃଷ୍ଣ ପୋଢ଼ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତକରି ପୋଲିସ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି।

# ଅଭିଯୋଗ ମାଳମାଳ, କାର୍ଯ୍ୟାନୁଷ୍ଠାନ ଦୁର୍ବଳ

ଦେବଗଡ଼,୨।୮(ଶଶାଙ୍କ ଶେଖର ଝାଙ୍କର)

- କାମରେ ଆସୁନି ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି
- ଅଭିଯୋଗ ଶୁଣାଣି ଉପରୁ ଲୋକଙ୍କ ଭରସା ଉଠିଗଲାଣି
- ଶିବିରରେ ମୋବାଇଲ ଫୋନ ଦେଖିବାରେ ବ୍ୟସ୍ତ ଅଧିକାରୀ
- ତଳିଆ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଜିଲାପାଳ ଚୁପ୍

ଦେବଗଡ଼ ଜିଲାରେ ବିଭିନ୍ନ ସ୍ଥାନରେ ହେଉଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଲୋକଙ୍କ କାମରେ ଆସୁନାହିଁ। ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ମାଳମାଳ ଅଭିଯୋଗ ଆସୁଥିବାବେଳେ କାର୍ଯ୍ୟାନୁଷ୍ଠାନ ଦୁର୍ବଳ ହେଉଥିବାରୁ ଲୋକଙ୍କ ସମସ୍ୟା ସମାଧାନ ହେଉନାହିଁ। ତେଣୁ ଅଭିଯୋଗ ଶୁଣାଣି ଉପରୁ ଲୋକଙ୍କ ଭରସା ଉଠିଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲୋକଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳ ତଳିଆ ଅଧିକାରୀମାନଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ମାତ୍ର ପ୍ରକୃତ ପକ୍ଷେ ଜିଲାପାଳଙ୍କ ନିର୍ଦ୍ଦେଶ କେତେମାତ୍ରାରେ କାର୍ଯ୍ୟକାରୀ ହୁଏ, ଲୋକଙ୍କ ସମସ୍ୟା କେତେ ସମାଧାନ ହୁଏ ତାହା ଅଭିଯୋଗ କରିଥିବା ଲୋକ ହିଁ ଜାଣନ୍ତି। ତଳିଆ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଜିଲାପାଳ ଚୁପ୍ ରହିବା ଦ୍ୱାରା ଅନେକ ସମସ୍ୟା, ଲୋକଙ୍କ ଅଭିଯୋଗର ସମାଧାନ ହୋଇ ନ ଥାଏ। ତେଣୁ ଏଭଳି ଜନଶୁଣାଣି କାହା ସ୍ୱାର୍ଥ ଲାଗି ଉଦ୍ଦିଷ୍ଟ ତାହା ପ୍ରଶ୍ନଉଠୁଛି।

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସୋମବାର ଦେବଗଡ଼ ସହର ସମେତ ୩ ବ୍ଲକ ରିଆମାଳ, ବାରକୋଟ, ତିଲେଇବଣିର ବିଭିନ୍ନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥାଏ। ଜିଲାବାସୀ, ଜନସାଧାରଣ ବହୁ ଆଶାଭରସା ରଖି ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ନିଜ ଦୁଃଖ ଗୁହାରି କରିଥାନ୍ତି। କିନ୍ତୁ ସେ ଗୁହାରିର କିଛି ମୂଲ୍ୟ ନାହିଁ ବୋଲି କେତେଜଣ ଗଣମାଧମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଶୁଣାଣିକୁ ନିଜସ୍ୱ, ସାମୂହିକ ଭାବରେ ଆସି ଦାବିପତ୍ର ପ୍ରଦାନ କରିଥାନ୍ତି। ସେମାନଙ୍କ କହିବା କଥା ଯେ, ବାରମ୍ବାର ଅଭିଯୋଗ କରିଲେ ସୁଦ୍ଧା କୌଣସି ସମାଧାନ ହେଉନାହିଁ। କେବଳ ସେହି ଅଭିଯୋଗ ଶୁଣାଣି ସମୟରେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଜିଲାପାଳ ଚୁପ ରହିଯାଉଛନ୍ତି। ଉକ୍ତ କାମଗୁଡିକ ହେଲା କି ନାହିଁ ଆଉ ତଦାରଖ ହେଉନାହିଁ। ବିଭିନ୍ନ ବିଭାଗର ଅଧିକାରୀମାନେ ଆଉ କାମପ୍ରତି ଧ୍ୟାନ ନ ଦେଇ ଚୁପହୋଇ ରହିଯାଉଛନ୍ତି। କେତେଜଣ ଅଭିଯୋଗକାରୀ କହିଛନ୍ତି, କେବଳ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଏକ ଲେଖାଲେଖି, ଫଟୋ, ଭିଡ଼ିଓ ପଠାଇ ଜିଲାପାଳଙ୍କ ସରକାରୀ ସୋସିଆଲ ମିଡ଼ିଆରେ ପୋଷ୍ଟକରି କାମ ସାରିଦେଉଛନ୍ତି। ଖବରକାଗଜରେ ପ୍ରକାଶ ହେଲେ, ସୋସିଆଲ ମିଡିଆରେ ପୋଷ୍ଟ ହୋଇଗଲେ କାମ ସରିଲା। ଜନସାଧାରଣଙ୍କ କାମ ହେଲେ କେତେ ନ ହେଲେ କେତେ। ଆଉ ମଜାର କଥା ହେଲା, ଯେଉଁ ଦିନ ଅଭିଯୋଗ ଶୁଣାଣି ହେବ ସେଦିନ ଏକ ପ୍ରକାର ସରକାରୀ କର୍ମଚାରୀଙ୍କ ଯାତ୍ରା। ଯେକୌଣସି ଜାଗାରେ ହେଲେ ବି ବିଭିନ୍ନ ବିଭାଗର ୪୦ରୁ ଉର୍ଦ୍ଧ୍ୱ ସରକାରୀ ଗାଡି ଉକ୍ତ ଅଭିଯୋଗ ଶୁଣାଣିକୁ ଯାଇଥାଏ। ଯେମିତି ଲାଗେ ନେତା ମନ୍ତ୍ରୀ ଆସିଛନ୍ତି। ସରକାରୀ ଅଧିକାରୀମାନେ ଆସିବେ ଯିବେ, କିନ୍ତୁ କାମ ପୁରା ଜିରୋ। କେବଳ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି। ଜନସାଧାରଣଙ୍କ ଭରସା ଉଠି ସାରିଲାଣି ଏହି ଅଭିଯୋଗ ଶୁଣାଣି ଉପରୁ। ସରକାରଙ୍କ ନିୟମ ଅଛି ବୋଲି କରାଯାଉଛି। ଲୋକଙ୍କ ଉପକାର ଲାଗି କରାଯାଉଥିବା ମନେ ହେଉନାହିଁ। ଯେତେବେଳେ ଜନଶୁଣାଣି ଚାଲିଥାଏ କେତେଜଣ ଅଧିକାରୀ ମୋବାଇଲ ଫୋନ ଦେଖିବାରେ ବ୍ୟସ୍ତ ରହୁଥିବାବେଳେ କେତେଜଣ ଅଧିକାରୀ ଶୋଇ ପଡୁଥିବା ବି ନଜରକୁ ଆସିଛି। ଏଥିରୁ ବୁଝାପଡୁଛି ଅଧିକାରୀମାନେ ସରକାରଙ୍କ ନିୟମ ପାଳନ ଲାଗି ଜନଶୁଣାଣିକୁ ଆସୁଛନ୍ତି, ଲୋକଙ୍କ ସମସ୍ୟା ସମାଧାନ ପାଇଁ ନୁହେଁ। ପ୍ରତ୍ୟେକ କାମରେ ଅଧିକାରୀମାନଙ୍କୁ ଟଙ୍କା ଦରକାର। ଟଙ୍କା ନ ଦେଲେ କାମ ହେଉନାହିଁ। ଅଭିଯୋଗ କଲେ କିଛି ଲାଭ ନାହିଁ ବୋଲି ଚର୍ଚ୍ଚା ହେଉଛି। ଜିଲାପାଳ କବିନ୍ଦ୍ର ସାହୁ ଦେବଗଡ଼ରେ ଯୋଗଦାନ ପରେ ୧୬୪୮ ଟି ଅଭିଯୋଗ ଶୁଣାଣି ହୋଇଛି। ସେଥିମଧ୍ୟରୁ ୯୨୨ଟି ବ୍ୟକ୍ତିଗତ ଓ ୭୨୬ଟି ସାମୂହିକ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏଥିମଧ୍ୟରୁ କେତେ ଜନସାଧାରଣଙ୍କ ସମସ୍ୟା ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା। ଜିଲାର ଏହିସବୁ ଅଭିଯୋଗ ଗୁଡିକର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ବ୍ଲକ ଗ୍ରାଣ୍ଟ ଶିକ୍ଷକ, କର୍ମଚାରୀଙ୍କ ବିଇଓଙ୍କୁ ଦାବିପତ୍ର



ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଲଖନପୁର,୨।୮(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକରେ ଥିବା ବ୍ଲକ ଗ୍ରାଣ୍ଟ ସ୍କୁଲ ଓ କଲେଜରେ ନିୟୋଜିତ ଶିକ୍ଷକ ଓ କର୍ମଚାରୀମାନେ ଶନିବାର ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ ଓ କଲେଜଗୁଡ଼ିକୁ ଅନୁଦାନ ପ୍ରଦାନ, ଏହି ଅନୁଷ୍ଠାନ ଗୁଡ଼ିକରୁ ଅବସର ନେଇଥିବା, ଅବସର ନେବାକୁ ଯାଉଥିବା ଶିକ୍ଷକ କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ, ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରାଯିବାକୁ ଦାବି ରହିଛି। ଏହା ସହ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ସରକାରୀକରଣ ସହ ଶିକ୍ଷକ ନିଯୁକ୍ତି ଦାବି କରାଯାଇଛି। ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଲଖନପୁର ବ୍ଲକ ଶାଖା ପକ୍ଷରୁ ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ପ୍ରତିବାଦ, ବିକ୍ଷୋଭ

ଦେବଗଡ,୨।୮(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟରେ ହେଉଥିବା ନାରୀ ନିର୍ଯାତନା ଓ ବଳାତ୍କାର ଘଟଣାରେ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଯାହାକୁ ଭାଜପା ପକ୍ଷରୁ ନାପସନ୍ଦ କରାଯାଇଛି। ବିଜେଡି କର୍ପୋରେଟର ଅମରେଶ ଜେନା ଓ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ହେବା ପରେ ଉଭୟ ଦଳର ମୁଖା ଖୋଲିଯାଇଥିବା ଦର୍ଶାଇ ଉଭୟ ଦଳ ବିରୋଧରେ ବିଶୋଦଗାର କରିଛି ଭାଜପା। ଏଥିସହ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକତ୍ରିତ ହୋଇ ଉଭୟ ବିଜେଡି ଓ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଭାଜପା ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ, କାଉନସିଲର କାର୍ତ୍ତିକ ମହାକୁଳ, ମଧୁସୂଦନ ବାଘ, ଇତିଶ୍ରୀ ମିଶ୍ର, ଯୁବନେତା ସନ୍ତୋଷ କୁମାର ଭୂତିଆ, ସରୋଜ ପାଢ଼ୀ, କ୍ଷୀରୋଦ ବିହାରୀ ପ୍ରଧାନ, ବାବୁଲୀ କର, ଶୁଭ୍ରାଂଶୁ ଶେଖର ପ୍ରଧାନ, ପଞ୍ଚାନନ ଆଚାର୍ଯ୍ୟ ଓ ସୁଧିର କୁମାର ପାତ୍ରଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।



ଦେବଗଡ଼ରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।



ଦେବଗଡ଼ ଜିଲା କଂଗ୍ରେସ କର୍ମକର୍ତ୍ତା ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଘେରାଉ କରୁଛନ୍ତି।

## କଂଗ୍ରେସ ପକ୍ଷରୁ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଘେରାଉ

ଦେବଗଡ଼,୨।୮(ଶଶାଙ୍କ ଶେଖର ଝାଙ୍କର)

ରାସାୟନିକ ସାରର ଅଭାବ ଯୋଗୁ ଶନିବାର ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦେବଗଡ଼ ଜିଲାରେ ସମ୍ପ୍ରତି ପହ୍ଲାରୁଆ ଓ ବେଉଷଣ କାର୍ଯ୍ୟ ଜୋରସୋରରେ ଚାଲିଛି। ମାତ୍ର ରାସାୟନିକ ସାରର ଅଭାବ ଯୋଗୁ ଜିଲାର ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେବା ସହ ଜିଲା ବାହାରୁ ଅଧିକ ଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ଏହା ଦ୍ୱାରା ଚାଷୀମାନେ ଅଯଥା ଖର୍ଚ୍ଚାନ୍ତ ହେବାସହ ସମୟ ନଷ୍ଟ ହେଉଛି। ଏହା ଦ୍ୱାରା ଚାଷକାର୍ଯ୍ୟ ମଧ ପ୍ରଭାବିତ ହେଉଛି। ଏଭଳି ପରିସ୍ଥିତିରେ ଜିଲାକୁ ସାର ଯୋଗାଇବାରେ ଜିଲା କୃଷି ବିଭାଗ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା ପରିଲକ୍ଷିତ ହେଉନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଦେବଗଡ଼ ଜିଲାର ଚାଷୀଙ୍କୁ ରାସାୟନିକ ସାର ଯୋଗାଇବାରେ ଜିଲା କୃଷ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଣୁ ଏହାର ପ୍ରତିବାଦରେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦେବଗଡ଼ ଜିଲା କଂଗ୍ରେସ ସଂଯୋଜକ ସେମ ହେମ୍ରମଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ କୁମାର ସାହୁ, ରମେଶଚନ୍ଦ୍ର ପାତ୍ର, ଆକାଶ ଦାଶ ଓ ସୁଶୀଳ ଗୁଡିଆ ପ୍ରମୁଖ ଜିଲା କୃଷି କାର୍ଯ୍ୟାଳୟ ଘେରାଉ କରିବା ସହ ଆଗାମୀ ରବିବାର ମଧରେ ଦେବଗଡ ଜିଲାରେ ପର୍ଯ୍ୟାପ୍ତ ପରିମାଣର ରାସାୟନିକ ସାର ମହଜୁଦ ରଖିବାକୁ ଦାବି ଜଣାଇଥିଲେ। ସେହିପରି ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଦାବି ପୂରଣ ନ ହୁଏ, ତେବେ ଆଗାମୀ ସୋମବାରଠାରୁ ଆନ୍ଦୋଳନ କରାଯିବା ସହ ଜିଲା କୃଷି କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି ସହକାରୀ କୃଷି ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ।

## ଘରେ ପଶି ଟଙ୍କା, ଗହଣା ଚୋରି

ଝାରସୁଗୁଡ଼ା,୨।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ବିମାନ ବନ୍ଦର ଥାନା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସପ୍ତାହେ ପୂର୍ବେ ତାଲପଟିଆ ଟାଙ୍ଗରପାଲି ଗାଁର ପ୍ରସନ୍ନ କୁମାର ଦାସଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନା ଗହଣା ସହ ସହ ସିସିଟିଭି ଡିଭିଆର ବକ୍ସକୁ ଚୋରି କରି ଫେରାର ମାରିଥିଲେ। ହେଲେ ଅନୁରୂପ ଭାବେ ଶୁକ୍ରବାର ବିଳମ୍ବିତ ରାତିରେ ସେହି ଟାଙ୍ଗରପାଲି ଗାଁରେ ଚୋରି ହୋଇଥିବା ବିମାନ ବନ୍ଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଶ୍ରୀଧର ରୋହିଦାସ ପରିବାର ସହ ରାତିରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ସୁନାଗହଣା ସହ ନଗଦ ୧୦ହଜାର ୫୦୦ ଟଙ୍କା ନେଇ ଫେରାର୍ ମାରିଛନ୍ତି। ଏନେଇ ବିମାନ ବନ୍ଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ସପ୍ତାହେ ଭିତରେ ଦୁଇଟି ଚୋରି ଘଟଣାକୁ ନେଇ ଟାଙ୍ଗରପାଲି ଗାଁ ଲୋକେ ଚିନ୍ତା ପ୍ରକଟ କରିଛନ୍ତି।

## ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମ



ଝାରସୁଗୁଡା,୨।୮(ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡାରେ ୩୪ ହଜାରରୁ ଅଧିକ ଚାଷୀ ଉପକୃତ**

ଝାରସୁଗୁଡା ସହର ସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟର ଅଡିଟୋରିୟମ ହଲଠାରେ ଶନିବାର ପୂର୍ବାହ୍ନରେ ଭିସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲାର ୩୪ ହଜାରରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଜିଲା କୃଷି ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ କୁନାଲ ମୋତିରାମ ଚୌହାନ, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡା, ଲଇକେରା, କିର୍ମିରା, ଲଖନପୁର ଅଞ୍ଚଳର ପ୍ରାୟ ୩ଶହ ଚାଷୀ ଯୋଗ ଦେଇଥିଲେ। କୃଷି ବିଭାଗ, ଉଦ୍ୟାନ କୃଷି ସମବାୟ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଗ୍ରଣୀ ଚାଷୀମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବିଭିନ୍ନ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସବସିଡି ଅର୍ଥ ପ୍ରଦାନ କରାଯାଇଥିଲା।

## ଘରୁ ଡିଭିଆର୍ ଚୋରାଇବା ଉଦ୍ଦେଶ୍ୟମୂଳକ: ବିଧାୟକ ଟଙ୍କଧର

ଝାରସୁଗୁଡ଼ା,୨।୮(ଆଶିଷ ରଞ୍ଜନ ଦାଶ)

ଘରୁ ଡିଭିଆର ଚୋରାଇବା ଉଦ୍ଦେଶ୍ୟମୂଳକ ବୋଲି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ଗତ ଜୁଲାଇ ୨୯ତାରିଖରେ ବିଧାୟକ ତ୍ରିପାଠୀଙ୍କ ଘରୁ ଡିଭିଆର ଚୋରି ହୋଇଥିଲା। ଏହି ଘଟଣାକୁ ନେଇ ବିଧାୟକ ତ୍ରିପାଠୀ ଶନିବାର ପୂର୍ବାହ୍ନରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବା ବେଳେ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଏହା ଏକ ଉଦ୍ଦେଶ୍ୟମୂଳକ ଚୋରି ବୋଲି କହିଛନ୍ତି। ଏହି ଘଟଣା ଉପରେ ଉତ୍ତର ଦେଇ ବିଧାୟକ ତ୍ରିପାଠୀ କହିଥିଲେ, ଗତ ୨୯ ତାରିଖ ଏକ ସଭାରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଇଥିଲେ। ୩୦ ତାରିଖ ସକାଳେ ପଡୋଶୀଙ୍କ ଠାରୁ ଖବର ପାଇଲେ ଯେ, ସେ ରହୁଥିବା ସରବାହାଲ ରୋଡ଼ସ୍ଥିତ ଶାନ୍ତି ଆପାର୍ଟମେଣ୍ଟର ୨୦୫ନମ୍ବର ଫ୍ଲାଟରୁ ତାଲା ଭାଙ୍ଗି କେବଳ ସିସି ଟିଭିର ଡିଭିଆର ବକ୍ସ ଚୋରି ହୋଇଛି। ଗଣମାଧମରେ ପ୍ରଚାର ହେଲା ପରେ ଡିଭିଆର ବକ୍ସ ପାଖରେ ଥିବା ଏକ ମଇଳା ଗଦାରୁ ଉଦ୍ଧାର ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଚୋର ଧରା ପଡ଼ିନାହାନ୍ତି। ଏହି ଚୋରି ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ। ଝାରସୁଗୁଡ଼ାବାସୀ ଜାଣିଛନ୍ତି ଏହି ଡିଭିଆର ବକ୍ସ କିଏ ଏବଂ କାହିଁକି ଚୋରାଇ ଥିଲେ। ଘରେ ଏତେ ସାମଗ୍ରୀ ଥିବାବେଳେ କେବଳ ଡିଭିଆର ବକ୍ସ ଚୋରି ହେଲା ପୁଣି ତାହା ୨ଦିନ ପରେ ମିଳିଯାଉଛି। ଚୋରି ଜିନିଷ ଚୋର କଣ ଆଣି ଫେରାଇଦିଏ କି ବୋଲି ତ୍ରିପାଠୀ କହିଛନ୍ତି। ଏହା ସହିତ ତ୍ରିପାଠୀ ଆହୁରି କହିଛନ୍ତି, ତାଙ୍କ ଜୀବନ ଏକ ଖୋଲାବହି। ତାଙ୍କର କୌଣସି ଗୁପ୍ତ କାର୍ଯ୍ୟକଳାପ ନାହିଁ। କାହାର ଯଦି ଦରକାର ଥିଲା ସିସିଟିଭି ଡିଭିଆର ବକ୍ସ ମାଗିଲେ ଦେଇ ଦେଇଥାନ୍ତି। ବିଧାୟକଙ୍କ କହିବାର କାରଣ ହେଉଛି ଯେ କେତେଜଣ ଲୋକ ବିଧାୟକଙ୍କ ବ୍ୟକ୍ତିଗତ ଜୀବନରେ କି ପ୍ରକାର କାର୍ଯ୍ୟକଳାପ କରୁଛନ୍ତି, ତାହା ଜାଣିବା ପାଇଁ ଡିଭିଆର ଚୋରି କରାଯାଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

## ପାନ୍ତର କ୍ଲବ ରାଜଗାଙ୍ଗପୁର ବିଜୟୀ

ଝାରସୁଗୁଡ଼ା,୨।୮(ଆଶିଷ ରଞ୍ଜନ ଦାଶ)

**ପ୍ରଥମ ପୁରୁଷ ସିନିୟର ହକି ପ୍ରତିଯୋଗିତା**

ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ଆନୁକୂଲ୍ୟରେ ୨ଦିନିଆ ଆନ୍ତଃ କ୍ଲବ ହକି ପୁରୁଷ ସିନିୟର ପ୍ରତିଯୋଗିତା ହକିଷ୍ଟାଡିୟମ ଏଟକଟାପାଲିଠାରେ ଶନିବାର ଆରମ୍ଭ ହୋଇଛି। ଏହାକୁ ଅପରାହ୍ନ ୩ଟାରେ ଝାରସୁଗୁଡା ଅତିରିକ୍ତ ଏସ୍.ପି ଜେମସ ସମାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିଏସ୍‌ପି ଜ୍ୟୋସ୍ନାରାଣୀ ପ୍ରଧାନ, ଝାରସୁଗୁଡା ଜିଲା କ୍ରୀଡା ସଂଘର ବିଜୟ ବକ୍ସି ଓ କ୍ରେମେଟ ରୋନାଲଡ, ଜିଲା ହକି ଆସୋସିଏଶନର ପ୍ରଜ୍ଜଳ ପଟେଲ, ଅଶ୍ୱିନୀ ପାଣ୍ଡେ, ଡମ୍ବରୁଧର ପୂଜାରୀ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଖେଳର ପ୍ରଥମ ମ୍ୟାଚ ଆର.କେ ହାଇସ୍କୁଲ ଓ କକ୍ସ କଲୋନୀ ମଧରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କକ୍ସ କଲୋନୀ ୩-୦ ଗୋଲରେ ବିଜୟୀ ହୋଇଥିଲା।୨ୟ ମ୍ୟାଚ ପାନ୍ତର କ୍ଲବ ରାଜଗାଙ୍ଗପୁର ଓ ଜେ.ଏସ ଡବ୍ଲ୍ୟୁ କ୍ଲବ ମଧ୍ୟରେ ହୋଇଥିବାବେଳେ ପାନ୍ତର କ୍ଲବ ୩-୧ ଗୋଲରେ ବିଜୟୀ ହୋଇଥିଲା। ୩ୟ ମ୍ୟାଚ ପାନ୍ତର କ୍ଲବ ରାଜଗାଙ୍ଗପୁର ଓ କକ୍ସ କଲୋନୀ ମଧରେ ଅନୁଷ୍ଠିତ ହୋଇ ୧-୦ ଗୋଲରେ ପାନ୍ତର କ୍ଲବ ରାଜଗାଙ୍ଗପୁର ବିଜୟୀ ହୋଇଛି। ଆଜିର ଏହି ଖେଳକୁ ସଙ୍ଗିତା ରୋଜ କୁଲୁ, ଗାୟତ୍ରୀ କିଶାନ, ଏମା ଏକ୍କା ଓ ଆଲିୟସ ପରିଚାଳନା କରିଥିଲେ। ରବିବାର ସକାଳ ୮ଟାରୁ ମ୍ୟାଚଗୁଡିକ ଆରମ୍ଭ ହେବ।



ହକି ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

## ଅସ୍ତିତ୍ୱ ହରାଉଛି ପୁରାତନ ବିଦ୍ୟାଳୟ

ଲଖନପୁର,୨।୮(ଗୌତମ ସାହୁ)

**ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ସମରବଗାରେ ଥିବା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଅସ୍ତିତ୍ୱ ହରାଇବାକୁ ବସିଛି। ଫଳରେ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତାରେ ଅଛନ୍ତି। ଏଠାରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏହା ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ହୋଇଥିବାରୁ ସରକାର ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ବର୍ତ୍ତମାନ ମାତ୍ର ୩ଜଣ ଶିକ୍ଷକଙ୍କ ଭରସାରେ ବିଦ୍ୟାଳୟ ଚାଲିଛି। ଯେତେବେଳେ ସେହି ୩ଜଣ ଶିକ୍ଷକ ଅବସର ନେଇଯିବେ ସେତେବେଳେ ବିଦ୍ୟାଳୟର ଭବିଷ୍ୟତ କ'ଣ ହେବ ସେନେଇ ଗ୍ରାମବାସୀ ଚିନ୍ତାପ୍ରକଟ କରିଛନ୍ତି। ସମରବଗା ପଞ୍ଚାୟତର ଜନସାଧାରଣଙ୍କ ସହିତ ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ସମରବଗାରେ ୧୯୮୭-୮୮ମସିହାରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସ୍ଥାପନ ହୋଇଥିଲା। ତତ୍କାଳୀନ ସରକାରଙ୍କ ସମୟରେ ଏହି ବିଦ୍ୟାଳୟକୁ ଅନୁମତି ପ୍ରଦାନରେ ବିଳମ୍ବକୁ ଦୃଷ୍ଟିରେ ରଖି ୧୯୯୦ରେ ପ୍ରଥମ ବ୍ୟାଚ୍ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନିକଟରେ ଥିବା ବିପିଏମ୍ ହାଇସ୍କୁଲ ଭଥରଖୋଲ ପକ୍ଷରୁ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିଲା। ବିଦ୍ୟାଳୟକୁ ସରକାରଙ୍କ ଅନୁମତି ମିଳିବା ପରେ ଏହି ବିଦ୍ୟାଳୟର ଦ୍ୱିତୀୟ ବ୍ୟାଚ ୧୯୯୧ ମସିହାରେ ପରୀକ୍ଷା ଦେବା ସହିତ ଅଞ୍ଚଳରେ ଉନ୍ନତ ଫଳାଫଳ ଆଣିଥିଲା। ଏହି ବିଦ୍ୟାଳୟର ସମ୍ପୂର୍ଣ୍ଣ ବ୍ୟୟ ପରିଚାଳନା କରିବା ପାଇଁ ଗଠିତ କମିଟି ଶିକ୍ଷକଙ୍କୁ ସ୍ୱଳ୍ପ ଦରମା ପ୍ରଦାନ କରି ବର୍ଷକୁ ବର୍ଷ ବିଦ୍ୟାଳୟ ଅଞ୍ଚଳରେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବରେ ନିଜର ପରିଚୟ ସୃଷ୍ଟି କରିଛି। ୨୦୦୪ ମସିହାରେ ଏହା ବ୍ଲକ ଗ୍ରାଣ୍ଟର ମାନ୍ୟତା ପାଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ନବମ, ଦଶମ ଶ୍ରେଣୀରେ ୮୩ ଛାତ୍ରୀଛାତ୍ର ଥିବାବେଳେ ଶିକ୍ଷକ ଅଛନ୍ତି ମାତ୍ର ୩ ଜଣ। ଗତ ୨୦୨୩ ମାର୍ଚ୍ଚରେ ପ୍ରଧାନ ଶିକ୍ଷକ, ଏପ୍ରିଲରେ ଇଂରାଜୀ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ପରେ ୨୦୨୪ ମେ'ରେ ଶାରୀରିକ ଶିକ୍ଷା ଶିକ୍ଷକ, ଗତ ଜୁନ ୩୦ରେ ଗଣିତ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ନିଯୁକ୍ତ ୩ ଶିକ୍ଷକଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ଆସନ୍ତା ଅଗଷ୍ଟ ୩୧ରେ ଅବସରଗ୍ରହଣ କରିବା ପରେ ମାତ୍ର ୨ଜଣ ଶିକ୍ଷକ, ଜଣେ କିରାଣୀ, ଦୁଇ ଜଣ ପିଅନ ଭରସାରେ ଏହି ବିଦ୍ୟାଳୟର ଭବିଷ୍ୟତକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏହି ବିଦ୍ୟାଳୟ ପରିସରରେ ୧୦୦ଶଯ୍ୟା ବିଶିଷ୍ଟ ଆଦିବାସୀ ଆବାସିକ ହଷ୍ଟେଲ ନିର୍ମାଣ ସହିତ ଅନେକ କାର୍ଯ୍ୟ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଛି। ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ପାଇଁ ଏଠାରେ ଶିକ୍ଷକ ନିଯୁକ୍ତି ନ ହେବା ଅଞ୍ଚଳବାସୀଙ୍କୁ ହତବାକ୍ କରିଛି। ଦୀର୍ଘ ୩୮ବର୍ଷର ଏହି ବିଦ୍ୟାଳୟ ଆଜି ଅସ୍ତିତ୍ୱ ହରାଇବାକୁ ଯାଉଛି। ବିଦ୍ୟାଳୟର ଏଭଳି ଦୁର୍ଦ୍ଦିନକୁ ଦେଖି ଅଞ୍ଚଳବାସୀ ଏହାର ଅସ୍ତିତ୍ୱ ବଞ୍ଚାଇବାକୁ ଶିକ୍ଷକ ନିଯୁକ୍ତି ଲାଗି ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ କହିଛନ୍ତି, ବ୍ଲକ ଗ୍ରାଣ୍ଡ ବିଦ୍ୟାଳୟ ପାଇଁ ନୂତନ ଶିକ୍ଷକ ନିଯୁକ୍ତି ନେଇ ସରକାରଙ୍କ ପକ୍ଷରୁ ମନା ଥିବାବେଳେ କେବଳ ଅବସରଗ୍ରହଣ କରିଥିବା ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବରେ ନେବା ଏହାର ବିକଳ୍ପ ବୋଲି କହିଛନ୍ତି।



ସମରବଗାରେ ଥିବା ପଞ୍ଚାୟତ ଉଚ୍ଚବିଦ୍ୟାଳୟ।

**ହୀରାକୁଦ ଜଳଭଣ୍ଡାର: ଗୋଟିଏ ଗେଟ୍ ଖୋଲା**

ସମ୍ବଲପୁର,(ପ୍ରମୋଦ ବହିଦାର): ହୀରାକୁଦ ଜଳଭଣ୍ଡାରର ପୁଣି ଗୋଟିଏ ସ୍ଲୁଇସ୍ ଗେଟ୍‌କୁ ଶନିବାର ବନ୍ଦ କରି ଦିଆଯାଇଛି। ଫଳରେ ବର୍ତ୍ତମାନ ମାତ୍ର ଗୋଟିଏ ସ୍ଲୁଇସ୍ ଗେଟ୍ ଜରିଆରେ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଶନିବାର ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ଖବର ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୧୧.୧୫ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୮୧ ହଜାର ୫୧୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୫୩ ହଜାର ୪୨୭ ଘନଫୁଟ୍ ବନ୍ୟାଜଳ ନିଷ୍କାସିତ ହେଉଛି।

# ପାଣି ପଞ୍ଚାୟତ ଗଠନ ଯୋଜନା ବାଟବଣା

ସମ୍ବଲପୁର, ୨।୮
(ଭବାନୀ ଶଙ୍କର ଭୋଇ)

ରାଜ୍ୟ ସରକାର ପାଣି ପଞ୍ଚାୟତମାନ ଗଠନ କରି କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱ ହସ୍ତାନ୍ତର କରୁଥିଲେ। ପାଣି ପଞ୍ଚାୟତଗୁଡିକର ସଦସ୍ୟ ରହିଥିବା ଚାଷୀମାନେ ନିଜ କେନାଲ ଏବଂ ଶାଖା କେନାଲଗୁଡିକର ମରାମତି କରିବା ଦ୍ୱାରା ସେମାନଙ୍କ ଚାଷ ଜମିକୁ ଠିକ୍‌ଭାବେ ପାଣି ପହଞ୍ଚି ପାରୁଥିଲା। ଏହାବାଦ ଚାଷୀ ସଦସ୍ୟମାନେ ମଧ୍ୟ ସରକାରୀ ଅନୁଦାନରେ କାମ କରି ପାଣି ପଞ୍ଚାୟତ ଜରିଆରେ ଲାଭବାନ ହୋଇ ପାରୁଥିଲେ। ତେବେ କିଛି ବର୍ଷ ହେବ ପାଣି ପଞ୍ଚାୟତଗୁଡିକୁ ପୂର୍ବ ଭଳି ଆଉ କେନାଲ ମରାମତି ବାବଦରେ ଅନୁଦାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ପୁନଶ୍ଚ ୨୦୨୧ ମସିହାରେ ଜିଏସ୍‌ଟି ବ୍ୟାବସ୍ଥା ଲାଗୁ କରାଯିବା ପରେ ସମସ୍ତ ପାଣି ପଞ୍ଚାୟକୁ ସରକାରୀ ଅନୁଦାନରେ କାମ କରିବା ପାଇଁ ଜିଏସ୍‌ଟି ନମ୍ବର ଆବେଦନ କରିବାକୁ ପଡିଥିଲା। ପାଣି ପଞ୍ଚାୟତଗୁଡିକ ଜିଏସ୍‌ଟି ନମ୍ବର ନେବା ପରେ ପ୍ରତି ମାସରେ ଜିଏସ୍‌ଟି ପଇଠ କରିବା ପାଇଁ ଓକିଲଙ୍କୁ ଫିସ ବାବଦକୁ ମାସକୁ ୫୦୦ ଟଙ୍କା ହିସାବରେ ବର୍ଷକୁ ୬୦୦୦ ଦେଉଛନ୍ତି। ଏବେ ପାଣି ପଞ୍ଚାୟତମାନେ ଅଭିଯୋଗ କରୁଛନ୍ତି କାମ ନ କରି କାହିଁକି ଓକିଲଙ୍କୁ ପଇସା ଦେବୁ। ତେଣୁ ସରକାର ଯଦି ପ୍ରତି ବର୍ଷ ଅନୁଦାନ ନ ଦେବେ ତେବେ ପାଣି ପଞ୍ଚାୟତର ଜିଏସ୍‌ଟି ନମ୍ବରକୁ ବନ୍ଦ କରି ଦିଆଯାଉ। ନଚେତ ଜିଏସ୍‌ଟି ପଇଠ କାମ ସରକାରୀ ବିଭାଗ ଦ୍ୱାରା କରାଯାଉ ବୋଲି ପାଣି ପଞ୍ଚାୟତଗୁଡିକ ଦାବି କରୁଛନ୍ତି। ଏହାବାଦ ଦୀର୍ଘବର୍ଷ ହେବ ପାଣି ପଞ୍ଚାୟତ ପରିଚାଳନା ପାଇଁ ଦିଆଯାଉଥିବା ସରକାରୀ ଅନୁଦାନ ମଧ୍ୟ ବନ୍ଦ କରି ଦିଆଯାଇଥିବା ପାଣି ପଞ୍ଚାୟତଗୁଡିକ ଅଭିଯୋଗ କରିଛନ୍ତି।

**■ ଜିଏସ୍‌ଟି ଜାଲରେ ଛନ୍ଦି ହୋଇଛି ପାଣି ପଞ୍ଚାୟତ**

**■ ଦୀର୍ଘ ବର୍ଷ ହେବ ମିଳୁନାହିଁ ପରିଚାଳନା ସହାୟତା ରାଶି**

ଦଣ୍ଡେଇପାଲିସ୍ଥିତ ଛବିଳ ସାଏ ପାଣି ପଞ୍ଚାୟତର ସଭାପତି ରାମସାଗର ସାହୁ କହିଛନ୍ତି, ଶାସନ କେନାଲର ୧୮,୫୦୦ କିଲୋମିଟର ଲମ୍ବା ପରମାଣପୁର ଡିଷ୍ଟ୍ରିବ୍ୟୁଟରିରେ ୧୧ଟି ପାଣି ପଞ୍ଚାୟତ ରହିଛି। ପ୍ରତି ପାଣି ପଞ୍ଚାୟତରେ ୪୫୦ ହେକ୍ଟରରୁ ୫୦୦ହେକ୍ଟର ଚାଷ ଜମି ରହିଛି। ୨୦୦୨ ମସିହାରେ ୫ଟି ଶାଖା କେନାଲର ରକ୍ଷଣାବେକ୍ଷଣ ପାଇଁ ଆମେମାନେ ସହିଦ ଛବିଳ ସାଏ ପାଣି ପଞ୍ଚାୟତ ୟୁନିଟ-୭ ଗଠନ କରିଥିଲୁ। ପାଣିପଞ୍ଚାୟତ ପକ୍ଷରୁ କେନାଲ ମରାମତି ପରେ ତଳମୁଣ୍ଡରେ ପାଣି ପହଞ୍ଚିଥିଲା। ତେବେ ୨୦୨୧ମସିହାରେ ଜିଏସ୍‌ଟି ପଞ୍ଜୀକରଣ ପରଠାରୁ ଆମେ କେବଳ ଖର୍ଚ୍ଚାନ୍ତ ହୋଇଆସୁଛୁ। ୪ ବର୍ଷ ହେବ ଆମ ପାଣି ପଞ୍ଚାୟତକୁ ନିୟମିତଭାବେ କୌଣସି କାମ ମିଳିପାରନାହିଁ। ତଥାପି ପ୍ରତିମାସରେ ଚାଷୀମାନେ ଜିଏସ୍‌ଟି ପଇଠ କରିବା ପାଇଁ ଓକିଲଙ୍କ ପାଖକୁ ଦୌଡି ହଇରାଣ ହେବା ସହ ଏଥିପାଇଁ ମାସିକ ୫ଶହ ଟଙ୍କା ଖର୍ଚ୍ଚ କରୁଛୁ। ପାଣି ପଞ୍ଚାୟତ ଗଠନ ପରଠାରୁ ଆମକୁ ୪ ବର୍ଷ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପରିଚାଳନା ପାଇଁ ସରକାରୀ ଆର୍ଥିକ ସହାୟତା ଦିଆଯାଇଥିଲା। ଏହାପରଠାରୁ ଆଉ ସରକାର ସହାୟତା ରାଶି ଦେଉନାହାନ୍ତି। ସେଥିପାଇଁ ଚାଷୀମାନେ ଆଉ ପାଣି ପଞ୍ଚାୟତ ସହ ଜଡିତ ରହିବାକୁ କୁଣ୍ଠାବୋଧ କରୁଛନ୍ତି। ଯାହାଦ୍ୱାରା ଚାଷୀଙ୍କୁ କେନାଲ ରକ୍ଷଣାବେକ୍ଷଣ ନେଇ ସ୍ୱାବଲମ୍ବୀ କରିବାର ସରକାରୀ ଯୋଜନା ବିଫଳ ହେବାକୁ ବସିଥିବା ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏନେଇ ଜଳସେଚନ ବିଭାଗ ଯନ୍ତ୍ରୀ ତ୍ରୟୋମା କୁମାର କଲେତ କହିଛନ୍ତି, ସରକାରଙ୍କ ତରଫରୁ କେନାଲ ମରାମତି ପାଇଁ ଆସୁଥିବା ଅନୁଦାନକୁ ଭାଗବଣ୍ଟା କରି ପ୍ରତିବର୍ଷ ବିଭିନ୍ନ ପାଣି ପଞ୍ଚାୟତକୁ କାମ ଦିଆଯାଉଛି। ତେବେ ମରାମତିର ଆବଶ୍ୟକତା ଅନୁସାରେ କାମ ବଣ୍ଟନ କରାଯାଉଛି। ପାଣି ପଞ୍ଚାୟତଗୁଡିକର ପରିଚାଳନା ପାଇଁ ରାଜ୍ୟ ସରକାର ପାଣ୍ଠି ପ୍ରଦାନ କରିଥାନ୍ତି । ଅନୁଦାନ ଆସିଲେ ବିଭିନ୍ନ ପାଣି ପଞ୍ଚାୟତକୁ ବଣ୍ଟନ କରାଯାଇଥାଏ। ତେବେ କିଛି ବର୍ଷ ହେବ ଅନୁଦାନ ଆସୁ ନ ଥିବାରୁ ଆମେ ମଧ୍ୟ ପରିଚାଳନା ସହାୟତା ଦେଇ ପାରୁନାହୁଁ। ଅନ୍ୟପକ୍ଷରେ ଜିଏସ୍‌ଟି ସରକାରଙ୍କ ବିଷୟ ବୋଲି ସେ କହିଥିଲେ।

## ମହାନଗର ନିଗମ ଜିପ୍‌କୁ ନେଇ ଚର୍ଚ୍ଚା



ପୁରୁଣା ଜିପ୍‌କୁ କର୍ମଚାରୀମାନେ ଠେଲି ଷ୍ଟାର୍ଟ କରିବାକୁ ଉଦ୍ୟମ କରୁଛନ୍ତି।

**ଠେଲିଲେ ଚାଲୁଛି**

ସମ୍ବଲପୁର,୨।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ କମାଣ୍ଡର(ଜିପ୍)କୁ ନେଇ ସମ୍ବଲପୁର ସହରରେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଅତ୍ୟାଧୁନିକ ଯୁଗରେ ମଧ୍ୟ ପୁରୁଣା ଜିପରେ ସମ୍ବଲପୁର ମହାନଗର ନିଗମର ପ୍ରବର୍ତ୍ତନ ବିଭାଗର ଟିମ୍ ସହରର ଜବରଦଖଲ ଆଦି ନିରୀକ୍ଷଣ କାର୍ଯ୍ୟ କରୁଛି। ଅନେକ ସମୟରେ ସହରର ବିଭିନ୍ନ ସ୍ଥାନର ଜବରଦଖଲ କରାଯାଉଥିବା ନେଇ ସୂଚନା ପାଇଁ ପ୍ରବର୍ତ୍ତନ ଟିମ୍ ଉକ୍ତ କମାଣ୍ଡରରେ ଯିବା ବାଟରେ ଅଧବାଟରେ ବନ୍ଦ ହୋଇଗଲେ କର୍ମଚାରୀ ମାନଙ୍କୁ ଓହ୍ଲାଇ ଜିପକୁ ଠେଲି ଷ୍ଟାର୍ଟ କରିବାକୁ ପଡିଥାଏ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ମହାନଗର ନିଗମର ଏହି କମାଣ୍ଡରକୁ ନେଇ ଟ୍ରୋଲ କରାଯାଉଛି। ମହାନଗର ପକ୍ଷରୁ ଜବରଦଖଲ ଘର ଭାଙ୍ଗିବାକୁ ଯାଇଥିବା ବେଳେ କୌଣସି ସ୍ଥାନରେ ଗଣ୍ଡଗୋଳ ହେଲେ ପ୍ରବର୍ତ୍ତନ କର୍ମଚାରୀ କମାଣ୍ଡର ଠେଲିବେ ନାଁ ଦୌଡି ପଳାଇବେ ବୋଲି ସାମାଜିକ ଗଣମାଧ୍ୟମରେ ଲୋକେ ପ୍ରଶ୍ନ କରୁଛନ୍ତି। ଅନ୍ୟ ପକ୍ଷରେ ମହାନଗର ନିଗମର ଅଧିକାରୀ ମାନଙ୍କ ପାଇଁ ଇନୋଭା, ସ୍କର୍ପିଓ ଭଳି ଅତ୍ୟାଧୁନିକ ଗାଡି ରହିଥିବା ବେଳେ ପ୍ରବର୍ତ୍ତନ ଟିମ ପାଇଁ ପୁରୁଣା ଫିଟନେସ ନଥିବା କମାଣ୍ଡର ବ୍ୟବହାର କରାଯିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ସମଲେଇ ମନ୍ଦିରରେ ନୂଆଁଖାଇ ଭେଟ୍ ପାଇଁ ପ୍ରସ୍ତୁତି

ସମ୍ବଲପୁର,୨।୮
(ଭବାନୀ ଶଙ୍କର ଭୋଇ)

ସମଲେଇ ମନ୍ଦିର ପରିସରରେ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ଯୁବକ ସଂଘ ସଭାପତି ସଗନ ରାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂଆଁଖାଇ ଅବସରରେ ସ୍ମରଣିକା ପ୍ରକାଶ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସ୍ମରଣିକା ପ୍ରକାଶନ ପାଇଁ ସଂଘ ଉପଦେଷ୍ଟା ଡ. ଶ୍ୟାମସୁନ୍ଦର ଧର, ଦେବେନ୍ଦ୍ର ରାଏ, କୋଷାଧ୍ୟକ୍ଷ ଗୌରୀ ଶଙ୍କର ନାଏକଙ୍କୁ ଲେଖା ସଂଗ୍ରହ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ନୂଆଁଖାଇ ଅବସରରେ ସମ୍ବଲପୁରୀ କବିତା ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ବିବେକାନନ୍ଦ ଜ୍ଜୁଆଡି ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁବକ ସଂଘ ସମ୍ପାଦକ ରାମଦାସ ପଣ୍ଡା, ଦେବେନ୍ଦ୍ର ରାଏ, ଗୌରୀଶଙ୍କର ନାଏକ, ବିବେକାନନ୍ଦ ଜ୍ଜୁଆଡି ପ୍ରମୁଖ ଉପସ୍ଥିତ ଥିଲେ।

## ନାକଟିଦେଉଳ ବ୍ଲକକୁ ମିଳିଲା ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ



ତପସ୍ୱିନୀ ହଲ୍‌ରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ଅତିଥିଙ୍କ ଦ୍ୱାରା ସମ୍ମାନିତ ଅଧିକାରୀ।

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)

ଜିଲାସ୍ତରୀୟ ସମ୍ପୂର୍ଣତା ଅଭିଯାନ ସମ୍ମାନ ସମାରୋହରେ ନୀତି ଆୟୋଗ ଦ୍ୱାରା ଚୟନ କରାଯାଇଥିବା ବିକାଶମୂଳକ ସୂଚକାଙ୍କରେ ସତ ପ୍ରତିଶତ ସଫଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ରଙ୍କ ସମେତ ନାକଟିଦେଉଳ ବ୍ଲକ ପଞ୍ଚାୟତ ଅଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ଆଦି ଆଗଧାଡ଼ିର କର୍ମୀମାନଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପାତ୍ର, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରଣୀ ସାହୁ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଅଶୋକ କୁମାର ଦାସ, ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ଡ଼ିପିଏମ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ଜେନା, ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ, ଜିଲା ସମାଜ ସୁରକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ, ଡିପିଏମ, ଓଏଲ୍‌ଏମ୍, ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇଙ୍କ ସମେତ ଅନ୍ୟାନ୍ୟ ବ୍ଲକର ବିଡିଓ, ବ୍ଲକ ଶିକ୍ଷାଧିକାରୀ ଓ କର୍ମଚାରୀ ତଥା ଅଙ୍ଗନୱାଡି କର୍ମୀ, ସହାୟକ, ଏମବିକେ, ସିଆରପି ଓ କୃଷକ ସାଥୀମାନଙ୍କୁ ନିଜ ନିଜ କାର୍ଯ୍ୟରେ ଉତ୍କର୍ଷତା ପାଇଁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ତମାଖୁ ନିବାରଣ ସଚେତନତା ସଭା

ସମ୍ବଲପୁର,୨।୮ (ବି.ଶଙ୍କର)

ସମ୍ବଲପୁର ଡାକ୍ତରଖାନା ରୋଡ ସ୍ଥିତ ବସୁନ୍ଧରା କମ୍ୟୁନିଟି ସେଣ୍ଟର ପରିଚାଳିତ ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ରରେ ଶନିବାର ତମାଖୁ ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କାଉନସେଲର ବନ୍ଦନାମୟୀ ବାଗ ଓ ନିର୍ମଳା ପଟେଲ ବକ୍ତାଭାବେ ଯୋଗଦେଇ ଥିଲେ। ତମାଖୁ ସେବନର ଅପକାରିତା ସମ୍ବନ୍ଧରେ ବକ୍ତାମାନେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ । ଏହି ସଭାରେ ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା ପ୍ରଶାନ୍ତ ପାଟଯୋଶୀ, ସମ୍ପାଦକ ପ୍ରବୀଣ ନାୟକ, ଶରତ ବହିଦାର, ଜ୍ୟୋତି ମୁଣ୍ଡା, ମନୀଷା ନାୟକ ଉପସ୍ଥିତ ଥିବାବେଳେ ଶିକ୍ଷୟିତ୍ରୀ ରୋଜା ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ଆର୍ଥିକ ସହାୟତା

କୁଚିଣ୍ଡା,୨।୮ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ବେହେରା(୩୫)ଙ୍କ ଗତ ଜୁନ ୨୩ରେ ମୃତ୍ୟୁ ଘଟିଥିଲା। ସେ କର୍କଟ ରୋଗରେ ପୀଡିତ ହୋଇ ଭୀମସାର ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ଦୁଇ ବର୍ଷ ପୂର୍ବେ ସେ ଶିକ୍ଷକ ପଦବୀରେ ନିୟମିତ ହୋଇଥିଲେ। ତାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨୭,୫୦୦ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘର ଏକ ପ୍ରତିନିଧି ଦଳ କୁଚିଣ୍ଡା ଏନ୍‌ଏସି ସଇଡାସ୍ଥିତ ବାସଭବନକୁ ଯାଇ ତାଙ୍କ ସ୍ତ୍ରୀ ରଶ୍ମିତା ବେହେରାଙ୍କୁ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଭୋଜରାଜ କିଷାନ, ଅନୀଲ ନାୟକ, ଦୁଃଖବନ୍ଧୁ ସାହୁ ମୃତ ଶିକ୍ଷକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ତାଙ୍କ ସ୍ତ୍ରୀଙ୍କୁ ଉକ୍ତ ସହାୟତା ରାଶି ପ୍ରଦାନ କରିଛନ୍ତି।


ମୃତ ଶିକ୍ଷକଙ୍କ ବିଧବା ସ୍ତ୍ରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଉଛି।

## ଚାଷୀଙ୍କୁ ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତି ପ୍ରଦାନ

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)

ଉତ୍ତରପ୍ରଦେଶର ବାରଣାସୀଠାରେ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୯ କୋଟି ଚାଷୀଙ୍କୁ ପିଏମ କିଷାନ ଯୋଜନାର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀ ସମ୍ବଲପୁର ଜିଲା ପ୍ରେକ୍ଷାଳୟ ତପସ୍ୱିନୀ ହଲ୍‌ରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥିଭାବେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦୁନି ନାଏକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି, ଭାପ୍ରସେ ଶିକ୍ଷାନବୀଶ ଶୁଭ୍ରା ପଣ୍ଡାଙ୍କ ସମେତ କୃଷକ ଭାଇବନ୍ଧୁ ପ୍ରମୁଖ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ। ଏଥିରେ ସମ୍ବଲପୁର ଜିଲାର ମୋଟ ୬୦ହଜାର ଚାଷୀଙ୍କୁ ପ୍ରାୟ ୧୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଜରିଆରେ ଜିଲାପାଳ ବୋନ୍ଦର ଚାଷୀ ଉତ୍ପାଦନକୁ ଦ୍ୱିଗୁଣିତ କରିବା ପାଇଁ ଏହି ସହାୟତା ରାଶିରେ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ସହିତ ସେମାନଙ୍କର ଘରୋଇ ଆବଶ୍ୟକତା ପୂରଣ କରିବାରେ ବ୍ୟୟ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଜିଲାର ମୋଟ୍ ୧୩୮ଟି ପଞ୍ଚାୟତ ମଧ୍ୟରୁ ଅତିକମ୍‌ରେ ଗୋଟିଏ ପଞ୍ଚାୟତରେ ସମନ୍ୱିତ କୃଷିକୁ ଅପଣେଇ ଅନ୍ୟ ଗ୍ରାମ ପଞ୍ଚାୟତ ପାଇଁ ଉଦାହରଣ ସୃଷ୍ଟି କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା


ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ନାକଟିଦେଉଳ, ୨।୮ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଯାମୁଯୋରୀ କ୍ଲଷ୍ଟର ଅନ୍ତର୍ଗତ ବାଘବର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କୁ ଶନିବାର କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାଘବର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କୁଡାନାଲି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୀନବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ବେହେରା, ସମ୍ମାନିତ ଅତିଥିଭାବେ ସିଆରସିସି ଅଜୟ କୁମାର ବେହେରା ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟଶୈଳୀ, ସମୟାନୁବର୍ତ୍ତିତା, ଶିକ୍ଷାଦାନର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସହକର୍ମୀମାନଙ୍କ ସହଯୋଗ ଏବଂ ଛାତ୍ରୀଛାତ୍ରମାନଙ୍କ ତାଙ୍କ ପ୍ରତିଥିବା ସମ୍ମାନକୁ ସେ କେବେ ହେଲେ ଭୁଲି ପାରିବେ ନାହିଁ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ସାହୁ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ,କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

କୁଚିଣ୍ଡା,୨।୮ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଯୋଗ୍ୟ ବିବେଚିତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସର କାଳୀନ ସୁବିଧା ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡପେରେ ଶିକ୍ଷକ କର୍ମଚାରୀଙ୍କ ଅସଙ୍ଗତି ଦୂର କରିବା, ସମସ୍ତ ସ୍କୁଲ କଲେଜକୁ ସରକାରୀକରଣ ସହ ପୂର୍ଣ୍ଣ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରା ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ୟା ସମାଧାନ ସକାଶେ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଶିକ୍ଷକ ଓ କର୍ମଚାରୀ ମାନଙ୍କ ମଧ୍ୟରେ ହତାଶା ଓ ନିରାଶାଭାବ ଦେଖା ଦେଇଛି। ତେଣୁ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥି ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାଏକ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ ଖର୍ସେଲ, ସୁଶିଲ ମହାକୁଳ, ଯୁଗଳ ପତି, ଭୈରବ ସାହୁ, ବେଦବ୍ୟାସ ପଟେଲ, ବିଭୂତି ଭୁଷଣ ପଟେଲ, ରାଜେଶ ପଟେଲ, ରଶ୍ମିରେଖା ପଟେଲ, କମଲଲୋଚନ ବେହେରା, ଦେବାନନ୍ଦ କର୍ସେଲ, ରଞ୍ଜନ ନାଏକ, ତ୍ରିଶଙ୍କର ପଟେଲ, ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

## ଜନଜାତି ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

ସମ୍ବଲପୁର,୨।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ମୁସାକାନି ଅଞ୍ଚଳର ଜନଜାତି ବର୍ଗର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ମହୁକୁ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ପ୍ୟାକେଜିଂ କରାଯାଇ ବିକ୍ରୟ ଆରମ୍ଭ ହୋଇଛି। ସମ୍ବଲପୁରୀ ଦିନ୍ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ ଖତ୍ରୀ, ଆଇଏଏସ୍ ଶିକ୍ଷାନବିସ ଶୁଭ୍ରା ପଣ୍ଡା ଏବଂ ସବୁଜ କୃଷକ ଉତ୍ପାଦନ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକଙ୍କ ଉପସ୍ଥିତିରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମହୁର ପ୍ୟାକେଜିଂକୁ ଉନ୍ମୋଚନ କରାଯାଇଥିଲା। ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡା. ଅଜିତ କୁମାର ଶାସନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଯୁମୁରା ବ୍ଲକ୍ ଅନ୍ତର୍ଗତ ମୁସାକାନି ଅଞ୍ଚଳର ଜନଜାତିର ମହିଳାମାନଙ୍କୁ ମହୁଚାଷ ନେଇ ଗତ ବର୍ଷ ଅକ୍ଟୋବର ମାସରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମୁସାକାନିର ୧୫୦ ଜଣ ଜନଜାତିବର୍ଗ ମହିଳାମାନଙ୍କୁ ମହୁ ସଂରକ୍ଷଣ ବାକ୍ସ ପ୍ରଦାନ କରାଯାଇଥିଲା। ଏହାପରେ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ସେମାନଙ୍କୁ ନିୟମିତ ଭାବେ ମହୁଚାଷ ପାଇଁ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା । ଜଙ୍ଗଲରେ ରହିଥିବା ବିଭିନ୍ନ ଫୁଲରୁ ପ୍ରାପ୍ତ ଜୈବିକ ମହୁଚାଷ ଦ୍ୱାରା ମହିଳାମାନଙ୍କ ଆର୍ଥିକ ଜୀବନରେ ଅନେକ ପରିବର୍ତ୍ତନ ଆସିଛି। ଏହି ମହିଳାଙ୍କଠାରୁ ସଂରକ୍ଷିତ ଜୈବିକ ମହୁ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର ଲୋଗୋ ସହ ପ୍ୟାକେଜିଂ କରାଯାଇ ୨୦୦ଗ୍ରାମର ପ୍ୟାକେଟକୁ ୮ଶହ ଟଙ୍କାରେ ବିକ୍ରୟ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହାକୁ ପ୍ରଥମକରି ସମ୍ବଲପୁରୀ ଦିନ୍ ଅବସରରେ ବିକ୍ରୟ ପାଇଁ ଉନ୍ମୋଚନ କରାଯାଇଥିଲା । ପ୍ରାକୃତିକ ମହୁଚାଷ ଯୋଗୁ ଯୁଯୁମୁରା ଅଞ୍ଚଳର ଜନଜାତି ବର୍ଗର ମହିଳାଙ୍କ ଆୟବୃଦ୍ଧି ହେବା ସହ ଏହାର ପ୍ରଭାବ ଜିଲାର ଅନ୍ୟ ଅଞ୍ଚଳରେ ମଧ୍ୟ ପଡିବ ବୋଲି ଜିଲାପାଳ ବୋନ୍ଦର କହିଛନ୍ତି। ଜନଜାତି ମହିଳା ଚାଷୀମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ପାରମ୍ପରିକ ଜ୍ଞାନ ସହ ବୈଜ୍ଞାନିକ ପ୍ରୟୋଗ ଏବଂ ଗ୍ରାମୀଣ ଉଦ୍ୟମିତାର ସମାବେଶୀ ଉନ୍ନତିର ମଡେଲ ଦୀର୍ଘକାଳୀନ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ଆଣିବ ବୋଲି ଜିଲାପାଳ କହିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିଥିମାନେ ଜନଜାତିର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ମହୁ ପ୍ୟାକେଟକୁ ଉନ୍ମୋଚନ କରୁଛନ୍ତି।

**■ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ଆରମ୍ଭ ହେଲା ପ୍ୟାକେଜିଂ**

**■ ଫ୍ଲୋରିକଲ୍ଚର ମିଶନ ଅଧୀନରେ ଏକ ସଫଳ ପ୍ରୟାସ**

## ୩୨୦ ବୋତଲ କଫ୍ ସିରପ୍ ଜବତ

ଅତାବିରା,(ଯୁଧିଷ୍ଠିର ମହାପାତ୍ର): ଅତାବିରା ଥାନା ପୋଲିସ ଶୁକ୍ରବାର ବିପୁଳ ପରିମାଣରେ କଫ୍ ସିରପ୍ ଜବତ କରିଛି। ଏହି ମାମଲାରେ ପୋଲିସ ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଅତାବିରା ଥାନା ସିନ୍ଦୁରବାହାଲ ଗ୍ରାମର ଶୁଭମ ନାଏକ ଏବଂ ବଡ଼ମାଲ ଗ୍ରାମର ହିମାଂଶୁ ମିର୍ଦ୍ଧା। ସେହିପରି ନାବାଳକ ଜଣକ ସମ୍ବଲପୁର ଜିଲା ଗୋଶାଳା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ପାଖରୁ ୩୨୦ କଫ୍ ସିରପ୍ ଏବଂ ୫୦ନିଶା ବଟିକା ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା(ନଂ-୨୮୬/୨୫) ରୁଜୁ ହୋଇଛି।

**ସଂକ୍ଷେପରେ**

## ଟିଣଛାତକୁ କାଟି ଦୋକାନରୁ ଲୁଟ୍

ବଣାଇଁ,୨।୮(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ଦରେଇକଳା ଛକ ନିକଟରେ ଶୁକ୍ରବାର ରାତିରେ ଏକ ଦୋକାନରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ହୃଷୀକେଶ ସୁତାରଙ୍କ ଦୋକାନର ଛାତରେ ଲାଗିଥିବା ଟିଣ ଚାଦରକୁ ଗ୍ୟାସ୍ କଟରରେ କାଟି ଦୋକାନ ଭିତରେ ଥିବା ଟଙ୍କା ସହିତ ଅନୁମାନ ୫୦ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଚିରାଚରିତ ଢଙ୍ଗରେ ବଣାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣା ତଦନ୍ତ ଚାଲିଥିବା କହି ଦୋଷ ଛଡାଇ ନେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଜିକୁ ଏକ ବର୍ଷ ମଧ୍ୟରେ ବଣାଇଁ ଅଞ୍ଚଳରେ ଯେତେ ଚୋରି ହୋଇଛି କୌଣସି ଗୋଟିଏ ଘଟଣାର ପର୍ଦ୍ଦାଫାସ ବା ଚୋରି ସାମଗ୍ରୀ ଉଦ୍ଧାର କରିବା ନଜିର ନାହିଁ।

## ୨୪ ଘଣ୍ଟା ପରେ ମିଳିଲା ମୃତଦେହ

**ଆମ୍ବଘାଟ ନଈରେ ଯୁବକ ନିଖୋଜ ଘଟଣା**

ରାଜଗାଙ୍ଗପୁର,୨।୮(ଅଶୋକ ପାଣି)

ରାଜଗାଙ୍ଗପୁର କେଶରାମାଲ ପଞ୍ଚାୟତର ଆମ୍ବଘାଟ ନଈରେ ଶୁକ୍ରବାର ଗାଧୋଉଥିବା ବେଳେ ନିଖୋଜ ଥିବା ବୁରୁକୁପଡା ପଞ୍ଚାୟତର ଫକିର ମୋହନ ବାଙ୍କରା(୨୦)ଙ୍କ ମୃତଦେହ ୨୪ ଘଣ୍ଟା ପରେ ଅର୍ଥାତ୍ ଶନିବାର ଉଦ୍ଧାର କରାଯାଇଛି। ରାଜଗାଙ୍ଗପୁର ଅଗ୍ନିଶମ ବିଭାଗ ଏବଂ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ହୋଇଥିଲା। ପୋଲିସ ମୃତଦେହକୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମର୍ଗ ହାଉସରେ ରଖିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ୬ ଜଣ ସାଙ୍ଗ ଆମ୍ବଘାଟ ନଈ ନିକଟକୁ ବୁଲିବାକୁ ଆସିଥିଲେ। ଫକିର ନଈକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବାବେଳେ ହଠାତ୍ ନଈ ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ।

## କ୍ଲଷ୍ଟରସ୍ତରୀୟ ବୈଠକ

ଟିଟିଲାଗଡ଼,୨।୮(ଶରତ ମିଶ୍ର)

ଶନିବାର ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଶଗଡ଼ଘାଟ କ୍ଲଷ୍ଟରର ଦ୍ୱିତୀୟ କ୍ଲଷ୍ଟରସ୍ତରୀୟ ବୈଠକ ଗୁଦଗୁଦା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଗଡ଼ଘାଟ କ୍ଲଷ୍ଟରର ସିଆର୍‌ସିସି ସୁଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟା ଜ୍ଞାନର ଶ୍ରେଣୀ ପରିଚାଳନା, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ନିମନ୍ତେ ସଂଖ୍ୟା ପରିଚୟର ଧାରଣା ତଥା ସାମଗ୍ରିକ ପ୍ରଗତିପତ୍ର ଉପରେ ଆଲୋଚନା କରାଯାଇଥିଲା। ଶଗଡ଼ଘାଟ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ଜାମିନ୍‌ରେ ଆସି ନାବାଳିକାଙ୍କୁ ଧମକ ଦେଉଛନ୍ତି ଅଭିଯୁକ୍ତ

## ଝିରପାଣି ଥାନାରେ ମାମଲା

ରାଉରକେଲା,୨।୮(ସଙ୍ଗୀତା ଜେନା)

ଝିରପାଣି ଥାନା ଅଞ୍ଚଳରେ ଗତବର୍ଷ ଜଣେ ନାବାଳିକା(୧୬)ଙ୍କୁ ଜଣେ ଯୁବକ ପ୍ରେମ ନିବେଦନ କରି ବିଫଳ ହେବାରୁ ବିଭିନ୍ନ ଆଳରେ ହଇରାଣ କରୁଥିଲେ। ପୀଡ଼ିତାଙ୍କ ଅଭିଭାବକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ କିଛିଦିନ ତଳେ ଅଭିଯୁକ୍ତ ଯୁବକ ଜାମିନ୍‌ରେ ଆସି ପୁଣି ପୀଡ଼ିତାଙ୍କୁ ହଇରାଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ଝିରପାଣି ଥାନାରେ ଏକ ମାମଲା(ନଂ.୫୮/୨୫) ରୁଜୁ ହୋଇଛି। ପୀଡ଼ିତାଙ୍କ ଅଭିଭାବକ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରିନାହିଁ। ପ୍ରାୟ ୨ ଦିନ ହେଲା ଉକ୍ତ ଯୁବକ ରାଉରକେଲାରେ ପହଞ୍ଚି ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ହଇରାଣ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଏ ନେଇ ଥାନା ଅଧିକାରୀ ପ୍ରଦୀପ ନାୟକଙ୍କୁ ପଚାରିବାରୁ ସେ କହିଲେ, ଅଭିଯୁକ୍ତ ବାହାରକୁ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଆସିଛି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଜନଜାତି ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

ସମ୍ବଲପୁର,୨।୮(ଭବାନୀ ଶଙ୍କର ଭୋଇ)



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିଥିମାନେ ଜନଜାତିର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ମହୁ ପ୍ୟାକେଟକୁ ଉନ୍ମୋଚନ କରୁଛନ୍ତି।

- ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ଆରମ୍ଭ ହେଲା ପ୍ୟାକେଜିଂ
- ଫ୍ଲୋରିକଲ୍ଚର ମିଶନ ଅଧୀନରେ ଏକ ସଫଳ ପ୍ରୟାସ

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ମୁସାକାନି ଅଞ୍ଚଳର ଜନଜାତି ବର୍ଗର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ମହୁକୁ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ପ୍ୟାକେଜିଂ କରାଯାଇ ବିକ୍ରୟ ଆରମ୍ଭ ହୋଇଛି। ସମ୍ବଲପୁରୀ ଦିନ୍ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ ଖତ୍ରୀ, ଆଇଏଏସ୍ ଶିକ୍ଷାନବିସ ଶୁଭ୍ରା ପଣ୍ଡା ଏବଂ ସବୁଜ କୃଷକ ଉତ୍ପାଦନ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକଙ୍କ ଉପସ୍ଥିତିରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମହୁର ପ୍ୟାକେଜିଂକୁ ଉନ୍ମୋଚନ କରାଯାଇଥିଲା। ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡା. ଅଜିତ କୁମାର ଶାସନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଯୁମୁରା ବ୍ଲକ୍ ଅନ୍ତର୍ଗତ ମୁସାକାନି ଅଞ୍ଚଳର ଜନଜାତିର ମହିଳାମାନଙ୍କୁ ମହୁଚାଷ ନେଇ ଗତ ବର୍ଷ ଅକ୍ଟୋବର ମାସରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମୁସାକାନିର ୧୫୦ ଜଣ ଜନଜାତିବର୍ଗ ମହିଳାମାନଙ୍କୁ ମହୁ ସଂରକ୍ଷଣ ବାକ୍ସ ପ୍ରଦାନ କରାଯାଇଥିଲା। ଏହାପରେ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ସେମାନଙ୍କୁ ନିୟମିତ ଭାବେ ମହୁଚାଷ ପାଇଁ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଜଙ୍ଗଲରେ ରହିଥିବା ବିଭିନ୍ନ ଫୁଲରୁ ପ୍ରାପ୍ତ ଜୈବିକ ମହୁଚାଷ ଦ୍ୱାରା ମହିଳାମାନଙ୍କ ଆର୍ଥିକ ଜୀବନରେ ଅନେକ ପରିବର୍ତ୍ତନ ଆସିଛି। ଏହି ମହିଳାଙ୍କଠାରୁ ସଂରକ୍ଷିତ ଜୈବିକ ମହୁ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର ଲୋଗୋ ସହ ପ୍ୟାକେଜିଂ କରାଯାଇ ୨୦୦ଗ୍ରାମର ପ୍ୟାକେଟକୁ ୮ଶହ ଟଙ୍କାରେ ବିକ୍ରୟ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଏହାକୁ ପ୍ରଥମକରି ସମ୍ବଲପୁରୀ ଦିନ୍ ଅବସରରେ ବିକ୍ରୟ ପାଇଁ ଉନ୍ମୋଚନ କରାଯାଇଥିଲା। ପ୍ରାକୃତିକ ମହୁଚାଷ ଯୋଗୁ ଯୁଯୁମୁରା ଅଞ୍ଚଳର ଜନଜାତି ବର୍ଗର ମହିଳାଙ୍କ ଆୟବୃଦ୍ଧି ହେବା ସହ ଏହାର ପ୍ରଭାବ ଜିଲାର ଅନ୍ୟ ଅଞ୍ଚଳରେ ମଧ୍ୟ ପଡିବ ବୋଲି ଜିଲାପାଳ ବୋନ୍ଦର କହିଛନ୍ତି। ଜନଜାତି ମହିଳା ଚାଷୀମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ପାରମ୍ପରିକ ଜ୍ଞାନ ସହ ବୈଜ୍ଞାନିକ ପ୍ରୟୋଗ ଏବଂ ଗ୍ରାମୀଣ ଉଦ୍ୟମିତାର ସମାବେଶୀ ଉନ୍ନତିର ମଡେଲ ଦୀର୍ଘକାଳୀନ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ଆଣିବ ବୋଲି ଜିଲାପାଳ କହିଛନ୍ତି।

## ଥମୁନି ହାତୀ ତାଣ୍ଡବ, ପୁଣି ଭାଙ୍ଗିଲେ ଘର



ହାତୀ ଭାଙ୍ଗିଥିବା ଘର।

ବଣାଇଁ,୨।୮(ପ୍ରଦୀପ ତ୍ରିପାଠୀ)

ବଣାଇଁ ବନଖଣ୍ଡରେ ୨ ଗୋଠଛଡା ଦନ୍ତା ପୁଣି ତାଣ୍ଡବ ରଚି ଚାଲିଛନ୍ତି। ଗତ ୨ଦିନ ତଳେ ଜଣଙ୍କର ଘର ଭାଙ୍ଗିଥିବା ବେଳେ ଶୁକ୍ରବାର ପୁଣି ବଡ଼ପୋଷ ଗ୍ରାମର ଗଉଣ୍ଟିଆ ସାହିରେ କଳ କିଷାନଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ନଷ୍ଟ କରିଥିବା ଜଣାପଡିଛି। ପରିବାର ଲୋକେ ଭୟଭୀତ ହୋଇ ଘର ବାହାରକୁ ଦୌଡି ପଳାଇ ନିଜ ଜୀବନ ରକ୍ଷା କରିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ହୋ ହଲ୍ଲା କରିବାରୁ ହାତୀଟି ପଳେଇ ଯାଇଥିଲା। ସେହିଭଳି ଅଞ୍ଚଳରେ ଘୂରି ବୁଲୁଥିବା ଅନ୍ୟ ଏକ ହାତୀ ତଳିତା ଓ ନୂଆଡ଼ିହି ଅଞ୍ଚଳରେ ଧାନ ବିଲରେ ପଶି ମାଡି ଦଳି ନଷ୍ଟ କରିଦେଇଛି। ଉଭୟ ହାତୀକୁ ଟ୍ରାକ କରି ବନ ବିଭାଗ ଘଉଡାଇବା ପାଇଁ ଯେତେ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ବିଫଳ ରହିଥିବା ଦେଖିବାକୁ ମିଳିଛି। ରାତି ହେଲେ ହାତୀ ୨ଟି ଚକମା ଦେଖାଇ ଖାଦ୍ୟ ଅନ୍ୱେଷଣରେ ଘର ଭାଙ୍ଗିବା ସହିତ ଧାନ ଚାଉଳ ନଷ୍ଟ କରିବା ଏବଂ ବ୍ୟାପକ ଫସଲ ନଷ୍ଟ କରିଛନ୍ତି।

## ଉପରଝରରେ ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଦେଓଗାଁ,୨।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ନିକଟରେ ଶନିବାର ସନ୍ଧ୍ୟାରେ ୨ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ନିକଟସ୍ଥ ପାଣ୍ଡେଲ ଗାଁର ରାଧୁ ନାଗ (୨୨)। ଗୁରୁତର ଆହତ ହୋଇଥିବା ଯୁବକ ଦୁଇଜଣ ହେଲେ ମହଲାଇ ଗାଁର ଶଙ୍କର ବାଙ୍କ ଓ ଜିତୁ ସାହୁ। ଖବରପାଇ ଦେଓଗାଁଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାନୁସାରେ ରାଧୁ ବାଇକ୍‌ରେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇ ତାଙ୍କର ମୃତ୍ୟୁ ଘଟିଥିଲା।

# ମା'ବାପା ଛେଉଣ୍ଡଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



ଅସହାୟ ଭଉଣୀଙ୍କଭାଇଙ୍କ ସହ ଶିଶୁମଙ୍ଗଳ ସମିତି କର୍ମକର୍ତ୍ତା।

ଲାଞ୍ଜିଗଡ଼,୨।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ବାନିଗାଁରେ ମା'ବାପା ଛେଉଣ୍ଡ ୫ ଭଉଣୀଭାଇ ଅସହାୟ ଅବସ୍ଥାରେ ଜୀବନ ଜିଉଁଥିବା ନେଇ ଗତ ୨୫ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶନିବାର ଜିଲା ଶିଶୁ ମଙ୍ଗଳ ସମିତି ସେମାନଙ୍କ ପାଖରେ ପହଞ୍ଚିଛି। ସୂଚନାନୁସାରେ ମା'ବାପା ଛେଉଣ୍ଡ ୫ ଭଉଣୀଭାଇ ସୁମିତ୍ରା ମାଝୀ, ତାଙ୍କ ସାନ ଭଉଣୀ ସୁଶ୍ରୀତା, ସାନ ଭାଇ କୁମର, ଶ୍ରୀକାନ୍ତ ଓ ଅଜିତ ଏକ ଭଙ୍ଗାଦଦରା ମାଟିଘରେ ରହୁଛନ୍ତି। ୭ବର୍ଷ ତଳେ ବାପା ସୀତା ମାଝୀଙ୍କ ମୃତ୍ୟୁ ଘଟିଥିବାବେଳେ ୩ବର୍ଷ ହେଲା ମା'ମୁକ୍ତେ ମାଝୀଙ୍କ ଦେହାନ୍ତ ହୋଇଛି। ସେଇଦିନଠୁ ସୁମିତ୍ରା ମୂଲମଜୁରି କରି ୪ ଭଉଣୀଭାଇଙ୍କ ମୁହଁରେ ଆହାର ଦେଉଛନ୍ତି। ଗୋଟିଏ ଅନ୍ତ୍ୟୋଦୟ ଖାଉଟି କାର୍ଡରେ ୩୫ କିଗ୍ରା ଚାଉଳ ଏମାନଙ୍କ ଭରସା। ନାମକୁ ମାତ୍ର ସ୍କୁଲରେ ନାଁ ରହିଥିଲେ ବି ମୂଲମଜୁରି କରି ସେମାନେ ପେଟ ପୋଷୁଛନ୍ତି। ଆଦିବାସୀ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇଦେବା ବ୍ୟବସ୍ଥା ରହିଥିଲେ ହେଁ ପରିବାରରେ କେହି ସାବାଳକ ନ ଥିବାରୁ ଘର ଖଣ୍ଡେ ମିଳିପାରୁନି। ଲାଞ୍ଜିଗଡ଼ ପ୍ରେସ୍‌କ୍ଲବର କର୍ମକର୍ତ୍ତା ଏହା ଜାଣିବା ପରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ଭେଟି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପ୍ରକାଶ ପରେ ଶନିବାର ଶିଶୁ ମଙ୍ଗଳ ସମିତି ଶିଶୁ ସହାୟତା ଜିଲା ପ୍ରକଳ୍ପ ସଂଯୋଜକ ବିପ୍ଳବ ପ୍ରଧାନ, ପରାମର୍ଶଦାତା ଜିତେଶ ପଧାନ, ପରିଦର୍ଶିକା ଜ୍ୟୋସ୍ନା ବାଗ, ଆଉଟରିଚ କର୍ମକର୍ତ୍ତା ହୃଷୀକେଶ ଗହୀର, ଉତ୍ତମ ନିଆଲ ପ୍ରମୁଖ ବାନିଗାଁରେ ପହଞ୍ଚି ଭାଇ ଭଉଣୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହାସହିତ ୩ଜଣଙ୍କ ପାଠପଢା ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସାନଭାଇ ଅଜିତଙ୍କୁ ଶିଶୁ ମଙ୍ଗଳ ସମିତି ତରଫରୁ ପୂର୍ବରୁ ଚିହ୍ନଟ କରି ସହାୟତା ଦିଆଯାଉଥିବା ଶିଶୁ ସହାୟତା ଜିଲା ପ୍ରକଳ୍ପ ସଂଯୋଜକ ବିପ୍ଳବ ପ୍ରଧାନ ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ପ୍ରଦାନ

ନୂଆପଡ଼ା,୨।୮ (ମକାରୁ ବେମାଲ)

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ାଠାରେ ସମଗ୍ର ଶିକ୍ଷା ନୂଆପଡା ତରଫରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ନୂଆପଡା ହେମନ୍ତ ଭୋଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆପଡା ଓ କୋମନା ବ୍ଲକର ଶହେରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ତାଙ୍କ ପିତାମାତା ଯୋଗଦେଇଥିଲେ। ଭିନ୍ନକ୍ଷମଙ୍କୁ ୫ ହୁଇଲ ଚେୟାର, ୧୦ ରୋଲେଟର, ୫ ବ୍ଲାଇଣ୍ଡ କିଟ, ୩୦ ଶ୍ରବଣ ଯନ୍ତ୍ର ଆଦି ବଣ୍ଟନ କରାଯାଇଥିଲା। ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ନୂଆପଡା ବ୍ଲକ ସାଧନ କର୍ମୀ ଉପେନ୍ଦ୍ର ଶାମଲ, କାର୍ତ୍ତିକ ବିଶାଳ, ସମେଶ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ମିଟର ଚୋରି ଅଭିଯୋଗ: ୫ ଗିରଫ



**୩୫ରୁ ଉର୍ଦ୍ଧ୍ୱ ପାଣି ମିଟର ଜବତ**

ସୁନ୍ଦରଗଡ,୨।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଟାଉଥାନା ଅନ୍ତର୍ଗତ ଲୁହୁରାଡିପା ଅଞ୍ଚଳରେ ପାଣି ମିଟର ଚୋରି ଘଟଣାରେ ପୋଲିସ ଶନିବାର ଅପରାହ୍ନରେ ୩ଜଣ ପାଣି ମିଟର ଚୋର ଓ ୨ଜଣ କ୍ରେତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗତ କିଛି ଦିନ ଧରି ଏହି ୩ଅଭିଯୁକ୍ତ ପାଣି ମିଟର ଚୋରି କରି ଆସୁଥିଲା ବେଳେ ଶୁକ୍ରବାର ମଧ୍ୟ ରାତ୍ରୀ ରାତି ପ୍ରାୟ ୧ରୁ ୩ଟା ମଧ୍ୟରେ ସର୍ବାଧିକ ପାଣି ମିଟର ଚୋରି କରି ଫେରାର ମାରିଥିଲେ। ଏହି ଚୋର ମାନେ କେବଳ ଲୁହୁରାଡିପା ବସ୍ତିରୁ ୨୫ରୁ ଉର୍ଦ୍ଧ୍ୱ ପାଣି ମିଟର ଚୋରି କରି ଥିବା ନେଇ ସ୍ଥାନୀୟ କାଉନସିଲର ରଜନୀ ରୋହିଦାସ ଓ କେତେଜଣ ବାସିନ୍ଦା ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲି ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏହି ଅପରାଧରେ ଜଡ଼ିତ ଥିବା ୩ ଅଭିଯୁକ୍ତଙ୍କୁ ପତ୍ରାପଡା ଅଞ୍ଚଳରୁ ଗିରଫ କରି ଥିବା ଜଣା ପଡିଛି। ଏଥିସହ ପାଣି ମିଟର କିଣିଥିବା ୨ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। କେତେକ ସ୍ଥାନର ସିସିଟିଭି ଫୁଟେଜକୁ ଯାଞ୍ଚ କରି ପୋଲିସ ଏହି ଚୋରମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୫ରୁ ଉର୍ଦ୍ଧ୍ୱ ପାଣି ମିଟର ଜବତ କରିଛନ୍ତି। ପୋଲିସ ଏ ନେଇ ଟାଉଥାନାରେ କେସ୍ ନଂ. ୩୧୧/୨୫ରେ ଏକ ଚୋରି ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତ ମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟର ବ୍ଲକସ୍ତରୀୟ ବୈଠକ

ଡୁଙ୍ଗୁରିପାଲି, ୨।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ସଭାପତିଭାବେ ଜେହେରୁ ବାଗ ଓ ସମ୍ପାଦକ ଭାବେ ଅନିରୁଦ୍ଧ ଦୀପଙ୍କୁ ମନୋନୀତ କରାଯାଇଛି। ଶନିବାର ସୁବର୍ଣ୍ଣପୁର ଜିଲା କାର୍ଯ୍ୟାଳୟଠାରେ ୬ଟି ବ୍ଲକର କର୍ମକର୍ତ୍ତାଙ୍କୁ ନେଇ ଜିଲା ସଭାପତି ଦୁଃଖୀରାମ ନାଏକଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ଜାତୀୟ ମାନବ ଅଧିକାର ସାମୂଖ୍ୟର ରାଷ୍ଟ୍ରୀୟ ଅଧକ୍ଷ ରମେଶ ଭାରତୀ ଯୋଗ ଦେଇଥିଲେ। ସଭାରେ ଜନସାଧାରଣ ବିଭିନ୍ନ ସମସ୍ୟା, ମୌଳିକ ସୁବିଧା, ଜାତୀୟ ମାନବ ଅଧିକାର ଉପରେ ଆଲୋଚନା ହୋଇଥିଲା। ସଭାରେ ପ୍ରତ୍ୟେକ ବ୍ଲକର ସଭାପତି ଓ ସମ୍ପାଦକ ପଦବୀ ପାଇଁ ମନୋନୀତ ପତ୍ର ଅଧକ୍ଷ ଭାରତୀ ପ୍ରଦାନ କରିଥିଲେ। ସେଥିମଧ୍ୟରୁ ଡୁଙ୍ଗୁରିପାଲି ବ୍ଲକ ପାଇଁ ସଭାପତି ଭାବେ ଭୀମଟିକିରା ଗ୍ରାମର ଜେହେରୁ ବାଗ ଓ ସମ୍ପାଦକଭାବେ କନ୍ଦାଗାଡ ଗ୍ରାମର ଅନିରୁଦ୍ଧ ଦୀପ ମନୋନୀତ ହୋଇଥିବା ଜଣାପଡିଛି।

## ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

ନୂଆପଡ଼ା,୨।୮ (ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷୀ ହାଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ନୂଆପଡା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧକ୍ଷ ଡଲି ମାଝି ମୁଖ୍ୟଅତିଥି ଓ ଖରିଆର ରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ବୋଡେନ ବ୍ଲକ ଅଧକ୍ଷା ପ୍ରେମଶୀଳା ନାଗ, ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝି, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆପଡା ଜିଲାକୁ ଆକାଂକ୍ଷୀ ଜିଲା ଭାବରେ ସରକାର ଘୋଷଣା କରିଥିବା ବେଳେ କୋମନା ଓ ବୋଡେନ ବ୍ଲକ ସଂପୂର୍ଣ୍ଣ ଆକାଂକ୍ଷୀ ବ୍ଲକ ଭାବରେ ସାମିଲ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନକୁ ନେଇ କୋମନା ଓ ବୋଡେନ ବ୍ଲକ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ କୋମନା ବିଡିଓ ସର୍ବେଶ୍ୱର ଜାଲ ଓ ବୋଡେନ ବିଡିଓ ସୁଶାନ୍ତ କୁମାର ରଣାତଙ୍କୁ ସମ୍ମାନିତ କରାଯାଇଥିଲା। ଆକାଂକ୍ଷୀ ହାଟରେ ଓର୍‌ମାସ ପକ୍ଷରୁ ୨୮ ଟି ଷ୍ଟଲ ଲଗାଯାଇ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଉଛି।

**ଖବରଦାତାଙ୍କୁ ଅଣଦେଖା ନେଇ କ୍ଷୋଭ**

କାର୍ଯ୍ୟକ୍ରମରେ ଖବରଦାତାମାନଙ୍କୁ ଅଣଦେଖା କରାଯାଇଥିଲା। ଫଳରେ ବିଭିନ୍ନ ଗଣମାଧ୍ୟମର ଖବରଦାତାମାନେ କ୍ଷୋଭ ପ୍ରକାଶ କରି କାର୍ଯ୍ୟକ୍ରମ ଛାଡି ଚାଲିଯାଇଥିଲେ। ଯେଉଁଠାରେ ଖବରଦାତାମାନେ ବସି ଖବର ସଂଗ୍ରହ କରିବା ପାଇଁ ଚୌକି ପକାଯାଇଥିଲା ସେଥିରେ ସରକାରୀ ଅଧିକାରୀ ଓ କର୍ମଚାରୀ ବସିଥିଲେ। ଖବରଦାତାମାନେ ଦୀର୍ଘ ସମୟ ଛିଡା ହୋଇ ଖବର ସଂଗ୍ରହ କରି କାର୍ଯ୍ୟକ୍ରମ ଛାଡି ଚାଲିଆସିବାରୁ ଜିଲାପାଳ ଦୁଃଖ ପ୍ରକାଶ କରି ଅଧିକାରୀ ଓ କର୍ମଚାରୀମାନଙ୍କ ଉପରେ ବର୍ଷିଥିଲେ।

# ଭାଗନେଲେ ୧୭ ମହିଳା, ୧୧୧ ପୁରୁଷ ଖେଳାଳି

ବୌଦ୍ଧ,୨।୮(ଅଜିତ କୁମାର ବାରିକ)



ଅତିଥି ଓ ବ୍ୟାଡମିଣ୍ଟନ ଖେଳାଳି।

**ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ର୍‌ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ**

ବୌଦ୍ଧ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଏନ୍‌ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୌମିତ୍ରୀ ନାୟକ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ନିଲିନ କୁମାର, ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ କୋଷାଧକ୍ଷ ପ୍ରଦୀପ କୁମାର ମହାନ୍ତି ଯୋଗଦେଇଥିଲେ। ବୌଦ୍ଧ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୨୮ ଖେଳାଳି ଭାଗ ନେଇଥିଲେ। ସେଥିରୁ ୧୧୧ ପୁରୁଷ ଓ ୧୭ ମହିଳା ଖେଳାଳି ଭାଗ ନେଇଛନ୍ତି। ଟୁର୍ନାମେଣ୍ଟରେ ପୁରୁଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଖେଳ ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିନ ଏହି ଟୁର୍ନାମେଣ୍ଟରେ ୫୨ ଗୋଟି ଖେଳ ଅନୁଷ୍ଠିତ ହୋଇଥିଲା। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଆୟୁଷ ଦାସ, ପରାଶ ମାଥୁର, ଆର୍ଯ୍ୟ ମାଝୀ, ଅମ୍ରିତ ମହାନ୍ତି ଓ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଗୀତା ଶ୍ରୀଦେ, ବର୍ଷା ମୁର୍ଖାଜୀ, ଟୁମି ବାଗଚି, ହର୍ଷିତ ରାଉତ ଉନ୍ନୀତ ହୋଇଛନ୍ତି। ସେହିପରି ପୁରୁଷ ଡବଲ୍ସ ସେମିଫାଇନାଲରେ ଅନିରବନ ଓ ପାରସ, ସମତା ଓ ଏସକେ ମୋଦି, ଅଭିଜତି ଓ ତନ୍ମୟ, ଅମ୍ଲାନ ଓ ସିଦ୍ଧାର୍ଥ ଯୋଡି ଉନ୍ନୀତ ହୋଇଛନ୍ତି। ଟୁର୍ନାମେଣ୍ଟକୁ ଠିକ ଭାବେ ପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ୨୫ ଜଣ ବୈଷୟିକ ଅଧିକାରୀ ଓ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଆସୋସିଏଶନର ସମ୍ପାଦକ ସୁନ୍ଦର ପ୍ରକାଶ, ଉପସଭାପତି ପରେଶ ବେହେରା, କୋଷାଧକ୍ଷ ଶିବାନନ୍ଦ ସାହୁ, ଜୁଲିୟସ ସିଜର ମହାକୁଲ, ଆଲୋକ ରଥ, ଗଣେଶ ମହାପାତ୍ର ବିବେକ କର୍ଣ୍ଣ, ସନ୍ତୋଷ ମହାନ୍ତି, ସାଇ ଦାସ ଓ ଆସୋସିଏଶନର ସମସ୍ତ ସଦସ୍ୟଙ୍କ ସହଯୋଗରେ ଖେଳ ଅନୁଷ୍ଠିତ ହେଉଛି।

**ସରକାରୀ ବଙ୍ଗଳା ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼**

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର ସରକାରୀ ବଙ୍ଗଳା ଖାଲି କରିଛନ୍ତି। ୫୦ତମ ସିଜେଆଇ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୨୦୨୪ ନଭେମ୍ବର ୮ରେ ଅବସର ନେଇଥିଲେ। ତେବେ ସେ ଅଧିକ ଦିନ ଧରି ନୂଆଦିଲ୍ଲୀର ୫, କ୍ରିଷ୍ଣ ମେନନ ମାର୍ଗ ସରକାରୀ ବାସଭବନରେ ରହିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା।

## ସଂକ୍ଷେପରେ

### ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



ନୂଆଦିଲ୍ଲୀ,୨।୮

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଶନିବାର ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରରେ ରଖାଯାଇଛି। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ୮୧ ବର୍ଷୀୟ ଶିବୁ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜେଏମ୍ଏମ୍‌ର ପ୍ରତିଷ୍ଠାତା ଶିବୁ ସୋରେନ୍ ୩୮ ବର୍ଷ ଧରି ଏହାର ନେତୃତ୍ୱ ନେଇଥିଲେ। ଶନିବାର ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ୍‌ଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି।

### ଆଇଆଇଟି ବମ୍ବେ ଛାତ୍ରଙ୍କ ଆତ୍ମହତ୍ୟା

ମୁମ୍ବାଇ, ୨।୮

ଆଇଆଇଟି ବମ୍ବେର ଜଣେ ୨୨ ବର୍ଷୀୟ ଛାତ୍ର ଶନିବାର ସକାଳେ ହଷ୍ଟେଲ ବିଲ୍ଡିଂର ୧୦ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ନିକଟରେ ମେଟା ସାଇନ୍ସରେ ବି.ଟେକ୍ ଶେଷ କରିଥିଲେ ଏବଂ ଜବ୍ ପ୍ଲେସମେଣ୍ଟ ପାଇଁ କଲେଜ ହଷ୍ଟେଲରେ ରହୁଥିଲେ। ତାଙ୍କ ରୁମରୁ କୌଣସି ସୁଇସାଇଡ ନୋଟ୍ ହସ୍ତଗତ ହୋଇନାହିଁ ବୋଲି ପୋଲିସ ସୂଚନା ଦେଇଛି। ମୃତ ଛାତ୍ର ଜଣଙ୍କ ଦିଲ୍ଲୀ ନିବାସୀ ରୋହିତ ସିହ୍ନା ହୋଇଥିବା ଜଣାପଡ଼ିଛି। ରୋହିତଙ୍କ ଆତ୍ମହତ୍ୟାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ଆଇଆଇଟି ବମ୍ବେ ପ୍ରଶାସନ ଶୋକପ୍ରକଟ କରିଛି।

# ଦେଶର ନିର୍ବାଚନ ବ୍ୟବସ୍ଥା ମୃତ: ରାହୁଲ

## ୨୦୨୪ ଲୋକ ସଭା ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ

ନୂଆଦିଲ୍ଲୀ,୨।୮ (ପି.ଟି.)

ଦେଶର ନିର୍ବାଚନ ବ୍ୟବସ୍ଥା ମରିଯାଇଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଶନିବାର କହିବା ସହ ୨୦୨୪ ଲୋକ ସଭା ଭୋଟରେ ଜାଲିଆତି ହୋଇଥିବା ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କୁ କଡ଼ା ସମାଲୋଚନା କରିଛନ୍ତି। 'ସାମ୍ବିଧାନିକ ଆହ୍ୱାନ: ଦୃଷ୍ଟିକୋଣ ଓ ମାର୍ଗ' ଶୀର୍ଷକ ଉପରେ ଆୟୋଜିତ ନ୍ୟାୟିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି, ପ୍ରଧାନମନ୍ତ୍ରୀ ସ୍ୱଳ୍ପ ସଂଖ୍ୟାଗରିଷ୍ଠତାର ସହ ଆସନରେ ବସିଛନ୍ତି। ଅଳ୍ପ କେତୋଟି ଆସନ ଅନ୍ତର ହୋଇଥିଲେ ସେ ସେଠାରେ ନ ଥାନ୍ତେ।

କର୍ଣ୍ଣାଟକର ଏକ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ସଂଗୃହୀତ କରିଥିବା ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି, ମୋଟ



ରାହୁଲ ଗାନ୍ଧୀ

୬.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧.୫ ଲକ୍ଷ ଭୋଟର ଜାଲ୍ ଥିଲେ। ଭୋଟରମାନଙ୍କ ଫଟୋ ଓ ନାମ ଯାଞ୍ଚରୁ ଏହା ଜଣାପଡ଼ିଛି। ଏଭଳି ଅନେକ ତଥ୍ୟ ରହିଛି, ଯାହାକୁ ପ୍ରଘଟ କଲେ ନିର୍ବାଚନ ବ୍ୟବସ୍ଥାରେ ପରମାଣୁ ବୋମା ବିସ୍ଫୋରଣ ଭଳି କମ୍ପନ ସୃଷ୍ଟି ହେବ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ସତ କଥା ହେଲା ଭାରତର ନିର୍ବାଚନ ବ୍ୟବସ୍ଥା ମରିଯାଇଛି। ଯଦି ୧୦ରୁ ୧୫ ଆସନରେ ଜାଲିଆତି ହୋଇ ନ ଥାନ୍ତା, ତେବେ ମୋଦି ପ୍ରଧାନମନ୍ତ୍ରୀ ଆସନରେ ନ ଥାନ୍ତେ। ୭୦-୮୦ରୁ ୧୦୦ ଆସନରେ ଜାଲିଆତି ହୋଇଥିବା ଆମେ ସନ୍ଦେହ କରୁଛୁ। ଲୋକ ସଭା ନିର୍ବାଚନରେ କିପରି ଜାଲିଆତି ହୋଇଥିଲା, ସେ ସମ୍ପର୍କିତ ଯେକୌଣସି ସନ୍ଦେହକୁ ଆମେ ଆଗାମୀ ଦିନରେ ପ୍ରମାଣିତ କରିବାକୁ ଯାଉଛୁ ବୋଲି ରାହୁଲ କହିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ଆହୁରି କହିଛନ୍ତି, ପୂର୍ବରୁ ତାଙ୍କ ପାଖରେ ପ୍ରମାଣ ନ ଥିବାରୁ ସେ ଏଭଳି ବୟାନ ଦେଇପାରି ନ ଥିଲେ। ଏବେ ୧୦୦ ପ୍ରତିଶତ ପ୍ରମାଣ ମିଳିଥିବାରୁ ସେ ଦୃଢ଼ତାର ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହାକୁ ସେ ଯାହାକୁ ଦେଖାଇବେ, ତାଙ୍କ ପାଦତଳୁ ମାଟି ଖସିଯିବ। ତାହା କିପରି ସମ୍ଭବ ବୋଲି ସେମାନେ ଭାବିବେ। ତେବେ ଏହା ସମ୍ଭବ ଓ ଘଟିଥିବା ରାହୁଲ ଦାବି କରିଛନ୍ତି।

# ଆଣବିକ ବୁଡ଼ାଜାହାଜ ପଠାଇବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ



ୱାଶିଂଟନ,୨।୮

ପରମାଣୁ ଅସ୍ତ୍ର ରଖିଥିବା ବିରୋଧୀଙ୍କ ସହ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଥିବା ରୁଷିଆର ପୂର୍ବତନ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍ ମନ୍ତବ୍ୟ ଦେବା ପରେ ଏହାର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୁଡ଼ାଜାହାଜ ଉପଯୁକ୍ତ ଷ୍ଟ୍ରାଟେଜିକ୍ ସ୍ଥିତିରେ ଅବସ୍ଥାନ କରିବ ବୋଲି ଜଣାପଡ଼ିଛି। ତେବେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ମସ୍କୋ ସହ ବୟାନବାଜି ବଢ଼ାଇବ ବୋଲି ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ପୂର୍ବରୁ ମୁତୟନ ହୋଇଛି, ଯାହା ରୁଷିଆ ଉପରେ ଆକ୍ରମଣ କରିବାକୁ ସମର୍ଥ। ସୂଚନାଯୋଗ୍ୟ, ଟ୍ରମ୍ପ୍ ରୁଷିଆକୁ ମୃତ ଅର୍ଥନୀତି କହିବା ପରେ ଏହାର ଜବାବରେ ମେଡ୍‌ଭେଡେଭ୍ ତାଙ୍କୁ ଶୀତଳ ଯୁଦ୍ଧ ସମୟର ସ୍ୱୟଂକ୍ରିୟ ଏବଂ ଅର୍ଦ୍ଧସ୍ୱୟଂକ୍ରିୟ ଅଣୁଅସ୍ତ୍ର ନିୟନ୍ତ୍ରଣ ସିଷ୍ଟମ୍‌ର ସାମର୍ଥ୍ୟ ବିଷୟ ମନେ ପକାଇଦେଇଥିଲେ।

### ରୁଷିଆର ଉତ୍ତେଜକ ମନ୍ତବ୍ୟ

ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେବା ପରେ କ୍ରେମ୍‌ଲିନ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ରୁଷିଆର ବରିଷ୍ଠ ଆଇନ ପ୍ରଣେତା ଭିକ୍ଟର ଭୋଡୋଲାଟ୍‌ସ୍କି ଆମେରିକାକୁ ସତର୍କ କରାଇଦେଇ କହିଛନ୍ତି, ମସ୍କୋ ପାଖରେ ସର୍ବାଧିକ ଆଣବିକ ବୁଡ଼ାଜାହାଜ ରହିଛି ଯାହାକି ଯୁକ୍ତରାଷ୍ଟ୍ର ତୁଳନାରେ ବହୁ ଅଧିକ।





ସ୍ପେନ୍‌ର ସେଭିଲେସ୍ଥିତ ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ ଆସେମ୍ବ୍ଲିଠାରେ ୧୬ତମ ଏୟାରବସ୍ ସି-୨୯୫ ସାମରିକ ପରିବହନ ବିମାନ ଗ୍ରହଣ କରିବା ଅବସରରେ ସେଠାର ଭାରତୀୟ ରାଷ୍ଟ୍ରଦୂତ ଦିନେଶ କେ. ପଟ୍ଟନାୟକଙ୍କ ସହ ବାୟୁସେନାର ବରିଷ୍ଠ ଅଧିକାରୀମାନେ ଗ୍ରୁପ୍ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ଛତିଶଗଡ଼ରେ ଗିରଫ କେରଳର ୨ ମହିଳା ପାଦ୍ରୀଙ୍କୁ ଜାମିନ

ବିଳାସପୁର, ୨।୮

ଛତିଶଗଡ଼ର ଦୁର୍ଗରେ ମାନବ ଚାଲାଣ ଏବଂ ଧର୍ମାନ୍ତରୀକରଣ ଅଭିଯୋଗରେ ଗିରଫ ହୋଇଥିବା କେରଳର ୨ ମହିଳା ପାଦ୍ରୀଙ୍କୁ ଶନିବାର ବିଳାସପୁରସ୍ଥିତ ଏନ୍ଆଇଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ପ୍ରିନ୍ସିପାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ (ଏନ୍ଆଇଏ କୋର୍ଟ) ସିରାଜୁଦ୍ଦିନ କୁରେଶୀ କେରଳର ୨ ପାଦ୍ରୀ ପ୍ରୀତି ମେରି ଏବଂ ବନ୍ଦନା ଫ୍ରାନ୍ସିସ୍‌ଙ୍କ ସହ ଅନ୍ୟ ଜଣେ ଯୁବକ ସୁକମାନ ମାଣ୍ଡବୀଙ୍କୁ ଜାମିନ ଦେଇଛନ୍ତି। ଗିରଫ ପରେ ସେମାନଙ୍କୁ ଦୁର୍ଗସ୍ଥିତ ସେଣ୍ଟ୍ରାଲ ଜେଲରେ ରଖାଯାଇଥିଲା। ଗତ ଜୁଲାଇ ୨୫ରେ ସ୍ଥାନୀୟ ନାରାୟଣପୁର ନିବାସୀ ୩ ଜଣ ଯୁବତୀଙ୍କୁ ନେଇ ସୁକମାନ ଦୁର୍ଗ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ୨ ଅଭିଯୁକ୍ତ ପାଦ୍ରୀ ଉକ୍ତ ୩ ଯୁବତୀଙ୍କୁ ନେବା ପାଇଁ ପହଞ୍ଚିଥିଲେ ବୋଲି ବଜରଙ୍ଗ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଉଭୟେ ମିଶି ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଆଦିବାସୀ ଯୁବତୀମାନଙ୍କର ଧର୍ମାନ୍ତରୀକରଣ କରାଉଥିବା ନେଇ ବଜରଙ୍ଗ ଦଳ ଅଭିଯୋଗ କରିଥିଲା।

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨।୮

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲ୍ଲା ଅନ୍ତର୍ଗତ ଅଖଲ ଜଙ୍ଗଲରେ ଶନିବାର ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ବେଳେ ଟିଆର୍ଏଫ୍ (ଦି ରେଜିଷ୍ଟାନ୍ସ ଫ୍ରଣ୍ଟ)ର ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଗିରଫ ହୋଇଛନ୍ତି। ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମ୍ପର୍କିତ ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ 'ଅପରେଶନ ଅଖଲ' ଜାରି ରହିଥିବାବେଳେ ଶନିବାରର ଏନ୍‌କାଉଣ୍ଟର ଏହାର ଅଂଶବିଶେଷ। ସେନା, ଅର୍ଦ୍ଧସାମରିକ ବାହିନୀ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ଏହି ସଫଳତା ମିଳିଛି। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ। ଟିଆର୍ଏଫ୍ ହେଉଛି ନିଷିଦ୍ଧ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ଶାଖା। ପହଲଗାମ୍ ଆକ୍ରମଣ ସହ ଏହି ସଂଗଠନ ଜଡ଼ିତ ଥିଲା। ଆତଙ୍କବାଦୀମାନେ ଶ୍ରୀନଗର ନିକଟ ଡଚିଗାମ୍ ଜାତୀୟ ଉଦ୍ୟାନ ମଧ୍ୟରେ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୪ ଦିନ ପୂର୍ବରୁ ଅପରେଶନ ମହାଦେବରେ ପାକିସ୍ତାନର ୩ ଟିଆର୍ଏଫ୍ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଲଶ୍କରର ଶୀର୍ଷ କମାଣ୍ଡର ସୁଲେମାନ୍ ଶାହ ଓରଫ ମୁସା ଫୌଜି ଥିଲେ। ସେମାନଙ୍କ ଗୁପ୍ତ ଆଡ୍ଡାରୁ ୧୭ଟି ଗ୍ରେନେଡ୍, ୨ଟି ଏକେ-୪୭ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା।

# ରୁଷିଆରୁ ଭାରତ ତେଲ କିଣିବା ବନ୍ଦ କରିଛି: ଟ୍ରମ୍ପ୍

ୱାଶିଂଟନ/ନୂଆଦିଲ୍ଲୀ,୨।୮

ଭାରତ ରୁଷିଆରୁ ଆଉ ତେଲ କିଣିବ ନାହିଁ ବୋଲି ଶୁଣିବାକୁ ପାଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର କହିବା ସହ ଏହାକୁ ଭଲ ପଦକ୍ଷେପ କହି ପ୍ରଶଂସା କରିଛନ୍ତି। ତେବେ ଏନେଇ ସେ ସ୍ପଷ୍ଟ ନୁହନ୍ତି ବୋଲି କହିଛନ୍ତି। ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ସମେତ ପ୍ରାୟ ୭୦ ଦେଶ ଉପରେ ହ୍ୱାଇଟ୍ ହାଉସ୍ ଟାରିଫ୍ ଲଗାଇବାର ଦିନକ ପରେ ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

### ସରକାରୀ ସୂତ୍ରର ଖଣ୍ଡନ



ଡୋନାଲ୍ଡ ଟ୍ରମ୍ପ୍

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏହି ଦାବିକୁ ସରକାରୀ ସୂତ୍ର ଖଣ୍ଡନ କରିଛି। ରୁଷିଆ ଯୋଗାଣକାରୀ ସଂସ୍ଥାଗୁଡ଼ିକରୁ ଭାରତର ରିଫାଇନେରିଗୁଡ଼ିକ ତେଲ କିଣିବା ଜାରି ରଖିଛନ୍ତି। ସେମାନଙ୍କ ଯୋଗାଣ ନିଷ୍ପତ୍ତି ମୂଲ୍ୟ, ଅଶୋଧିତ ତୈଳର ଗ୍ରେଡ୍, ଲଜିଷ୍ଟିକ୍ସ ଏବଂ ଅନ୍ୟ ଆର୍ଥିକ କାରଣ ଆଧାରରେ ନିଷ୍ପତ୍ତି ନିଆଯାଇଥାଏ। ଭାରତର ଇନ୍ଧନ ନିଷ୍ପତ୍ତି ଜାତୀୟ ସ୍ୱାର୍ଥ ଦ୍ୱାରା ନିର୍ଦ୍ଧାରିତ ହୋଇଆସୁଛି ଏବଂ ବୈଶ୍ୱିକ ଶକ୍ତି ସ୍ଥିରତା କ୍ଷେତ୍ରରେ ଏହାର ସକାରାତ୍ମକ ଅବଦାନ ରହିଛି। ରୁଷିଆରୁ ଭାରତୀୟ କମ୍ପାନୀଗୁଡ଼ିକ ତୈଳ କିଣା ବନ୍ଦ କରିଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କୁ ଶୁକ୍ରବାର ପ୍ରଶ୍ନ ହେବାରୁ ସେ କହିଛନ୍ତି, ତୈଳ ଦର ଏବଂ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧତା ଏବଂ ବୈଶ୍ୱିକ ସ୍ଥିତି ଆଧାରରେ ଆମେ ନିଷ୍ପତ୍ତି ନେଉଛୁ। ରୁଷିଆରୁ ତେଲ କିଣା ବନ୍ଦ ନେଇ ତାଙ୍କ ପାଖରେ ସବିଶେଷ ତଥ୍ୟ ନ ଥିବା ସେ କହିଥିଲେ।

ରୁଷିଆରୁ ଇନ୍ଧନ କ୍ରୟ ଜାରି ରଖିବା ନେଇ ଭାରତର ନିଷ୍ପତ୍ତି ଉପରେ ସୂତ୍ର ପକ୍ଷରୁ କୁହାଯାଇଛି, ରୁଷିଆ ବିଶ୍ୱର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦନକାରୀ। ଏହାର ଦୈନିକ ଅଶୋଧିତ ତୈଳ ଉତ୍ପାଦନ ୯.୫ ନିୟୁତ ବ୍ୟାରେଲ୍, ଯାହାକି ବିଶ୍ୱ ଚାହିଦାର ପାଖାପାଖି ୧୦ ପ୍ରତିଶତ। ଏଥିସହିତ ରୁଷିଆ ଦ୍ୱିତୀୟ ସର୍ବାଧିକ ତୈଳ ରପ୍ତାନିକାରୀ। ଏହା ଦୈନିକ ୪.୫ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ଏବଂ ୨.୩ ନିୟୁତ ବ୍ୟାରେଲ୍ ବିଶୋଧିତ ତୈଳ ରପ୍ତାନି କରିଥାଏ। ଭାରତ ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ କିଣୁଥିବାବେଳେ ଗତ ସପ୍ତାହରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ, ହିନ୍ଦୁସ୍ଥାନ ପେଟ୍ରୋଲିୟମ, ଭାରତ ପେଟ୍ରୋଲିୟମ ଏବଂ ମାଙ୍ଗାଲୋର ରିଫାଇନେରି ପେଟ୍ରୋକେମିକାଲ୍ସ ଲିଃ ସେଠାରୁ ତୈଳ କିଣି ନ ଥିବା ଖବର ପ୍ରକାଶ ପାଇଥିଲା। ରୁଷିଆରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଭୂରାଜନୈତିକ ଚାପ ପ୍ରୟୋଗ କରିବା ଫଳରେ ଏପରି ହୋଇଥିବା କୁହାଯାଇଥିଲା। ତେବେ ଏହାକୁ ଖଣ୍ଡନକରି ମସ୍କୋ ସହ ଦୀର୍ଘବର୍ଷରୁ ସମ୍ପର୍କ ରହିଆସିଛି ଏବଂ ଏହା ସମୟ ଦ୍ୱାରା ପରୀକ୍ଷିତ ସହଯୋଗୀ ବୋଲି ନୂଆଦିଲ୍ଲୀ କହିଥିଲା।

# ଭୋଟର ତାଲିକାରେ ନାଁ ନ ଥିବା ତେଜସ୍ୱୀଙ୍କ ଅଭିଯୋଗକୁ ଇସିଙ୍କ ଖଣ୍ଡନ

ନୂଆଦିଲ୍ଲୀ,୨।୮

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ନାମ ବିହାର ଭୋଟର ତାଲିକାରେ ନ ଥିବା ସେ ଶନିବାର ଅଭିଯୋଗ କରିବା ପରେ ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ତାଙ୍କ ପାଖରେ ବୈଧ ଭୋଟର ପରିଚୟପତ୍ର (ଇପିଆଇସି) ନମ୍ବର ସତ୍ତ୍ୱେ ସ୍କ୍ରିନ୍‌ରେ 'କୌଣସି ରେକର୍ଡ ମିଳୁନାହିଁ' ବାର୍ତ୍ତା ଆସିଥିଲା ବୋଲି ତେଜସ୍ୱୀ ଏକ ଖବରଦାତା ସମ୍ମିଳନୀରେ କହିବା ସହ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ବଡ଼ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ କରିଥିଲେ। ତେବେ ତେଜସ୍ୱୀଙ୍କ ଅଭିଯୋଗକୁ ତଥ୍ୟଗତ ଭୁଲ୍ କହି ଇସି ଖଣ୍ଡନ କରିଛନ୍ତି। ଭୋଟର ତାଲିକାର କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଥିବା ଇସି କହିଛନ୍ତି।



ତେଜସ୍ୱୀ ଯାଦବ

ପ୍ରତି ନିର୍ବାଚନ ମଣ୍ଡଳୀରେ ୨୦ରୁ ୩୦ ହଜାର ଭୋଟରଙ୍କ ନାଁ କଟିଛି ଏବଂ ମୋଟ ୬୫ ଲକ୍ଷ ମତଦାତାଙ୍କ ନାଁ ଭୋଟର ତାଲିକାରେ ନାହିଁ ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ, ଯାହାକି ମୋଟ ଭୋଟର ସଂଖ୍ୟାର ପ୍ରାୟ ୮.୫ ପ୍ରତିଶତ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଥିଲା ଅନେକ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବାବେଳେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଡୁପ୍ଲିକେଟ୍ ନାଁରେ କେତେଜଣଙ୍କ ନାଁ ଭୋଟର ତାଲିକାରେ ଥିଲା। ତେବେ ଇସିଙ୍କ ପକ୍ଷରୁ ଜାରି ଚିଠା ଭୋଟର ତାଲିକାରେ ମତଦାତାଙ୍କ ଠିକଣା, ଇପିଆଇସି ନମ୍ବର ଏବଂ ବୁଥ୍ ନମ୍ବର ଦିଆଯାଇ ନାହିଁ। ତେଣୁ କେଉଁମାନଙ୍କ ନାଁ କଟିଛି, ତାହା ଖୋଜି ବାହାର କରିପାରୁ ନାହୁଁ ବୋଲି ତେଜସ୍ୱୀ କହିଥିଲେ।

## ଫୁରସତ୍



# ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା

ଶିମ୍‌ଲା

ହିମାଚଳ ପ୍ରଦେଶର ଏକ ଝରଣାରେ ପଡ଼ି ରହିଥିବା ବିଭିନ୍ନ ଅଳିଆ ଆବର୍ଜନାକୁ ଜଣେ ବିଦେଶୀ ପର୍ଯ୍ୟଟକ ଗୋଟାଇ ସେଗୁଡ଼ିକୁ ଡଷ୍ଟବିନ୍‌ରେ ପକାଉଥିବାବେଳେ ତାଙ୍କ ନିକଟରେ କେତେଜଣ ଭାରତୀୟ ପର୍ଯ୍ୟଟକ ଥିଲେ ମଧ୍ୟ ତାଙ୍କୁ ସାହାଯ୍ୟ ନ କରି ଝରଣାକୁ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ଭିଡିଓରେ ବିଦେଶୀ ପର୍ଯ୍ୟଟକ ଜଣକ କହିଛନ୍ତି, ଯଦି ତାଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ଥାନ୍ତା, ତେବେ ସେ ଏହି ଝରଣା ନିକଟରେ ବସି ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ତାଗିଦା କରନ୍ତେ। ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାୱତ ଏହି ଭିଡିଓକୁ ଶନିବାର ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରି ଭାରତୀୟ ପର୍ଯ୍ୟଟକଙ୍କୁ ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି "ଏହା ଅତ୍ୟନ୍ତ ଲଜ୍ଜାକର ଘଟଣା। କେବେ ଆମେମାନେ ସୁଧୁରିବା। ଯେପରି ଆମେ ନିଜ ଘରକୁ ସଫାସୁତରା ରଖୁଛେ, ସେହିପରି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଫାସୁତରା ରଖିବା ମଧ୍ୟ ଆମମାନଙ୍କର ଦାୟିତ୍ୱ।"

# ପିଏଚ୍‌ଡି ପାଇଁ ନାମ ଲେଖାଇଲା ରୋବୋ

ବେଜିଂ

ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଇନା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଦେଶର ଏକ ହ୍ୟୁମାନଏଡ୍ ରୋବୋ 'ଜ୍ୟୁବା ୦୧' ସାଂଘାଇ ଥିଏଟର ଏକାଡେମୀ (ଏସ୍‌ଟିଏ)ରେ ଡ୍ରାମା ଏବଂ ଚଳଚ୍ଚିତ୍ର ପାଠ୍ୟକ୍ରମରେ ପିଏଚ୍‌ଡି କରିବା ପାଇଁ ନାମ ଲେଖାଇଛି। ଏହି ପିଏଚ୍‌ଡି ପାଠ୍ୟକ୍ରମ ଚାଇନାର ବିଭିନ୍ନ ପାରମ୍ପରିକ ଅପେରାକୁ ନେଇ କେନ୍ଦ୍ରିତ ରହିଛି। ଗତ ଜୁଲାଇ ୨୭ରେ ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀରେ ଏସ୍‌ଟିଏ ପକ୍ଷରୁ ଜ୍ୟୁବା ୦୧ ରୋବୋର ପିଏଚ୍‌ଡି ନାମଲେଖା ଆବେଦନକୁ ଗ୍ରହଣ କରାଯାଇଥିଲା। ଏହାସହ ଚାଇନାର ପ୍ରଥମ ହ୍ୟୁମାନଏଡ୍ ରୋବୋ ଭାବେ ଜ୍ୟୁବା ୦୧ ପିଏଚ୍‌ଡି ପାଠ୍ୟକ୍ରମରେ ପ୍ରବେଶ କରିଛି।

ଜ୍ୟୁବା ୦୧କୁ ସାଂଘାଇ ଫର୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏବଂ ଡ୍ରୋଇଡ୍ ଅପ୍ ରୋବୋଟିକ୍ସ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି। ଏହି ୪ ବର୍ଷିଆ ପିଏଚ୍‌ଡି ପ୍ରୋଗ୍ରାମରେ ଜ୍ୟୁବା ୦୧ ରୋବୋ ଷ୍ଟେଜ୍ ପରଫର୍ମାନ୍ସ, ସ୍କ୍ରିପ୍ଟ ରାଇଟିଂ, ସେଟ୍ ଡିଜାଇନ୍ ଭଳି ବିଷୟଗୁଡ଼ିକ ସହ ମୋଟର କଣ୍ଟ୍ରୋଲ ଏବଂ ଲାଙ୍ଗୁଏଜ୍ ପ୍ରଡକ୍ସନ ଭଳି ବୈଷୟିକ ବିଷୟଗୁଡ଼ିକୁ ଅଧ୍ୟୟନ କରିବ। ଏହି ରୋବୋ ୧.୭୫ ମିଟର ଉଚ୍ଚ ଏବଂ ପ୍ରାୟ ୩୦ କେ.ଜି. ଓଜନର ରହିଛି। ଏହାର ମୁହଁରେ ସିଲିକନ୍ ସ୍କିନ୍ ରହିଛି, ଯାହାଦ୍ୱାରା ସେ ମଣିଷ ପରି ମୁହଁର ବିଭିନ୍ନ ଭାବ ଦେଖାଇ ପାରିଥାଏ। ଚଷମା, ଶାର୍ଟ ଏବଂ ପ୍ୟାଣ୍ଟ ପିନ୍ଧି ଏହି ରୋବୋ ମାଣ୍ଡାରିନ୍ ଭାଷାରେ କଥା ହୋଇପାରୁଛି। ସେହିପରି ଏହା ଲୋକଙ୍କ ସହ ଶାରୀରିକ ଭାବେ ଯୋଗାଯୋଗ ମଧ୍ୟ କରିପାରୁଛି।



ଜ୍ୟୁବା ୦୧କୁ ଏକ ଭର୍ଚୁଆଲ୍ ଷ୍ଟୁଡେଣ୍ଟ ଆଇଡି ମଧ୍ୟ ପ୍ରଦାନ କରାଯାଇଛି। ଏହି ପିଏଚ୍‌ଡି ପାଠ୍ୟକ୍ରମରେ ଜ୍ୟୁବା ୦୧ ରୋବୋର ମେଣ୍ଟର ଭାବେ ପ୍ରଖ୍ୟାତ ସାଂଘାଇ କଳାକାର ଏବଂ ପ୍ରଫେସର ୟାଙ୍ଗ୍ କ୍ୱିଙ୍ଗ୍‌କିଙ୍ଗ୍ ରହିବେ। କ୍ୱିଙ୍ଗ୍‌କିଙ୍ଗ୍ କହିଛନ୍ତି, ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବା ପରେ କ୍ୱିଙ୍ଗ୍‌କିଙ୍ଗ୍ କଲେଜ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରି କ୍ଲାସ୍‌ରେ ଯୋଗଦେବେ। ସେହିପରି ପିଏଚ୍‌ଡି କରୁଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ମିଶି ଜ୍ୟୁବା ୦୧ ରୋବୋ ବିଭିନ୍ନ ଅପେରା ଅଭ୍ୟାସ କରିବ।

# ତରଭା ଜେଏନ୍‌ଭିର ଛାତ୍ରଙ୍କୁ ଝାଡ଼ଖଣ୍ଡରେ ମାଡ଼

■ପ୍ରବାସନ ପଲିସିରେ ରିଖିଆ ଜେଏନ୍‌ଭିରେ ପାଠ ପଢୁଛନ୍ତି
■ମୂଳ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରଙ୍କ ନିବେଦନ
■ରିଖିଆ ବିଦ୍ୟାଳୟର ୪ ଛାତ୍ର ନିଲମ୍ବିତ



ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜେଏନ୍‌ଭି।

ସୋନପୁର,୨।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ର ୧୧ଛାତ୍ରଙ୍କୁ ଝାଡ଼ଖଣ୍ଡରେ ନିର୍ଯାତନା ସହ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ତରଭା ଜେଏନ୍‌ଭିର ନବମ ଶ୍ରେଣୀରେ ପଢୁଥିବା ୨୧ଛାତ୍ରୀଛାତ୍ର ମାଇଗ୍ରେଶନ(ପ୍ରବାସନ) ପଲିସିରେ ଝାଡ଼ଖଣ୍ଡର ଦେଓଘର ଜିଲା ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିରେ ରହି ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଛାତ୍ରୀ ଓ ୧୧ଛାତ୍ର ଅଛନ୍ତି। ଜୁଲାଇ ୩ରୁ ଛାତ୍ରୀଛାତ୍ର ସେଠାରେ ରହି ପଢୁଥିବା ଜଣାପଡ଼ିଛି। ତେବେ ରିଖିଆ ଜେଏନ୍‌ଭିର ସିନିୟର ଛାତ୍ରମାନେ ଗତ ୯ତାରିଖ ରାତିରେ ସୁବର୍ଣ୍ଣପୁର ଜିଲାର ୧୧ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରମାନେ ଭିଡିଓକରି ସେମାନଙ୍କୁ ସେଠାରୁ ନେଇ ଆସିବାକୁ ସୋସିଆଲ ମିଡିଆରେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଜାଣିବା ପରେ ୧୧ତାରିଖରେ ତରଭା ଜେଏନ୍‌ଭି ଅଧ୍ୟକ୍ଷ ନିଶିକାନ୍ତ କେଶାଓ ସମକୁରାଓଙ୍କୁ ଲିଖିତଭାବେ ଜଣାଇଥିଲେ। ପରେ ଅଭିଭାବକମାନେ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିସ)ର ଭୋପାଳସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ଜିଲାପାଳ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଏମ୍‌ପି ସିଂଦେଓଙ୍କ ହସ୍ତକ୍ଷେପ ପରେ ଉଭୟ ଜେଏନ୍‌ଭି ଅଧ୍ୟକ୍ଷଙ୍କ ମଧ୍ୟରେ ଏକାଧିକ ବାର ବାର୍ତ୍ତାଳାପ ଓ ପତ୍ର ବିନିମୟ ହୋଇଥିଲା। ତେବେ ତରଭା ଜେଏନ୍‌ଭିର ଛାତ୍ରୀଛାତ୍ର ଝାଡ଼ଖଣ୍ଡରେ ଭୟର ବାତାବରଣରେ ରହୁଛନ୍ତି। ତେଣୁ ସେମାନଙ୍କୁ ମୂଳ ବିଦ୍ୟାଳୟ ତରଭାକୁ ଫେରାଇ ଆଣିବା ପାଇଁ ଅଭିଭାବକ ଦାଶରଥୀ ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ତରଭା ଜେଏନ୍‌ଭିର ଅଧ୍ୟକ୍ଷ ନିଶିକାନ୍ତ କେଶାଓ ସମକୁରାଓ କହିଛନ୍ତି, ଘଟଣା ସମ୍ପର୍କରେ ଏନ୍‌ଭିଏସ୍‌ର ମୁଖ୍ୟଙ୍କୁ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ଆସିବ ତାହା କାର୍ଯ୍ୟକାରୀ କରାଯିବ।

ଅନ୍ୟପକ୍ଷେ ଅଭିଯୋଗ ପରେ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଅଧ୍ୟକ୍ଷା ତଦନ୍ତ କରି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ନିଜ ବିଦ୍ୟାଳୟର ୪ଛାତ୍ରଙ୍କୁ ନିଲମ୍ବନ କରିବା ସହ ସେମାନଙ୍କ ଘରକୁ ପଠାଇଦେଇଥିବା ସୂଚନା ଦେଇଛନ୍ତି। ତେବେ ଗତବର୍ଷ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଛାତ୍ରୀଛାତ୍ର ତରଭାରେ ରହି ପାଠ ପଢୁଥିବା ସମୟରେ ସେମାନଙ୍କୁ ଏଠାକାର ସିନିୟର ଛାତ୍ରମାନେ ନିର୍ଯାତନା ଦେଇଥିଲେ। ଏହି କାରଣକୁ ନେଇ ସେଠାକାର ସିନିୟର ଛାତ୍ରମାନେ ତରଭା ଛାତ୍ରଙ୍କୁ ଚଳିତ ବର୍ଷ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ନବୋଦୟ ବିଦ୍ୟାଳୟ ସମିତିର ନିୟମ ଅନୁଯାୟୀ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ମୋଟ ଛାତ୍ରୀଛାତ୍ରଙ୍କ ୩୦% ପ୍ରବାସନ ପଲିସିରେ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ନ୍ତି। ସେହିପରି ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀଛାତ୍ର ୧ବର୍ଷ ପାଇଁ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ିଥାନ୍ତି। ଜାତୀୟ ଏକୀକରଣ ଲକ୍ଷ୍ୟ ରଖି ଏଭଳି କରାଯାଇଥାଏ।

# ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲ ଆହତ

■ପୋଲିସ ଉପରକୁ ୨ ରାଉଣ୍ଡ ଗୁଳିଚାଳନା
■ବନ୍ଧୁକ, ୩ ଜୀବନ୍ତ ଗୁଳି ଓ ଟଙ୍କା ଜବତ
■ଘଟଣାସ୍ଥଳରୁ ଚମ୍ପଟ ମାରିଲେ ସହଯୋଗୀ


ଆହତ ଅବସ୍ଥାରେ ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଗୋପାଳପୁର,୨।୮(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ପୋଲିସ ପିତାତଳି-ସୋର୍ଲା ରାସ୍ତାରେ ଶନିବାର ଭୋର ସମୟରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗୁଳି କରିଛି। ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ସୁନୀଲ ନାହାକ ଓରଫ ମାଲ୍ଲୁ। ଏଥିରେ ସୁନୀଲ ଆହତ ହୋଇଛନ୍ତି। ତାଙ୍କଠାରୁ ୭.୬୫ ଏମ୍‌ଏମ୍ ବନ୍ଧୁକ, ତିନୋଟି ଜୀବନ୍ତ ଗୁଳି, ୨୧ ହଜାର ଟଙ୍କା ଓ ବାଇକ୍ ଜବତ ହୋଇଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ବ୍ରହ୍ମପୁର ପୋଲିସ ଜିଲାରେ ଗତ ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ଏକାଧିକ ଚେନ୍ ସ୍ନାଚିଂ ଅଭିଯୋଗ ହୋଇଥିଲା। ନିମଖଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଉପରକୁ ଗୁଳି କରି ତାଙ୍କ ସୁନାହାର ଲୁଟି ନେବା ଓ ଗୋପାଳପୁର ଥାନା ଅଞ୍ଚଳରୁ ମଧ୍ୟ ସମାନ ଢଙ୍ଗରେ ସୁନାଚେନ୍ ଲୁଟ୍ ନେଇ ଏକାଧିକ ଅଭିଯୋଗ ଥାନାକୁ ଆସିଥିଲା। ପୋଲିସ ଅଭିଯୁକ୍ତ ସୁନୀଲଙ୍କୁ ଚିହ୍ନଟ କରିବା ପରେ ତାଙ୍କୁ ଧରିବା ପାଇଁ ବ୍ରହ୍ମପୁର ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ ହୋଇଥିଲା।

ଶନିବାର ଭୋର ସମୟରେ ସୁନୀଲ ଓ ଅନ୍ୟ ସହଯୋଗୀ ବାଇକ୍ ଯୋଗେ ପିତାତଳି -ସୋର୍ଲା ରାସ୍ତା ଦେଇ ଆସୁଥିବା ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ତଥା ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ତାଙ୍କ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବାକୁ ପାଇଁ ଜାଲ ବିଛାଇଥିଲେ। ଏରେଣ୍ଡ୍ରା ରାସ୍ତା ନିକଟରେ ପୋଲିସ ଗାଡି ଦେଖି ସୁନୀଲ ଗାଡ଼ି ବୁଲାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ପୋଲିସ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏହି ଗୁଳି ପୋଲିସର ବୋଲେରୋରେ ବାଜିଥିଲା। ତତ୍‌କ୍ଷଣାତ୍ ଡିଏସ୍‌ପି ସ୍ୱାଇଁ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳି ସୁନୀଲଙ୍କ ବାମଗୋଡ଼ ଆଣ୍ଠୁ ତଳକୁ ବାଜିଥିଲା। ସେ ଆହତ ହୋଇ ତଳେ ପଡି ଯାଇଥିଲେ। ତେବେ ଘଟଣାସ୍ଥଳରୁ ତାଙ୍କ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଆହତ ସୁନୀଲଙ୍କୁ କାବୁ କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ। ଏହି ମାମଲା ବ୍ରହ୍ମପୁର ସଦର ଏସ୍‌ଡିପିଓ ତଦନ୍ତ କରିବେ। ଅନ୍ୟପକ୍ଷରେ ସୁନୀଲଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ, ଲୁଟ, ଗୁଳି କରିବା ଆଦି ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ଥାନାରେ ୨୦ଟି ସଙ୍ଗିନ ମାମଲା ରହିଛି। ଏସବୁର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ଶନିବାରର ଘଟଣା ନେଇ ଥାନା ଅଧିକାରୀ ତଥା ଡିଏସ୍‌ପି ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୩୨୭/୨୫ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଖୋକା ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସ୍‌ପି ସ୍ୱାଇଁ, ଏସ୍‌ଆଇ ସିଲୁ ଧଳ, ଗଗନ ବେହେରା, ଏଏସ୍‌ଆଇ ରମେଶ ଚୌଧୁରୀ, ଗୁଣନିଧି ରାଉତ ଉପସ୍ଥିତ ଥିଲେ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ଯାଜପୁରରୋଡ୍,୨।୮(ପବିତ୍ର ରଞ୍ଜନ ମହାନ୍ତି)


ଜୀବନ ମଲିକ

ଯାଜପୁର ଜିଲା ବ୍ୟାସନଗର ସହରର ଷ୍ଟେଶନ ବଜାରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଲିକଙ୍କ ପୁଅ ଜୀବନ ମଲିକ(୨୫)। ଜୀବନଙ୍କୁ କେନ୍ଦ୍ରର କର୍ମଚାରୀମାନେ ମାରି ଦେଇଥିବା ସୁଦାମ ଯାଜପୁରରୋଡ୍ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଜୀବନ ଶୋଇଥିଲେ। ହେଲେ ଶନିବାର ସକାଳୁ ଉଠି ନ ଥିଲେ। କେନ୍ଦ୍ରର ମାଲିକ ବିକାଶ ସାହୁ ଏକଥା ଜାଣିବା ପରେ ଜୀବନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୀବନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି।

ଜୀବନଙ୍କ ପରିବାର ଲୋକଙ୍କ କହିବା ମୁତାବକ, ସେ କୁସଙ୍ଗରେ ପଡ଼ି ନିଶାଗ୍ରସ୍ତ ରହୁଥିଲେ। ନିଶା ଛଡ଼ାଇବା ପାଇଁ ସେମାନେ ଗତ ସପ୍ତାହରେ ଉକ୍ତ ନିଶା ନିବାରଣ କେନ୍ଦରେ ଜୀବନଙ୍କୁ ଛାଡ଼ିଥିଲେ। ସେଥିପାଇଁ ମାସକୁ ୯ ହଜାର ହିସାବରେ ୪ ମାସ ପାଇଁ ଅଗ୍ରିମ ଟଙ୍କା ପୈଠ କରିଥିଲେ। ପୁଅ ଖୁବଶୀଘ୍ର ଭଲ ହୋଇଯିବ ବୋଲି କେନ୍ଦ୍ରର ମାଲିକ ଜୀବନଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୁଅର ମୃତ୍ୟୁ ହୋଇଥିବା କଥାକୁ ସେମାନେ ବିଶ୍ୱାସ କରି ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ଅନ୍ତେବାସୀଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏହି ସଂସ୍ଥା ଖୋଲିବାକୁ ହେଲେ ଜିଲା ପ୍ରଶାସନ ଅନୁମତି ବାଧ୍ୟତାମୂଳକ। ମାତ୍ର ଯାଜପୁରରୋଡ୍ ସହରରେ ଏଭଳି ୩ରୁ ଊର୍ଦ୍ଧ୍ୱ ନିଶା ନିବାରଣ କେନ୍ଦ୍ର ରହିଛି। ହେଲେ ଏଗୁଡ଼ିକ ଜିଲା ପ୍ରଶାସନର ଅନୁମତିପ୍ରାପ୍ତ ହୋଇଛି କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ବାଲେଶ୍ୱର, ୨।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରଙ୍କ ଘର ବାସୁଦେବପୁର ଅଞ୍ଚଳରେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଜାରି ରଖିଛି। ଏହି ଥାନା ଅଧୀନ ମହାବୀରନଗରଠାରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ହଷ୍ଟେଲରେ ରହି ସମ୍ପୃକ୍ତ ଛାତ୍ର ଜଣକ ଅଧ୍ୟୟନ କରିଥିଲେ। ସେ ତୃତୀୟ ବର୍ଷର ଛାତ୍ର ଅଟନ୍ତି। ଶନିବାର ସମସ୍ତ ସହପାଠୀ କଲେଜ ଯିବା ପରେ ସେ ହଷ୍ଟେଲରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। କ୍ଲାସ୍‌କୁ ଯାଇ ନଥିବାରୁ କଲେଜ କର୍ତ୍ତୃପକ୍ଷ ହଷ୍ଟେଲ ଆସି ସେ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ।

# କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର ଅଭିଯୋଗ

ଦେଓଗାଁ/ବଲାଙ୍ଗୀର, ୨।୮(କୃଷ୍ଣପ୍ରସାଦ ପାଣିଗ୍ରାହୀ/ବୀରେନ୍ଦ୍ର କୁମାର ଝାଙ୍କର)

**ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ**

ଜଣେ କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇଯାଇ ବଳାତ୍କାର କରିବା ପରେ ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ ହେବା ଘଟଣା ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି କାଣ୍ଡ ଘଟାଇଥିବା ଯୁବକ ଜଣକ ପୂର୍ବରୁ ଏକ ବଳାତ୍କାର ମାମଲାରେ ଜେଲ ଯାଇ ନିକଟରେ ଜାମିନରେ ଆସିଥିବା କୁହାଯାଉଛି । ପୀଡ଼ିତାଙ୍କ ବାପା ଶନିବାର ନ୍ୟାୟ ପାଇଁ ଦେଓଗାଁ ଥାନାର ଦ୍ୱାରସ୍ଥ ହେବା ପରେ ଘଟଣା ସାମ୍ନାକୁ ଆସିଛି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବୁଧବାର ଝିଅ ବାହାରକୁ ଯାଇଥିବାବେଳେ ଗାଁର ଜଣେ ଯୁବକ ତାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ । ଯୁବକ ଜଣକ ଏହାର ଭିଡିଓ ମୋବାଇଲରେ କରିଥିଲା ବେଳେ କାହାକୁ ଘଟଣା ନେଇ କହିଲେ ଜୀବନରେ ମାରି ଦେବାର ଧମକ ଝିଅକୁ ଦେଇଥିଲେ । ଫଳରେ ଝିଅ ଘଟଣା ନେଇ କାହାକୁ କହି ନ ଥିଲେ । ଶୁକ୍ରବାର ଭିଡିଓ ଭାଇରାଲ ହେବା ପରେ ସେ ଏନେଇ ଝିଅକୁ ପଚାରି ସବୁ କଥା ବୁଝିଥିଲେ। ସମ୍ପୃକ୍ତ ଛାତ୍ରୀ ଜଣକ ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଅଞ୍ଚଳରେ ଥିବା ଏକ କଲେଜରେ ପାଠ ପଢ଼ନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିଛି । ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଡିଏସ୍‌ପି ସମର୍ଥ କେ. ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି । ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯିବା ପରେ ଘଟଣା ବିଷୟରେ ସବିଶେଷ ତଥ୍ୟ ମିଳିବ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ବଲାଙ୍ଗୀର ଏସପି ଅଭିଲାଷ ଜିଙ୍କୁ ପଚାରିବାରୁ ବଳାତ୍କାର ଓ ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଅଭିଯୋଗ ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ଉଦ୍ୟମ କରାଯାଉଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ କରାଯିବ। ସାମାଜିକ ଗଣମାଧ୍ୟମରୁ ଅଶ୍ଳୀଳ ଭିଡିଓକୁ ହଟାଯିବ ବୋଲି ସେ କହିଛନ୍ତି।

# ୫ ଶିକାରୀ ଗିରଫ, ୩ ବନ୍ଧୁକ ଜବତ

ବାରିପଦା, ୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କର୍ମଚାରୀ ଓ ବନବିଭାଗ ମିଳିତ ଚଢାଉ କରି ଶନିବାର ୫ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ଟି ଦେଶୀ ବନ୍ଧୁକ ସହ ଶିକାର ସରଞ୍ଜାମକୁ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅଧୀନ ଜୁରାଡିହୀ ଗ୍ରାମର କାହ୍ନୁ ଜାମଡା ସିଂ(୩୦), ବହଳଦା ଗ୍ରାମର ଦେବେନ୍ଦ୍ର ସିଂ(୨୦), ସୋମନାଥ ସିଂ(୩୫), ପ୍ରଦୀପ ସିଂ(୩୧), ଗୌର ସିଂ(୨୪)। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ବନ୍ଧୁକ ଜବତକୁ ନେଇ ପୋଲିସ ପକ୍ଷରୁ ଆର୍ମ୍ସ ଆକ୍ଟ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ତେବେ ଏଆଇ କ୍ୟାମେରାରୁ ଉକ୍ତ ଶିକାରୀମାନଙ୍କୁ ଠାବ କରାଯାଇ ଶିକାର ପୂର୍ବରୁ ଚଢାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।


ଅଭିଯୁକ୍ତ ଶିକାରୀ ଓ ଜବତ ଦେଶୀ ବନ୍ଧୁକ।

**ରାଜ୍ୟ ଖବର**

# ‘ଅପରେଶନ ସିନ୍ଦୂର’ ମାଧ୍ୟମରେ ବିଶ୍ୱ ଭାରତର ସାମର୍ଥ୍ୟ ଦେଖିଛି: ଯୋଗୀ

ଭୁବନେଶ୍ୱର,୨।୮
(ଅନୁରାଧା ମହାରଣା)


ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଅନ୍ୟ ନେତୃବୃନ୍ଦ।

‘ଅପରେଶନ ସିନ୍ଦୂର’ ମାଧ୍ୟମରେ ବିଶ୍ୱ ଭାରତର ଶକ୍ତି ଓ ସାମର୍ଥ୍ୟ ଦେଖିଛି। ନୂଆ ଭାରତ ପହଲଗାମ୍‌ର ଅପରାଧୀମାନଙ୍କୁ ନିପାତ କରିବା ସହ ଶତ୍ରୁଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ମଧ୍ୟ ନିଶ୍ଚିହ୍ନ କରିବାର କ୍ଷମତା ରଖିଛି। ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହା କହିଛନ୍ତି। ସେ କହିଲେ, ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା। ଗତ ୧୧ ବର୍ଷରେ ୫୦ରୁ ଅଧିକ ଦେଶ ତାଙ୍କୁ ସେମାନଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ କାଶୀକୁ ସନାତନ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଭାବେ ଦେଖନ୍ତି। ଗତ ୧୧ ବର୍ଷରେ କାଶୀ ଐତିହ୍ୟ ଓ ଆଧୁନିକତାର ଅନୁପମ ସମ୍ମିଶ୍ରଣ ହୋଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ପ୍ରଥମଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀକୁ ୫୧ ଥର ପରିଦର୍ଶନ କରିଛନ୍ତି। ବାରାଣସୀ ପାଇଁ ୫୧ହଜାର କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଛି। ଏଥିରୁ ୩୪ହଜାର କୋଟି ଟଙ୍କାର ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ କାଶୀକୁ ନୂଆ ପରିଚୟ ଦେଇଛି। ବର୍ତ୍ତମାନ ୧୬ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଚାଲୁ ରହିଛି। ଏଥର ପ୍ରଧାନମନ୍ତ୍ରୀ କାଶୀକୁ ୨,୨୦୦ କୋଟି ଟଙ୍କାର ପ୍ରକଳ୍ପ ଉପହାର ଦେଉଛନ୍ତି, ଯାହା ସଂଯୋଗ, ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଓ ସାଂସ୍କୃତିକ ପୁନରୁଦ୍ଧାର ଉପରେ କେନ୍ଦ୍ରୀଭୂତ। ପୂର୍ବରୁ ଅନେକ କୃଷକ କୃଷି ଛାଡୁଥିଲେ ଓ କେତେଜଣ ଆତ୍ମହତ୍ୟା କରିଥିଲେ। ମାତ୍ର ୧୧ ବର୍ଷରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପିଏମ ଫସଲ ବୀମା, ପିଏମ ସିଞ୍ଚାଇ ଯୋଜନା ଓ ବିହନରୁ ବଜାର ପର୍ଯ୍ୟନ୍ତ ସମର୍ଥନ ଭଳି ପଦକ୍ଷେପ ଏକ ଦୃଢ଼ ବ୍ୟବସ୍ଥା ଗଢ଼ିଛି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କାଶୀରୁ ପ୍ରାୟ ୧୦ କୋଟି କୃଷକଙ୍କୁ ପିଏମ୍ କିଶାନ ଯୋଜନାର ଲାଭ ପ୍ରଦାନ କରିଥିଲେ। ଉତ୍ତରପ୍ରଦେଶରେ ୨.୩ କୋଟି କୃଷକ ପିଏମ-କିଶାନର ୨୦ତମ କିସ୍ତି ପାଉଛନ୍ତି, ଯେଉଁଥିରେ କାଶୀର ୨.୨୧ ଲକ୍ଷ ପରିବାର ରହିଛନ୍ତି। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ, ଭାଜପା ରାଜ୍ୟ ସଭାପତି ଚୌଧୁରୀ ଭୂପେନ୍ଦ୍ର ସିଂହ ଏବଂ ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହୀ, ସୁରେଶ ଖନ୍ନା, ଅନିଲ ରାଜଭର, ରବୀନ୍ଦ୍ର ଜୟସୱାଲ ଓ ଦୟାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨।୮(ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୂର୍ବାହ୍ନ ୧୦ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକଲ ଶିକ୍ଷା ରଥ, ଆମ୍ବୁଲାନ୍ସ ଏବଂ ମା’ ତାରିଣୀଙ୍କ ନଡ଼ିଆ ସଂଗ୍ରହ ଗାଡ଼ିର ଶୁଭ ଉଦ୍‌ଘାଟନ କରିବେ। ପୂର୍ବାହ୍ନ ୧୧ଟାରେ ଦରବାର ହଲରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେବେ, ଅପରାହ୍ନ ୩ଟାରେ କେନ୍ଦୁଝର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶାରେ ନୂଆ ଟିମ୍: ମନମୋହନ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

ରାଜ୍ୟରେ ଶାସକ ଭାଜପାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଥର ଲାଗି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବା ପରେ ତାଙ୍କ ଟିମ୍‌ରେ କେଉଁମାନଙ୍କୁ ସ୍ଥାନ ମିଳୁଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ମନମୋହନ ସଭାପତି ନିଯୁକ୍ତ ହେବାର ଇତିମଧ୍ୟରେ ଗୋଟିଏ ମାସ ପୂରଣ ହେବାକୁ ବସିଲାଣି। ତେବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ନୂଆ କମିଟି ଘୋଷଣା ହେବ ବୋଲି ଶନିବାର ମନମୋହନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ନିଗମ ଓ ବୋର୍ଡ ନେଇ ବୈଠକ ବସିଲା ପରେ ନିଷ୍ପତ୍ତି ହେବ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମନମୋହନ ସଭାପତି ଦାୟିତ୍ୱ ନେବା ପରେ ନିକଟରେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଆସିବା ପରେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେବା ସମ୍ଭାବନା ନାହିଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ନୂଆ କମିଟି ହେବ ବୋଲି ସେ ସୂଚନା ଦେଇଥିଲେ। ନୂଆ କମିଟିରେ ୨୫% ନୂଆ ଚେହେରା ରହିବେ ବୋଲି କହିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ହେବା ପରେ ଦଳର ବହୁ ନେତା ନିଗମ ଓ ବୋର୍ଡରେ ନିଯୁକ୍ତି ପାଇବାକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

# ବାର୍ଷିକ ଆଧାରରେ ସୁନା ଚାହିଦା ୩% ବୃଦ୍ଧି

ନୂଆଦିଲ୍ଲୀ,୨।୮

କ୍ରମାଗତ ଭାବେ ସୁନାର ଚାହିଦା ବୃଦ୍ଧି ପାଉଛି। ଚଳିତ ବର୍ଷର ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୪୯ ଟନ୍‌ରେ ପହଞ୍ଚିଛି। ଏହା ଉଚ୍ଚ ମୂଲ୍ୟ ପରିବେଶରେ ଅଭିବୃଦ୍ଧି ସହ ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି)ର ୨୦୨୫ କ୍ୟୁ୨ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟର ଉପରୋକ୍ତ ତଥ୍ୟ ଏହା ଜଣାପଡ଼ିଛି। ଏପରିକି ସୁଦୃଢ଼ ସୁନା ନିବେଶ ପ୍ରବାହ ତ୍ରୈମାସିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରୋତ୍ସାହିତ କରିଛି। ଗୋଲ୍ଡ ଇଟିଏଫ ନିବେଶ ମୋଟ ଚାହିଦାର ଏକ ପ୍ରମୁଖ ପରିଚାଳକ ଭାବେ ବଜାୟ ରହିଥିବାବେଳେ ୨୦୨୪ର ୨ୟ ତ୍ରୈମାସିକରେ ସ୍ୱଳ୍ପ ରପ୍ତାନି ତୁଳନାରେ ଚଳିତ ବର୍ଷ ୨ୟ ତ୍ରୈମାସିକରେ ୧୭୦ ଟନର ସୁନା ଆମଦାନୀ ହୋଇଛି। ପ୍ରଥମ ତ୍ରୈମାସିକରେ ରେକର୍ଡ ଇନ୍‌ଫ୍ଲୋ ସହ ମିଳିତ ହୋଇ ଗ୍ଲୋବାଲ ଗୋଲ୍ଡ ଇଟିଏଫ ଚାହିଦା ୩୯୭ ଟନରେ ପହଞ୍ଚିଛି; ଯାହାକି ୨୦୨୦ ପରଠାରୁ ପ୍ରଥମ ୬ ମାସରେ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ମୋଟ ବାର୍ ଓ କଏନ ନିବେଶ ମଧ୍ୟ ବାର୍ଷିକ ଆଧାରରେ ୧୧% ବୃଦ୍ଧି ପାଇ ୩୦୭ ଟନ ରହିଛି। ଏହାର ମଧ୍ୟରେ ଭାରତୀୟ ନିବେଶକମାନେ ନିଜର ହୋଲ୍ଡିଂ ବଢ଼ାଇବା ଜାରି ରଖିଛନ୍ତି, ଯାହା ୨ୟ ତ୍ରୈମାସିକରେ ମୋଟ ୪୬ ଟନ ରହିଛି। ୨୦୨୫ର ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ୧୬୬ ଟନ୍ ରହିଛି। ଏହି ହ୍ରାସ ସତ୍ତ୍ୱେ କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ବର୍ତ୍ତମାନ ଜାରି ରହିଥିବା ଅର୍ଥନୈତିକ ଓ ଭୂରାଜନୈତିକ ଅନିଶ୍ଚିତତା କାରଣରୁ ଯଥେଷ୍ଟ ଉଚ୍ଚସ୍ତରରେ ରହିଛି। ଏ ସମ୍ପର୍କରେ ବିଶେଷଜ୍ଞ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଭାବେ ଆମେ ଦେଖିଥିବା ମଜଭୁତ ନିବେଶ ଗତିବିଧି, ଏକ ଅର୍ଥନୈତିକ ଓ ଭୂରାଜନୈତିକ ବିପଦ ବିରୋଧରେ ଏକ ସୁରକ୍ଷାକବଚ ଭାବେ ସୁନାର ଭୂମିକାକୁ ସୂଚିତ କରୁଛି। ଗତ କିଛି ମାସରେ ସୁନାର ପ୍ରଭାବଶାଳୀ ପ୍ରଦର୍ଶନ ସହ ମିଳିତ ହୋଇ ବିଦ୍ୟମାନ ବଜାର ଅସ୍ଥିରତା ବିଶ୍ୱବ୍ୟାପୀ ନିବେଶକଙ୍କଠାରୁ ପୁଞ୍ଜି ଆକର୍ଷିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ବେଗ ସୃଷ୍ଟି କରିଛି। ଡଲାର ଦୃଷ୍ଟିରେ ସୁନା ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଏକ ଉଲ୍ଲେଖନୀୟ ୨୬% ବୃଦ୍ଧି ହାସଲ କରିଛି, ଯାହା ଅନେକ ପ୍ରମୁଖ ସମ୍ପତ୍ତି ଶ୍ରେଣୀକୁ ପଛରେ ପକାଉଛି। ବିଶ୍ୱ ଅର୍ଥନୀତି କିମ୍ବା ଭୂରାଜନୈତିକ ସ୍ଥିତିରେ କୌଣସି ପ୍ରକାର ସାମଗ୍ରିକ ଅବନତି, ସୁନାର ସୁରକ୍ଷିତ ଆକର୍ଷଣକୁ ବସ୍ତୁଗତିତ ଏବଂ ଯାହା ଏହାର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ୱାର୍ଲ୍ଡ ଗୋଲ୍ଡ କାଉନସିଲ ଇଣ୍ଡିଆର ରିଜିଓନାଲ ସିଇଓ ସଚିନ ଜୈନ କହିଛନ୍ତି, ଭାରତରେ ସୁନାର ଚାହିଦା ରହିଛି। ଗତ ବର୍ଷର ୧୪୯.୭ ଟନ୍ ସୁନା ଚାହିଦା ତୁଳନାରେ ଚଳିତ ବର୍ଷ ସୁନା ଚାହିଦା ପରିମାଣରେ ୧୦%ର ହ୍ରାସ ହୋଇ ୧୩୪.୯ ଟନ ରହିଥିବା ସତ୍ତ୍ୱେ ଏହି ଚାହିଦାର ମୂଲ୍ୟ ୩୦% ବୃଦ୍ଧି ପାଇଛି। ସୁନାର ହାରାହାରି ତ୍ରୈମାସିକ ଅନ୍ତର୍ଜାତୀୟ ମୂଲ୍ୟ ପ୍ରତି ଆଉନ୍ସ ୩୨୮୦.୪ ଡଲାରରେ ପହଞ୍ଚିଛି ଏବଂ ଘରୋଇ ମୂଲ୍ୟ ୧୦ଗ୍ରାମ ପିଛା ୯୦,୩୦୬.୮ ଟଙ୍କା ରହିଛି। ଏହା ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣ ସ୍ପଷ୍ଟ ସୂଚକ ରହିଛି। ନିବେଶ ଦୃଷ୍ଟିରୁ ଚାହିଦା ପରିମାଣ ୭% ବୃଦ୍ଧି ହୋଇ ୪୬.୧ଟନରେ ପହଞ୍ଚିଛି ଏବଂ ମୂଲ୍ୟ ୫୪% ବୃଦ୍ଧି ହୋଇ ୪୧,୭୫୦କୋଟି ଟଙ୍କା ରହିଛି। ଭାରତକୁ ଆମଦାନୀ ସାମଗ୍ରିକ ଭାବେ ସୁନା ପରିମାଣ ୩୪% ହ୍ରାସ ହୋଇ ୧୦୨.୫ ଟନ ରହିଥିବାବେଳେ ସୁନା ରିସାଇକ୍ଲିଂ ସ୍ଥିର ରହିଛି; ଯାହା ୧% ବୃଦ୍ଧି ହୋଇ ୨୩.୧ ଟନରେ ପହଞ୍ଚିଛି। ସାମଗ୍ରିକ ଭାବେ ଚଳିତ ବର୍ଷର ୨ୟ ତ୍ରୈମାସିକ ସୁଦ୍ଧା ଭାରତରେ ସୁନାର ମୌଳିକ ଭୂମିକାକୁ ଶକ୍ତିଶାଳୀ କରିଛି। ୨୦୨୫ ଜାନୁଆରୀରୁ ଜୁନ୍ ମଧ୍ୟରେ ମୋଟ ସୁନା ଚାହିଦା ହାରାହାରି ୨୫୩ ଟନ ରହିଥିବାବେଳେ ଆମେ ସମ୍ପୂର୍ଣ୍ଣ ବର୍ଷର ଚାହିଦା ୬୦୦ରୁ ୭୦୦ ଟନ୍ ମଧ୍ୟରେ ରହିବ ବୋଲି ଆକଳନ କରୁଛୁ।

# ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୮

ଫୋନ୍‌ପେର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ଭାରତର ମର୍ଚ୍ଚାଣ୍ଟ ଇକୋସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ଦିଷ୍ଟ ଏକ କୌଶଳଗତ ପଦକ୍ଷେପ ବୋଲି କୁହାଯାଉଛି। ଏହି ପ୍ରୋଗ୍ରାମଟି ପଏଣ୍ଟ ଅଫ ସେଲ୍ (ପିଓଏସ୍) ବିଲିଂ ସଫ୍ଟୱେର, ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ (ଇଆରପି) ସଫ୍ଟୱେର, ଭେଣ୍ଡିଂ ମେଶିନ ଏବଂ ସେଲ୍ଫ-ସର୍ଭିସ କିଓସ୍କ ସମେତ ବିଭିନ୍ନ ସେବା ପ୍ରଦାନ କରୁଥିବାବେଳେ ସେବା ପ୍ରଦାନକାରୀମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କୁ ଫୋନ୍‌ପେ'ର ସମନ୍ୱିତ ସଲ୍ୟୁସନଗୁଡ଼ିକ ରେଫର କରିବା ଏବଂ କଷ୍ଟମାଇଜ କରାଯାଇଥିବା କମିଶନ ବା ରୋଜଗାର କରିବାର ବିଶେଷ ସୁଯୋଗ ପ୍ରଦାନ କରିଥାଏ। ସେହିଭଳି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସେବା ପ୍ରଦାନକାରୀ (ପାର୍ଟନର) ଓ ସେମାନଙ୍କର ମର୍ଚ୍ଚାଣ୍ଟ (କ୍ଲାଏଣ୍ଟ)ଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ବିଲିଂ ଏବଂ ଇଣ୍ଟିଗ୍ରେଟେଡ୍ ପେମେଣ୍ଟ ସଲ୍ୟୁସନ ପ୍ରଦାନ କରିପାରିବେ। ଏହି ସୁବିଧା ମର୍ଚ୍ଚାଣ୍ଟଙ୍କ ପାଇଁ ପେମେଣ୍ଟ ମ୍ୟାନେଜମେଣ୍ଟକୁ ସରଳ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କ ଷ୍ଟୋରର କାର୍ଯ୍ୟ ସଞ୍ଚାଳନକୁ ସୁଗମ କରିବ। ମର୍ଚ୍ଚାଣ୍ଟମାନେ ନିଜ ବିଲିଂ ସଫ୍ଟୱେର ସହିତ ସେହି ଘଣ୍ଟା ମଧ୍ୟରେ ଫୋନ୍‌ପେ'ର ଇଣ୍ଟିଗ୍ରେଟେଡ୍ ସଲ୍ୟୁସନ ସହ ଲାଇଭ ହୋଇପାରିବେ, ଯାହା ଗ୍ରାହକଙ୍କୁ ଏକ ସରଳ ପେମେଣ୍ଟ ଅନୁଭବ ଦେବ। ଏହା ମଧ୍ୟରେ ଇଣ୍ଟିଗ୍ରେଟେଡ୍ ପିଓଏସ୍ ଡିଭାଇସ ସହ ପ୍ରତ୍ୟେକ ଟ୍ରାଞ୍ଜାକସନ ପାଇଁ ସ୍ୱତନ୍ତ୍ର କୋଡ୍ ସୃଷ୍ଟି କରୁଥିବା ଡାଇନାମିକ କ୍ୟୁଆର୍, ଏସ୍‌ଏମ୍‌ଏସ୍-ଆଧାରିତ ଅର୍ଥ ସଂଗ୍ରହ ପାଇଁ ପେମେଣ୍ଟ ଲିଙ୍କ୍ ଇତ୍ୟାଦି ସାମିଲ ରହିଛି।

# ଯୋଗାଣ ଶୃଙ୍ଖଳରେ ହ୍ରାସ ଆଶଙ୍କା

ନୂଆଦିଲ୍ଲୀ,୨।୮

ଆଗାମୀ ଦିନରେ ଭାରତରୁ ଆମେରିକାକୁ ରପ୍ତାନି କରାଯାଉଥିବା ସବୁ ବର୍ଗର ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଯୋଗାଣ ଶୃଙ୍ଖଳ ଅନେକାଂଶରେ ହ୍ରାସ ଘଟିପାରେ ବୋଲି ଆଇଏସ୍ଏର ସଭାପତି ଅଶୋକ ଚଣ୍ଡକ ଆକଳନ କରିଛନ୍ତି। ବିଶେଷକରି ଭାରତୀୟ ସାମଗ୍ରୀ ଉପରେ ଆମେରିକା ଦ୍ୱାରା ୨୫% ଶୁଳ୍କ ଲାଗୁ ଏବଂ ଏହି ଶାସ୍ତିଯୋଗ୍ୟ ଭାରତୀୟ ଇଲେକ୍ଟ୍ରୋନିକ୍ସ ରପ୍ତାନି ହେବ, ଯାହା ଯୋଗାଣ ଶୃଙ୍ଖଳକୁ ବାଧାପ୍ରାପ୍ତ କରିପାରେ ଏବଂ ମୂଲ୍ୟ ପ୍ରତିଯୋଗିତାକୁ ହ୍ରାସ କରିପାରେ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ଯଦି ମୂଳ ସୀମା ୧୦% ଉପରେ ୨୫% ଶୁଳ୍କ ଜାରି ରଖାଯାଏ, ତେବେ ଅନ୍ୟ ଏସିଆ ଦେଶଗୁଡ଼ିକ ତୁଳନାରେ ଭାରତ ଆଉ କୌଣସି ବଡ଼ ଲାଭ ପାଇବ ନାହିଁ। ବିଶେଷକରି ସ୍ମାର୍ଟଫୋନ ରପ୍ତାନି ଓ ପ୍ରସ୍ତାବିତ ଶୁଳ୍କ ଯୋଗୁ ବଜାର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି। ଯଦିଓ ଭାରତ ଚାଇନାଠାରୁ ଦୂରରେ ରହିଛି ସେମାନଙ୍କର ଯୋଗାଣ ଶୃଙ୍ଖଳାକୁ ବିବିଧ କରୁଥିବା କମ୍ପାନୀଗୁଡ଼ିକଠାରୁ ଆଗକୁ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତଥାପି ଏହା ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ବଡ଼ ଆଶଙ୍କା ସହ ରପ୍ତାନି ବଜାରକୁ ବିଘ୍ନ କରିବାକୁ ପଡ଼ିବ। ଘରୋଇ ବଜାରକୁ ଦୃଢ଼ କରିବା ଏବଂ ଭାରତୀୟ ବ୍ରାଣ୍ଡ ସହିତ ଉତ୍ପାଦକୁ ବିକଶିତ କରିବା ପାଇଁ ମୂଲ୍ୟ-ସମ୍ବେଦନଶୀଳ, ଶୁଳ୍କ-ଉଦ୍ଭାବିତ ରପ୍ତାନି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ମୂଲ୍ୟ ଶୃଙ୍ଖଳାକୁ ଉପରକୁ ଉଠାଇବା ଜରୁରୀତାକୁ ମଧ୍ୟ ରେଖାଙ୍କିତ କରିଥାଏ।

# ଦକ୍ଷତା ବିକାଶ ଜରିଆରେ ସାମୁଦାୟିକ ସଫଳତା



ଭୁବନେଶ୍ୱର,୨।୮ (ଅଭୟ ଦାଶ)

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତ ଆଲୁମିନିୟମର ଟ୍ରେନିଂ ସେଣ୍ଟର ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି କମ୍ପାନୀର ଲାଞ୍ଜିଗଡ଼ ୟୁନିଟ୍ ଜରିଆରେ ପରିଚାଳିତ ସ୍କିଲ ଟ୍ରେନିଂ ସେଣ୍ଟର ପ୍ରାୟ ୯୨% ନିଯୁକ୍ତି ହାର ହାସଲ କରିଛି। କମ୍ପାନୀର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହି ସଫଳତା ମିଳିଛି। ବିଶେଷକରି ଏହାର ପ୍ରଥମ ବ୍ୟାଚ୍ ବା ଖାଦ୍ୟ ଏବଂ ପାନୀୟ ବର୍ଗର ତାଲିମ ସଫଳତାର ସହ ଶେଷ ହୋଇଛି। ସେଣ୍ଟରର ଏହି ମାଇଲଖୁଣ୍ଟ ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ସେହିଭଳି ଚାକିରି ସ୍ଥାନ ବ୍ୟତୀତ ଏହି କାର୍ଯ୍ୟକ୍ରମ ଡିଜିଟାଲ ଶିକ୍ଷାରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ ଘଣ୍ଟାର ଆଇଟି ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି। ଏହା ଡିଜିଟାଲ ସଶକ୍ତୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ୯୦% ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଡିଜିଟାଲ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା। ଏହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ସହ ଦକ୍ଷତା ପ୍ରଦାନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନାର ସିଇଓ (ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ କଳାହାଣ୍ଡିର ଯୁବପିଢ଼ିଙ୍କ ଆକାଂକ୍ଷାକୁ ସକ୍ଷମ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଅଛୁ। ଏପରିକି ଆମେ ସାମୁଦାୟିକ ବିକାଶକୁ ଗୁରୁତ୍ୱ ଦେଉଥିଲାବେଳେ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏହାକୁ ଏକ ରଣନୈତିକ ଜରୁରତା ଭାବେ ଦେଖୁ। ଯେତେବେଳେ ଯୁବକମାନେ ଠିକ୍ ଦକ୍ଷତା ଏବଂ ଏକ୍ସପୋଜର ସହ ସଜ୍ଜିତ ହୁଅନ୍ତି, ସେତେବେଳେ ଏହା ପରିବାର, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ଉଲ୍ଲେଖନୀୟ ନିଯୁକ୍ତି ମାଇଲଖୁଣ୍ଟ। ଶିଳ୍ପ ଏବଂ ସମ୍ପ୍ରଦାୟର ଅଂଶ ଗ୍ରହଣକୁ ଦର୍ଶାଉଛି। ଏକାଠି ହେଲେ କ'ଣ ସମ୍ଭବ, ଏହା ମାଧ୍ୟମରେ ତାହା ପ୍ରତିଫଳିତ ହୋଇଛି। ସେହିଭଳି ନାବାର୍ଡର ଜିଲ୍ଲା ବିକାଶ ପରିଚାଳକ ମହେଶ୍ୱର ଦାସ କହିଛନ୍ତି, ଏହିପରି ପଦକ୍ଷେପଗୁଡ଼ିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ସମର୍ଥକ। ଏପରିକି ସେମାନେ ଗ୍ରାମୀଣ ସମ୍ଭାବନା ଏବଂ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରନ୍ତି। ସ୍ଥାନୀୟ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ପଥ ସୃଷ୍ଟି କରିବାରେ ବେଦାନ୍ତର ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ। ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳ ସ୍ତରର ନେତୃତ୍ୱାଧୀନ ବିକାଶକୁ ଆଗେଇନେବା ପାଇଁ ଏହି ସହଭାଗିତାକୁ ଆହୁରି ଗଭୀର କରିବାକୁ ଆମେ ଅପେକ୍ଷା କରୁଛୁ।

# ସାଇଟ୍ ସ୍କିମ୍ ଅଧୀନରେ ଏସିଏମ୍‌ଇକୁ ଲେଟର ଅଫ୍ ଆୱାର୍ଡ

ଭୁବନେଶ୍ୱର,୨।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏସିଏମ୍‌ଇ ଗ୍ରୁପ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଇସିଆଇ) ଦ୍ୱାରା କମ୍ପାନୀକୁ ଗ୍ରୀନ୍ ଆମୋନିଆ ଉତ୍ପାଦନ ପ୍ରକଳ୍ପ ପାଇଁ ଲେଟର ଅଫ୍ ଆୱାର୍ଡ (ଏଲ୍‌ଓଏ) ପ୍ରଦାନ କରାଯାଇଛି। ବିଶେଷକରି ଷ୍ଟ୍ରାଟେଜିକ ଇଣ୍ଟରଭେନଶନ ଫର୍ ଗ୍ରୀନ୍ ହାଇଡ୍ରୋଜେନ ଟ୍ରାଞ୍ଜିସନ (ଏସ୍‌ଆଇଜିଏଚ୍‌ଟି/ସାଇଟ) ସ୍କିମ୍ ମୋଡ୍-୨ଏ, ଟ୍ରାଚ୍-ଆଇ ଅଧୀନରେ କମ୍ପାନୀ ଏହି ଲେଟର ଗ୍ରହଣ କରିଛି। ସେହିଭଳି ଏହା ଅଧୀନରେ କମ୍ପାନୀ କାର୍ଯ୍ୟ କରିବ ଏବଂ ଏସିଏମ୍‌ଇ ଗ୍ରୁପ୍ ଦ୍ୱାରା ଭାରତର ଅନ୍ୟତମ ସର୍ବବୃହତ୍ କେମିକାଲ ଓ ଫର୍ଟିଲାଇଜର କମ୍ପାନୀ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍‌କୁ ଏହାର ପାରାଦୀପସ୍ଥିତ କାରଖାନା ପାଇଁ ୧୦ବର୍ଷ ଅବଧି ଲାଗି ୭୫,୦୦୦ ମେଟ୍ରିକ୍ ଟନର ଗ୍ରୀନ୍ ଆମୋନିଆ ଯୋଗାଣ କରିବ। ସେହିପରି ଏସିଏମ୍‌ଇ ଗ୍ରୁପ୍ ଏହାର ସହାୟକ ସଂସ୍ଥା ଏସିଏମ୍‌ଇ କ୍ଲିନ୍‌ଟେକ ସଲ୍ୟୁଶନ୍ସ ମାଧ୍ୟମରେ ସେବା ଯୋଗାଇବ। ଏପରିକି ନିକଟରେ ଆୟୋଜିତ ରିଭର୍ସ ଅକ୍ସନରେ କମ୍ପାନୀ ଅଂଶଗ୍ରହଣ କରିଥିଲା। ଏହି ଏଲ୍‌ଓଏ ଏକ ପ୍ରତିଯୋଗିତାମୂଳକ ମୂଲ୍ୟ ଆଧାରିତ ନିଲାମ ପ୍ରକ୍ରିୟା ହୋଇଥିଲାବେଳେ ଏହା ମାଧ୍ୟମରେ ଏସିଏମ୍‌ଇ ଗ୍ରୁପ୍‌ର ଚୟନକୁ ସ୍ୱୀକୃତି ମିଳିଛି। ଡେଲିଭରି ପଏଣ୍ଟରେ ଗ୍ରୀନ୍ ଆମୋନିଆ ଯୋଗାଣ ପାଇଁ ସହମତି ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୫୫.୭୫ଟଙ୍କା ରହିଛି।

ଏ ସମ୍ପର୍କରେ ଏସିଏମ୍‌ଇ ଗ୍ରୁପ୍‌ର ଗ୍ରୀନ୍ ହାଇଡ୍ରୋଜେନ ଆଣ୍ଡ ଆମୋନିଆ ଏସ୍‌ବିୟୁର ମୁଖ୍ୟ ପରିଚାଳନା ଅଧିକାରୀ ଅନିଲ କୁମାର ଟାପରିଆ କହିଛନ୍ତି, ସାଇଟ ସ୍କିମ ଅଧୀନରେ ଏସ୍‌ଇସିଆଇଠାରୁ ଏହି ଲେଟର ଅଫ୍ ଆୱାର୍ଡ ମିଳିଥିବାବେଳେ ଭାରତର ଶକ୍ତି ରୂପାନ୍ତରଣକୁ ସକ୍ଷମ କରିବା ଦିଗରେ ଆମର ଯାତ୍ରା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ପ୍ରକଳ୍ପ ଆମର ଉଦ୍ଭାବନ, ସ୍ଥିରତା ଓ ସ୍ଥାୟିତ୍ୱ ପ୍ରତି ଏକ ପ୍ରମାଣ ଏବଂ ଆମେ ଜାତୀୟ ଗ୍ରୀନ ହାଇଡ୍ରୋଜେନ ମିଶନକୁ ସହଯୋଗ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

# ୪ ବର୍ଷରେ ୪୫୦ ମିଲିୟନ ଡାଉନଲୋଡ

ନୂଆଦିଲ୍ଲୀ,୨।୮

ଦେଶର ପ୍ରମୁଖ ଇକର୍ମସ ପ୍ଲାଟ୍‌ଫର୍ମ ଶପ୍ସି କମ୍ ସମୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ୪ ବର୍ଷ ମଧ୍ୟରେ ଏହି ପ୍ଲାଟ୍‌ଫର୍ମ ୪୫୦ ମିଲିୟନ ଆପ୍ ଡାଉନ୍‌ଲୋଡ୍ ଅତିକ୍ରମ କରିଛି। ବର୍ତ୍ତମାନ ୧୯,୦୦୦ ରୁ ଅଧିକ ପିନ୍‌କୋଡ୍‌ରେ ଏହା ବିତରଣ କରୁଛି। ଏହା ଦେଶର ସମସ୍ତ ଅଞ୍ଚଳରେ ମେଟ୍ରୋ ସହରରୁ ଟାୟାର ୪ ସହର ପର୍ଯ୍ୟନ୍ତ ସେବା ଯୋଗାଉଛି। ଫ୍ଲିପ୍‌କାର୍ଟ ଦ୍ୱାରା ଶପ୍ସି ପରିଚାଳିତ ହେଉଥିଲାବେଳେ ମୂଲ୍ୟ-ସଚେତନ କ୍ରେତାମାନଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଉଛି।


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ

OFFICE OF THE SUPERINTENDING ENGINEER
RENGALI DAM DIVISION, RENGALI DAM SITE
ANGUL - 759105, e-mail : rengalidam@gmail.com

'e'-Procurement Notice No.SE-RDD-02/2025-26

No.A-455 : The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from Manufacturer of DG set or Electrical Contractor (HT/MV) registered with the State Government of Odisha or from contractors of equivalent grade /class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Supply, Installation, Testing and Commissioning of 250 KVA DG Set at Rengali Dam Site |
| 2 | No. of works | : | 01 (One) Nos of works |
| 3 | Estimated Cost | : | 30.69 Lakh (Excluding GST) |
| 4 | Cost of tender paper | : | **Rs.6000.00 (Non-refundable)** |
| 5 | EMD/Bid Security | : | **Rs.30,700.00 (Refundable)** |
| 6 | Class of contractor | : | Manufacturer of DG set or Electrical Contractor (HT/MV) |
| 7 | Period of Completion of work | : | 02 Calendar month |
| 8 | Date and time of availability of bid Document in the website | : | From 11.00 A.M. of Dt.05.08.2025 to 5.00 P.M. of Dt.16.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.18.08.2025 at 11.00 A.M. in O/o the Superintending Engineer, Rengali Dam Division, rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.21.08.2025 at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer
Rengali Dam Division,
Rengali Dam Site

OIPR-32028/11/0009/2526



GOVERNMENT OF ODISHA
OFFICE OF THE DISTRICT PROJECT COORDINATOR
SARVASIKHYA AVIYAN, SAMBALPUR

E-Procurement Notice

Bid Identification No: SSA/SBP/CIVIL/01/2025-26
E-mail: dpcsamblpur.opepa@nic.in Phone/Fax-0663-2410834
No.166/CW/Dated 29.07.25

No.n-112: 1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Single & Double Cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of Works: 09 (Nine)
3. Tender Cost: Rs.10,000/- & Rs.6000.00/-
4. Class of Contractor : "B" Class & "C" Class
5. Date and Time Available in website & receipt of Bids: 12.00 Hrs. of 04.08.2025 to 17.00 Hrs. of 16.08.2025.
6. Date of Opening of Tender : 20.08.2025 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only.
8. Any Corrigendum/ Addendum will be displayed in the website www.tendersodisha.gov.in. only.

Sd./- District Project Coordinator
SSA, Sambalpur

OIPR-27119/11/0002/2526



ପୌର ପରିଷଦ କାର୍ଯ୍ୟାଳୟ, ଜୟପୁର
OFFICE OF THE MUNICIPAL COUNCIL, JEYPORE
Phone No.: 06854-231098, e-Mail: ulbjeypore@gmail.com
Letter No. 3373 Date: 01.08.25

QUOTATION CALL NOTICE

No. C-794: Sealed quotation in plain paper/letter pad is invited from the interested registered firm/agency for supply of Jeypore Municipality 6 Nos. of Boy Spare Parts and Repairing & Maintenance of Jeypore Municiplaity. They can apply to this office as per specification which is mentioned below. This will be received by the undersigned upto 11.00 A.M. on Dt.08.08.2025 and will be opened at 4.00 P.M. on the same day if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

| Sl. No. | Name of the Items | Quantity | Rate in Rs. | Amount in Rs. |
|---|---|---|---|---|
| 1 | Cy Gold BLDC 1500 Watt Motor | | | |
| 2 | Converter | | | |
| 3 | Key System | | | |
| 4 | Throttle | | | |
| 5 | Controller | | | |
| 6 | Gear Oil | | | |
| 7 | Mechanical Gear Breaker | | | |
| 8 | Wiring Kit | | | |
| 9 | Brake Shoe | | | |
| 10 | Bearing (Front/Back) | | | |
| 11 | Cable | | | |
| 12 | Socket | | | |
| 13 | Handle Bearing | | | |
| 14 | Battery Charger | | | |

Add: Packing and forwarding and delivery charged. GST Charges Extra @18%.

Sd./- Executive Officer
Jeypore Municipality

OIPR-13079/11/0053/2526



GOVERNMENT OF ODISHA
OFFICE OF THE PANCHAYAT SAMITI, RENGALI, SAMBALPUR
E-mail : ori-rengali@nic.in

TENDER CANCELLATION NOTICE (E-TENDER)
Bid Identification No.P.S./REN/SBP/DEV/01/2025-26
No.3097 / Date. 31.07.2025

CANCELLATION NOTICE

No.I- : This is to inform all concerned that Tender Notice (e-tender) No. 2711, dated 05.07.2025, issued by the Office of the Panchayat Samiti, Rengali, Sambalpur, is hereby canceled with immediate effect due to some Technical Error.

Fresh Tender shall be invited shortly in the website www.tendersodisha.gov.in only.

Sd./- Block Development Officer
Rengali

OIPR-15013/11/0067/2526



GOVERNMENT OF ODISHA
PR & DW, DEPARTMENT
No.i-258

OFFICE OF THE
PANCHAYAT SAMITI, KAMAKHYANAGAR
BID DOCUMENT
BID IDENTIFICATION NO - 02/2025-26
Tender call Notice No. Panchayat Samiti Office, Kamakhyanagar - 02/2025-26

| | Name of Work | |
|---|---|---|
| 01 | Construction of Office Building with Market Complex of GPLF in Anlabereni GP | Rs.24,65,990.00 |
| 02 | Construction of Office Building with Market Complex of GPLF in Baruan (K) GP | Rs.24,65,990.00 |
| 03 | Construction of Additional Class Room at JKS United High School in Kotagara GP | Rs.14,45,314.00 |
| 04 | Construction of Additional Class Room at Ambabola Primary School in Baruan (K) GP | Rs.14,45,314.00 |
| 05 | Construction of Additional Class Room at Jagannathpur Primary School in Jagannathpur GP | Rs.14,64,784.00 |
| 06 | Construction of Additional Class Room at Dhobabahali Harijan Sahi Project Primary School in Tumusingha GP | Rs.14,64,784.00 |
| 07 | Construction of 50 MT Godown at Mahulpal PACs | Rs.13,75,219.00 |
| 08 | Construction of Office Building at Mahulpal PACs | Rs.10,56,407.00 |

Sd./- BLOCK DEVELOPMENT OFFICER
KAMAKHYANAGAR

OIPR-19309/11/0004/2526



ZILLA SWASTHYA SAMITI, KEONJHAR
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(DSU CELL KEONJHAR)

SHORT TENDER CALL NOTICE

Advt. No. 1444 Date: 01.08.2025

No. E-280: Sealed tender is invited from the registered supplier/firm for supply of Kit, Consumable, Glass, Plastic Items, Instrument and equipment's under DPHL for the year 2024-25. The interested supplier/firm having valid GST Regd. No. may be applied. The lists of the items are mentioned below in details. The term & condition of the tender may be downloaded from the website **www.kendujhar.odisha.gov.in**. The tender should reach to the office of the undersigned by 19.08.2025 at 5 P.M. through Speed Post/Regd. Post/Courier and which will be opened on the same day at 19.08.2025 at 5.30 P.M. DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.
The undersigned reserves the right to reject any or whole tender without assignment any reason thereof.

Sd./- Chief District Medical &
Public Health Officer, Keonjhar

OIPR-10033/11/0043/2526



Office of the Executive Engineer, Support Services Division,
2nd Floor, Dam Safety Building, Secha Sadan, Bhubaneswar - 751001.
E-mail :eessdivision@gmail.com.

QUOTATION CALL NOTICE NO.06/2025-26

No.A-444 : Sealed quotations are invited from eligible Firms Suppliers, and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 12.08.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 04.08.2025 to 3.00 PM of 12.08.2025 on payment of Rs. 100/- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(1)/2025-26 |
| 2 | Supply of two nos. of 8 Port Switch to the room no. 263 & 264 for the official use under CE, ISWI, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(2)/2025-26 |
| 3 | Supply of Two nos. of Air Conditioner to the Room no. 305 and 347, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(3)/2025-26 |
| 4 | Supply of Chairs to the Room no. 313 under CE, Water Services, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(4)/2025-26 |
| 5 | Supply of six nos. of Wooden Chair and four nos. of Visiting Chair for the official use under CE, Procurement, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(5)/2025-26 |

Sd./- Executive Engineer,
Support Services Division, Bhubaneswar

OIPR-32447/11/0026/2526



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SAMBALPUR
Phone No. (0663)-2412791(Off.), E-mail : eemisbp@yahoo.co.in
No. 2575/Date. 30.07.2025
'e' Procurement Notice
BID REF No. : SE, MID, SBP/02/2025-26
No.A-445

| | | |
|---|---|---|
| Name of work | : | Civil Construction works |
| No. of Works | : | 15 (Fifteen) Nos. |
| Estimated cost | : | Varies from approximately Rs.7.14 lakh to Rs.45.74 lakh for 15 Nos. of work (Rs.331.50 lakh) |
| Tender paper cost | : | Referred to DTCN |
| Period of completion | : | Referred to DTCN |
| Availability of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** in website (www.tendersorissa.gov.in) |
| Period of receipt of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** through online |
| Date of opening of bid documents | : | On **dt.30.08.2025 at 10.00 A.M.** onwards |
| Digital signature certificate of Bidder | : | The bidder must posses compatible digital signature certificate (DSC) of Class-II or Class-III |

**The detail tender call notice can also be seen in the DOWR website - http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in |
| Further details can be seen from the e-Procurement market place | : | http://tendersorissa.gov.in |

Sd./- Superintending Engineer
M.I.Division, Sambalpur

OIPR-32036/11/0019/2526



No. C-791

OFFICE OF THE NOTIFIED AREA COUNCIL
REMUNA, BALASORE
e-mail: remuna-nac@gov.in, Tel. No.: 06782-291978
Letter No. 1181 Dated: 31.07.25

| | | |
|---|---|---|
| 01 | Type of Work | Sanitation Work |
| 02 | No. of Work | 01 (One) No. |
| 03 | Class of Contractor | As per DTCN |
| 04 | Bid Identification No. | RN_02_2025-26 |
| 05 | Estimate Cost | 17.92 Lakhs |
| 06 | Date and time availability of bid documents in the portal | Dt.01.08.2025 at 10.00 A.M. to Dt.16.08.2025 upto 5.00 P.M. |
| 07 | Last date/time for receipt of bids in the portal | Dt.16.08.2025 upto 5.00 P.M. |
| 08 | Date of Opening Bid | Dt.18.08.2025 at 11.00 A.M. |
| 09 | Name and address of the Officer Inviting Bid | Executive Officer, NAC Remuna, Dist.: Balsore - 756019 Mail ID: **remuna-nac@od.gov.in** |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government website **http://tenderodisha.gov.in**.

Sd./- Executive Officer, Remuna NAC
OIPR-13204/11/0019/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଅମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖେଳାଳି, ଷ୍ଟାଫଙ୍କ ସହ ଚୁକ୍ତି ବାତିଲ କଲା ଓଏଫ୍‌ସି

ଭୁବନେଶ୍ୱର,୨।୮ (ଅନାଦି କର)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ପରବର୍ତ୍ତୀ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ଓଡ଼ିଶା ଏଫ୍‌ସି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି କ୍ଲବ ତା'ର ସମସ୍ତ ଖେଳାଳି ଓ ଷ୍ଟାଫ୍‌ଙ୍କ ଚୁକ୍ତିକୁ ସସ୍‌ପେଣ୍ଡ କରି ଦେଇଛି, ଯାହାକି ଆସନ୍ତା ୫ ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଇଏସ୍ଏଲ୍‌ର ୭ ଦଳ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେଙ୍କୁ ଏକ ବୈଠକ ଲାଗି ଅନୁରୋଧ କରିଥିବା ବେଳେ ଓଡ଼ିଶା ଏଫ୍‌ସି ଲିଗ୍‌ର ପ୍ରଥମ ଦଳ ଭାବେ ଏଭଳି ନିଷ୍ପତ୍ତି ନେଇଛି। କ୍ଲବର ମାଲିକ ରୋହନ ଶର୍ମା ସୋସିଆଲ ମିଡିଆରେ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ରୂପେ ବନ୍ଦ ହେଉ ନାହିଁ। କ୍ଲବର କିଛି ମୁଖ୍ୟ ଷ୍ଟାଫ୍ ଏବେ ବି ଅଛନ୍ତି ଏବଂ ମହିଳା ଦଳର କାର୍ଯ୍ୟ ଜାରି ରହିବ। ଆଇଏସ୍ଏଲ୍‌ର ଭବିଷ୍ୟତକୁ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ବେଳେ ଅଧିକ ଟଙ୍କା ଖର୍ଚ୍ଚ କରିବା ଲାଗି ନିବେଶକାରୀଙ୍କୁ ବୁଝାଇବା କଷ୍ଟକର ହେଉଥିଲା। ଆଶା କରୁଛୁ ଆମର ଏହି ନିଷ୍ପତ୍ତି ଅନ୍ୟଙ୍କୁ ସମାଧାନ ଦିଗରେ ଯଥାଶୀଘ୍ର କାମ କରିବାକୁ ବାଧ୍ୟ କରିବ।

# ମିକ୍ସଡ୍ ରିଲେରେ ଆମେରିକାର ବିଶ୍ୱ ରେକର୍ଡ

## ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍

ସିଙ୍ଗାପୁର, ୨।୮ (ଏପି)

ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ଆମେରିକାର ୪x୧୦୦ ମିକ୍ସଡ ରିଲେ ଦଳ ୩ ମିନିଟ ୧୮.୪୮ ସେକେଣ୍ଡ ଟାଇମିଂ ସହ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆ (୨୦୨୩ରେ ଟାଇମିଂ ୩:୧୮.୮୩) ନାମରେ ରହିଥିଲା। ଚଳିତ ଚାମ୍ପିୟନଶିପ୍‌ରେ ଏହା ଦ୍ୱିତୀୟ ବିଶ୍ୱ ରେକର୍ଡ। ଏହାକୁ ମିଶାଇ ଆମେରିକାର ସନ୍ତରଣକାରୀମାନେ ଶନିବାର ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେଟି ଲେଡେକି ୮୦୦ ମିଟର ଫ୍ରିଷ୍ଟାଇଲ ଏବଂ ଗ୍ରିଚେନ୍ ୱାଲ୍ସ ୫୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ଜିତିଛନ୍ତି। ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହେବାକୁଥିବା ବେଳେ ଆମେରିକୀୟମାନଙ୍କ ସ୍ୱର୍ଣ୍ଣ ସଂଖ୍ୟା ୮ରେ ପହଞ୍ଚିଛି। ରିଲେ ସ୍ୱର୍ଣ୍ଣ ବ୍ୟତୀତ ଲିଡେକି ୮୦୦ମିଟର ଫ୍ରିଷ୍ଟାଇଲରେ ଅପରାଜେୟ ରହିଥିଲେ। ସେ ପ୍ରଥମେ ଏହି ରେସ୍ ୨୦୨୧ ଅଲିମ୍ପିକ୍ସରେ ଜିତିଥିଲେ। ଏହାପରଠାରୁ ସେ ଏହି ଇଭେଣ୍ଟରେ କେବେ ପରାଜିତ ହୋଇନାହାନ୍ତି। ୭୦୦ମିଟର ପରେ ୧୮ ବର୍ଷୀୟା କାନାଡାର ସମର ମ୍ୟାକ୍‌ଇଣ୍ଟୋସଙ୍କ ୮୦୦ ମିଟର ରେସ୍ ସ୍ୱର୍ଣ୍ଣ ଉପରେ ନଜର ଥିଲା। ମାତ୍ର ସେ ବିଫଳ ହୋଇଥିଲେ। ଏହି ରେସ୍‌କୁ ଲିଡେକି ୮:୦୫.୬୨ ଟାଇମିଂରେ ଜିତିଥିବା ବେଳେ ଅଷ୍ଟ୍ରେଲିଆର ଲାନି ପାଲିଷ୍ଟର (୮:୦୭.୨୯) ରୌପ୍ୟ ଓ ମ୍ୟାକ୍ ଇଣ୍ଟୋସ (୮:୦୭.୨୯) ବ୍ରୋଞ୍ଜ ପଦକ ପାଇଥିଲେ। ମ୍ୟାକଇଣ୍ଟୋସ ସିଙ୍ଗାପୁରରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ଥିଲେ। ମାତ୍ର ଇତିମଧ୍ୟରେ ସେ ୩ଟି ଜିତି ସାରିଛନ୍ତି। ରବିବାର ସେ ତାଙ୍କ ଫେଭରିଟ୍ ୪୦୦ମିଟର ଇଣ୍ଡିଭିଜୁଆଲ ମିଡ୍‌ଲେରେ ଭାଗ ନେବେ।



କେଟି ଲେଡେକି (ମଝି), ରୌପ୍ୟ ବିଜେତା ଅଷ୍ଟ୍ରେଲିଆର ଲାନି ପାଲିଷ୍ଟର (ବାମ) ଓ ବ୍ରୋଞ୍ଜ ବିଜେତା କାନାଡାର ସମର ମ୍ୟାକ୍‌ଇଣ୍ଟୋସ।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ନିଶି ରଞ୍ଜନ କର (ମିଲୁ)**
ମଲାମାଛ, କାକଟପୁର

ଆବିର୍ଭାବ: ୧୬।୦୬।୧୯୮୪
ତିରୋଧାନ: ୦୩।୦୮।୨୦୨୨

ଜୀବନରେ ସବୁ କିଛି ମିଳିଯାଇପାରେ, ହେଲେ ମୋର ସେ ପୁରୁଣା ଦିନ ଆଉ କେବେ ମିଳେନି। ତୋ ଭଲ ପାଇବାକୁ ଖୋଜୁଛି ମୋ ମନ, କେତେ କଷ୍ଟ ପାଉଛି ମୁଁ ଜାଣିଛୁ କି ଧନା ଏ ଜନ୍ମରେ ପାରିବିନି ଶୁଝି ତୋ ଋଣ, ସବୁ ଜନ୍ମରେ ଆସିବୁ ରହିଲା ମୋ ରାଣ। ହଜାର ଦୁଃଖ ଭିତରେ କେବଳ ତୁ ମୋ ଖୁସି, କିପରି ମତେ ଏକା ଛାଡ଼ି ଚାଲିଗଲୁ, ମୋ ଭାଇ ସରଗର ଶଶୀ। ପ୍ରଭୁ ଶ୍ରୀଜଗନ୍ନାଥ, ମା' ମଙ୍ଗଳାଙ୍କୁ କରୁଛି ମୁଁ ପ୍ରଣିପାତ, ତୋ ଅମର ଆତ୍ମା ଶାନ୍ତି ଲାଭ କରୁ କରୁଛି ମୁଁ କୋଟି କୋଟି ଦଣ୍ଡବତ।

ହତଭାଗିନୀ ନାନୀ
ଧ-୭୬୦୭୦

# Classified Everyday

0674-2580101, 9692975378



## MATRIMONIAL

## BRIDE WANTED

Bride wanted. Karan Gourbarnna lower middle class well educated 30-35 years, 5'6". Contact- 7873817735. D-1524

କମ୍ପାନୀ ଚାକିରି ଓ ଭଲ ଆୟ ଥିବା +୨ ଶିକ୍ଷାଗତ ଯୋଗ୍ୟତାଯୁକ୍ତ ବ୍ରାହ୍ମଣ ପାତ୍ର ପାଇଁ ବ୍ରାହ୍ମଣ-ଅବଧାନ ଜାତିର ଗାଉଁଲି ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 7750014461. D-1525

Handsome Teli Boy 1996, 5'7", B.Sc., MA Serving Airforce. "SUNASANSAR". 9937512659. D-76300

Looking for a Fair/ Slim homely Odia Khandayat/ Kshatriya bride age 22-28 from BHUBANESWAR for a fair looking handsome groom 31 years, 163 cm, 58 kg from an established/educated Kshatriya family working as permanent State Government Doctor (Medical Officer). Only Parents or bride should Contact directly with details in WhatsApp 7682077583. No middleman/ agent/ broker please. D-1477

## GROOM WANTED

ବୟସ 28, Nurse ଚାକିରି କରୁଥିବା ସୁନ୍ଦରୀ ସୁଶୀଳ କରଣ ଜାତିର ଝିଅଙ୍କ ପାଇଁ Private/ Business/ Government ବରପାତ୍ର ଆବଶ୍ୟକ। 7326056138. D-1529




## REAL ESTATE

## SALE

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

ଭୁବନେଶ୍ୱର AIIMS MEDICAL ପାଖରେ B.D.A Town Planning, Road 30ft, Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D- 1515

**ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343.** D-76296

**କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

5-Story Building for rent approx 10,000sqft Palasuni, Bhubaneswar Spacious 1BHK & 2BHK units available. Ideal for Ladies/Gents Hostel, Tutorial Center, Bank or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-1519

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble floorings readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069




Positively health benefits SPA expert female therapist homely atmosphere. 9114559830. D-1516

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

Full body massage by odia therapist in homely atmosphere. 9556498382. D-75395

## AFFIDAVIT

By virtue of an affidavit sworn before the hon'ble Executive Magistrate, Bhubaneswar on dt. 02.08.2025, I, New name Turia Pradhan, Address- Pankalsahi, P.O.- Rauti, P.S.- Jagannathprasad, Dist.- Ganjam, Odisha-761121 declare that I have changed my name from Jhuria Pradhan (Old name) to Turia Pradhan (New name) for all purposes.
Turia Pradhan
D-1520

I, Arjoo Gattani, W/o- Saswat Routray, resident of Plot No.- 31/2073, Lane No.- 2A, Gangotri Nagar, Sisupal Garh, Bhubaneswar- 751002, Odisha declare by this affidavit No.- 41/2025, dtd. 03.05.2025. That I now onwards I shall be known as ARZOO GATTANI for all future purposes. D-1536

By virtue of an affidavit sworn before the Executive Magistrate, Titilagarh, No.503, date 02.08.25, I, Uttam Takri, S/o- Ramlal Takri, R/o. At- Nanajhar, P.O.- Manigaon, P.S.- Titilagarh, Dist.- Bolangir, (Odisha), PIN-767033 declare that I have changed my daughter's name from Tanishka Harpal to Tanishka Takri. Henceforth, she shall be known as Tanishka Takri for all purposes.
Uttam Takri
D-1523

By virtue of an affidavit sworn before Executive Magistrate, Rajnagar, 31.07.2025, Pabitra Kumar Swain, Balarampur, Kandira, Rajnagar, Kendrapara. I have changed the name of my daughter from Rajashree Swain to Rajshree Swain. Henceforth, she shall be known as Rajshree Swain for all purpose. D-1522

By virtue of an affidavit sworn before the Executive Magistrate, Athagarh, Dated 15.07.2025, I have changed my name from Master Kousendra Sahoo to Kousendra Kumar Sahoo. Henceforth, I shall described as Kousendra Kumar Sahoo for all purposes. D-1535

By virtue of an affidavit sworn before Executive Magistrate, Korapur, dated 30.07.2025, I, Kartika Dalapati, aged about 33 years, S/o- Gobinda Dalapati, R/o- Badagoluru, P.O.- Ampawalli, P.S.- Pottangi, PIN- 764039, Dist.- Koraput, Odisha declare that I have changed the name of my daughter from "Tamasha Dalapati" to "Samriddhi Dalapati". Henceforth, she shall be known as "Samriddhi Dalapati" for all purposes.
Gobinda Dalapati
D- 1533

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of R.P. case No.- 59/23 and 22/23 my title has been changed from Ashok Kumar Mohanty to Ashok Kumar Das, S/o- Khirod Mohan Das, Vill- Desahi, P.S.- Aul and Dist.- Kendrapara. So I will be known as Ashok Kumar Das instead of Ashok Kumar Mohanty in all purpose. D-1527

By virtue of an affidavit sworn before Executive Magistrate, Pipili, dated 08.07.2025, I, Dhirendra Jena, Address: At- Totapada, P.O./P.S.- Pipili, Dist.- Puri, PIN- 752104 declare that I have changed my daughter's name from Sai Sarita Jena to Sai Ashrita Jena. Henceforth, she shall be known as Sai Ashrita Jena for all purposes.
Dhirendra Jena
D-1518

ମୁଁ ବିଜୟନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର, ଘୋଷଣା କରୁଅଛି କି, ମୋର ବିବାହର କିଛି ବର୍ଷ ପରେ ମୋର ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣି, କୂଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୋର ବାପଘରେ ରହିଆସୁଛି। ମୁଁ ମୋର ଶାଶୁଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୩୦

By virtue of an affidavit sworn before Executive Magistrate, Rajnagar, dated 24.07.2025, I, Sima Rout, W/o- Prasanta Kumar Rout, Vill- Santhapada, P.O.- Balabhadrapur, P.S.- Rajnagar, Dist.- Kendrapara, Odisha- 754217 declare that I have changed my name from Sima Tarenia (Old name) to Sima Rout. Henceforth, I shall be known as Sima Rout for all purposes.
Sima Rout
D- 1531

Anima Pandey, D/o- Lalindra Prasad Patel, W/o- Dushmanta Kumar Pandey, At- Debadihi, P.O./P.S.- Jharsuguda, Pin-768201, Odisha declare by this affidavit No.-04 on dated 02.08.2025. That now onwards I shall be known as Anima Patel for all future purposes. D-1537

By virtue of an affidavit sworn before the Executive Magistrate, Saintala, dated 02.08.2025, I, Anusuya Beska, resident of Village: At- Barahmal, P.O.- Khasbahal, P.S.- Saintala, Dist- Balangir (Odisha), Pin- 767032 declare that I have changed my name from Anusuya Bhoi to Anusuya Beska. Henceforth, I shall be known as Anusuya Beska for all purpose.
Anusuya Beska
D-1532

By virtue of an affidavit sworn in the Court of Executive Magistrate, Jajpurroad, I Mita Dhal, W/o- Surendra Dhal, At/P.O.- Ragadi, P.S.- Korai, Dist.- Jajpur my Aadhaar Card No.- XXXX XXXX 1676. My name is Mita Dhal, but in Birth Certificate of my son bearing Birth Registration No.- 101130/2011 name has been written by Sumita Dhal instead of Mita Dhal. I declare that Sumita Dhal and Mita Dhal as same and one person vide affidavit No.- 3308/29.7.2025. D-1539

By virtue of an affidavit sworn before Executive Magistrate, Bonth, dated 15.07.2025, I, Narendra Prusty, S/o- Late Bhaban Prusty, Vill/P.O.- Bangorpadi, P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Sukadeb Prusty to Narendra Prusty. Henceforth, I shall be known as Narendra Prusty for all purposes. D-1538

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

IN THE COURT OF CIVIL JUDGE (JR. DVN) CHANDBALI
C.S No.- 259/2010

Prahallad Ch. Das & others
....Plaintiffs
Vrs.
State Representing by Collector Bhadrak & others
....Defendants

ଦେୱାନୀ କାର୍ଯ୍ୟବିଧି ଆଇନର ୧ ନିୟମ ୮ ଅନୁଯାୟୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବରକାଗଜ ବିଜ୍ଞାପନ ନିମନ୍ତେ ଚିଠା ଦାଖଲ ତରଫ ବାଦୀ।

ତଫସିଲ ଚିଠା

Prahallad Ch. Das & Others
Vrs.
State Representing by Collector, Bhadrak

ଏ ତ ଦ୍ଦ୍ୱା ରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ବାଦୀ ପ୍ରହଲ୍ଲାଦ ଚନ୍ଦ୍ର ଦାସ ଓଗେର, ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇ, ସ୍ଥିତ MS Khata- ୭୧, ଖସଡ଼ା- ୫୧/୧୪୩, ଏ୧.୩୭ଡି. ବୃତ୍ତି ନିମିତ୍ତ ତାଙ୍କର ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ପ୍ରାର୍ଥନାରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଉକ୍ତ ବୃତ୍ତି ସରକାରୀ ରକ୍ଷିତ ଖାତାଧୀନ ଝାଟି ଜଙ୍ଗଲ କିସମରେ ଖତିଆନ ପ୍ରସ୍ତୁତି ହୋଇଅଛି। ଯଦି କୌଣସି ବ୍ୟକ୍ତିଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ପୂର୍ବକ ଫଏସଲା କରାଯିବ, ଧାର୍ଯ୍ୟ ଅବଧି ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇସ୍ଥିତ MS Khata-71, ଖସଡ଼ା- ୫୧/୧୪୩, ଏ୧.୩୭ଡି, କିସମ- ଝାଟି ଜଙ୍ଗଲ

Sd./- C.J.J.D, Chandbali
D-1540

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବୃକ୍ଷ ଆମର ବନ୍ଧୁ

ବନ୍ଧୁତାର ସମ୍ପର୍କକୁ ଅଧିକ ନିବିଡ଼ କରିବା ଲାଗି ପାଳନ କରାଯାଏ ଫ୍ରେଣ୍ଡଶିପ୍ ଡେ'। ତେଣୁ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ନିଜ ବନ୍ଧୁଙ୍କୁ ଭେଟିବା ଲାଗି ଏକାଠି ହୁଅନ୍ତି ଏବଂ ଏହି ଦିନକୁ ବେଶ୍ ମଜାମସ୍ତିରେ ସେଲିବ୍ରେଟ୍ କରନ୍ତି। ହେଲେ ଆଉ କେତେ ଜଣଙ୍କ ପାଇଁ କେବଳ ଏତିକିରେ ସରେନି ସେଲିବ୍ରେଶନ୍। ବରଂ ସେମାନେ ଏହି ସ୍ପେଶାଲ ଦିନରେ ଏଭଳି କିଛି ନିଆରା କାର୍ଯ୍ୟକ୍ରମ କରନ୍ତି, ଯାହାକି ପାଲଟିଯାଏ ଅନ୍ୟମାନଙ୍କ ପାଇଁ ଉଦାହରଣ। ତେବେ ପରିବେଶ ସୁରକ୍ଷା ଲାଗି ବୃକ୍ଷକୁ ବନ୍ଧୁ ଭାବି ଫ୍ରେଣ୍ଡଶିପ୍ ଡେ' ଅବସରରେ ବୃକ୍ଷରୋପଣ କରିବାକୁ ଆଗେଇ ଆସିଥିବା କେତେଜଣ ଯୁବଗୋଷ୍ଠୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...



**ଆଜି ହେଉଛି ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ବନ୍ଧୁତ୍ୱର ଏହି ଦିନଟିକୁ ସ୍ପେଶାଲ୍ କରିବା ଲାଗି ଅଧିକାଂଶ ଯୁବପିଢ଼ି ପରସ୍ପରକୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧିବା, ଉପହାର ଦେବା, କେକ୍ କାଟିବା ସହ ପାର୍ଟିର ଆନନ୍ଦ ନେବାକୁ ବେଶ୍ ଉତ୍କଣ୍ଠିତ। ହେଲେ ଏମିତିବି କେତେଜଣ ଅଛନ୍ତି, ଯେଉଁମାନେ ବୃକ୍ଷ ହିଁ ଆମର ସବୁଠୁ ବଡ଼ ବନ୍ଧୁ, ଏହି ବାର୍ତ୍ତା ସଭିଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି। ଆଉ ବନ୍ଧୁତ୍ୱ ଦିବସରେ ବୃକ୍ଷ କ୍ଷୟ ଯୋଗୁ ବଢ଼ୁଥିବା ପ୍ରଦୂଷଣ ରୋକିବା ଲାଗି ପୃଥିବୀକୁ ପୁଣିଥରେ ସବୁଜ ବନାନୀରେ ଭରିଦେବାକୁ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଅଭିଯାନ...**

**ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ**

ଜୀବନ ନିମନ୍ତେ ଗଛ ହିଁ ଅମୃତ ; ଗଛ ବିନା ଜୀବନର ସ୍ଥିତି ମୁହୂର୍ତ୍ତକ ମଧ୍ୟରେ ଅସମ୍ଭବ। ଯେପର୍ଯ୍ୟନ୍ତ ଗଛ ବଂଚିଛି, ସେ ପର୍ଯ୍ୟନ୍ତ ଜୀବନର ଅସ୍ତିତ୍ୱ ରହିଛି। ଜଣେ ସଚ୍ଚା ବନ୍ଧୁ ଯେମିତି ନିଃସର୍ତ୍ତରେ ପ୍ରତି ମୁହୂର୍ତ୍ତରେ ଆମ ସୁଖ ଦୁଃଖରେ ସାମିଲ ହୁଅନ୍ତି, ଠିକ୍ ସେମିତି ଗଛ ଜୀବନ ସାରା ନିଃସର୍ତ୍ତରେ ସମଗ୍ର ଜୀବଜଗତକୁ ଖାଦ୍ୟ, ପାଣି ଓ ପବନ ଯୋଗାଇ ବଂଚାଇ ରଖିଛି। ତେଣୁ ଗଛ ହେଉଛି ଆମର ବନ୍ଧୁ। କେବଳ ମାନବ ସମାଜର ନୁହେଁ ବରଂ ଏ ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ। ତେଣୁ ଆମେ ଫ୍ରେଣ୍ଡଶିପ୍ ଡେ' ଗଛ ସହିତ ପାଳନ କରୁ ବୋଲି କୁହନ୍ତି ଅନୁଗୋଳରେ ଥିବା ସାଥୀ ପରିବାର ସଂଗଠନର ସଭାପତି ସିଦ୍ଧାର୍ଥ ପ୍ରଧାନ। ସେ କୁହନ୍ତି, ଫ୍ରେଣ୍ଡଶିପ୍ ଡେ' ଅଗଷ୍ଟ ମାସରେ (ବର୍ଷାଋତୁ) ପାଳନ ହେଉଥିବାରୁ ଆମେ ଏହିଦିନ ପ୍ରତି ବର୍ଷ ବିଭିନ୍ନ ହାଇସ୍କୁଲ, ମଠ ଓ ଗାଁର ଖୋଲା ସରକାରୀ ଜାଗାରେ ବୃକ୍ଷରୋପଣ କରିଥାଉ। ସ୍କୁଲ୍‌ର ପିଲାମାନଙ୍କୁ ଆମ ସହ ଯୋଗଦେବାକୁ କହିଥାଉ। ସେମାନଙ୍କୁ ଘରୋଇ ଫଳଗଛ ଚାରା ବଣ୍ଟନ କରିବା ସହ ଏହି ଚାରା ରୋପଣ କରି ଯତ୍ନ ନେଇ ତାକୁ ବଡ଼ କରିବାକୁ ପରାମର୍ଶ ଦେଇଥାଉ। ପରବର୍ତ୍ତୀ ବର୍ଷରେ ନିଜେ ଲଗେଇଥିବା ଗଛ ସହ ଫଟୋ ଉଠାଇ ଗ୍ରୁପ୍‌ରେ ଛାତ୍ରୀଛାତ୍ରମାନଙ୍କ ଫଟୋ ପଠାଇବାକୁ ଉତ୍ସାହିତ କରିଥାଉ। ହାଇସ୍କୁଲ ସ୍ତରରେ କ୍ଲାଇମେଟ୍ ଏଜୁକେଶନ୍ (ପରିବେଶ ଅନୁକୂଳ ଜୀବନଶୈଳୀ) ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଏ। ହାତୀପ୍ରବଣ ଅଞ୍ଚଳରେ ସାଥୀ ନର୍ସରୀ ପ୍ରସ୍ତୁତ କରି ଶାଳିଆ ବାଉଁଶ ଚାରା ଲଗାଯାଏ। ଚଳିତବର୍ଷ ମଧ୍ୟ ଫ୍ରେଣ୍ଡଶିପ୍ ଡେ'ରେ ସାଥୀ ପରିବାର ପକ୍ଷରୁ ୧୦,୦୦୦ ବର ଅଶ୍ୱତ୍ଥ ଗଛ ସଂରକ୍ଷଣ କାର୍ଯ୍ୟକ୍ରମ ଜରିଆରେ ୫୦ଟି ବର ଅଶ୍ୱତ୍ଥ ଚାରା ରୋପଣ କରାଯିବ।





**ବୃକ୍ଷକୁ ବନ୍ଧାଯାଏ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ**

ବିଶ୍ୱ ବନ୍ଧୁତା ଦିବସରେ ପ୍ରତିବର୍ଷ ବ୍ରହ୍ମପୁରରେ ଥିବା ସବୁଜ ବାହିନୀ ଯୁବ ସଂଗଠନ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଛ ସହିତ ମିତ୍ରତା ବଢ଼େଇ ସୁସ୍ଥ ପରିବେଶ ସଚେତନତା ବୃଦ୍ଧି କରିବା। ଏହି ଅବସରରେ ସଂଗଠନର ସଦସ୍ୟମାନେ ରାଜନେତା, ପ୍ରଶାସନ, ବିଦ୍ୟାଳୟର ଶିକ୍ଷାର୍ଥୀ ଓ ସାଧାରଣ ଜନତାଙ୍କ ସହ ମିଶି ବଟ ଓ ଅଶ୍ୱତ୍ଥ ବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନଡ଼ିଆ ପତ୍ର ଓ ଫୁଲରେ ତିଆରି ହୋଇଥିବା ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧିଥାନ୍ତି ଓ ପରିବେଶ ସୁରକ୍ଷା ଲାଗି ଶପଥ ନିଅନ୍ତି। ସେମାନେ ରାଲି ମାଧ୍ୟମରେ ଲୋକମାନଙ୍କୁ ସଚେତନ କରନ୍ତି। ଏହା ଦ୍ୱାରା ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ଅଧିକ ଜାଣି ପରିବେଶ ସହିତ ଜଡ଼ିତ ହେବେ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜକୁ ପ୍ରକୃତି ସହିତ ଏକତାର ବନ୍ଧନରେ ବାନ୍ଧିବା। ଏହି ଅନୁଷ୍ଠାନର ସଦସ୍ୟମାନେ ଶହ ଶହ ବର୍ଷର ପୁରୁଣା ବଟବୃକ୍ଷ, ଅଶ୍ୱତ୍ଥ ବୃକ୍ଷକୁ ସୁରକ୍ଷା ଦେବା ଓ ପ୍ରାକୃତିକ ସମ୍ପଦକୁ ନବ ଜୀବନ ଦେବା ଉଦ୍ୟମ କରନ୍ତି ଏବଂ ସବୁଜ ପରିବେଶ ଗଠନ ଦିଗରେ ନୂଆ ପଦକ୍ଷେପ ନିଅନ୍ତି। ବୃକ୍ଷକୁ ସୁରକ୍ଷା ଦେବା ଓ ଏହା ସହିତ ମିତ୍ରତା କରିବାକୁ ପ୍ରତିବଦ୍ଧ ରହିବୁ ବୋଲି ଶପଥ ଗ୍ରହଣ କରନ୍ତି। ଏହି ଅଭିଯାନକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଦସ୍ୟମାନେ ସହରର ମୁଖ୍ୟ ରାସ୍ତାରେ ରାଲି କରନ୍ତି। ରାଲିରେ ସଚେତନତାମୂଳକ ସନ୍ଦେଶ ଦିଅନ୍ତି, 'ସବୁଜ ବାହିନୀର ନୂଆ ପ୍ରୟାସ... ଗଛ ସହ ମିତ୍ରତା କରିବା ଆସ'। ଏହି କାର୍ଯ୍ୟକ୍ରମ ଏକ ଶୁଭ ପଦକ୍ଷେପ, ଯାହା ମାନବ ଓ ପ୍ରକୃତି ମଧ୍ୟରେ ଏକ ଆଧୁନିକ ମିତ୍ରତାର ଆଧାର ସୃଷ୍ଟି କରେ। ଏହି ମାଧ୍ୟମରେ ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ସଚେତନ ହୁଅନ୍ତି, ପରିବେଶ ସୁରକ୍ଷା ପ୍ରତି ମାନସିକତା ବିକାଶ ପାଏ ଓ ପ୍ରତିଟି ପର୍ବରେ ଅନ୍ନଦାନ ନୁହେଁ ବୃକ୍ଷରୋପଣ ଓ ପ୍ରତିପାଳନ ପାଇଁ ଲୋକମାନେ ଅଗ୍ରସର ହେଉଛନ୍ତି ବୋଲି ମତ ଦିଅନ୍ତି ସଂଘର ସଭାପତି ଶିବରାମ ପାଣିଗ୍ରାହୀ।

– **ପୌର୍ଣ୍ଣମାସୀ**



ସବୁଜ ବାହିନୀ ଯୁବ ସଂଗଠନର ସଦସ୍ୟମାନେ


ସାଥୀ ପରିବାରର ସଦସ୍ୟମାନେ

# ହାପି ଫ୍ରେଣ୍ଡଶିପ୍ ଡେ'

**ବନ୍ଧୁତ୍ୱ, ଏକ ଏଭଳି ସମ୍ପର୍କ ଯାହାର ନିବିଡ଼ତା ମାପି ହୁଏନି, ଯାହାକୁ ଭାଷାରେ ପ୍ରକାଶ କରିବାକୁ ଶବ୍ଦ ଅଣ୍ଟେନି। ବନ୍ଧୁତ୍ୱର ଏହି ଅତୁଟ ସମ୍ପର୍କକୁ ସ୍ମରଣୀୟ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାର ଦିନ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ତେବେ ବନ୍ଧୁମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ବିଶେଷ ଅବସରରେ ବନ୍ଧୁତ୍ୱ ସମ୍ପର୍କରେ କ'ଣ କୁହନ୍ତି ଏମାନେ...**

## ବନ୍ଧୁତା ଗୋଟେ ଭାବାବେଗ



ବନ୍ଧୁତ୍ୱ ଏ ପୃଥିବୀର ସବୁଠାରୁ ସୁନ୍ଦର ସମ୍ପର୍କ, ଯେଉଁଠି ନିଃସର୍ତ୍ତ ଭଲପାଇବା ହିଁ ବାଟ କଢ଼େଇ ନେଉଥାଏ। ଆମ ଜୀବନର ଅନେକ ସମ୍ପର୍କ ଜନ୍ମଗତ, କିନ୍ତୁ ବନ୍ଧୁତା ଆମେ ନିଜେ ଗଢ଼ୁ ସମୟ, ସହାନୁଭୂତି, ସମର୍ପଣକୁ ସାଥିରେ ନେଇ। ବନ୍ଧୁତା ଗୋଟେ ଭାବାବେଗ, ଗୋଟେ ଜୀବନ୍ତ ଅନୁଭବ। ବନ୍ଧୁବିହୀନ ଜୀବନଟିଏ ପରିକଳ୍ପନା କରିବା ବି ଅସମ୍ଭବ ମନେହୁଏ। ପାରସ୍ପରିକ ସୌହାର୍ଦ୍ଦ୍ୟ ଆମ ସଭିଙ୍କ ଧ୍ୟେୟ ହେଉ।

*– ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ*

## ନିଃସ୍ୱାର୍ଥପର ମନୋଭାବ ବନ୍ଧୁତାକୁ କରେ ଦିବ୍ୟ



ବନ୍ଧୁତ୍ୱ ଏକ ନିଆରା ଅନୁଭବ। ସମଗ୍ର ସଂସାରରେ କୌଣସି ସମ୍ପର୍କଠାରୁ ଏହା ଅନେକ ମହତ୍ତ୍ୱପୂର୍ଣ୍ଣ। ପରସ୍ପରର ନିକଟବର୍ତ୍ତୀ ହୋଇ ଦୁଃଖ ଏବଂ ସୁଖକୁ ସମାନ ଭାବରେ ବାଣ୍ଟିନେବା ହେଉଛି ପ୍ରକୃତ ବନ୍ଧୁତା। ନିଃସ୍ୱାର୍ଥପର ମନୋଭାବ ହିଁ ବନ୍ଧୁତାକୁ ଏକ ଦିବ୍ୟ ସମ୍ପର୍କରେ ପରିଣତ କରିଥାଏ। ଅନ୍ଧବିଶ୍ୱାସୀ ନ ହୋଇ ପ୍ରକୃତ ବନ୍ଧୁତା ବ୍ୟକ୍ତିତ୍ୱର ବିକାଶ କରିଥାଏ।



ତେବେ ସମସ୍ତ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ବନ୍ଧୁତା ହିଁ ମଣିଷର ମନରେ ସ୍ନେହ, ସଦିଚ୍ଛା, ଶ୍ରଦ୍ଧା ପରି ଭାବନାର ଉଦ୍ରେକ କରିଥାଏ।

*– ଐଶ୍ୱର୍ଯ୍ୟା ରାଉତ, ଶିକ୍ଷୟିତ୍ରୀ, ମୟୂରଭଞ୍ଜ*

## ଦୁନିଆର ସବୁ ସମ୍ପର୍କଠୁ ଉର୍ଦ୍ଧ୍ୱରେ ବନ୍ଧୁତା



ବନ୍ଧୁତା ଗୋଟିଏ ଶବ୍ଦ ନୁହେଁ, ଗୋଟେ ଅନୁଭୂତି। ଦୁନିଆର ସବୁ ସମ୍ପର୍କଠୁ ଉର୍ଦ୍ଧ୍ୱରେ ଏ ସମ୍ପର୍କ, ଯାହା ରକ୍ତର ନୁହେଁ ଭଲପାଇବାର। ଯିଏ ସାଥିରେ ଥିଲେ ନୂଆ ଦୁନିଆ ହୁଏ ତିଆରି, ଯାହା ସହ କଥା ହେଲେ ସମୟ ନିଅଣ୍ଟ ହୁଏ। ହସ ହସ ମୁହଁରୁ ଦୁଃଖ ପଢ଼ିପାରୁଥିବା ସେଇ ଯାଦୁକରର ନାଁ ବନ୍ଧୁ, ଯାହାର ପାପୁଲି ସ୍ପର୍ଶରେ ଲୁହର ବି ରଙ୍ଗ ବଦଳିଯାଏ, ଯାହାର ତାଗିଦାରେ ଅସଜଡ଼ା ମଣିଷଟେ ସଜାଡ଼ି ହୁଏ, ସେଇ ବନ୍ଧୁକୁ ବନ୍ଧୁତା ଦିବସର ଅଭିନନ୍ଦନ।

*– ଲିଜା ସେନାପତି, ଛାତ୍ରୀ, ମାଲକାନଗିରି*

## ସୁସ୍ଥ ଜୀବନ ପାଇଁ ଭଲ ବନ୍ଧୁଟେ ଲୋଡ଼ା



ଆମେ ଜାଣିଛେ ଜନ୍ମରୁ ମୃତ୍ୟୁଯାଏ ମଣିଷଟେ ସମ୍ପର୍କରେ ବନ୍ଧା। ଅନେକ ସମ୍ପର୍କ ଆମେ ଜନ୍ମହେବାର ଢେର ଆଗରୁ ଆମ ସହ ଯୋଡ଼ି ହୋଇଥାଏ, ମାତ୍ର ବନ୍ଧୁତା ଏମିତି ଏକ ସମ୍ପର୍କ ଯାହା ଆପେ ଆପେ ତିଆରି ହୁଏ। ବନ୍ଧୁତା କେବଳ ମଣିଷ-ମଣିଷ ଭିତରେ ହୁଏନି, ବରଂ ବେଳେବେଳେ ମଣିଷଟେ ପଶୁପକ୍ଷୀ, ଗଛଲତା ଏବଂ ପ୍ରକୃତିକୁ ନିଜର ବନ୍ଧୁ ବୋଲି ଗ୍ରହଣ କରିପାରେ। ଏଣୁ ବନ୍ଧୁତାରେ କୌଣସି ଲିଙ୍ଗ ନ ଥାଏ ବୋଲି ମୋର ମତ। ଯେମିତି ସମାଜ ପାଇଁ ସାହିତ୍ୟ ଦର୍ପଣ, ଘର ପାଇଁ ଝିଅଟେ ସୁନ୍ଦର, ନଈ ପାଇଁ ନାଆଟେ, କ୍ଷେତ ପାଇଁ ଚଷାଟେ ସେମିତି ସୁସ୍ଥ ଜୀବନଟେ ପାଇଁ ଭଲ ବନ୍ଧୁଟେ ଲୋଡ଼ା।

କଥାରେ ଅଛି– ''ଭଲ ବନ୍ଧୁଟେ ମାଟିରୁ ଉଠେଇ ନେଇ ସୁନା କରିଦେଇପାରେ ଏବଂ କୁସଙ୍ଗତି ସୁନାମୁଣ୍ଡାକୁ ବି ଅଙ୍ଗାର କରିଦେଇପାରେ।'' ଏଣୁ ବନ୍ଧୁତା ବୟସରୁ ନୁହେଁ, ମାନସିକତାରୁ ହେଉ। ବନ୍ଧୁତା ଜଖମର ଇଲାଜ ହେଉ, ମାତ୍ର ମୁଣ୍ଡ ଉପରେ ବୋଝ ନ ହେଉ।

**– ବୀରେନ୍ଦ୍ର ନାୟକ, ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**

ଉପସ୍ଥାପନା: **ସୌମ୍ୟରଞ୍ଜନ ରାଉତ**

## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ଥିମ୍ ................ ?
୨– ଭାରତରେ ଇନ୍‌କମ୍ ଟାକ୍ସ ଡେ' ........... ତାରିଖରେ ପାଳନ କରାଯାଏ ?
୩– ତ୍ର୍ୟମ୍ବକେଶ୍ୱର ଶିବ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?
୪– ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ ଏକ ............ ଜନିତ ରୋଗ ?
୫– ବକ୍ସା ଟାଇଗର ରିଜର୍ଭ ........... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନୂଆଦିଲ୍ଲୀର ଶାସ୍ତ୍ରୀ ଭବନ
୨ ଶିକ୍ଷା ମନ୍ତ୍ରଣାଳୟ
୩ କର୍କି(ଡ୍ରାଗନଫ୍ଲାଏ)
୪ ତାମିଲନାଡୁ
୫ ଅଗଷ୍ଟ ୭

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସନ୍ତୋଷିନୀ ପ୍ରଧାନ ଢେଙ୍କାନାଳ


ସ୍ୱସ୍ତିକ ଷଡ଼ଙ୍ଗୀ ବାଙ୍ଗାଲୋର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଜଙ୍ଗଲ

୧– ଆମାଜନ୍ ରେନ୍‌ଫରେଷ୍ଟ ......................... ୫,୫୦୦,୦୦୦ ବର୍ଗ କିମି.
୨– ଦି କଙ୍ଗୋ ରେନ୍‌ଫରେଷ୍ଟ ..........................୨,୦୦୦,୦୦୦ ବର୍ଗ କିମି.
୩– ଭାଲ୍ଡିଭିଆନ୍ ରେନ୍‌ଫରେଷ୍ଟ ......................... ୨,୪୮,୧୦୦ ବର୍ଗ କିମି.
୪– ଟାଇଗା/ବୋରିଏଲ୍ ଫରେଷ୍ଟ ................. ୧୭,୦୦୦, ୦୦୦ ବର୍ଗ କିମି.
୫– ଟ୍ରପିକାଲ୍ ଆଣ୍ଡେସ୍ ............................... ୧,୮୦୦,୦୦୦ ବର୍ଗ କିମି.
୬– ସୁନ୍ଦରବନ ............................................ ୧୦,୦୦୦ ବର୍ଗ କିମି.
୭– ସାଇବେରିଆନ୍ ଟାଇଗା ......................... ୧,୦୦୦,୦୦୦ ବର୍ଗ କିମି.
୮– ଆଟ୍‌ଲାଣ୍ଟିକ ଫରେଷ୍ଟ ......................... ୧,୫୦୦,୦୦୦୦ ବର୍ଗ କିମି.
୯– ଡେନ୍‌ଟ୍ରି ରେନ୍‌ଫରେଷ୍ଟ ......................... ୧,୨୦୦,୦୦୦ ବର୍ଗ କିମି.
୧୦– ଗ୍ରେଟ୍ ବିଅର ରେନ୍‌ଫରେଷ୍ଟ ..................... ୬୪,୦୦୦ ବର୍ଗ କିମି.

# ରାଖୀ ଗିଫ୍ଟ ଆଇଡିଆ

**ଉପହାର ପାଇଲେ କାହାକୁ ବା ଖୁସି ନ ଲାଗେ! ଆଉ ରାଖୀପୂର୍ଣ୍ଣିମାରେ ଯେବେ ଭାଇଠାରୁ ଗିଫ୍ଟ ମିଳେ, ଭଉଣୀର ଖୁସିର ସୀମା ରହେନି। ଆଗକୁ ରାଖୀପୂର୍ଣ୍ଣିମା ଆସୁଥିବାରୁ ଭଉଣୀକୁ କ'ଣ ଗିଫ୍ଟ ଦେଲେ ତାହା ସବୁଠୁ ଖାସ୍ ତଥା ସ୍ମରଣୀୟ ହୋଇପାରିବ ବୋଲି ଯଦି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ତେବେ କେତେକ ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...**



**କଷ୍ଟମାଇଜ୍‌ଡ ଡ୍ରେସ୍:** ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଏହାକୁ ଅଧିକ ସ୍ପେଶାଲ କରିବା ଲାଗି ଆପଣ ଭଉଣୀ ସହିତ ନିଜର କିଛି ଭଲ ଫଟୋକୁ ଡ୍ରେସ୍‌ରେ ପ୍ରିଣ୍ଟ କରାଇପାରିବେ। ଏହା ବ୍ୟତୀତ କିଛି ମେସେଜ ମଧ୍ୟ ପ୍ରିଣ୍ଟ କରାଇପାରିବେ। ବର୍ତ୍ତମାନ ଟ୍ରାଡିଶନାଲ୍ କୁର୍ତ୍ତି କିମ୍ବା ଶାଢ଼ିରେ ଉପରେ ପଟଚିତ୍ର, ବିଭିନ୍ନ ଦେବଦେବୀଙ୍କ ଚିତ୍ରଠୁ ଆରମ୍ଭ କରି ଟ୍ରାଇବାଲ୍ ଡିଜାଇନ୍ ହ୍ୟାଣ୍ଡ ପେଣ୍ଟ କରାଯାଉଛି, ଯାହାକି ଗିଫ୍ଟ ପାଇଁ ବେଶ୍ ଡିମାଣ୍ଡରେ ରହୁଥିବା ଦେଖିବାକୁ ମିଳୁଛି। ଏଭଳି କୌଣସି ହ୍ୟାଣ୍ଡ ପେଣ୍ଟ ଆଉଟ୍‌ଫିଟ୍ ଭଉଣୀକୁ ଗିଫ୍ଟ କରନ୍ତୁ, ଦେଖିବେ ସେ କେତେ ଖୁସିହେବେ।

**ଆସେସରିଜ୍ :** ବର୍ତ୍ତମାନ ମାର୍କେଟରେ ଅନେକ ପ୍ରକାରର ଆକର୍ଷଣୀୟ ଡିଜାଇନ୍‌ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ହେଲେ ଯଦି କିଛି ୟୁନିକ୍ ଆସେସରିଜ୍ ଦେବାକୁ ଚାହୁଁଛନ୍ତି, ତେବେ କଷ୍ଟୋମାଇଜ୍‌ଡ ଜୁଏଲାରି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏଥିପାଇଁ ଭଉଣୀଙ୍କର ହେଉ କିମ୍ବା ଭାଇ-ଭଉଣୀ ଉଭୟଙ୍କ ନାଁ ଓ ଫଟୋଥିବା ବିଭିନ୍ନ କଷ୍ଟୋମାଇଜ୍‌ଡ ଜୁଏଲାରି ଅର୍ଡର କରି ଗିଫ୍ଟ କରିପାରିବେ।

**ମୋବାଇଲ୍ ଫୋନ୍ :** ଆଜିକାଲି ଅଧିକାଂଶ ଝିଅ ରିଲ୍ସ କରିବା, ୟୁଟ୍ୟୁବ୍ ଭିଡିଓ କରିବା ଆଦିରେ ବିଶେଷ ରୁଚି ରଖୁଛନ୍ତି। ଯଦି ଆପଣଙ୍କ ଭଉଣୀ ବି ଏଥିରେ ରୁଚି ରଖନ୍ତି, ତେବେ ଭଲ କ୍ୟାମେରା ସହ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ।

**ମେକ୍‌ଅପ୍ କିଟ୍:** ମେକ୍‌ଅପ୍ ନେବା କେଉଁ ଝିଅକୁ ବା ପସନ୍ଦ ନୁହେଁ! ତେଣୁ ରାଖୀ ଗିଫ୍ଟରେ ଭଉଣୀକୁ ମେକ୍‌ଅପ୍ କିଟ୍ ଦେବା ମଧ୍ୟ ଏକ ଭଲ ଆଇଡିଆ। ହେଲେ ଏହାକୁ ଗିଫ୍ଟ କରିବା ପୂର୍ବରୁ ଯଦି ସେ କେଉଁ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ପ୍ରଡକ୍ଟ ବ୍ୟବହାର କରୁଥାନ୍ତି, ତେବେ ତା' ସମ୍ପର୍କରେ ଜାଣିନିଅନ୍ତୁ।



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ Bhubaneswar, Sunday, August 3/ 2025

# ଜୟସ୍ୱାଲଙ୍କ ଶତକ

# ଦୃଢ଼ ସ୍ଥିତିରେ ଭାରତ



ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

**ଲଣ୍ଡନ,୨।୮**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ଫଳରେ ୨୩ ରନରେ ପଛୁଆ ଥିବା ଭ୍ରମଣକାରୀ ଭାରତ ଦ୍ୱିତୀୟ ଇନିଂସରେ ତୃତୀୟ ଦିନ ୮୩ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୩୫୫ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ରବୀନ୍ଦ୍ର ଜାଡେଜା ୫୩ ଓ ୱାଶିଂଟନ ସୁନ୍ଦର ୧୫ ରନରେ ବ୍ୟାଟିଂ କରୁଛନ୍ତି। ମ୍ୟାଚ୍‌ରେ ଏବେ ଭାରତୀୟ ଦଳ ହାତରେ ୩ ଉଇକେଟ ସୁରକ୍ଷିତ ରଖି ୩୩୨ ରନରେ ଆଗରେ ରହିଛି। ମ୍ୟାଚ୍ ବେଳେ ଭାରତୀୟ ଦିନିକିଆ ଦଳର

## ପଞ୍ଚମ ଟେଷ୍ଟ

ଅଧିନାୟକ ରୋହିତ ଶର୍ମା ଗ୍ରାଉଣ୍ଡରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ମ୍ୟାଚ୍‌ର ତୃତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୫/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍ ୱାଚମ୍ୟାନ୍ ଭାବେ ଚତୁର୍ଥ କ୍ରମରେ ବ୍ୟାଟିଂ କରିଥିବା ଆକାଶ ଦୀପ ଧୈର୍ଯ୍ୟର ସହ ପ୍ରାୟତଃ ପ୍ରଥମ ସେସନ ଖେଳିଥିଲେ। ଜୟସ୍ୱାଲ ୧୪ ଚୌକା ଓ ୨ ଛକା ସହାୟତାରେ ୧୧୮ ରନର ଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଷଷ୍ଠ ଶତକ ଥିଲା। ଆକାଶ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ଥିଲା। ଦୁହେଁ ଆଉଟ୍ ହେବା ପୂର୍ବରୁ ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ। ଆକାଶ ୧୨ତମ ଖେଳାଳି ଭାବେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୧୦ ଉଇକେଟ ସଫଳତା ସହ ଏକ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ସମ୍ମାନଜନକ କ୍ଲବରେ ଅଷ୍ଟ୍ରେଲିଆର ଶେନ ୱର୍ଣ୍ଣ, ହ୍ୟୁଗ ଟ୍ରମ୍ବଲ, କେଇଥ ମିଲର, ପାକିସ୍ତାନର ଇମ୍ରାନ ଖାନ ଓ ନ୍ୟୁଜିଲାଣ୍ଡର ରିଚାର୍ଡ ହାଡଲିଙ୍କ ଭଳି ମହାନ କ୍ରିକେଟରଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଏହା ଛଡ଼ା ଆକାଶ ଚତୁର୍ଥ ଭାରତୀୟ ଭାବେ ଚଳିତ ଶତାବ୍ଦିରେ ନଂ-୪ ପୋଜିଶନରେ ଚତୁର୍ଥ ବ୍ୟାଟର ଭାବେ ଇଂଲଣ୍ଡରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ପୋଜିଶନରେ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ଗିଲ ଅର୍ଦ୍ଧଶତକ କରିଥିଲେ। ଅଧିନାୟକ ଶୁବମନ ଗିଲ (୧୧) ଓ କରୁଣ ନାୟର (୧୭) ବିଫଳ ହୋଇଥିଲେ। ଦୁହେଁ ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଜାଡେଜା ଓ ଜୁରେଲ ସପ୍ତମ ଉଇକେଟରେ ୫୦ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୩୨୩ ହୋଇଥିବା ବେଳେ ଜୁରେଲ ୩୪ ରନ କରି ପାଭିଲିଅନ ଫେରିଥିଲେ। ଜାଡେଜା ଅଷ୍ଟମ କ୍ରମରେ ଆସିଥିବା ୱାଶିଂଟନ୍‌ଙ୍କ ସହ ମିଶି ଅବିଭାଜିତ ଅଷ୍ଟମ ଉଇକେଟରେ ୩୨ ରନ୍ ଯୋଡ଼ିଛନ୍ତି। ଏହି ଅବସରରେ ଜାଡେଜା ତାଙ୍କ କ୍ୟାରିୟର୍‌ର ୨୭ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚଳିତ ସିରିଜ୍‌ରେ ଏହା ତାଙ୍କର ୫ମ ଅର୍ଦ୍ଧଶତକୀୟ ପାଳି। ଇଂଲଣ୍ଡ ପକ୍ଷରୁ ଆଟନିକସନ ୩ ଉଇକେଟ ନେଇଥିବା ବେଳେ ଜୋଶ ଟଙ୍ଗ ଓ ଜେମି ଓଭରଟନ ଦୁଇଟି ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୮୩ ଓଭରରେ ୩୫୫/୭ (ଯଶସ୍ୱୀ ଜୟସ୍ୱାଲ-୧୧୮, ଆକାଶ ଦୀପ-୬୬, ରବୀନ୍ଦ୍ର ଜାଡେଜା-୫୩*, ଧ୍ରୁବ ଜୁରେଲ-୩୪, ଗସ ଆଟକିନସନ-୩/୧୦୪, ଜୋଶ ଟଙ୍ଗ-୨/୧୦୯, ଜେମି ଓଭରଟନ-୨/୯୮)।




# ଭାରତ ଆସିବେ ମେସି

**ନୂଆଦିଲ୍ଲୀ,୨।୮(ପି.ଟି.)**



ଆସନ୍ତା ଡିସେମ୍ବରରେ ଫୁଟ୍‌ବଲ ସୁପରଷ୍ଟାର ତଥା ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଭାରତ ଟୁର୍‌ରେ ଆସିବେ। ତାଙ୍କର ଏହି ଟୁର କୋଲକାତାରୁ ଆରମ୍ଭ ହୋଇ ଅହମ୍ମଦାବାଦ ଓ ମୁମ୍ବାଇ ଦେଇ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଶେଷ ହେବ। ଏହି ଗସ୍ତ ଲାଗି ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବାବେଳେ ମେସିଙ୍କଠାରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି, ଯାହା କି ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ, ମେସି ଡିସେମ୍ବର ୧୨ ତାରିଖ ରାତି ପ୍ରାୟ ୧୦ଟାରେ କୋଲକାତା ବିମାନ ବନ୍ଦରରେ ପହଞ୍ଚିବେ ଏବଂ ୨ ଦିନ ଓ ଗୋଟିଏ ରାତି ରହିବେ।

ଗସ୍ତର ପ୍ରଥମ ଦିନ ଅର୍ଥାତ ୧୬ ତାରିଖରେ କୋଲକାତା ଲେକ ଟାଉନ ଶ୍ରୀଭୂମିରେ ତାଙ୍କର ଏକ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଆୟୋଜକଙ୍କ ଦାବି ଅନୁଯାୟୀ, ଏହା ବିଶ୍ୱକପ୍ ବିଜୟୀ ମେସିଙ୍କର ପ୍ରଥମ ଓ ସର୍ବୋଚ୍ଚ ଷ୍ଟାଚ୍ୟୁ। ଏହାପରେ ସେ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ଏଥିରେ ସେ ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ, ଜନ ଆବ୍ରାହମ, ବାଇଚୁଙ୍ଗ ଭୁଟିଆଙ୍କ ଭଳି ସ୍ପୋର୍ଟ୍ସ ସେଲିବ୍ରିଟିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ସେଭେନ ସାଇଡ୍-ସଫ୍ଟ ବଲ ମ୍ୟାଚ୍ ଖେଳିବେ। ଇଡେନ ଗାର୍ଡେନ୍ସରେ ମେସିଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବର୍ଦ୍ଧିତ କରିପାରନ୍ତି। ୧୩ ତାରିଖ ସନ୍ଧ୍ୟାରେ ମେସି ଆଦାନୀ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅହମଦାବାଦ ଯିବେ। ଏହାପରେ ସେ ମୁମ୍ବାଇ ଯିବେ। ସେଠାରେ ସେ ୱାଙ୍ଖେଡେ ଷ୍ଟାଡିୟମରେ ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀଙ୍କ ସହ ଏକ ସେଭେନ-ଏ-ସାଇଡ୍ କ୍ରିକେଟ ମ୍ୟାଚ୍ ଖେଳିପାରନ୍ତି। ଭାରତୀୟ ଫୁଟବଲ ଦଳର ଖେଳାଳିଙ୍କ ସହ ମଧ୍ୟ ସେ ଆଲୋଚନା କରିବେ। ଡିସେମ୍ବର ୧୫ରେ ମେସି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ। ପରେ ଫେରୋଜ ଶାହା କୋଟଲାରେ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ପ୍ରତ୍ୟେକ ସହରରେ ମେସି ପରବର୍ତ୍ତୀ ପିଢ଼ିର ଭାରତୀୟ ଫୁଟବଲରଙ୍କୁ ପ୍ରେରଣା ଦେବା ପାଇଁ ଛୁଆଙ୍କର ଏକ ମାଷ୍ଟରକ୍ଲାସ ନେବେ।

## ସାଇନା-କଶ୍ୟପ ପୁଣି ଏକାଠି

**ହାଇଦ୍ରାବାଦ, ୨।୮:** ବିବାହ ବିଚ୍ଛେଦ ଘୋଷଣା କରିବାର ପାଖାପାଖି ଏକ ମାସ ପରେ ସାଇନା ନେହ୍ୱାଲ ଓ ପାରୁପଲୀ କଶ୍ୟପ ସେମାନଙ୍କ ବିବାହକୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୮ରେ ବିବାହ କରିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦମ୍ପତି ଗତ ଜୁଲାଇରେ ସୋସିଆଲ ମିଡିଆ ଜରିଆରେ ଆପୋସ ବୁଝାମଣାରେ ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ। କିନ୍ତୁ ଶନିବାର ସାଇନା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟ ଫ୍ୟାନ୍ସଙ୍କୁ ଚକିତ କରି ଦେଇଛି। କଶ୍ୟପଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପ୍‌ଶନରେ 'ବେଳେବେଳେ ଦୂରତା ତୁମ ଉପସ୍ଥିତିର ମୂଲ୍ୟ ଶିଖାଏ। ଆମେ ଏବେ ପୁଣି ଉଦ୍ୟମ କରୁଛୁ' ବୋଲି ସାଇନା ଉଲ୍ଲେଖ କରିଛନ୍ତି।

## ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ରାକେଶ ଚାମ୍ପିୟନ

**ଭୁବନେଶ୍ୱର,୨।୮(ଅନାଦି କର)**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଶୁତୋଷ ପାଢ଼ୀଙ୍କୁ ହରାଇ ରାକେଶ ରୋଶନ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ରାକେଶଙ୍କୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ଆଶୁତୋଷଙ୍କୁ ରନରଅପ୍ ଟ୍ରଫି ସହ ସାଢ଼େ ୧୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ସେମିଫାଇନାଲରେ ପରାସ୍ତ ହୋଇଥିବା ସୁବ୍ରତ ଦାସ ଓ ଅବିନାଶ ମହାପାତ୍ରଙ୍କୁ ୬ ହଜାର ଲେଖାଏ ଏବଂ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୩ ହଜାର ଲେଖାଏ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଫାଇନାଲର ପ୍ରଥମ ଫ୍ରେମରେ ଚମତ୍କାର ୭୬ ସ୍କୋର କରିଥିବା ଆଶୁତୋଷଙ୍କୁ ୫୦୦୦ ଟଙ୍କାର



ଚାମ୍ପିୟନ ରାକେଶ ରୋଶନ ପ୍ରଧାନ ଓ ରନରଅପ୍ ଆଶୁତୋଷ ପାଢ଼ୀ।

ପୁରସ୍କାର ରାଶି ଦିଆଯାଇଛି। ମୋଷ୍ଟ ପ୍ରୋମିଜିଂ ପ୍ଲେୟର ସେହିଭଳି ନିଶି ପ୍ରକାଶ ଦାସଙ୍କୁ ଆୱାର୍ଡ ପ୍ରଦାନ କରାଯାଇଛି।

**ଡୁରାଣ୍ଡ କପ୍ ଫୁଟ୍‌ବଲ**

## ନବାଗତ ଲଦାଖ ଏଫ୍‌ସିର ପ୍ରଥମ ମ୍ୟାଚ୍ ଡ୍ର

**ଜାମଶେଦପୁର, ୨।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଗ୍ରୁପ୍ 'ସି'ରେ ନବାଗତ ଲଦାଖ ଏଫ୍‌ସି ଓ ନେପାଳର ତ୍ରିଭୁବନ ଆର୍ମି ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ରେ ଅମୀମାଂସିତ ରହିଛି। ଡିଫେଣ୍ଡର ସିଜୁ ୨୩ତମ ମିନିଟରେ ଲଦାଖର ପ୍ରଥମ ଖେଳାଳି ଭାବେ ଏହି ଆଇକନିକ ଟୁର୍ନାମେଣ୍ଟରେ ଗୋଲ ସ୍କୋର କରି ଇତିହାସ ସୃଷ୍ଟି କରିଥିଲେ। ମଧ୍ୟାନ୍ତର ପୂର୍ବରୁ ଅର୍ଥାତ୍ ଖେଳର ୪୦ତମ ମିନିଟ୍‌ରେ ନିରଞ୍ଜନ ଧାମି ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଆସିଥିଲେ।

## ୱାର୍ଲ୍ଡ ଚାମ୍ପିୟନ ରିଚାର୍ଡସନ ଗିରଫ

**ସିଆଟେଲ,୨।୮:** ୟୁଏସ୍ ଟ୍ରାକ ଓ ଫିଲ୍ଡ ଚାମ୍ପିୟନଶିପ୍ ଆରମ୍ଭ ହେବାର ୪ ଦିନ ପୂର୍ବରୁ ୧୦୦ ମିଟର ୱାର୍ଲ୍ଡ ଚାମ୍ପିୟନ ଶାକାରି ରିଚାର୍ଡସନଙ୍କୁ ଘରୋଇ ହିଂସା ଲାଗି ସିଆଟେଲ ବିମାନବନ୍ଦରରୁ ଗିରଫ କରାଯାଇଛି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ୨୫ ବର୍ଷୀୟା ରିଚାର୍ଡସନ ବିମାନବନ୍ଦରରେ ତାଙ୍କ ପୁରୁଷ ସାଥୀଙ୍କ ସହ ଯୁକ୍ତିତର୍କ ପରେ ତାଙ୍କୁ ଧକ୍କା ଦେଇଥିଲେ, ଯାହା ଫଳରେ ତାଙ୍କ ପୁରୁଷ ସାଥୀ ଏକ ଖୁମ୍ବରେ ପିଟି ହୋଇଯାଇଥିଲେ। ଏକ ରିପୋର୍ଟ ମୁତାବକ, ରିଚାର୍ଡସନଙ୍କୁ ୨୭ ତାରିଖ ସନ୍ଧ୍ୟାରେ ଗିରଫ କରାଯାଇ ପରଦିନ ଛଡ଼ା ଯାଇଥିଲା। ଗତ ଶୁକ୍ରବାର ସେ ଅତ୍ୟଧିକ ଖରା କାରଣରୁ ଅରେଗନର ୟୁଜିନରେ ୧୦୦ ମିଟର ସେମିଫାଇନାଲରେ ଓହରି ଯାଇଥିଲେ।


ନାଗପୁର (ମହାରାଷ୍ଟ୍ର): ଗ୍ରାଣ୍ଡମାଷ୍ଟର ତଥା ମହିଳା ବିଶ୍ୱକପ୍ ଚାମ୍ପିୟନ ଦିବ୍ୟା ଦେଶମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦିବ୍ୟାଙ୍କୁ ଶୁଭେଚ୍ଛା ଜଣାଇଲେ ସିଜେଆଇ

**ନାଗପୁର,୨।୮**

ଭାରତର ମୁଖ୍ୟ ବିଚାରପତି ଭୂଷଣ ଗଭାଇ ଶନିବାର ନୂଆ କରି ଫିଡେ ଚେସ୍ ୱାର୍ଲ୍ଡକପ୍ ଚାମ୍ପିୟନ ତଥା ଗ୍ରାଣ୍ଡମାଷ୍ଟର ହୋଇଥିବା ଦିବ୍ୟା ଦେଶମୁଖଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି। ୧୯ ବର୍ଷୀୟା ଦିବ୍ୟା ଗତ ୨୮ ତାରିଖରେ ବାଟୁମିଠାରେ ପ୍ରଥମ ଭରତୀୟ ଭାବେ ମହିଳାଙ୍କ ବିଶ୍ୱକପ୍ ଜିତିଥିଲେ। ସିଜେଆଇଙ୍କ ଘର ଅମରାବତୀ ହୋଇଥିବା ବେଳେ ଦେଶମୁଖଙ୍କ ଜେଜେବାପା ସ୍ୱର୍ଗତ ଡ. କେଜି ଦେଶମୁଖ ସେଣ୍ଟ ଗେଜ ବାବା ଅମରାବତୀ ୟୁନିଭର୍ସିଟିର ଭିସି ଥିଲେ। ଗଣମାଧ୍ୟମ ସହ କଥା ହେଲା ବେଳେ ସିଜେଆଇ କହିଛନ୍ତି ଯେ, ତାଙ୍କ ବାପା ଓ ସ୍ୱର୍ଗତ କେଜି ଦେଶମୁଖ ଘନିଷ୍ଠ ବନ୍ଧୁ ଥିଲେ। ଆମେ ଏକ ପରିବାର ଭାବେ ବଡ଼ ହୋଇଛୁ। ଏଠାକୁ ଭିଜିଟ୍ ଯୋଗୁ ମୋର ପୁରୁଣା କଥା ମନେପଡୁଛି। ୫୦ରୁ ୫୫ ବର୍ଷ ତଳ କଥା ମନେପଡୁଛି। ଏହା ମୋ ପାଇଁ ଏକ ଖୁବ୍ ଭଲ ପୁନର୍ମିଳନ ଥିଲା। ଆମ ସଭିଙ୍କୁ ଗର୍ବିତ କରିଥିବା ଦିବ୍ୟାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମୁଁ ଏଠାକୁ ଆସିଥିଲି।

# ହାଇଦ୍ରାବାଦରେ ଫିଫା ଟ୍ୟାଲେଣ୍ଟ ଏକାଡେମୀ

**ହାଇଦ୍ରାବାଦ,୨।୮(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା) ଭାରତର ଯୁବ ଖେଳାଳିମାନଙ୍କ ପାଇଁ ଶନିବାର ଏକ ଟ୍ୟାଲେଣ୍ଟ ଏକାଡେମୀ ପ୍ରତିଷ୍ଠା କରିବ। ଏଥିରେ ଦେଶର ପ୍ରତିଭା ସମ୍ପନ୍ନ ଫୁଟ୍‌ବଲ ଖେଳାଳିମାନେ ଉଚ୍ଚ ସ୍ତରୀୟ ଟ୍ରେନିଂ ଯୋଗାଇ ଦିଆଯିବ। ଏହି ପରିପ୍ରେକ୍ଷୀରେ ଏଆଇଏଫ୍‌ଏଫ୍, ଫିଫା ଓ ତେଲେଙ୍ଗାନା ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ତୃଣମୂଳ ସ୍ତରରେ ଫୁଟବଲ ଖେଳର ପ୍ରସାର କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ସ୍ଥାନୀୟ ଗାଚିବାଓଲି ଷ୍ଟାଡିୟମରେ ଏକାଡମୀ ପ୍ରତିଷ୍ଠା



ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ହେବ। ଏଥିରେ ପ୍ରତ୍ୟେକ ବର୍ଗରେ ତେଲେଙ୍ଗାନର ୧୦ ଖେଳାଳିଙ୍କ ସମେତ ୬୦ ଏଲିଟ୍ ଖେଳାଳି ଯଥା ୩୦ ବାଳକ (୧୪ବର୍ଷରୁ କମ୍) ଓ ୩୦ ବାଳିକା (୧୬ ବର୍ଷରୁ କମ୍)ଙ୍କୁ ଙ୍‌ବର୍ଷସାରା ହାଇପରଫର୍ମାନ୍ସ ଟ୍ରେନିଂ, ଆବାସିକ ସୁବିଧା, ଶିକ୍ଷା, ଚିକିତ୍ସା ସେବା, ପୃଷ୍ଟିସାର ଓ ମାନସିକ ସୁସ୍ଥତା ସମେତ ବର୍ଷସାରା ଉଚ୍ଚ ପାରଦର୍ଶିତା ତାଲିମ ପଅଦାନ କରାଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ସିଂ ଚୌବେ କହିଛନ୍ତି, ଭାରତରେ ଖେଳ ପାଇଁ ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ବାଳିକା ଓ ବାଳକଙ୍କ ଲାଗି ଦୁଇଟି ପୃଥକ ଏକାଡମୀ ପ୍ରତିଷ୍ଠା କରାଯିବ। ଚୌବେ କହିଛନ୍ତି, ଭାରତ ୧୭ ବର୍ଷରୁ କମ୍ ପୁରୁଷ ଓ ମହିଳା ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲାଗି ସ୍ୱପ୍ନ ଦେଖୁଛି। ଏହି ଏକାଡେମୀ ସ୍ୱପ୍ନକୁ ସାକାର କରିବ ବୋଲି ଆଶା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ମଧ୍ୟ ଉପସ୍ଥିତ ଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ